ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ମାର୍ଚ୍ଚ ୧୬/୨୦୨୦ (୧୬ ପୃଷ୍ଠା) Sambalpur, Monday, March 16 / 2020 ★★
୧୬ଶ ଭାଗ ୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

DSPL-315

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

सत्यमेव जयते

# ନିଜକୁ ଓ ଅନ୍ୟମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ

ଯଦି ଆପଣ କରୋନା ସଂକ୍ରମିତ ଦେଶ/ଅଞ୍ଚଳ ଗସ୍ତ କରିଥାଆନ୍ତି ବା କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥାଆନ୍ତି କିନ୍ତୁ ଆପଣଙ୍କ ଠାରେ ଜ୍ୱର, ସର୍ଦ୍ଦି, କାଶ ଭଳି କୌଣସି ଲକ୍ଷଣ ପ୍ରକାଶ ପାଇନଥାଏ
କିମ୍ବା
ଏଭଳି କୌଣସି ଇତିହାସ ନଥାଇ ଆପଣଙ୍କ ଠାରେ ଜ୍ୱର, ସର୍ଦ୍ଦି, କାଶ ଭଳି ଲକ୍ଷଣ ପ୍ରକାଶ ପାଏ
**ତେବେ ଆପଣ ୧୪ ଦିନ ପର୍ଯ୍ୟନ୍ତ ଗୃହ ପୃଥକୀକରଣରେ ରୁହନ୍ତୁ ।**

## ପୃଥକୀକରଣ କକ୍ଷ ପାଇଁ



ମୁକ୍ତ ବାୟୁ ଚଳାଚଳ କରୁଥିବା ଏବଂ ଏ.ସି. ଲଗାଯାଇନଥିବା କକ୍ଷ ବ୍ୟବହାର କରନ୍ତୁ



ଦିନବେଳେ ଝରକା ଖୋଲା ରଖନ୍ତୁ



ସଂଦିଗ୍ଧ ସଂକ୍ରମିତ ବ୍ୟକ୍ତି ସ୍ୱତନ୍ତ୍ର ଶୌଚାଳୟ ବ୍ୟବହାର କରିବା ଉଚିତ୍

ରୋଗୀର ବାସନ, ବିଛଣାପତ୍ର ଓ ଅନ୍ୟାନ୍ୟ ଜିନିଷ ଅନ୍ୟମାନେ ବ୍ୟବହାର କରିବା ଅନୁଚିତ୍



ବାରମ୍ବାର ଭଲଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ



ନିଜର ପରିଚ୍ଛନ୍ନତା ପାଇଁ ଧ୍ୟାନ ଦିଅନ୍ତୁ



କାଶ/ଛିଙ୍କ ସମୟରେ ମୁହଁକୁ କହୁଣୀ ବା ରୁମାଲ/ଟିସୁ ପେପର ଦ୍ୱାରା ଘୋଡାଇ ରଖନ୍ତୁ



୧. ସଂକ୍ରମିତ ଚଦର, ଗାମୁଛା ଏବଂ ଅନ୍ୟାନ୍ୟ କପଡାକୁ ଭଲ ଭାବରେ ସାବୁନ୍‌ରେ ସଫାକରି ଖରାରେ ଶୁଖାନ୍ତୁ ।
୨. ସଂକ୍ରମିତ ମାସ୍କ, ଟିସୁ ପେପର୍ ଏବଂ ସାନିଟାରୀ ପ୍ୟାଡ୍‌କୁ ଘୋଡଣୀ ଥିବା ଡଷ୍ଟବିନ୍‌ରେ ରଖନ୍ତୁ ଓ ପରେ ପୋଡି ଦିଅନ୍ତୁ ।




ଘରକୁ କୀଟାଣୁ ନାଶକ ଦ୍ରବଣ ଦ୍ୱାରା ସଫା କରନ୍ତୁ



କୀଟାଣୁ ନାଶକ ଦ୍ୱାରା ଆସବାବ ପତ୍ର, ହାତଧୂଆ ବେସିନ୍ ଏବଂ ଶୌଚାଳୟକୁ ସଫା କରନ୍ତୁ



ସେବା ପ୍ରଦାନକାରୀଙ୍କ ପାଇଁ କକ୍ଷ ସମ୍ମୁଖରେ ସାବୁନ୍ ଓ ପାଣିରେ ହାତ ଧୋଇବାର ବ୍ୟବସ୍ଥା କରାନ୍ତୁ

ପରିଦର୍ଶକଙ୍କ ପ୍ରବେଶ ନିଷେଧ କରାନ୍ତୁ

ଯଦି ଆପଣ କରୋନା ସଂକ୍ରମିତ ଦେଶ/ଅଞ୍ଚଳ ଗସ୍ତ କରିଥାଆନ୍ତି ବା କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥାଆନ୍ତି ଓ ଆପଣଙ୍କ ଠାରେ ଜ୍ୱର, ସର୍ଦ୍ଦି, କାଶ ଭଳି ଲକ୍ଷଣ ପ୍ରକାଶ ପାଏ ତେବେ **ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ ୧୦୪** ରେ ତୁରନ୍ତ ଯୋଗାଯୋଗ କରନ୍ତୁ ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0112/1920

facebook.com/HFWOdisha http://www.health.odisha.gov.in/ @HFWOdisha



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କଠାରେ କରୋନା ଭୂତାଣୁ ନ ଥିବା ପରୀକ୍ଷାରୁ ଜଣାପଡିଛି। ଶୁକ୍ରବାର ରାଷ୍ଟ୍ରପତି କରୋନାକୁ ନେଇ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଥିଲେ। ଏହା ପରେ ଟ୍ରମ୍ପ୍ ତାଙ୍କ ନମୁନା ପରୀକ୍ଷା କରାଇଥିଲେ। ତାହା ନେଗେଟିଭ୍ ଥିବା ହ୍ୱାଇଟ ହାଉସ୍ ଡାକ୍ତର କହିଛନ୍ତି।

# କେନ୍ଦ୍ରକୁ ଅସମ୍ଭାଳ କଶ୍ମୀର

ସାତମାସ ତଳେ ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର କରି ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଥିଲା। ଏହି ରାଜ୍ୟକୁ 'ଜମ୍ମୁ-କଶ୍ମୀର' ଓ 'ଲଦାଖ' ନାମରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଥିଲା। ଗତବର୍ଷ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେବାବେଳେ ଉପତ୍ୟକାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ପୂରଣ କରିପାରି ନାହାନ୍ତି। ଏହି ସ୍ଥଳେ କଶ୍ମୀରର ରାଜ୍ୟ ମାନ୍ୟତା ଖୁବ୍‌ଶୀଘ୍ର ଫେରାଇଦିଆଯିବ ବୋଲି ଏବେ ଆଶ୍ୱାସନା ଦେଇଛନ୍ତି ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଶ୍ମୀରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ସମ୍ପୂର୍ଣ୍ଣ ଭାବେ ଦୂର ହୋଇନାହିଁ। ଏବେ ମଧ୍ୟ ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ଶତାଧିକ ନେତା ଗୃହବନ୍ଦୀ ଅଛନ୍ତି। କଶ୍ମୀରରେ କେନ୍ଦ୍ରୀୟ ଆଇନ ବଳବତ୍ତର ଥିବାବେଳେ ସ୍ଥିତିରେ ବିଶେଷ ସୁଧାର ଆସିନାହିଁ। ଏବେ କେନ୍ଦ୍ର ସରକାର ଏହାର ରାଜ୍ୟ ମାନ୍ୟତା ଫେରାଇବା ପାଇଁ ନେଇଛନ୍ତି ନିଷ୍ପତ୍ତି ।



## ଫେରାଇଦେବ ରାଜ୍ୟ ମାନ୍ୟତା

ନୂଆଦିଲ୍ଲୀ,୧୫।୩

ଖୁବଶୀଘ୍ର ରାଜ୍ୟ ମାନ୍ୟତା ଫେରିପାଇବ ଜମ୍ମୁ-କଶ୍ମୀର। ଉପତ୍ୟକାରେ ହେବ ନାହିଁ ଜନସଂଖ୍ୟାଗତ ପରିବର୍ତ୍ତନ। ମୁକ୍ତ ହେବେ ସମସ୍ତ ରାଜନୈତିକ ବନ୍ଦୀ। ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ମିଳିଛି ଏଭଳି ପ୍ରତିଶ୍ରୁତି। କେବଳ ଶାହା ନୁହନ୍ତି, ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏପରି ଆଶ୍ୱାସନା ଦେଇଥିବା ପ୍ରକାଶ କରିଛି ନବଗଠିତ ଜମ୍ମୁ ଓ କଶ୍ମୀର ଅପ୍‌ନୀ ପାର୍ଟି। ବ୍ୟବସାୟୀରୁ ରାଜନେତା ସାଜିଥିବା ଜେଆଣ୍ଡକେ ଅପ୍‌ନୀ ପାର୍ଟି ଅଧ୍ୟକ୍ଷ ଅଲ୍‌ତାଫ ବୁଖାରୀଙ୍କ ନେତୃତ୍ୱରେ ଏକ ୨୪ ଜଣିଆ ପ୍ରତିନିଧି ଦଳ ଶନିବାର ପ୍ରଧାନମନ୍ତ୍ରୀ ମୋଦି ଓ ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ଭେଟିଛି। ଗତବର୍ଷ ଅଗଷ୍ଟ ୫ରେ ଏନ୍‌ଡିଏ ସରକାର ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାର କରିବା ପରେ ଏହା ହେଉଛି ଏହି ଧରଣର ପ୍ରଥମ ରାଜନୈତିକ ଆଲୋଚନା। ଶାହାଙ୍କ ସହ ୨ ଘଣ୍ଟା ଧରି ହୋଇଥିବା ଆଲୋଚନା ବେଳେ ପ୍ରତିନିଧି ଦଳର ସଦସ୍ୟମାନେ ତାଙ୍କ ଆଗରେ ଜମ୍ମୁ-କଶ୍ମୀର ବ୍ୟାଙ୍କର ସ୍ୱାୟତ୍ତତା, ୟୁପିଏସ୍‌ସି ପରୀକ୍ଷାରେ କଶ୍ମୀରୀ ଆଶାୟୀଙ୍କ ବୟସ ସୀମା କୋହଳ, କୃଷି ଓ ପର୍ଯ୍ୟଟନର ବିକାଶ ସମେତ ପ୍ରାୟ ୪୦ଟି ପ୍ରସଙ୍ଗ ଉଠାଇଥିଲେ। ତେବେ ଉପତ୍ୟକାରେ ଜନସଂଖ୍ୟାଗତ ପରିବର୍ତ୍ତନ ଆଣିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଖୁବ୍‌ଶୀଘ୍ର କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ ବୋଲି ଶାହା ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଶାହା ୨୦୧୯ ଅଗଷ୍ଟ ୬ରେ ଲୋକ ସଭାରେ ନିଜେ ଦେଇଥିବା ଭାଷଣ ଓ ଅନୁଚ୍ଛେଦ ୩୭୦ ହଟାଯିବା ପରେ ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ଅବତାରଣା କରିଥିଲେ। ଏହା ଭାରତର ସ୍ୱାର୍ଥ ଓ ସୀମାନ୍ତ ଅଞ୍ଚଳ ପାଇଁ ଭଲ ହେବ ବୋଲି ଶାହା କହିଛନ୍ତି। ଜମ୍ମୁ-କଶ୍ମୀର ପାଇଁ ଏକ ସ୍ଥାୟୀ ବାସସ୍ଥାନ ନୀତି ପ୍ରଣୟନ କରାଯିବ, ଯାହାକି ଅନ୍ୟ ରାଜ୍ୟଠାରୁ ଉନ୍ନତ ହେବ। ସେହିପରି ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ ପରେ ଏକ ଯଥାର୍ଥ ଅର୍ଥନୈତିକ ବିକାଶ ନୀତିର ଚିଠା ମଧ୍ୟ ପ୍ରସ୍ତୁତ କରାଯିବ। ଏଥିଲାଗି କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ସମସ୍ତ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କଠାରୁ ପ୍ରସ୍ତାବ ଓ ଫିଡ୍‌ବ୍ୟାକ୍ ଗ୍ରହଣ କରିବେ। ତେବେ ତୃଣମୂଳ ସ୍ତରର ବାସ୍ତବିକ ସ୍ଥିତିକୁ ନେଇ ଏପରି ନିଷ୍ପତ୍ତି ନିଆଯାଇଛି, କୌଣସି ଚାପରେ ପଡ଼ି ନୁହେଁ ବୋଲି ଶାହା ସ୍ପଷ୍ଟ କରିଛନ୍ତି। ବିଗତ ୭୦ ବର୍ଷରେ ଜମ୍ମୁ-କଶ୍ମୀରରେ ୧୩,୦୦୦ କୋଟି ଟଙ୍କା ନିବେଶ ହୋଇଥିବାବେଳେ ଆଗାମୀ ୪ ବର୍ଷରେ ଏହି ପରିମାଣ ଏହାର ୩ ଗୁଣରୁ ଊର୍ଦ୍ଧ୍ୱ ହେବ। ଏହାପୂର୍ବରୁ ଶନିବାର ନୂଆଦିଲ୍ଲୀର ଲୋକକଲ୍ୟାଣ ମାର୍ଗସ୍ଥିତ ସରକାରୀ ବାସଭବନରେ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରତିନିଧି ଦଳକୁ ସମାନ ପ୍ରତିଶ୍ରୁତି ଦେଇଥିଲେ।



- କଶ୍ମୀରୀ ପ୍ରତିନିଧି ଦଳକୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି
- ସ୍ଥାୟୀ ବାସସ୍ଥାନ ନୀତି ପ୍ରଣୟନ ଖୁବ୍‌ଶୀଘ୍ର
- ଉପତ୍ୟକାରେ ହେବ ନାହିଁ ଜନସଂଖ୍ୟାଗତ ପରିବର୍ତ୍ତନ

### ପ୍ରତିଶ୍ରୁତି ବନାମ ବାସ୍ତବତା

ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବାବେଳେ କେନ୍ଦ୍ର ସରକାର କଶ୍ମୀରବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ, ଯାହାକି ଅଦ୍ୟାବଧି ପୂରଣ ହୋଇନାହିଁ। ୩୭୦ ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଓ ଦୁର୍ନୀତିର ମୂଳ। ଏହି ଅସ୍ଥାୟୀ ବ୍ୟବସ୍ଥାର ଉଚ୍ଛେଦ ପରେ ଦୁର୍ନୀତି ହଟିବ ଓ ଆତଙ୍କବାଦର ଚେର ଉପୁଡ଼ିଯିବ। ସେହିପରି ନୂଆ କେନ୍ଦ୍ରଶାସିତ ଅଞ୍ଚଳରେ ପୁଞ୍ଜିନିବେଶ ବୃଦ୍ଧିପାଇବ। ଏହା ଉପତ୍ୟକାର ସର୍ବାଙ୍ଗୀନ ବିକଶରେ ସହାୟକ ହେବ ବୋଲି ସରକାର ଦୃଢ଼ୋକ୍ତି ବାଢ଼ିଥିଲେ। ସରକାରଙ୍କ ଏହି ପଦକ୍ଷେପ ଯୋଗୁ କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ ହୋଇଥିବାବେଳେ ଅନେକ ବିଶ୍ୱ ମଞ୍ଚରେ ଭାରତକୁ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଛି। ହେଲେ ବାସ୍ତବ ସ୍ଥିତିରେ ଆଖିଦୃଶିଆ ସୁଧାର ଆସିନାହିଁ। କେନ୍ଦ୍ର ସରକାର ଯେତେ ଅସ୍ୱୀକାର କଲେ ମଧ୍ୟ ସୀମାରେ ଉତ୍ତେଜନା ହ୍ରାସ ପାଇନାହିଁ କି କଶ୍ମୀରରେ ଆତଙ୍କବାଦୀଙ୍କ ପ୍ରାଦୁର୍ଭାବ କମିନାହିଁ। ପୁଞ୍ଜିନିବେଶ ନିମନ୍ତେ କେତେକ କମ୍ପାନୀ ଆଗ୍ରହ ପ୍ରକାଶ କରିଥିଲେ ହେଁ ଅଦ୍ୟାବଧି କୌଣସି ବଡ଼ଧରଣର ଚୁକ୍ତି ସ୍ୱାକ୍ଷର ହୋଇନାହିଁ।

ରାଜନୀତି ଆମକୁ ବିଭାଜିତ କରିବା ପୂର୍ବରୁ ରାଜ୍ୟର ନେତାମାନେ ଏକଜୁଟ ହେବା ଆବଶ୍ୟକ। ଜମ୍ମୁ-କଶ୍ମୀରରେ ବନ୍ଦୀ ଥିବା ସମସ୍ତ ନେତାଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଚାପ ସୃଷ୍ଟି କରିବା। ଏହାସହ ରାଜ୍ୟ ବାହାରେ ଥିବା କଶ୍ମୀରୀ ନେତାମାନଙ୍କୁ ଫେରାଇଆଣିବା ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇବା।
**-ଫାରୁକ୍ ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ**



## ଶସ୍ତାରେ ମରିବାକୁ ଚାହୁଁନାହାନ୍ତି କଶ୍ମୀରୀ

ନୂଆଦିଲ୍ଲୀ,୧୫।୩

ଅନୁଚ୍ଛେଦ ୩୭୦କୁ ହଟାଇବା ଅପେକ୍ଷା ଜମ୍ମୁ-କଶ୍ମୀରବାସୀଙ୍କ ପାଇଁ ସବୁଠୁ ଚିନ୍ତାର କାରଣ ପାଲଟିଛି ରାଜ୍ୟ ମାନ୍ୟତା ହରାଇବା। ଏବେ ଉପତ୍ୟକାରେ ସ୍ୱାଭାବିକ ସ୍ଥିତି ଫେରାଇଆଣିବା ସହ ଜୀବନଯାତ୍ରା ସହଜ ଓ ସରଳ କରିବା ବଡ଼ ପ୍ରସଙ୍ଗ। କଶ୍ମୀରବାସୀ ଶସ୍ତାରେ ମରିବାକୁ ଚାହୁଁନାହାନ୍ତି। ଉଭୟ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁସାରେ ରାଜ୍ୟ ମାନ୍ୟତା ଫେରିପାଇବା ସମୟକୁ ସେମାନେ ଅପେକ୍ଷା କରିଛନ୍ତି ବୋଲି ଅନ୍ତର୍ଜାତୀୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ପୂର୍ବତନ ମୁଖ୍ୟ ଏ.ଏସ୍. ଦୁଲାଟ ପ୍ରକାଶ କରିଛନ୍ତି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ କଶ୍ମୀର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା ଦୁଲାଟ ଏକ ସାକ୍ଷାତ୍‌କାରରେ କହିଛନ୍ତି, ୩୭୦ ଆଉ ଫେରିବ ନାହିଁ ବୋଲି ଉପତ୍ୟକାବାସୀ ବୁଝିସାରିଛନ୍ତି। ତେବେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଦାବି ଜୋର୍ ଧରିବାରେ ଲାଗିଛି। କିପରି ସ୍ୱାଭାବିକ ଜୀବନ ଅତିବାହିତ କରିବେ ତାହା ଲୋକଙ୍କ ପାଇଁ ଏବେ ବଡ଼ ଚିନ୍ତାର କାରଣ ହୋଇଛି ବୋଲି ଦୁଲାଟ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ଗୃହବନ୍ଦୀରୁ ମୁକ୍ତ କରାଇବାରେ ଦୁଲାଟ ମଧ୍ୟସ୍ଥ ଭୂମିକା ନେଇଥିବା କୁହାଯାଉଛି।



ଏ.ଏସ୍. ଦୁଲାଟ

## ୪ ଲଶ୍କର, ହିଜ୍‌ବୁଲ୍ ଆତଙ୍କବାଦୀ ନିହତ

ଶ୍ରୀନଗର,୧୫।୩(ପି.ଟି.)

**ଅନନ୍ତନାଗରେ ଏନ୍‌କାଉଣ୍ଟର**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ୪ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ଆତଙ୍କବାଦୀମାନେ ଉକ୍ତ ଜିଲାର ଦିଆଲଗାମ ଅଞ୍ଚଳରେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ରବିବାର ସକାଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ତଲାସି ଅଭିଯାନ ଏନ୍‌କାଉଣ୍ଟରରେ ପରିଣତ ହୋଇଥିଲା। ନିହତ ୪ ଆତଙ୍କବାଦୀ ଲଶ୍କର-ଇ-ତୋଇବା ଓ ହିଜବୁଲ ମୁଜାହିଦ୍ଦିନ ସଦସ୍ୟ ବୋଲି ଜଣାପଡିଛି।

## ଆଜାଦ ସମାଜ ପାର୍ଟି ଗଢ଼ିଲେ ଭୀମ ଆର୍ମି ମୁଖ୍ୟ

ନୂଆଦିଲ୍ଲୀ,୧୫।୩(ପି.ଟି.)

ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ପ୍ରତିଷ୍ଠାତା କାଂଶୀରାମଙ୍କ ଜନ୍ମବାର୍ଷିକୀ ଅବସରରେ ରବିବାର ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ନିଜର ରାଜନୈତିକ ଦଳ 'ଆଜାଦ ସମାଜ ପାର୍ଟି' ଗଠନ କରିଛନ୍ତି। ନୋଇଡାର ସଫାଇ ଗ୍ରାମରେ ଦଳିତ ନେତା ଚନ୍ଦ୍ରଶେଖର ନୂଆ ଦଳର ଶୁଭାରମ୍ଭ ସହିତ ଦଳୀୟ ପତାକା ଉନ୍ମୋଚନ କରିଥିଲେ। ରାଜନୈତିକ ଦଳ ସହ ଭୀମ ଆର୍ମୀ ସମାନ୍ତରାଳ ଭାବେ ଚାଲିବ ଓ ଦଳିତମାନଙ୍କ ଅଧିକାର ଲାଗି ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ୨୦୧୭ ମେ'ରେ ଉତ୍ତରପ୍ରଦେଶର ସାହରନପୁରରେ ଠାକୁର-ଦଳିତ ସଂଘର୍ଷ ବେଳେ ଚନ୍ଦ୍ରଶେଖର ଚର୍ଚ୍ଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାମାଙ୍କନପତ୍ର ଦାଖଲ କରି ପରେ ପ୍ରତ୍ୟାହାର କରିନେଇଥିଲେ। ଗତବର୍ଷ ଡିସେମ୍ବରରେ ସିଏଏ ବିରୋଧୀ ହିଂସା ମାମଲାରେ ତାଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା।



## ଆନ୍ଧ୍ରରେ ପୌର ନିର୍ବାଚନ ସ୍ଥଗିତ

**ଅମରାବତୀ,୧୫।୩:** କରୋନା ଭୟରେ ଆନ୍ଧ୍ରପ୍ରଦେଶ ରାଜ୍ୟ ନିର୍ବାଚନ କମିଶନ ଚଳିତ ମାସରେ ହେବାକୁ ଥିବା ମଣ୍ଡଳ ଓ ଜିଲା ପରିଷଦ ନିର୍ବାଚନ ସମେତ ପୌର ନିର୍ବାଚନକୁ ୬ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି। ସେହିପରି ମ୍ୟୁନିସିପାଲିଟି, ନଗର ପଞ୍ଚାୟତ ଏବଂ ମ୍ୟୁନିସିପାଲ କର୍ପୋରେଶନ ଭୋଟ ସ୍ଥଗିତ ରହିଛି।

## [ଇତିହାସର ଆଇନାରେ] ମାର୍ଚ୍ଚ ୧୬ର ପ୍ରମୁଖ ଘଟଣା

୧୯୮୮ ମାର୍ଚ୍ଚ ୧୬ରେ ଇରାକର ହାଲାବ୍‌ଜା ସହର ଉପରେ ରାସାୟନିକ ଆକ୍ରମଣ ହୋଇଥିଲା, ଯେଉଁଥିରେ ୩୨୦୦ରୁ ୫୦୦୦ ପର୍ଯ୍ୟନ୍ତ ଇରାକୀ କୁର୍ଦ୍ଦ ନିହତ ହୋଇଥିଲେ। ଏହା ହାଲାବ୍‌ଜା ଗଣହତ୍ୟା ଭାବରେ ପରିଚିତ। ବିଷାକ୍ତ ଗ୍ୟାସରୁ ରାସାୟନିକ ଅସ୍ତ୍ର ପ୍ରସ୍ତୁତି ସମ୍ପର୍କରେ ପ୍ରଥମ ଥର ଜଣାପଡିଥିଲା।

୧୯୬୬ ମାର୍ଚ୍ଚ ୧୬ରେ ନାସା ପକ୍ଷରୁ ଜେମିନି-୮ ମହାକାଶଯାନ ଛଡ଼ାଯାଇଥିଲା। ଏହା ନାସାର ଷଷ୍ଠ ମାନବଯୁକ୍ତ ମହାକାଶ ଅଭିଯାନ ଥିଲା। ତେବେ ଏହି ଯାନରେ ସମସ୍ୟା ଦେଖାଯିବାରୁ ମିଶନ ଅଧାରୁ ଏହାକୁ ଫେରାଇ ଅଣାଯାଇଥିଲା ଓ ମହାକାଶଚାରୀମାନେ ନିରାପଦରେ ଅବତରଣ କରିଥିଲେ।

# ସ୍ପେନ୍‌ରେ ୨୪ ଘଣ୍ଟାରେ ୨ ହଜାର ସଂକ୍ରମିତ

ଆଙ୍କାରା,୧୫।୩

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ହାର କମିଥିବାବେଳେ ୟୁରୋପୀୟ ଦେଶଗୁଡ଼ିକରେ ଏହା ଦ୍ରୁତବେଗରେ ମାଡିଚାଲିଛି। ସ୍ପେନ୍‌ରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦୦୦ ନୂଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୧୦୦ରୁ ଅଧିକ ପ୍ରାଣ ହରାଇଛନ୍ତି। ଇଟାଲୀ ପରେ ସ୍ପେନ୍ ୟୁରୋପରେ ସର୍ବାଧିକ ପ୍ରଭାବିତ ଦେଶ। ସେଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୭୫୩ରେ ପହଞ୍ଚିଥିବାବେଳେ ୨୮୮ ଜଣଙ୍କ ଜୀବନ ଗଲାଣି। ସ୍ପେନ୍ ସରକାର ଦେଶବ୍ୟାପୀ ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳ ଆଦି ବନ୍ଦ କରିଦେଇଥିବାବେଳେ ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି।

ସେହିପରି ଇରାନରେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ୧୨୦୯ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୧୩ ଜଣଙ୍କ ମୃତ୍ୟୁ ଘଟିଛି। ଆମେରିକା କଟକଣା ଯୋଗୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଇରାନ କରୋନା ଦ୍ୱାରା ସର୍ବାଧିକ ପ୍ରଭାବିତ ମଧ୍ୟପ୍ରାଚ୍ୟ ରାଷ୍ଟ୍ର। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୧୩,୯୩୮ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୭୨୪।

### ଇରାନରେ ୧୪ ହଜାର ଛୁଇଁଲା ରୋଗୀ ସଂଖ୍ୟା



### କୋଚି ବିମାନବନ୍ଦରରେ କରୋନା ରୋଗୀ

**କୋଚି,୧୫।୩:** କୋଚି ବିମାନବନ୍ଦରରେ ଜଣେ ବ୍ରିଟେନ ନାଗରିକଙ୍କଠାରେ କରୋନା ପଜିଟିଭ୍ ଜଣାପଡିବା ପରେ ଦୁବାଇ ଯିବାକୁ ଥିବା ୨୦ ଜଣ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇଦିଆଯାଇଛି। ଏମାନେ କେରଳର ମୁନ୍ନାର ସହରକୁ ଛୁଟି କଟାଇବା ପାଇଁ ଆସିଥିଲେ ବୋଲି କୋଚି ଅନ୍ତର୍ଜାତୀୟ ବିମାନବନ୍ଦର ମୁଖପାତ୍ର କହିଛନ୍ତି। ବ୍ରିଟେନ ଯାତ୍ରୀ ଜଣଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା। ସେ ମୁନ୍ନାର କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଅନ୍ୟ ଯାତ୍ରୀମାନଙ୍କ ସହ କୋଚି ବିମାନବନ୍ଦରକୁ ଯାଇଥିଲେ। ଏହା ଜଣାପଡିବା ପରେ ୨୦ ଜଣ ଯାତ୍ରୀଙ୍କୁ ହସ୍ପିଟାଲ ନିଆଯାଇ ଅଲଗା ରଖାଯାଇଛି।

## ଭାରତରେ ୧୦୭ କରୋନା ରୋଗୀ

ନୂଆଦିଲ୍ଲୀ,୧୫।୩(ପି.ଟି.)

ମହାରାଷ୍ଟ୍ରରେ ୧୨ ଜଣ ନୂଆ କରୋନା ରୋଗୀ ଚିହ୍ନଟ ହେବା ପରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦୭ରେ ପହଞ୍ଚିଛି। ମହାରାଷ୍ଟ୍ରରେ ସର୍ବାଧିକ ୩୨ କରୋନା ରୋଗୀ ଥିବା ଜଣାପଡିଛି। ଦିଲ୍ଲୀ ଓ କର୍ଣ୍ଣାଟକରେ ଦୁଇଜଣଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୭ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୧୧, କର୍ଣ୍ଣାଟକରେ ୬, ଲଦାଖରେ ୩, ଜମ୍ମୁ-କଶ୍ମୀରରେ ୨ ଏବଂ ତେଲଙ୍ଗାନାରେ ୩ ରୋଗୀ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ରାଜସ୍ଥାନରେ ୨ ଜଣ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଜଣେ ଲେଖାଏ ସଂକ୍ରମିତ ଥିବା ଜଣାପଡିଛି। କେରଳରେ ଚିହ୍ନଟ ହୋଇଥିବା ୨୨ ସଂକ୍ରମିତଙ୍କ ମଧ୍ୟରୁ ୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୧୬ ଇଟାଲୀୟ ଓ ଜଣେ କାନାଡା ପର୍ଯ୍ୟଟକ ଅଛନ୍ତି। କରୋନାକୁ ନେଇ ଭୟ ନ କରିବାକୁ ସରକାର ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କୋଭିଡ-୧୯କୁ ମହାମାରୀ ଘୋଷଣା କରିଥିବାରୁ ପ୍ରତିଷେଧକ ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୪୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ରଖାଯାଇ ଚିକିତ୍ସା କରାଯାଉଛି। ସମସ୍ତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସର୍ବାଧିକ ସଂକ୍ରମିତ ଦେଶ ଇଟାଲୀ ଓ ଇରାନରୁ ୪୫୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ରବିବାର ଫେରାଇ ଅଣାଯାଇଛି। ଇଟାଲୀର ମିଲାନରୁ ଫେରିଥିବା ୨୧୮ ଜଣଙ୍କୁ ଆଇଟିବିପି କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଯାଇଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରଛାତ୍ରୀ। ସେହିପରି ଇରାନରୁ ଫେରିଥିବା ୨୩୦ ଜଣଙ୍କୁ ଜୟସାଲମେରସ୍ଥିତ ସେନା ଚିକିତ୍ସା କେନ୍ଦ୍ରରେ କ୍ୱାରାଣ୍ଟାଇନରେ ରଖାଯାଇଛି।




ଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟରେ ଥିବା ପର୍ଯ୍ୟଟକମାନେ ସେଫ୍ଟି ମାସ୍କ ପିନ୍ଧିଛନ୍ତି।

**ମହାରାଷ୍ଟ୍ରରେ ସର୍ବାଧିକ ୩୨**

ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୧୬/୨୦୨୦ | Sambalpur, Monday, March 16 / 2020 | ପୃଷ୍ଠା-୧



## ଅଚନ୍ତା ଶରଥଙ୍କୁ ଟାଇଟଲ

ଭାରତୀୟ ଟେବୁଲ ଟେନିସ ଖେଳାଳି ଅଚନ୍ତା ଶରଥ୍ କମଲ ଆଇଟିଟିଏଫ୍ ଚ୍ୟାଲେଞ୍ଜର୍ ପ୍ଲସ ଓମାନ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୨

୦୮

## ଆଉଥରେ ରିଲିଜ୍ ହେବ 'ଅଂଗ୍ରେଜୀ ମିଡିୟମ'

ଇରଫାନ ଖାନ୍‌ଙ୍କ ଅଭିନୀତ ଅଂଗ୍ରେଜୀ ମିଡିୟମ୍ ଶୁକ୍ରବାର ମୁକ୍ତିଲାଭ କରିଥିଲା। କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ବନ୍ଦ କରାଯାଇଥିବାବେଳେ ପରେ ପୁଣି ରିଲିଜ୍ କରାଯିବ।



# ରାଜ୍ୟ ସରକାରଙ୍କ ୬ ମାସିଆ ରଣକୌଶଳ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

### କରୋନା ମୁକାବିଲା

- ପ୍ରତିଦିନ ସ୍ଥିତି ସମୀକ୍ଷା, ଗଣମାଧ୍ୟମକୁ ଦିଆଯିବ ସୂଚନା
- ଚର୍ଚ୍ଚା ଓ ଗୁଜବଠାରୁ ଦୂରେଇ ରହିବାକୁ ପରାମର୍ଶ
- ବେସରକାରୀ ବସ୍‌ଗୁଡ଼ିକରେ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ
- ଗଠିତ ହୋଇଛି ଉଚ୍ଚସ୍ତରୀୟ ମେଡିକାଲ କମିଟି

କରୋନାକୁ ନେଇ ଏବେ ସବୁଆଡ଼େ ଭୟର ବାତାବରଣ ସୃଷ୍ଟି ହୋଇଛି। କୋଭିଡ୍ ୧୯ ଭାଇରସ୍ ସଂକ୍ରମଣ ଏଡ଼ାଇବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ଜାରି ରହିଛି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ଆସନ୍ତା ୬ମାସ ପର୍ଯ୍ୟନ୍ତ ଆମକୁ ଏପରି ପ୍ରସ୍ତୁତି ବଜାୟ ରଖିବାକୁ ପଡ଼ିବ ବୋଲି ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ତଥା କରୋନା ଭୂତାଣୁ ସଂକ୍ରମଣ ସଚେତନତା ମୁଖ୍ୟ ପ୍ରବକ୍ତା ସୁବ୍ରତ ବାଗ୍‌ଚୀ କହିଛନ୍ତି। ରବିବାର ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଗ୍‌ଚୀ କହିଛନ୍ତି, ଜନସାଧାରଣ ଚର୍ଚ୍ଚା, ରହସ୍ୟ ଓ ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିଦିନ ସରକାରଙ୍କ ପକ୍ଷରୁ କରୋନା ସ୍ଥିତିର ସମୀକ୍ଷା କରାଯାଇ ଅପରାହ୍ନ ୪ଟା ୩୦ରେ ଗଣମାଧ୍ୟମକୁ ସୂଚନା ଦିଆଯିବ। ୨୪ ଘଣ୍ଟାରେ ଘଟିଥିବା ବିଶ୍ୱ, ଦେଶ ଓ ରାଜ୍ୟର ବିବରଣୀ ପ୍ରଦାନ କରାଯିବ। ସରକାର କ'ଣ ସମୀକ୍ଷା କରିଛନ୍ତି ଓ କି ପଦକ୍ଷେପ ନିଆଯାଇଛି ସେ ସଂକ୍ରାନ୍ତରେ ଅବଗତ କରାଯିବ। ତେଣୁ ଆତଙ୍କିତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି ବ୍ୟତିବ୍ୟସ୍ତ ନ ହୋଇ ସର୍ବଦା ଶାନ୍ତ ଓ ସଚେତନ ରହିବା ଆବଶ୍ୟକ। ନେତୃତ୍ୱର ସହ ଦୃଢ଼ ପଦକ୍ଷେପ ନେଇ ସମ୍ଭାବ୍ୟ ସଂକ୍ରମଣକୁ ମୁକାବିଲା କରିବାକୁ ହେବ। ପ୍ରଥମେ ପରିବାରରେ ମାତାପିତାଙ୍କଠାରୁ ସ୍ୱଚ୍ଛତା ଆରମ୍ଭ ହେବା ଜରୁରୀ। ପିଲାମାନେ ସେମାନଙ୍କଠାରୁ ହାତ ପରିଷ୍କାର କରିବା ସହ ସତର୍କତା ଅବଲମ୍ବନ କରିବାକୁ ଶିଖିବେ। ହାତ, ମୁହଁ, ନାକ ଓ ଆଖିକୁ ସ୍ପର୍ଶ କରନ୍ତୁ ନାହିଁ। କାଶ, ଛିଙ୍କ ବା ଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ୧୪ ଦିନ ପର୍ଯ୍ୟନ୍ତ ନିଜକୁ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁ ☞ପୃଷ୍ଠା-୨

# ଅରୁଣ, ଗରୁଡ଼ ସ୍ତମ୍ଭ ଛୁଇଁବା ମନା

## ଶ୍ରୀମନ୍ଦିର ପାଇଁ କରୋନା କଟକଣା



ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଅନ୍ୟ ଅଧିକାରୀଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା।

ପୁରୀ ଅଫିସ,୧୫।୩

- ଦର୍ଶନ ପୂର୍ବରୁ ନିଜ ସମ୍ପର୍କରେ ତଥ୍ୟ ଦେବେ ଭକ୍ତ
- ମନ୍ଦିର ବାହାରେ ରହିବ ହେଲ୍‌ପ ଡେସ୍କ
- ଦର୍ଶନାର୍ଥୀ, କର୍ମଚାରୀ ପିନ୍ଧିବେ ମାସ୍କ
- ସେବାୟତଙ୍କ ପାଇଁ ମାସ୍କ ଇଚ୍ଛାଧୀନ

ଭକ୍ତ ପାଇଁ ଭଗବାନ। ଭକ୍ତ ଯେଉଁଠି ଭଗବାନ ସେଇଠି, ଜଣକୁ ବାଦ୍ ଦେଇ ଅନ୍ୟର କଳ୍ପନା କରାଯାଇପାରେନା। ହେଲେ ବର୍ତ୍ତମାନ ଆତଙ୍କ ସୃଷ୍ଟି କରୁଥିବା କରୋନା ଭାଇରସ୍‌କୁ ନେଇ ବିଶ୍ୱବାସୀ ଚିନ୍ତାରେ। କିପରି ଏହି ପ୍ରାଣଘାତୀ ଭାଇରସ୍‌ର ମୁକାବିଲା କରାଯାଇପାରିବ ସେଥିଲାଗି ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଜାରି ରହିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ସତର୍କତା ଓ ସଚେତନତାକୁ ଆପଣାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଲାଗି ଜାରି କରିଛି କରୋନା କଟକଣା। ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ଏହି କଟକଣାକୁ ପାଳନ କରିବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଛତିଶା ନିଯୋଗର ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ଆସନ୍ତା ୧୫ ଦିନ ଅର୍ଥାତ ଏପ୍ରିଲ ପହିଲା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତଙ୍କ ପାଇଁ କିଛି କଟକଣା ରହିବ। ଠାକୁରଙ୍କ ଦର୍ଶନ ପାଇଁ ଆସିବାକୁ ଚାହୁଁଥିବା ଶ୍ରଦ୍ଧାଳୁ ଅନ୍ତତଃପକ୍ଷେ ସେମାନଙ୍କ ସୂଚୀ ଘୁଞ୍ଚାଇ ଦେବା ଲାଗି ଅନୁରୋଧ କରାଯାଉଛି। ଯଦି କାହାର କିଛି ମାନସିକ ରହିଛି ସେମାନେ ଆସନ୍ତୁ, କିନ୍ତୁ ସତର୍କତା ଅପରିହାର୍ଯ୍ୟ। ଏହି ସମୟରେ ଆସିବାକୁ ଥିବା ଭକ୍ତ ପ୍ରଥମେ ନିଜ ସମ୍ପର୍କରେ ସବିଶେଷ ତଥ୍ୟ ଦେବେ। ଗତ ୧୫ଦିନ ମଧ୍ୟରେ ସେ କିମ୍ବା ତାଙ୍କ ପରିବାର କୌଣସି ସଦସ୍ୟ କରୋନା ଆକ୍ରାନ୍ତ ଦେଶ ବା ବିଦେଶକୁ ଯାତ୍ରା କରିଛନ୍ତି କି ନାହିଁ, ତାଙ୍କର କିମ୍ବା ପରିବାର କାହାର ଏହି ସମୟରେ ଥଣ୍ଡା, କାଶ, ଜ୍ୱର ହୋଇଛି ନା ନାହିଁ ତାହା ସ୍ପଷ୍ଟ ଭାବେ ଜଣାଇବେ। ସେହିପରି ମନ୍ଦିରକୁ ପ୍ରବେଶଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ଧାଡ଼ି ବ୍ୟବସ୍ଥା ଲାଗୁ କରାଯିବ। ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ମଧ୍ୟରେ ☞ପୃଷ୍ଠା-୨

# ସମଲେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମିଲା

ସମ୍ବଲପୁର, ୧୫।୩ (ବ୍ୟୁରୋ)



ରବିବାର ସମଲେଇ ମନ୍ଦିରରେ ଭକ୍ତଙ୍କ ଭିଡ଼ ନାହିଁ ।

ସାରା ବିଶ୍ୱରେ କରୋନା ଭୂତାଣୁ ଭୟ। ଏଥିରୁ ଓଡ଼ିଶା ବାଦ୍ ପଡିନି। ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଛି। ସଭା, ସମ୍ମିଳନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ସରକାର । ଫିଲ୍ମ ହଲ୍, ମଲ୍, ପର୍ଯ୍ୟଟନ ସ୍ଥଳ ଆଦି ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଦେବାଳୟଗୁଡିକରେ ମଧ୍ୟ ଭକ୍ତଙ୍କ ସଂଖ୍ୟା କମିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୀଠରେ ମଧ୍ୟ ରବିବାର ଛୁଟି ଦିନରେ ବି ଭକ୍ତଙ୍କ ଭିଡ କମ୍ ଥିବା ଦେଖିବାକୁ ମିଳିଥିଲା । ଯେଉଁମାନେ ଦେବୀଙ୍କ ଦର୍ଶନ ପାଇଁ ଆସିଥିଲେ ସେମାନଙ୍କୁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଚେତନ କରାଯାଇଛି। ମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ହାତଧୁଆ ବେସିନ ନିକଟରେ ସାବୁନ ଏବଂ ସାନିଟାଇଜର୍ ବ୍ୟବସ୍ଥା କରାଯାଇଛି। ତେବେ ଭକ୍ତ ଓ ପୂଜକମାନେ ମାସ୍କ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ସୋମବାର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବ । ଏଥିରେ ଭକ୍ତମାନେ କିପରି ଦର୍ଶନ କରିବେ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି । ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି, ପ୍ରତିଦିନ ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ସହ ଅନ୍ୟ ଜିଲା ଓ ରାଜ୍ୟ ବାହାରୁ ଭକ୍ତମାନେ ମା'ଙ୍କ ଦର୍ଶନ କରିବାକୁ ଆସନ୍ତି। ଦିନକୁ ଅତି କମ୍‌ରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଭିଡ ଲାଗି ରହିଥାଏ । ☞ପୃଷ୍ଠା-୨

## କରୋନାକୁ ନେଇ ସାର୍କ ରାଷ୍ଟ୍ରଙ୍କୁ ଭାରତର ବାର୍ତ୍ତା

# ପ୍ରସ୍ତୁତ ରୁହ, ଭୟ କରନାହିଁ

ନୂଆଦିଲ୍ଲୀ,୧୫।୩(ପି.ଟି.)

- ଜରୁରୀ ପାଣ୍ଠି ପ୍ରସ୍ତାବ ଦେଲେ ମୋଦି

ମହାମାରୀ କରୋନାକୁ ନେଇ ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହାର ମୁକାବିଲା ଲାଗି ମିଳିତ ଜରୁରୀ ପାଣ୍ଠି ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାର୍କ (ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଂଘ) ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ଭାରତ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ନିୟୁତ ଡଲାର ଯୋଗାଇଦେବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ମିଳିତ ଉଦ୍ୟମ ବଳରେ କରୋନାର ମୁକାବିଲା କରାଯାଇପାରିବ ବୋଲି ସେ ମତ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବକ୍ରମେ ରବିବାର ଅନୁଷ୍ଠିତ ଭିଡିଓ କନ୍‌ଫରେନ୍ସରେ ସମସ୍ତ ସାର୍କ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏଥିରେ ଭାଗ ନେଇ ସାର୍କ ରାଷ୍ଟ୍ରଗୋଷ୍ଠୀକୁ ଭାରତର ବାର୍ତ୍ତା ଦେଇଛନ୍ତି। ମାରାତ୍ମକ କୋଭିଡ-୧୯ର ମୁକାବିଲା ଲାଗି ପ୍ରସ୍ତୁତ ହୁଅ, କିନ୍ତୁ ଭୟ କରନାହିଁ ବୋଲି ମୋଦି କହିଥିଲେ। ବିଶ୍ୱ ଜନସଂଖ୍ୟାର ଏକ-ପଞ୍ଚମାଂଶ ବସବାସ କରୁଥିବା ସାର୍କ ରାଷ୍ଟ୍ରଗୁଡ଼ିକୁ ସମ୍ଭାବ୍ୟ ଭବିଷ୍ୟତ ସ୍ଥିତି ଲାଗି ପ୍ରସ୍ତୁତ ହେବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ସାର୍କ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୦ରୁ କମ୍ ରହିଛି। ଆମକୁ ଆହୁରି ସତର୍କ ରହିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଇ କହିଥିଲେ। ଆମେ ସମସ୍ତେ ଏକାଠି ପ୍ରସ୍ତୁତ ହେବା, ପ୍ରତିକାର ବ୍ୟବସ୍ଥା କରିବା ଦ୍ୱାରା ନିଶ୍ଚୟ ସଫଳ ହୋଇପାରିବା ବୋଲି ସେ ପରାମର୍ଶ ଦେଇଥିଲେ।

କରୋନା ମୁକାବିଲା ଲାଗି ଭାରତ ଚିକିତ୍ସା ଭିତ୍ତିଭୂମିର ବିକାଶ ସମେତ ଅନେକ ପଦକ୍ଷେପ ଗ୍ରହଣ କରିଛି। ବାହାର ଦେଶର ଯାତ୍ରୀମାନଙ୍କୁ ବିମାନବନ୍ଦରରେ ଯାଞ୍ଚ କରାଯାଉଛି। ସନ୍ଦିଗ୍ଧଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ରଖାଯାଇ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଉଛି। ବିଭିନ୍ନ ସଂକ୍ରମିତ ଦେଶରେ ଥିବା ପ୍ରାୟ ୧୪୦୦ ଭାରତୀୟଙ୍କୁ ଫେରାଇ ଅଣାଗଲାଣି। ଏପରିକି ପଡୋଶୀ ଦେଶର ଲୋକଙ୍କୁ ମଧ୍ୟ ଫେରାଇ ଆଣିବାରେ ଭାରତ ସହାୟତା କରିଛି। ଭୂତାଣୁକୁ ହେୟଜ୍ଞାନ କରନ୍ତୁ ନାହିଁ କି ଏହାକୁ ନେଇ ଭୟ କରିବାର କୌଣସି କାରଣ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ, ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟେ ଶେରିଙ୍ଗ, ବାଂଲାଦେଶ ପ୍ରଧାନମନ୍ତ୍ରୀ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

କୋଭିଡ୍-୧୯

### ଆଜିର ମନ୍ତବ୍ୟ

"ଆମ ଉପରେ କଟକଣା ଜାରି କରିଥିବା ଆମେରିକ ଓ ୟୁରୋପୀୟ ଦେଶଗୁଡ଼ିକ ଉପରେ କରୋନା ଭାଇରସ ଭଗବାନଙ୍କ ଏକ ଦଣ୍ଡ।

—ଓପ୍ପାହ ମୁଚିଙ୍ଗୁରି, ଜିମ୍ବାୱେ ପ୍ରତିରକ୍ଷାମନ୍ତ୍ରୀ

# ଆଜି କମଲନାଥଙ୍କ ଶକ୍ତି ପରୀକ୍ଷା

ନୂଆଦିଲ୍ଲୀ/ଭୋପାଳ,୧୫।୩(ଆଇଏଏନ୍‌ଏସ୍)

- ଜୟପୁରରୁ ଫେରିଲେ କଂଗ୍ରେସ ବିଧାୟକ
- ରାଜନୈତିକ ତତ୍ପରତା ବୃଦ୍ଧି
- ଭୋପାଳରେ ୧୪୪ ଧାରା

ମଧ୍ୟପ୍ରଦେଶ ବିଧାନସଭାରେ ସୋମବାର କମଲନାଥ ସରକାର ଆସ୍ଥାଭୋଟର ସମ୍ମୁଖୀନ ହେବେ। ଏହା ପୂର୍ବରୁ ଭୋପାଳରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସହ ଭାଜପା ନେତୃବୃନ୍ଦ ରବିବାର ଏକାଧିକ ବୈଠକ କରିଛନ୍ତି। ଗୁରୁଗ୍ରାମ ନିକଟ ମାନେସାରଠାରେ ଭାଜପା ବିଧାୟକମାନେ ରହିଛନ୍ତି। ସକାଳେ ଭାଜପା ନେତାମାନେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭେଟିଥିଲେ। ସେମାନଙ୍କ ସହ ଶିବରାଜ ସିଂ, ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପାରେ ସାମିଲ ହୋଇଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆ ଥିଲେ। ପରେ ସମସ୍ତେ ଅମିତ୍ ଶାହାଙ୍କ ବାସଭବନକୁ ଯାଇ ବୈଠକ କରିଥିଲେ। ଏହାପରେ ସେମାନେ ମଧ୍ୟପ୍ରଦେଶ ରାଜନୈତିକ ଅଚଳାବସ୍ଥାର ଆଇନଗତ ଦିଗକୁ ନେଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ସହ ଆଲୋଚନା କରିଥିଲେ। ଆସ୍ଥାଭୋଟ ପୂର୍ବରୁ ବିଧାୟକମାନେ ଭୋପାଳରେ ଉପସ୍ଥିତ ରହିବାକୁ କଂଗ୍ରେସ ଓ ଭାଜପା ପକ୍ଷରୁ ହ୍ୱିପ୍ ଜାରି ହୋଇଛି।

ଜୟପୁରରେ ଥିବା ୯୪ କଂଗ୍ରେସ ବିଧାୟକ ରବିବାର ଭୋପାଳ ଫେରିଛନ୍ତି। ବିମାନବନ୍ଦରରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ସେମାନଙ୍କୁ ମାରିଅଟ ହୋଟେଲରେ ରଖାଯାଇଛି। ଆସ୍ଥାଭୋଟ ଶେଷ ହେବା ପର୍ଯ୍ୟନ୍ତ ସେମାନେ ଉକ୍ତ ହୋଟେଲରେ ରହିବେ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଭୋପାଳ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଛି।

ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବାବେଳେ ତାଙ୍କ ସମର୍ଥକ ୨୨ ବିଧାୟକ ଇସ୍ତଫା ଦେବାରୁ କମଲନାଥ ସରକାର ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଇସ୍ତଫା ଦେଇଥିବା ୬ ଜଣ ମନ୍ତ୍ରୀଙ୍କୁ ବହିଷ୍କାର କରାଯିବା ସହ ସେମାନଙ୍କ ସଭ୍ୟପଦ ରଦ୍ଦ କରାଯାଇଛି। ସୋମବାର ବିଧାନସଭାର ବଜେଟ ଅଧିବେଶନ ଥିବାରୁ ଏହା ପୂର୍ବରୁ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ ରାଜ୍ୟପାଳ ଲାଲଜୀ ଟଣ୍ଡନ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ପରାମର୍ଶ ଦେଇଥିଲେ। ୨୨୮ ସଦସ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ୬ ସଦସ୍ୟଙ୍କ ସଭ୍ୟ ପଦ ରଦ୍ଦ ପରେ ସଂଖ୍ୟା ୨୨୨କୁ ଖସିଆସିଛି। ସରକାର ବଞ୍ଚାଇବାକୁ ହେଲେ କଂଗ୍ରେସକୁ ୧୧୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ।





Vencobb FRESH CHICKEN

15.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers




*ବଛା ବଛା ଆଉଟ୍‌ଲେଟ୍ ରେ CT 110 KSର BS4 ମଡେଲ ସକାଶେ କ୍ୟାଶ୍ ଡିସ୍‌କାଉଣ୍ଟ ପ୍ରଯୁଜ୍ୟ। ବଛା ବଛା ଆଉଟ୍‌ଲେଟ୍ ରେ CT/ପ୍ଲାଟିନା ର ଅନ୍ୟାନ୍ୟ BS4 ମଡେଲ ସକାଶେ ଡିସ୍‌କାଉଣ୍ଟ ବି ପ୍ରଯୁଜ୍ୟ ହୋଇପାରେ। ଅଲଗା ଅଲଗା ପ୍ରଦେଶରେ ଅଫର୍ ଭିନ୍ନ ହୋଇପାରେ। ବତାଯାଇଥିବା ରାଶି ହେଉଛି CT110 KS ର BS4 ଓ BS6 ପ୍ରକାର ମଧ୍ୟରେ ମୂଲ୍ୟର ପାର୍ଥକ୍ୟ। ଅନ୍ୟାନ୍ୟ ବଜାଜ ମଡେଲ ପାଇଁ ମଧ୍ୟ ମୂଲ୍ୟ ପାର୍ଥକ୍ୟ ପ୍ରଯୁଜ୍ୟ, BS4 ଷ୍ଟକ୍ ଥିବା ପର୍ଯ୍ୟନ୍ତ। *ପ୍ଲାଟିନା 110 H ଗିଅର୍ ଡିସ୍କ ଓ CT110KS ର ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା। **ନ୍ୟୁନ ଡାଉନ୍ ପେମେଣ୍ଟ CT110KS ର BS4 ର ଅନ୍-ରୋଡ୍ ମୂଲ୍ୟ ଓଡ଼ିଶା ଉପରେ ହିସାବ କରାଯାଇଛି। ଯଥାପ୍ରଯୁଜ୍ୟ ପ୍ରୋସେସିଙ୍ଗ ଫୀଜ୍, ଡିସିସି ଚାର୍ଜେସ୍ ଆଦି ଅତିରିକ୍ତ। କ୍ରେଡିଟ୍ ପାରାମିଟର୍‌ସ ଉପରେ ନିର୍ଭର କରେ। ଫାଇନାନ୍‌ସିଅର୍ ଙ୍କ ସ୍ୱ-ବିବେଚନା ଅନୁସାରେ ଫାଇନାନ୍‌ସ। ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି। ସର୍ତ୍ତ ଓ ନିୟମାବଳୀ ଲାଗିବ।

Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9438711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, Rajgangpur 8908908901, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945.

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଫେବୃୟାରୀ ସମୟ ମଧ୍ୟରେ ଦେଶର ସୁନା ଆମଦାନି ୮.୮୬% ହ୍ରାସ ଘଟି ୨୭ ବିଲିୟନ ଡଲାର ( ପ୍ରାୟ ୧.୯୦ ଲକ୍ଷ କୋଟି) ରହିଛି।

–ବାଣିଜ୍ୟ ମନ୍ତ୍ରଣାଳୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୪ ଆଇଏଏସ୍‌ଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣରୁ ସାଧାରଣ ଜନତାଙ୍କୁ ରକ୍ଷା କରିବା ପାଇଁ ପ୍ରଶାସନ ଯଥାସମ୍ଭବ ପଦକ୍ଷେପ ନେଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରତିଦିନ ଖବରଦାତା ସମ୍ମିଳନୀ କରାଯାଇ କରୋନାର ସ୍ଥିତି ସମ୍ପର୍କରେ ସୂଚନା ଦିଆଯାଉଛି। ଏହି କ୍ରମରେ ସରକାର ରବିବାର ୪ ଯୁବ ଆଇଏଏସ୍ ଅଧିକାରୀଙ୍କୁ ସ୍ୱାସ୍ଥ୍ୟ ବିଭାଗର ସେମାନଙ୍କ ପୂର୍ବ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗଣମାଧ୍ୟମକୁ ଅବଗତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗରେ ଅଫିସର ଅନ୍ ସେସ୍ପିଆଲ ଡ୍ୟୁଟି(ଓଏସ୍‌ଡି) ଦାୟିତ୍ୱ ତୁଲାଇବାକୁ ଥିବା ଅଧିକାରୀମାନେ ହେଉଛନ୍ତି- ଓମ୍‌ଫେଡ୍‌ର ସିଜିଏମ୍ ତଥା ହକି ପ୍ରଚାର ପରିଷଦର ସିଇଓର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ସୋମେଶ କୁମାର ଉପାଧ୍ୟାୟ। ଅନ୍ୟମାନଙ୍କ ମଧ୍ୟରେ ଓଏମ୍‌ସିର ଇଡି ତଥା ଓଏମ୍‌ଇସିଏଲ୍‌ର ଇଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ପି. ଅନ୍ୱେଷା ରେଡ୍ଡୀ, ଗ୍ରୀଡ୍‌କୋର ଇଡି ପାଟିଲ ଆଶିଷ ଈଶ୍ୱର ଏବଂ ଓକାକ୍‌ର ଓଏସ୍‌ଡି ଦାୟିତ୍ୱ ତୁଲାଉଥିବା ଦିବାକର ଟିଏସ୍। ଏହି ସମସ୍ତ ଅଧିକାରୀ ୨୦୧୭ ବ୍ୟାଚ୍‌ର। ଆସନ୍ତା ୩୦ ଜୁନ୍ ଯାଏ ଏହି ଅଧିକାରୀମାନେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ। 'ଦ ଓଡ଼ିଶା କୋଭିଡ୍-୧୯ ରେଗୁଲେଶନ୍-୨୦୨୦' ଜରିଆରେ ଏହି ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

**■ ଜୁନ୍ ୩୦ ଯାଏ ଓଏସ୍‌ଡି ଭାବେ କାର୍ଯ୍ୟ କରିବେ**

ପ୍ରଥମ ପୃଷ୍ଠାରୁ...

## ଅରୁଣ ସ୍ତମ୍ଭ...

ଦେଢ଼ରୁ ୨ ମିଟର ବ୍ୟବଧାନ ରହିବ। ଏହି ବ୍ୟବଧାନରେ ଭକ୍ତମାନେ ଭିତର କାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରି ବାହାରିବେ। କେହି ଭିତରକାଠରେ ଅଧିକ ସମୟ ଛିଡ଼ା ହେବେ ନାହିଁ। ଏହି ବ୍ୟବସ୍ଥାରେ ପ୍ରତିଦିନ କେତେ ସଂଖ୍ୟକ ଭକ୍ତ ଦର୍ଶନ କରିପାରିବେ ଏସ୍‌ପି ତାହାକୁ ଚୂଡ଼ାନ୍ତ କରିବେ। ତାଙ୍କ ହିସାବ ଅନୁଯାୟୀ ଭକ୍ତଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରାଯିବ।

ଦର୍ଶନ ବାଦ୍ କେତେକ ଭକ୍ତ ଅଛନ୍ତି ଯେଉଁମାନେ ମନ୍ଦିର ଭିତରେ ବସି ସଂକୀର୍ତ୍ତନ, ପୂଜାପାଠ, ମହାପ୍ରଭୁଙ୍କୁ ସ୍ମରଣ ଆଦି କରିଥାନ୍ତି। ଏହାକୁ ବାରଣ କରାଯିବ। ଏସବୁକୁ ଲୋକେ ବାହାରେ କିମ୍ବା ସେମାନଙ୍କ ଘରେ ମଧ କରିପାରିବେ। ଠାକୁରଙ୍କୁ ଦର୍ଶନ କରିସାରିବା ପରେ ଭକ୍ତ ଯେପରି ଶୀଘ୍ର ବାହାରିବେ ସେହି ବ୍ୟବସ୍ଥା ହେବ। ଶ୍ରୀମନ୍ଦିର ବାହାରେ ୨ଟି ହେଲ୍‌ପ ଡେସ୍କ ରହିବ। ଏଠାରେ ଭକ୍ତମାନେ ଯେ କୌଣସି ବିଷୟରେ ପଚାରି ବୁଝିପାରିବେ। ହେଲ୍‌ପ ଡେସ୍କରେ ଶ୍ରଦ୍ଧାଳୁଙ୍କୁ ସେଲ୍‌ଫ ଡିକ୍ଲାରେଶନ ଫର୍ମ ଯୋଗାଇ ଦିଆଯିବ। ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଦୁଇଦିନ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରାଇବେ। ରେଳ ଷ୍ଟେଶନ ଏବଂ ବସ୍‌ଷ୍ଟାଣ୍ଡରେ ବି ହେଲ୍‌ପ ଡେସ୍କର ବ୍ୟବସ୍ଥା ହେବ। ଯେଉଁମାନେ ଷ୍ଟେଶନ ଏବଂ ଷ୍ଟାଣ୍ଡରେ ଫର୍ମ ପୂରଣ କରି ଦେଇ ନ ଥିବେ ମନ୍ଦିରରେ ପ୍ରବେଶ ପୂର୍ବରୁ ଏହା କରିଦେବେ।

ସାଧାରଣତଃ ଶ୍ରଦ୍ଧାଳୁମାନେ ଅରୁଣ ସ୍ତମ୍ଭକୁ ସ୍ପର୍ଶ କରି ମୁଣ୍ଡିଆ ମାରିବା ପରେ ମନ୍ଦିର ଭିତରକୁ ପ୍ରବେଶ କରିଥାନ୍ତି। ଏଥିସହ ବିଭିନ୍ନ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ ସମୟରେ ତାଙ୍କର ବାହନ ଏବଂ ଅନ୍ୟ କେତେକ ସ୍ଥାନକୁ ସ୍ପର୍ଶ କରିଥାନ୍ତି। ବେଢ଼ା ଭିତର ଏକ ମନ୍ଦିର କାନ୍ଥରେ କଏନ ଲଗାଇବା ପରମ୍ପରା ବି ରହିଛି। ଏତଦ୍‌ବ୍ୟତୀତ ନାଟମଣ୍ଡପରେ ଥିବା ଗରୁଡ଼ ସ୍ତମ୍ଭକୁ ମଧ ଅନେକ ଭକ୍ତ ଆଲିଙ୍ଗନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ପ୍ରତି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ମାତ୍ର ବର୍ତ୍ତମାନ କରୋନା ଭାଇରସ୍‌ର ଭୟାବହତାକୁ ଦେଖି ଆସନ୍ତା ୧ତାରିଖ ପର୍ଯ୍ୟନ୍ତ ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ଆଦିକୁ ସ୍ପର୍ଶ ନ କରିବାକୁ ଶ୍ରଦ୍ଧାଳୁମାନଙ୍କୁ ଅନୁରୋଧ କରାଯାଉଛି। ଏସବୁର ଚାରିକଡ଼କୁ ରଶିରେ ବର୍ଜନ କରାଯିବ। ସେହିପରି ପାନଛେପ ପକାଇବା ଉପରେ ଥିବା କଟକଣାକୁ କଡ଼ାକଡ଼ି କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ମନ୍ଦିର ସହ ସମ୍ପୃକ୍ତ କର୍ମଚାରୀ, ପୋଲିସ, ଜେଟିପି ସମସ୍ତେ ମାସ୍କ ବ୍ୟବହାର କରିବେ। ସେବାୟତଙ୍କ ପାଇଁ କିନ୍ତୁ ମାସ୍କ ଇଚ୍ଛାଧୀନ ରହିଛି। ଯେଉଁ ସେବାୟତ ଚାହିଁବେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ମାସ୍କ ଯୋଗାଇ ଦିଆଯିବ। କିନ୍ତୁ ଶ୍ରଦ୍ଧାଳୁମାନେ ନିଶ୍ଚିତ ମାସ୍କ ପିନ୍ଧି ଆସିବେ। ଶ୍ରୀମନ୍ଦିରର ଚାରିଦ୍ୱାରରେ ହାତ ଧୋଇବା ପାଇଁ ବ୍ୟବସ୍ଥା କରାଯିବ। ସମସ୍ତ ଶ୍ରଦ୍ଧାଳୁ ହ୍ୟାଣ୍ଡୱାଶ୍‌ରେ ହାତଧୋଇ ଯେପରି ମନ୍ଦିରକୁ ପ୍ରବେଶ କରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି। ଆନନ୍ଦ ବଜାରରେ ମହାପ୍ରସାଦ ସେବନ ବେଳେ ଯେପରି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଯଥେଷ୍ଟ ଦୂରତା ଅବଲମ୍ବନ କରାଯିବ ତାହା ଉପରେ ସେବକମାନେ ନଜର ଦେବେ। ଖାଇବା ପୂର୍ବରୁ ହାତକୁ ଭଲ ଭାବେ ଧୋଇବେ। ତେବେ ଯଥା ସମ୍ଭବ ମହାପ୍ରସାଦ କିଣି ନେଇ ଘରେ ଖାଇବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି।

ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ ବଲଓ୍ୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ସିଡିଏମ୍‌ଓ ଡା. ନୀଳକଣ୍ଠ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ବିଭିନ୍ନ ଅଧିକାରୀ ଏବଂ ଛତିଶା ନିଯୋଗର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପ୍ରସ୍ତୁତ ରୁହ...

ଶେଖ୍ ହାସିନା, ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ ଗନି ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହକାରୀ (ସ୍ୱାସ୍ଥ୍ୟ) ଜଫର ମିର୍‌ଜା ଭିଡିଓ କନ୍‌ଫରେନ୍ସରେ ଭାଗ ନେଇଥିଲେ। ସଦସ୍ୟ ରାଷ୍ଟ୍ରମାନେ ସମନ୍ୱିତ ଉଦ୍ୟମ ଉପରେ ଜୋର ଦେଇଥିଲେ। ସାର୍କ ରାଷ୍ଟ୍ରମାନଙ୍କର ଏକ ମନ୍ତ୍ରୀଗୋଷ୍ଠୀ ଗଠନ ପାଇଁ ଶ୍ରୀଲଙ୍କା ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। କରୋନା ଭୂତାଣୁ ସର୍ଭିଲାନ୍ସ ପୋର୍ଟାଲ ସ୍ଥାପନ କରି ଭାରତ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସମ୍ଭାବ୍ୟ ସଂକ୍ରମଣ ଚିହ୍ନଟରେ ସହାୟତା କରିପାରିବ ବୋଲି ସେ କହିଥିଲେ। ମହାମାରୀ ନିୟନ୍ତ୍ରଣ ଲାଗି ମିଳିତ ଗବେଷଣା ପ୍ଲାଟଫର୍ମ ସ୍ଥାପନ ନିମନ୍ତେ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଏଥିରେ ଭାରତୀୟ ମେଡିକାଲ ରିସର୍ଚ୍ଚ କାଉନସିଲ (ଆଇସିଏମ୍‌ଆର୍) ନେତୃତ୍ୱ ନେଇପାରିବ ବୋଲି ସେ କହିଥିଲେ।

## ସମଲେଇ ମନ୍ଦିରରେ...

ରବିବାର ଛୁଟିଦିନ ହୋଇଥିବାରୁ ଅନ୍ୟ ଦିନ ଅପେକ୍ଷା ଅଧିକ ସଂଖ୍ୟକ ଭକ୍ତଙ୍କ ଭିଡ ଜମେ। କରୋନା ଆତଙ୍କ ଯୋଗୁ ଆଜି ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ହାତଗଣତି ଶ୍ରଦ୍ଧାଳୁ ସମଲେଇଙ୍କ ଦର୍ଶନ କରିଛନ୍ତି। ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି, ମନ୍ଦିରରେ ମୁତୟନ ସୁରକ୍ଷାକର୍ମୀ ସୋମବାରଠାରୁ ଭକ୍ତଙ୍କୁ ସଚେତନ କରିବେ। ମୁଖ୍ୟତଃ ଭକ୍ତମାନେ ମାସ୍କ ପିନ୍ଧି ମା'ଙ୍କ ଦର୍ଶନ କରିବା ଉପରେ ଗୁରୁତ୍ୱାରୋପ କରାଯିବ। ଶ୍ରଦ୍ଧାଳୁମାନେ ସାନିଟାଇଜର ଓ ହ୍ୟାଣ୍ଡୱାସ୍ ବ୍ୟବହାର କରିଲେ ଭଲ ବୋଲି ସେ କହିଛନ୍ତି।



ରବିବାର ସନ୍ଧ୍ୟାରେ ସମ୍ବଲପୁର ସମଲେଇ ମନ୍ଦିରରେ ଭକ୍ତମାନେ ସାବୁନରେ ହାତ ଧୋଉଛନ୍ତି।

## ରାଜ୍ୟ...

ନାହିଁ। ତଥ୍ୟ ଅନୁସାରେ, ଏହି ଭୂତାଣୁ ପବନରେ ୩ ଘଣ୍ଟା ବଞ୍ଚି ରହିପାରେ। ତମ୍ବା ଧାତୁରେ ୩ ଘଣ୍ଟା ୩୦ ମିନିଟ, କାର୍ଡବୋର୍ଡରେ ୯ ଘଣ୍ଟା, ଲୁହାରେ ୧୩ ଘଣ୍ଟା, ପ୍ଲାଷ୍ଟିକ୍‌ରେ ୧୬ ଘଣ୍ଟା ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଆମ୍ଭେମାନେ କୌଣସି ପ୍ରକାର ଛାନିଆ ନ ହୋଇ ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖି ମୁକାବିଲା କରିବା ଆବଶ୍ୟକ। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତତଃ ୬ ମାସର ପ୍ରସ୍ତୁତି ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ କରୋନା ସଂକ୍ରମଣରେ କେହି ରୋଗ ସମ୍ପର୍କରେ ଲୁଚାନ୍ତୁ ନାହିଁ। ଫଳରେ ରୋଗୀର ଚିକିତ୍ସା ହେବା ସହିତ ସଂକ୍ରମଣ ରୋକିହେବ। ସେହିଭଳି ଯଥା ସମ୍ଭବ କମ୍ ସଂଖ୍ୟାରେ ଧାର୍ମିକ ସ୍ଥଳକୁ ଯାଆନ୍ତୁ। ସରକାରୀ ବସ୍‌ଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦିଆଯାଇଥିବାବେଳେ ବେସରକାରୀ ବସ୍‌ଗୁଡ଼ିକୁ ମଧ ଅବଗତ କରାଯାଇଛି। ଓଡ଼ିଶାରେ ଅଦ୍ୟାବଧି କୌଣସି କରୋନା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇନାହାନ୍ତି। ରାଜ୍ୟରେ ପରୀକ୍ଷଣ ହୋଇଥିବା ସମସ୍ତ ୨୨ଟି ରକ୍ତ ଓ ସ୍ୱାବ୍ ନମୁନା କରୋନା ନେଗେଟିଭ୍ ରହିଥିବା ଜଣାପଡ଼ିଛି। ଏହା ବ୍ୟତୀତ ଆଉ ୮ ନମୁନା ପରୀକ୍ଷଣ ପାଇଁ ପଠାଯାଇଥିବାବେଳେ ରିପୋର୍ଟକୁ ଅପେକ୍ଷା କରାଯାଉଛି। ମୁଖ୍ୟ ଶାସନ ସଚିବ ୩୦ ଜିଲାର ସମସ୍ତ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଉଚ୍ଚସ୍ତରୀୟ ମେଡିକାଲ କମିଟି ଗଠନ କରାଯାଇ ପୂରା ସ୍ଥିତି ଉପରେ ନଜର ରଖାଯାଇଥିବା ବାଗ୍‌ଚୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ୍, ସୂଚନା ଓ ପ୍ରଯୁକ୍ତି ବିଭାଗ ସଚିବ ମନୋଜ ମିଶ୍ର, ଡିଏମ୍‌ଇଟି ପ୍ରଫେସର ଡା. ସି.ବି.କେ ମହାନ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ କମିଶନର ସଞ୍ଜୟ କୁମାର ସିଂ କରୋନା ଭାଇରସ୍ ସଂକ୍ରମଣ ରୋକିବାରେ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।



## ଜିଲା ଚିଠି
## ପୁରୀ

# କରୋନା ପାଇଁ ଆଶ୍ୱସ୍ତ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ବିଶ୍ୱବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ତାଙ୍କ ସାନିଧ୍ୟ ପାଇବା ପାଇଁ କାହିଁ କେତେ ଦୂରରୁ ଭକ୍ତମାନେ ଛୁଟି ଆସନ୍ତି। ବିଶ୍ୱନିୟନ୍ତାଙ୍କ ସେବା କରିବାର ସାମାନ୍ୟ ସୁଯୋଗ ଯିଏ ପାଏ, ସେ ଭାବଭକ୍ତିରେ ହଜିଯାଏ। ହେଲେ କେତେଜଣ ଅଧିକାରୀ ମହାପ୍ରଭୁଙ୍କ ପ୍ରତି ଥିବା ଭକ୍ତି ଓ ବିଶ୍ୱାସକୁ ନେଇ ଖେଳ ଖେଳିଛନ୍ତି। ଏଥିପାଇଁ ଏବେ ଶ୍ରୀମନ୍ଦିରକୁ ନେଇ ସବୁଠି ଚର୍ଚ୍ଚା। ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାକୁ ନେଇ ଉଠୁଛି ପଡୁଛି ପଲ୍ଲୀରୁ ଦିଲ୍ଲୀ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିବା ପରେ ତାତିଉଠିଛନ୍ତି ଭକ୍ତ, ସେବାୟତ, ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ। ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିବା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବ କି ନାହିଁ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ କାହିଁକି ଜାତୀୟକରଣ ବ୍ୟାଙ୍କରୁ ମହାପ୍ରଭୁଙ୍କ ଟଙ୍କା ଉଠାଯାଇ ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ଲୋକେ କ୍ଷୋଭ ପ୍ରକାଶ କରୁଛନ୍ତି। ଯେଉଁ ଅଧିକାରୀମାନେ ଚଞ୍ଚକତା କରି ଘରୋଇ ବ୍ୟାଙ୍କରେ ଏହି ଟଙ୍କା ରଖିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ଆନ୍ଦୋଳନ ଚାଲିଛି। ଏମିତି କି ଥାନାରେ ଏତଲା ଦିଆଯାଇଛି। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ହଟ୍ଟଗୋଳ ହୋଇଛି। ବିରୋଧୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସରକାର ମହାପ୍ରଭୁଙ୍କ ଟଙ୍କା ଉଠାଣ ପାଇଁ ବିଧାନସଭା ଗୃହ କମିଟି ଗଠନ କରିଛନ୍ତି। ମାତ୍ର କରୋନାର ଭୟାବହତାକୁ ନେଇ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଚଳିତ ବଜେଟ ଅଧିବେଶନକୁ ଆସନ୍ତା ୨୯ ତାରିଖ ଯାଏ ସ୍ଥଗିତ ରଖାଯାଇଛି। ଅନ୍ୟପକ୍ଷରେ କୌଣସି ପ୍ରକାର ସଭାସମିତି, କର୍ମଶାଳା, ସେମିନାରକୁ ବାତିଲ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ପୁରୀରେ ନାନା ପ୍ରକାର ଆଲୋଚନା ହେଉଛି। ଚଞ୍ଚକତା ପୂର୍ବକ ଯେଉଁମାନେ ମହାପ୍ରଭୁଙ୍କ ଟଙ୍କାକୁ ଘରୋଇ ବ୍ୟାଙ୍କ ହାତରେ ଟେକି ଦେଇଛନ୍ତି ସେମାନଙ୍କ ପାଇଁ ଏହି ଘୋଷଣା ବରଦାନ ସଦୃଶ ହୋଇଛି। କରୋନା ଭୂତାଣୁକୁ ନେଇ ଏବେ ସିନା ବିଶ୍ୱବାସୀ ଚିନ୍ତିତ ମାତ୍ର ଯେଉଁମାନେ ମହାପ୍ରଭୁଙ୍କ ଟଙ୍କାକୁ ବିପଦମୁହଁକୁ ଠେଲି ଦେଇଛନ୍ତି ସେମାନେ ଆଶ୍ୱସ୍ତ ଅନୁଭବ କରୁଥିବେ ବୋଲି ଚର୍ଚ୍ଚା ହେଉଛି।

**– ହେମନ୍ତ ନାୟକ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଭାଗ୍ୟସ୍ଥାନରେ ଚତୁଃଗ୍ରହ ଯୋଗ ପାପଗ୍ରହ ପ୍ରଭାବସ୍ଥ ଯୋଗୁ ଅସମ୍ପୂର୍ଣ୍ଣ ରହି ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି କେତେକାଂଶରେ ବ୍ୟାହତ ହେବ। ବ୍ୟବସାୟ, ରାଜନୀତି, ସଭାସମିତି ଓ କଳା, କ୍ରୀଡା ପାଇଁ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ।

**ବୃଷ**
ଷଷ୍ଠସ୍ଥାନ ଶନି ଓ ଶୁକ୍ର ଦୃଷ୍ଟି ଯୋଗୁ ଋଣ ମାଧ୍ୟମରେ ଅର୍ଥଲାଭ, ଆଲୋଚନା ଦ୍ୱାରା ସମସ୍ୟା ସମାଧାନ କରିପାରିବେ। କିନ୍ତୁ କର୍ମକ୍ଷେତ୍ରରେ ନିଜେ କୌଣସି ପ୍ରକାରର ଭୁଲ୍ ନ କରି ମଧ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହି ପାରେ।

**ମିଥୁନ**
କେନ୍ଦ୍ରସ୍ଥ ରାଜଯୋଗର ପ୍ରଭାବରେ ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା ବିବାଦର ସମାଧାନ ହୋଇଯିବ। ବାଣିଜ୍ୟ, ପରିବହନ,ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ମାଲିମକଦ୍ଦମା, ଆଲୋଚନା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**
ରାଶିପ୍ରତି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ପ୍ରଭାବରେ ଆଜି କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିବେ। ଦୂରଯାତ୍ରା ଓ ବନ୍ଧୁମିଳନରୁ ମନ ଏକପ୍ରକାର ଖୁସି ରହିବ। ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ବ୍ୟବସାୟ, ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ**
ଉଚ୍ଚାରୋହୀ ରବି ଅଷ୍ଟମସ୍ଥ ଯୋଗୁ ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ଅବଶ୍ୟ ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ।

**କନ୍ୟା**
ମିତ୍ରକ୍ଷେତ୍ରସ୍ଥ ବୁଧ ଷଷ୍ଠଭାବ ଯୋଗୁ ଥଣ୍ଡାଜନିତ ସ୍ୱାସ୍ଥ୍ୟହାନିର ସୂଚନା ରହିଛି। ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରୟତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କ ନେହୁରା ହେବାକୁ ପଡିବ। ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ।

**ତୁଳା**
ଶୁକ୍ରଙ୍କ ସୁଦୃଷ୍ଟିରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଦିନଟି ହସଖୁସିରେ କଟିବ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିବ କିନ୍ତୁ ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା**
ଧନସ୍ଥାନସ୍ଥ ଏକାଧିକ ଗ୍ରହ ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରାଇବ। କିନ୍ତୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡିବା ସହ ବନ୍ଧୁମାନଙ୍କ ସହିତ ମତାନ୍ତର ସମ୍ଭାବନା ରହିଛି। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପରାହ୍ନରେ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ଧନୁ**
ଆଜି ରାଶିରେ ରାଜଯୋଗ ସଂଘଟିତ ହୋଇଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ଦିନଟିରେ ଅର୍ଥଲାଭ,ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ମଧ ପ୍ରଫୁଲ୍ଲ ରହିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ସାଙ୍ଗକୁ ବିଭିନ୍ନ ପ୍ରକାରର ଚିନ୍ତା ମାନସିକ ସ୍ତରକୁ ବିକ୍ଷିପ୍ତ କରିପାରେ। କଳା, ସାହିତ୍ୟ, କ୍ରୀଡା କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
ସପ୍ତମଭାବାଧିପ ଏକାଧିକ ଗ୍ରହ ସମ୍ପର୍କରେ ଆସୁଥିବାରୁ ଯାତ୍ରା ସ୍ଥଗିତ ରହିବ ଏବଂ ବାଣିଜ୍ୟ, ବ୍ୟବସାୟରେ ସମସ୍ୟାର ସମ୍ଭାବନା ରହିଛି। ବୈବାହିକ ସମ୍ପର୍କକୁ କେନ୍ଦ୍ରକରି କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ସକାଳୁ ସକାଳୁ ବନ୍ଧୁଙ୍କ ଦୁଃଖରେ ସମବେଦନା ପୂର୍ବକ ମନରେ ଭାବାନ୍ତର ସୃଷ୍ଟି ହେବ।

**କୁମ୍ଭ**
ବୁଧଙ୍କ ପ୍ରଭାବରେ ବୌଦ୍ଧିକ ବିକାଶ ସହ ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ ପାଇଁ ମନ ବଳାଇବେ। ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ବ୍ୟବସାୟ ଓ ପରିବହନରେ ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା ମାମଲା ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ଆଜି ଷଷ୍ଠାଧିପ ରାଶିସ୍ଥ ଯୋଗୁ ପଦସ୍ଥବ୍ୟକ୍ତିଙ୍କ ସହ ମତାନ୍ତରର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ର ସକାଶେ ବନ୍ଧୁମାନଙ୍କ ମଧୁର ବ୍ୟବହାର ସାଙ୍ଗକୁ ଅର୍ଥଲାଭ ଓ ଆଦର ଅଭ୍ୟର୍ଥନା ମନକୁ ପ୍ରଫୁଲ୍ଲିତ ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ।

ଆଜି ଚୈତ୍ର କୃଷ୍ଣ ଅଷ୍ଟମୀ ସୋମବାର, ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୨ ।୦୮ମି. ପର୍ଯ୍ୟନ୍ତ, ଜ୍ୟେଷ୍ଠା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନରାଶିର ଘାତବାର, ସକାଳ ଘ୭ ।୩୨ମି. ମଧ୍ୟେ ଘ୧୦ ।୪୩ମି. ଗତେ, ଘ୧ ।୦୬ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୫୪ମି. ଗତେ ଘ୧୦ ।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭ ।୨୭ମି. ଗତେ ଘ୮ ।୫୬ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

**real estate**

**SALE**

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17117

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68797

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

1400 sqft. gharabari residential plot for sale near Nandan Vihar, Big Bazaar, Patia, Bhubaneswar. Price-40.5 lakh. Contact: 7504392698. D-69252

**ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333.** D-69108

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright) 7894433357, 9348232008. D-69111

**2BHK ready to move flat sale at Patrapada Market, Bhubaneswar. 6370292040.** D-69109

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

**ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035.** D-68487

**PURCHASE**

Required second hand ready to move 1/2/3/4 BHK flats from direct owner's Bhubaneswar. 7978736177. D-68234

**to-let**

Commercial space for rent approx 2000sqft. on Grand Road (Puri), Balagandi. Contact immediately: 7008903565 or 9971707812. D-69016

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Ayurvedic full body massage ladies/gents smart experts therapist:- 8480939300. D-68795

Ayurvedic full body massage ladies and gents. Contact- 9861064981. D-68796

Full body herbal massage with refreshment expert therapist. 7381239385, 06742540855. D-69243

Relaxing body massage by trend lady, gents therapist. 9861193818. D-60879

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Relaxing body massage by trend lady, gents therapist. 8018656899. D-60880

Monalisa International Massage Club: All types full body massage with hiprofile smart lady therapist. 9708545108. D-17115

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବିଷାକ୍ତ ଛତୁଖାଇ ସ୍ୱାମୀ ମୃତ

## ସ୍ତ୍ରୀ ସମେତ ୩ ଗୁରୁତର

ସମ୍ବଲପୁର,୧୫।୩(ବ୍ୟୁରୋ)

ସମ୍ବଲପୁର ଜିଲା କିସିଣ୍ଡା ଥାନା କେଲୋବକମ (ହୀରାଲୋଇ) ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଜଙ୍ଗଲୀ ଛତୁରୁ ପ୍ରସ୍ତୁତ ତରକାରି ଖାଇ ୨ ପରିବାରର ୬ ଜଣ ଅସୁସ୍ଥ ହୋଇଥିଲେ। ରବିବାର ବୁର୍ଲା ଭିମସାରରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରମେଶ ଲୁଗୁନ (୬୫)। ତାଙ୍କ ସ୍ତ୍ରୀ ଅଞ୍ଜଳି ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ସେହିପରି ପଡୋଶୀ ପ୍ରଫୁଲ୍ଲ ବାର୍ଲାଙ୍କ ପୁଅ ଅମନ (୯) ଓ ସିମନ (୧୨)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ବାତୁଲା ଅଳ୍ପ ତରକାରି ଖାଇଥିବାରୁ ରକ୍ଷା ପାଇଯାଇଛନ୍ତି। ଅମନ ଓ ସୀମନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ସୂଚନା ଅନୁଯାୟୀ, ରମେଶ ଛେଳି ଚରାଇବାକୁ ଯାଇ ଜଙ୍ଗଲରୁ ଛତୁ ଆଣିଥିଲେ। ସ୍ତ୍ରୀ ଅଞ୍ଜଳି ରୋଷେଇ କରିଥିଲେ। ସେ ପଡୋଶୀ ପ୍ରଫୁଲ୍ଲଙ୍କ ଘରକୁ ତରକାରି ଦେଇଥିଲେ। ମଧ୍ୟାହ୍ନ ଭୋଜନରେ ଉଭୟ ପରିବାର ଭାତ ସହିତ ଛତୁ ତରକାରି ଖାଇଥିଲେ। କିଛି ସମୟ ପରେ ଅମନଙ୍କ ସ୍ୱାସ୍ଥ୍ୟାବସ୍ଥା ଅଚାନକ ବିଗିଡି ଯାଇଥିଲା । ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ପରେ ଭାଇ ସିମନ ମଧ୍ୟ ଅସୁସ୍ଥ ଅନୁଭବ କରିଥିଲେ। ଏହା ଜାଣିବା ପରେ ଖାଦ୍ୟର ପାର୍ଶ୍ୱ ପ୍ରତିକ୍ରିୟା ସନ୍ଦେହ କରି ରମେଶଙ୍କ ଘରେ ବାତୁଲା ପହଞ୍ଚିଥିଲେ । ସେ ସମୟରେ ରମେଶ ଓ ଅଞ୍ଜଳି ଅଚେତ ହୋଇ ତଳେ ପଡିଥିଲେ। ବାତୁଲା ତୁରନ୍ତ ପଡା ଲୋକଙ୍କୁ ଡାକି ଦୁଇଟି ଗାଡିରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସମସ୍ତଙ୍କୁ ଆଣିଥିଲେ । ସେଠାରୁ ରମେଶ ଓ ଅଞ୍ଜଳିଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା।


ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅମନ ଓ ସିମନ।

# ପରିବାରର ୩ ଜଣ ବିଷ ପିଇଲେ

■ ସ୍ତ୍ରୀ ମୃତ, ସ୍ୱାମୀ ଓ ପୁଅ ଗୁରୁତର


ସମ୍ବଲପୁର ବୁର୍ଲା ଭିମ୍‌ସାରରେ ଚିକିତ୍ସା ହେଉଥିବା ସୁବେର ମହାନନ୍ଦିଆ ।

ସମ୍ବଲପୁର,୧୫।୩ (ବ୍ୟୁରୋ)

ସମ୍ବଲପୁର ଜିଲା କତରବଗା ଥାନା ଅଧୀନ ରୁକ୍ଷୀଡିହ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ପାରିବାରିକ କହଳକୁ କେନ୍ଦ୍ର କରି ଏକ ଦମ୍ପତି ଓ ତାଙ୍କ ବଡ଼ପୁଅ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେମାନଙ୍କ ମଧ୍ୟରୁ ବୈଦେଇ ମହାନନ୍ଦିଆଙ୍କ ରବିବାର ସକାଳେ ବୁର୍ଲା ଭିମ୍‌ସାରରେ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସୁବେର ମହାନନ୍ଦିଆ ଓ ବଡ଼ପୁଅ ସୁଶାନ୍ତ ଚିକିତ୍ସାଧୀନ ଅଛନ୍ତି। ପୋଲିସ ବୈଦେଇଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗାଁ ମଶାଣିରେ ତାଙ୍କ ଶେଷକୃତ ସମ୍ପନ୍ନ ହୋଇଛି ।

ପୋଲିସର ସୂଚନା ଅନୁଯାୟୀ, ଶନିବାର ସୁବେର, ପୁଅ ସୁଶାନ୍ତ ଓ ମା' ବୈଦେଇଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡ ଶେଷରେ ଉଗ୍ରରୂପ ଧାରଣ କରିଥିଲା । ପରିସ୍ଥିତି ଏମିତି ରୂପ ନେଇଥିଲା ଯେ, ସମସ୍ତେ ଘରେ ଥିବା କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସାନପୁଅ ପ୍ରଶାନ୍ତ ଘରକୁ ଫେରିବା ପରେ ମା'ବାପା ଓ ଭାଇଙ୍କୁ ଗୁରୁତର ଅବସ୍ଥାରେ ଦେଖି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଭିମ୍‌ସାରକୁ ନେଇଥିଲେ । ହେଲେ ରବିବାର ସକାଳେ ବୈଦେଇଙ୍କ ମୃତ୍ୟୁ ଘଟିଥିଲା । ସୁବେର ଓ ସୁଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଛି। ସେମାନେ ବୈଦେଇଙ୍କ ଶେଷକୃତ୍ୟ କାର୍ଯ୍ୟରେ ଯୋଗଦେଇ ଅଧିକ ଚିକିତ୍ସା ପାଇଁ ଭିମ୍‌ସାରରେ ଭର୍ତ୍ତି ହୋଇଥିବା ପୋଲିସ କହିଛି । ତେବେ କେଉଁ କାରଣରୁ ପରିବାର ୩ ସଦସ୍ୟ ଏପରି ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ।







ଧରିତ୍ରୀ
DHARITRI
ସୋମବାର, ୧୬ ମାର୍ଚ୍ଚ, ୨୦୨୦

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ।
-ଶ୍ରୀଅରବିନ୍ଦ



# କୋଭିଡ୍-୧୯

ସମଗ୍ର ବିଶ୍ୱକୁ ଆତଙ୍କିତ କରିଥିବା କରୋନା ଭୂତାଣୁ ଅଦ୍ୟାବଧି ପ୍ରାୟ ୬ ହଜାର ବ୍ୟକ୍ତିଙ୍କ ଜୀବନ ନେଇ ସାରିଥିବା ବେଳେ ପ୍ରାୟ ୧ ଲକ୍ଷ ୬୧ ହଜାର ଲୋକ ସଂକ୍ରମିତ ହୋଇଛନ୍ତି। ସରକାରୀ ସ୍ତରରେ ଏଭଳି ତଥ୍ୟ ଦିଆଯାଉଛି। ବେସରକାରୀ ଭାବେ ଦେଖିଲେ କେବଳ ଚାଇନାରେ ମୃତ୍ୟୁସଂଖ୍ୟା ଲକ୍ଷାଧିକ ଟପିଥିବା କୁହାଯାଉଛି। କାରଣ ଏକ ଉପଗ୍ରହ ଚିତ୍ରରୁ ଜଣାପଡ଼ିଥିଲା ଯେ, କରୋନାର ଜନ୍ମପୀଠ ଉହାନରେ ସଲ୍‌ଫର ଡାଇଅକ୍ସାଇଡ୍ ସ୍ତର ବଢ଼ିଚାଲିଛି। ଏହାର ଅର୍ଥ ହେଲା ପର୍ଯ୍ୟାପ୍ତ ଗଣଶବଦାହ ହେଲେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍ ମାତ୍ରା ବହୁଗୁଣରେ ବୃଦ୍ଧି ପାଇଥାଏ। ଅବଶ୍ୟ ଚାଇନା ଏହାକୁ ପରବର୍ତ୍ତୀ ସମୟରେ ଖଣ୍ଡନ କରିଥିଲା। ତେବେ ଭାରତରେ ୧୦୭ ଜଣଙ୍କଠାରେ ଏବେ କରୋନା ଭୂତାଣୁ ଥିବା ଚିହ୍ନଟ କରାଯାଇଥିବା ବେଳେ ୨ ଜଣଙ୍କ ପ୍ରାଣହାନି ଘଟିଛି। ପରିସ୍ଥିତିକୁ ଦେଖି ଭାରତ ସରକାର ଏହାକୁ ବିଜ୍ଞପିତ ବିପତ୍ତି ବା ନୋଟିଫାଏଡ୍ ଡିଜାଷ୍ଟର ଘୋଷଣା କରିଛନ୍ତି। କୁହାଯାଉଛି, ଯଦିଓ କରୋନା ଭାଇରସ୍ ସ୍ୱାନିସ୍ ଫ୍ଲୁ ଭଳି ମହାମାରୀର ରୂପ ନେଇ ନାହିଁ, ତଥାପି ଏହାକୁ ନିୟନ୍ତ୍ରଣରେ ରଖାଯାଇ ନ ପାରିଲେ ବ୍ୟାପକ କ୍ଷତି ଘଟାଇବ। ଉଲ୍ଲେଖଯୋଗ୍ୟ, ୧୯୧୮-୧୯ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ସ୍ୱାନିସ୍ ଫ୍ଲୁ ବ୍ୟାପିବା ଯୋଗୁ ପ୍ରାୟ ୫ କୋଟି ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ କୋଟି ସଂକ୍ରମିତ ହୋଇଥିଲେ। ସେତେବେଳେ ଭାରତରେ ସ୍ୱାନିସ୍ ଫ୍ଲୁ ଯୋଗୁ ୧ କୋଟି ୭୦ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ତେବେ ବର୍ତ୍ତମାନର ଭାରତୀୟ ଜନସଂଖ୍ୟା ୧୩୦ କୋଟି ଅତିକ୍ରମ କରିସାରିଥିବାରୁ କରୋନା ଭୂତାଣୁ କୌଣସି ଅଞ୍ଚଳରେ ଅଧିକ ସକ୍ରିୟ ହୋଇଗଲେ ତାହାକୁ ରୋକିବା ଅସମ୍ଭବ ହୋଇପଡ଼ିବ।

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍)ର ଗବେଷକଙ୍କ ମତରେ କରୋନା ଭୂତାଣୁଜନିତ ରୋଗ ୪ ଅବସ୍ଥା ବା ୪ ଷ୍ଟେଜ୍ ଦେଇ ଗତି କରିଥାଏ। ଷ୍ଟେଜ୍ ୧ରେ ଭୂତାଣୁ ଆମଦାନୀ ହୋଇଥାଏ ବା କୌଣସି ଏକ ସ୍ଥାନରୁ ଏହା ଆସିଥାଏ। ଷ୍ଟେଜ ୨ରେ ଏହା ସ୍ଥାନୀୟ ଅଞ୍ଚଳରେ ପ୍ରଭାବ ବିସ୍ତାର କରେ। ସେହିପରି ଷ୍ଟେଜ୍ ୩ରେ ଏହା ଗୋଷ୍ଠୀଗତ ସଂକ୍ରମଣ କରାଉଥିବା ବେଳେ ଷ୍ଟେଜ୍ ୪ ମହାମାରୀ ରୂପ ଧାରଣ କରେ। ଭାରତରେ କରୋନା ଭୂତାଣୁକୁ ବିଜ୍ଞପିତ ବିପତ୍ତି ସ୍ତରରେ ରଖାଯାଇଥିଲେ ହେଁ ଏହା ଷ୍ଟେଜ୍ ୨ ଅବସ୍ଥାରେ ରହିଛି। କେତେକ ବିଶେଷଜ୍ଞଙ୍କ ମତରେ ଭାରତରେ ଏହାକୁ ଏହି ଅବସ୍ଥାରେ ପ୍ରାୟ ୧ ମାସ ପର୍ଯ୍ୟନ୍ତ ଚାପି ଦିଆଯାଇପାରିଲେ ନିୟନ୍ତ୍ରଣ କରାଯାଇପାରିବ। କେତେକେ କହୁଛନ୍ତି ଯେ, ତାପମାତ୍ରା ବଢ଼ିଲେ ଏହି ଭୂତାଣୁ ଆପେ ଆପେ ମରିଯିବେ। କିନ୍ତୁ ଏଭଳି କଥାର କୌଣସି ବୈଜ୍ଞାନିକ ପ୍ରମାଣ ମିଳିପାରି ନାହିଁ। କାରଣ ବର୍ତ୍ତମାନ ଅଷ୍ଟ୍ରେଲିଆ ଓ ସିଙ୍ଗାପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ଥିବା ସ୍ଥଳେ ସେଠାରେ ଭୂତାଣୁ ଚରିବାରେ ଲାଗିଛି। ଯେହେତୁ ଏହି ରୋଗର କୌଣସି ଚିକିତ୍ସା ପଦ୍ଧତି ବାହାର କରାଯାଇପାରି ନାହିଁ, କେବଳ ଅତି ସହଜରେ ସଚେତନତା ମାଧ୍ୟମରେ ହିଁ ଏହାକୁ ରୋକାଯାଇପାରିବ।

ଭାରତରେ ସ୍ୱଚ୍ଛତା ଉପରେ କିଛି ବର୍ଷ ହେବ ଜୋର ଦିଆଯାଇଆସୁଛି। ଲୋକେ ପୂର୍ବାପେକ୍ଷା ଅଧିକ ସଚେତନ ହୋଇଥିଲେ ହେଁ ଏହା ଗଣଆନ୍ଦୋଳନର ରୂପ ନେଇପାରୁ ନାହିଁ। ଏହାର କାରଣ ହେଲା ଆମେ ଭାରତୀୟ ଅତି ମାତ୍ରାରେ ଆବର୍ଜନା ସହ ସୁଖଶାନ୍ତିରେ ବଞ୍ଚିବାକୁ ଚାହୁଁ। ଅଳିଆ ସୃଷ୍ଟି କରୁଥିବା ମଣିଷ ଦେଖୁନାହିଁ ସେହି ଅଳିଆ କେଉଁ ଜାଗାରେ ପଡୁଛି। ଉଦାହରଣ ସ୍ୱରୂପ ଭୁବନେଶ୍ୱର ସହରବାସୀଙ୍କଠାରୁ ଦାରୁଠେଙ୍ଗର ବାସିନ୍ଦା କୋଭିଡ୍-୧୯ ସଂକ୍ରମଣରୁ ବଞ୍ଚିବା ଅଧିକ ସମ୍ଭାବନା ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ସମଗ୍ର ଓଡ଼ିଶାରେ ପ୍ରାୟ ୬୦୦ ଆଇସିୟୁ ଶଯ୍ୟା ରହିଛି। ରାଜ୍ୟର ଜନସଂଖ୍ୟା ତୁଳନାରେ ଏହା ଅତ୍ୟନ୍ତ ନଗଣ୍ୟ। ସେଭଳି ସ୍ଥଳେ ସରକାର କିମ୍ବା ବ୍ୟବସ୍ଥାକୁ ଦାୟୀ କରିବା ପରିବର୍ତ୍ତେ ପ୍ରତ୍ୟେକ ନାଗରିକ ନିଜେ ନିଜର ପରିପାର୍ଶ୍ୱ ଓ ବ୍ୟକ୍ତିଗତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଭାରତରେ ସାଧାରଣତଃ ଦେଖାଯାଏ ଯେ, ଆମେ ଏକ ଅମାନିଆ ଜାତି। ନିଜର ସ୍ୱାର୍ଥ ପାଇଁ ଅନ୍ୟ ସମସ୍ତଙ୍କୁ ଜଳାଞ୍ଜଳି ଦେବାରେ ଆମର ଦ୍ୱିଧା ରହେ ନାହିଁ। ଏବେ ଯେତେବେଳେ ୟୁରୋପ ଓ ଆମେରିକାରେ ସ୍କୁଲ, କଲେଜ, ହଷ୍ଟେଲ ବନ୍ଦ କରାଯାଉଛି, ସେହିସବୁ ସଂକ୍ରମିତ ଅଞ୍ଚଳରେ ପାଠ ପଢୁଥିବା ଭାରତୀୟ ଛାତ୍ରୀଛାତ୍ର ଦେଶାଭିମୁଖୀ ହେଉଛନ୍ତି। ସାଧାରଣରେ ଆଶା କରାଯାଏ ଯେ, ସେମାନଙ୍କ ପରିବାର ଦାୟିତ୍ୱବାନ ହୋଇ ସେହି ପିଲାମାନଙ୍କୁ ୧୪ ଦିନ ପର୍ଯ୍ୟନ୍ତ ଏକୁଟିଆ ରଖିବେ ଏବଂ ପରିବାରର ସବୁ ସଦସ୍ୟ ତାଙ୍କ ନିକଟକୁ ଯିବେ ନାହିଁ। କିନ୍ତୁ ଭାରତୀୟ ପରିବାର ସେଭଳି ସଦ୍‌ବୁଦ୍ଧି ପ୍ରଦର୍ଶନ କରିବେ ଭାବିବା ବୋକାମି। ଅମାନ୍ୟ ହେବା ସହିତ ଆମର ଅନ୍ୟ ଏକ ଦୃଷ୍ଟାନ୍ତମୂଳକ ଚରିତ୍ର ହେଲା ଭୟଭୀତ ହେବା। ସେଥିପାଇଁ ଆଗାମୀ ଦିନଗୁଡ଼ିକରେ କରୋନା ଭୂତାଣୁ ସମ୍ପର୍କରେ ଅନେକ ଗୁଜବ ସୃଷ୍ଟି କରିବା ସହିତ ସମ୍ପୂର୍ଣ୍ଣ ଭାବେ ଭୟଭୀତ ହୋଇ ଥରିବା ଆମ ଭାଗ୍ୟରେ ହୁଏତ ଲେଖାହୋଇଛି। ସେଥିପାଇଁ ଗୁଜବକୁ ବିଶ୍ୱାସ କରିବା ପରିବର୍ତ୍ତେ ନିଜର ସର୍ବନିମ୍ନ ସ୍ୱଚ୍ଛତା ଦିଗକୁ ଦୃଷ୍ଟି ଦେଲେ ସମସ୍ତଙ୍କ ପାଇଁ ମଙ୍ଗଳ ହୋଇପାରେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | | 9 | 7 | C | | | | | 8 | E | | |
| 8 | | | | C | 5 | | D | 4 | | 2 | B | 1 | | |
| | | | 6 | | | 8 | A | | | | | 7 | 2 | 4 |
| | | | | | 1 | | | | 6 | 3 | | | | |
| | 2 | 3 | D | | | | 7 | 6 | | E | | | | |
| | | | | | D | | E | | 4 | 5 | | | | |
| D | B | | | | 3 | 1 | | | | | | | 7 | A |
| 2 | | | 9 | | | | | 5 | | 7 | | C | | D |
| | 0 | | | | 4 | | | | B | | | 9 | | |
| C | | | A | 7 | | | 0 | | | | | | | |
| | A | | | 4 | 6 | | C | 2 | 1 | D | | | 3 | |
| 1 | | 8 | | | | E | | | | B | | 5 | A | |
| | | 4 | 5 | E | | | | | | | 2 | B | | 7 |
| | 9 | | | | | | 3 | 0 | | 4 | E | 2 | | 6 |
| | | | | 3 | | | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | D | A | 3 | 5 | C | 4 | 6 | 2 | 0 | 9 | E | 8 | B | 1 |
| 9 | C | 4 | B | 0 | 2 | E | 8 | 1 | A | 3 | 6 | D | 7 | 5 |
| E | 1 | 2 | A | 8 | 4 | B | 3 | 9 | 5 | D | 7 | 0 | C | 6 |
| 6 | 8 | B | D | 9 | E | 0 | 7 | 5 | 2 | C | 1 | 4 | A | 3 |
| 3 | 5 | 0 | 6 | 7 | 1 | C | A | D | 8 | B | 4 | 9 | E | 2 |
| C | B | 7 | 4 | 3 | 5 | A | 2 | 8 | 1 | 6 | 0 | E | 9 | D |
| 4 | 9 | 6 | 2 | D | B | 7 | E | C | 3 | 8 | 5 | A | 1 | 0 |
| 2 | A | 5 | 9 | E | 0 | D | 1 | B | 7 | 4 | C | 6 | 3 | 8 |
| 1 | 0 | D | C | A | 8 | 6 | 5 | 3 | 9 | E | B | 2 | 4 | 7 |
| 8 | 3 | E | 1 | 6 | 7 | 9 | 4 | 0 | D | 2 | A | B | 5 | C |
| 5 | 6 | C | E | 4 | A | 2 | 0 | 7 | B | 1 | 8 | 3 | D | 9 |
| A | 7 | 3 | 0 | B | 9 | 8 | C | 6 | E | 5 | D | 1 | 2 | 4 |
| D | E | 8 | 7 | 1 | 3 | 5 | 9 | A | 4 | 0 | 2 | C | 6 | B |
| B | 4 | 1 | 8 | 2 | 6 | 3 | D | E | C | 7 | 9 | 5 | 0 | A |
| 0 | 2 | 9 | 5 | C | D | 1 | B | 4 | 6 | A | 3 | 7 | 8 | E |

ଗତକାଲିର ଉତ୍ତର

# ନାରୀ ସଶକ୍ତୀକରଣ ଓ ଗାନ୍ଧିଜୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ। ନାରୀ ମୁକ୍ତି ଆନ୍ଦୋଳନର ସଶକ୍ତ ପ୍ରବକ୍ତା। ତାଙ୍କ ମତରେ ସମାଜରୂପକ ଗାଡ଼ିର ଦୁଇଟି ଚକ- ନାରୀ ଓ ପୁରୁଷ। ଏ ଦୁଇଟି ଚକ ସମାନ ଭାବରେ ନ ଚାଲିଲେ ସମ୍ଭବ ହେବନି ପରିବାର ତଥା ସମାଜର ସର୍ବାଙ୍ଗୀନ ଉନ୍ନତି। ଏ କଥା ସତ୍ୟ ଯେ ମନୁଷ୍ୟ ଭାବରେ ନାରୀ ଓ ପୁରୁଷ ଭିନ୍ନ ନୁହନ୍ତି, ଏକ ଓ ସମାନ। ମାତ୍ର ଆମ ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାରେ ରହିଛି ଏକ ଭାରସାମ୍ୟହୀନ ବ୍ୟବଧାନ। ଯେଉଁ ବ୍ୟବଧାନ ବିରୁଦ୍ଧରେ ପ୍ରଶ୍ନ ପଚାରିବା କିମ୍ବା ପ୍ରତିବାଦ କରିବା ପାଇଁ କେବେ ସାହସ ଜୁଟେଇ ପାରି ନ ଥିଲା ପ୍ରାକ୍ ସ୍ୱାଧୀନତାକାଳୀନ ଭାରତୀୟ ନାରୀ। କାରଣ ସେ ଜାଣିଥିଲା ପ୍ରଶ୍ନ ପଚାରିବା କିମ୍ବା ପ୍ରତିବାଦ କରିବା ନାରୀ ଧର୍ମର ପରିପନ୍ଥୀ। ଯେକୌଣସି ପରିସ୍ଥିତିରେ ସବୁ ଅନ୍ୟାୟ ଅତ୍ୟାଚାରକୁ ସହିଯିବା ହିଁ ନାରୀର ଆଦର୍ଶ। ତେଣୁ ପ୍ରଚଳିତ ପରମ୍ପରାକୁ ନିଷ୍ଠାର ସହ ପାଳନ କରି ଯିଏ ନିଜ ପ୍ରତି ଯେତେ ବେଶି ଅବହେଳା ପ୍ରଦର୍ଶନ କରିପାରେ, ସେ ସମାଜ ଆଖିରେ ହୁଏ ସେତେ ବେଶି ମହୀୟସୀ।

ମହୀୟସୀ ହେବା ମୋହରେ ଭାରତୀୟ ସମାଜରେ ନାରୀ କେବେ ପୁରୁଷ ସହ ସମତୁଲ ଜୀବନ ବଞ୍ଚିନି ବରଂ ବଞ୍ଚିଚି ନିହାତି ଏକ ଅବହେଳିତ ଜୀବନ। ସେଥିପାଇଁ ନାରୀ ଏଠି ଅବଳା ଓ ଦୁର୍ବଳା। ନିଜ ଗୋଡ଼ରେ ନିଜେ ଛିଡ଼ାହେବା ତଥା ନିଜକୁ ସୁରକ୍ଷା ଦେବା କ୍ଷେତ୍ରରେ ସେ ଅସହାୟ। ନାରୀର ଏହି ଅସହାୟତାକୁ ଅସ୍ୱୀକାର କଲେ ପ୍ରଥମେ ଗାନ୍ଧିଜୀ। ପରମ୍ପରାଗତ ବିଚାରବୋଧକୁ ଭାଙ୍ଗିବା ପାଇଁ ସେ ଭାରତୀୟ ନାରୀ ସମ୍ମୁଖରେ ଟେକି ଧରିଲେ ପୁରାଣ ଓ ଇତିହାସର ତେଜୋଦୀପ୍ତ, ସ୍ୱାଭିମାନୀ ନାରୀଙ୍କର ଆଦର୍ଶ। ନିଜକୁ ଅସହାୟ ମଣୁଥିବା ନାରୀଙ୍କୁ ଘର କୋଣରୁ ଆକର୍ଷି ଆଣି ସେମାନଙ୍କ ଭିତରେ ଭରିଦେଲେ ଅସାମାନ୍ୟ ସାହସ, ସାମର୍ଥ୍ୟ ଓ ଆତ୍ମସନ୍ତୋଷ। ସେମାନଙ୍କ ବ୍ୟକ୍ତି ମର୍ଯ୍ୟାଦାକୁ ଯଥେଷ୍ଟ ଗୁରୁତ୍ୱ ଦେବା ସହିତ ତାଙ୍କ ମୌଳିକ ଅଧିକାର କ୍ଷେତ୍ରରେ ଯୋଡ଼ିଲେ ନୂଆ ଦିଗନ୍ତ। ମହିଳାଙ୍କୁ କେହି ଅବଳା ଦୁର୍ବଳା କହିଲେ ସେ ତା'ର ଦୃଢ ପ୍ରତିବାଦ କରି କହନ୍ତି- ମହିଳାମାନଙ୍କୁ ଦୁର୍ବଳ ବିବେଚନା କରିବା ଅର୍ଥ ସେମାନଙ୍କ ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବା ସହ ସମାନ।

ଗାନ୍ଧିଜୀ କହୁଥିଲେ, ନାରୀ ନିଜର ଅନ୍ତର୍ନିହିତ ଶକ୍ତିକୁ ବିନିଯୋଗ କରିପାରିଲେ ନାରୀତ୍ୱର ପୂର୍ଣ୍ଣ ବିକାଶ ହେବା ସହିତ ସମାଜ ଆଗକୁ ବଢ଼ିପାରିବ ଠିକଣା ଭାବରେ। ତେଣୁ ରକ୍ଷଣଶୀଳ ସମାଜରୁ ଆଗକୁ ଆସିବା ପାଇଁ ସେ ପ୍ରଥମେ କସ୍ତୁରବାଙ୍କୁ ସାମିଲ କଲେ ସ୍ୱାଧୀନତା ସଂଗ୍ରାମରେ। ୧୯୧୯ ମସିହାରେ ବମ୍ବେରେ ଏକ ମହିଳା ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଥିଲେ- ଯେପର୍ଯ୍ୟନ୍ତ ପୁରୁଷଙ୍କ ପରି ମହିଳାମାନେ ଦେଶର ସାମୂହିକ ବିକାଶରେ ସମଭାଗୀ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଦେଶର ବିକାଶ ଅସମ୍ଭବ।

ଭାରତୀୟ ମୁକ୍ତିସଂଗ୍ରାମ ପରିପ୍ରେକ୍ଷୀରେ ନାରୀ ଜାଗରଣ ଥିଲା ଗାନ୍ଧିବାଦୀ ଚିନ୍ତନର ମହତ୍ତ୍ୱପୂର୍ଣ୍ଣ ଦିଗ। ଖେଡ଼ା ଓ ବର୍ଦ୍ଦୋଲୀ ସତ୍ୟାଗ୍ରହରେ ଗାନ୍ଧିଜୀ ନିଜ ପ୍ରୟୋଗରେ ସଫଳ ହେଲେ, ଯେଉଁ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ବହୁ ସଂଖ୍ୟକ ଉଚ୍ଚବର୍ଗର ଅଭିଜାତ ମହିଳା। ତା'ର ଗଭୀର ପ୍ରଭାବ ଅନୁଭୂତ ହେଲା ଦେଶବ୍ୟାପୀ ମହିଳା ସମାଜ ଉପରେ। ବର୍ଦ୍ଦୋଲୀ ସଫଳତା ସାରା ଦେଶରେ ଏଭଳି ପ୍ରଭାବ ପକାଇଲା ଯେ ତାକୁ ଏଡ଼େଇ ପାରି ନ ଥିଲେ ଦୁର୍ଗମ, ଅପନ୍ତରା ପଲ୍ଲୀ ଅଞ୍ଚଳରେ ଚୁଲିମୁଣ୍ଡରେ କାଳ କାଟୁଥିବା ମହିଳାମାନେ। ଗାନ୍ଧିଜୀଙ୍କ ଆହ୍ୱାନକ୍ରମେ ବନ୍ଦିନୀ ଜୀବନରୁ ମୁକୁଳି ଆସି ସେମାନେ ଯୋଗଦେଲେ ମୁକ୍ତି ସଂଗ୍ରାମରେ। ମନମୋହନ ଚୌଧୁରୀଙ୍କ ବକ୍ତବ୍ୟ ଅନୁସାରେ ରମାଦେବୀ, ମାଳତୀ ଦେବୀ ଓ କୁଜଙ୍ଗ ରାଣୀଙ୍କ ନେତୃତ୍ୱରେ ହଜାର ହଜାର ନିପଟ ଗାଉଁଲି ମହିଳା ଟୋକେଇ ପାଛିଆ ଧରି ଆଇନ ଭାଙ୍ଗି ମାଟି ସଂଗ୍ରହ କରିବାରେ ଲାଗିଲେ। ଯେଉଁ ମହିଳାମାନେ ବାହାର ଲୋକ ଦେଖିଲେ ଲମ୍ବା ଓଢ଼ଣା ଟାଣି ଘର କୋଣରେ ପଶୁଥିଲେ, ସେମାନଙ୍କର ଏ କାଣ୍ଡ ଦେଖି ବଲବଲ କରି ଚାହିଁଲେ ସେଠାରେ ଉପସ୍ଥିତ ଥିବା ପୋଲିସ ଓ ହାକିମ। ଅର୍ଥାତ୍ ସାରା ଭାରତବର୍ଷରେ ନାରୀ ସମାଜ ଭିତରେ ଯେତେବେଳେ ଉନ୍ମାଦନାର ସ୍ରୋତ ଛୁଟିଲା ସେତେବେଳେ ଘରକୋଣରେ ପଶି ନ ଥିଲେ ଓଡ଼ିଶାର ମହିଳାମାନେ।

୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ ଗାନ୍ଧିଜୀ। ପରଦିନ କଟକ ବିନୋଦ ବିହାରୀଠାରେ କେବଳ ମହିଳାମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା, ଯେଉଁ ସଭାରେ ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ଓଡ଼ିଆରେ ଅନୁବାଦ କରିଥିଲେ ସତ୍ୟାଗ୍ରହର ସୁକନ୍ୟା ସାରଳା ଦେବୀ। ୧୯୨୪ମସିହା ଜୁନ୍ ୩୦ରେ କଟକ ସ୍ୱରାଜ ଆଶ୍ରମରେ ଏକ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଯୋଗଦେଇଥିଲେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ଦୁଇଶହ ମହିଳା। ୧୯୩୨ ମସିହାରେ ଓଡ଼ିଶାରେ ହେବାକୁ ଥିବା କଂଗ୍ରେସ ଅଧିବେଶନ ନିମନ୍ତେ ପୁରୀରେ ଯେଉଁ ସ୍ୱେଚ୍ଛାସେବୀ ତାଲିମ କେନ୍ଦ୍ର ଅନୁଷ୍ଠିତ ହୋଇଥିଲା, ସେଥିରେ ତାଲିମ ନେଇଥିଲେ ୫୫ଜଣ ପୁରୁଷଙ୍କ ସହ ୩୩ଜଣ ମହିଳା। ପରବର୍ତ୍ତୀ ସମୟରେ ଏହି ତାଲିମପ୍ରାପ୍ତ ନାରୀନେତ୍ରୀମାନେ ଗ୍ରହଣ କରିଥିଲେ ନାରୀ ଜାଗରଣ ତଥା ଗାନ୍ଧୀ ବାର୍ତ୍ତା ପ୍ରଚାରର ଅଗ୍ରଣୀ ଭୂମିକା। ଲବଣ ସତ୍ୟାଗ୍ରହ ବେଳେ ବାଲେଶ୍ୱର ଇଞ୍ଚୁଡ଼ିରେ ପହଞ୍ଚି ଆଇନଅମାନ୍ୟ କରିଥିଲେ ଶହଶହ ମହିଳା ସତ୍ୟାଗ୍ରହୀ। ୧୯୪୨ ଭାରତଛାଡ଼ ଆନ୍ଦୋଳନ ବେଳେ କେବଳ କଟକ ଜେଲରେ ବନ୍ଦୀହୋଇ ରହିଥିଲେ ୨୩ଜଣ ମହିଳା ସତ୍ୟାଗ୍ରହୀ। ୧୯୩୪ମସିହାରେ ପୁରୀରୁ ଭଦ୍ରକ ହରିଜନ ପଦଯାତ୍ରା ବେଳେ ଗାନ୍ଧିଜୀଙ୍କୁ ଅଭିଭୂତ କରିଥିଲା ଓଡ଼ିଶା ମହିଳା ସତ୍ୟାଗ୍ରହୀମାନଙ୍କ ଦେଶପ୍ରେମ ଓ ସେବା ମନୋଭାବ। ବିଶେଷ କରି ରମାଦେବୀଙ୍କ ଅଦ୍ଭୁତ ସାଂଗଠନିକ ଶକ୍ତି ତାଙ୍କୁ ଏଭଳି ଚକିତ କରିଦେଇଥିଲା ଯେ ସେ ତାଙ୍କ ପ୍ରେମରେ ପଡ଼ିଯାଇଛନ୍ତି ବୋଲି କହିପକେଇଥିଲେ ମଜାରେ। ପଦଯାତ୍ରା ବେଳେ ମହିଳା କର୍ମୀମାନଙ୍କ ଦେଶଭକ୍ତି ଓ କାମ କରିବାର ଐକାନ୍ତିକ ସ୍ପୃହା ଲକ୍ଷ୍ୟକରି ସେ କହିଥିଲେ, ଭାରତରେ ହଜାର ହଜାର ସ୍ତ୍ରୀ ଲୋକଙ୍କ ସହିତ ମିଶିବାର ସୁଯୋଗ ମୋତେ ମିଳିଛି, ମୁଁ ସେମାନଙ୍କର କାମ ଦେଖିଛି, କିନ୍ତୁ ରମାଦେବୀ ଓ ତାଙ୍କ ଛୋଟିଆ ଦଳଟି ଯେପରି ସ୍ୱାଭାବିକ ଓ ସୁନ୍ଦର ଭାବରେ କାର୍ଯ୍ୟ କରିଯାଉଥିବାର ଦେଖିଲି ତାହା ଅନ୍ୟତ୍ର ବିରଳ। ବାସ୍ତବରେ ଆତ୍ମତ୍ୟାଗ ଓ ଜନସେବାର ଅସୀମ ସାମର୍ଥ୍ୟ ରଖିଥିଲେ ମା' ରମାଦେବୀ।

ବରୀର ଅଳକା ଆଶ୍ରମ ଥିଲା ନାରୀ ଜାଗରଣର ପ୍ରଧାନ କେନ୍ଦ୍ର। ଗୋଦାବରୀ ଦେବୀ, ସୁଶୀଳା ଦେବୀ, ତୁଳସୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ମାଣିକ ଦେବୀ, ମଙ୍ଗଳା ସେନ୍‌ଗୁପ୍ତ, ଶୋଭାରାଣୀ ପଣ୍ଡା ପ୍ରମୁଖ ସେହିଠାରୁ ହିଁ ପାଇଥିଲେ ଦେଶସେବାର ଶିକ୍ଷା। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ନାରୀମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କଲାବେଳେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ଆଖିଆଗକୁ ଆସେ ତାହା ହେଲା ୨୮ଟି ଦମ୍ପତିଙ୍କ କାରାବରଣ। ରମାଦେବୀ, ସରଳା ଦେବୀ, ହାରାମଣି ଦେବୀ, ପ୍ରିୟମ୍ବଦା ଦେବୀ, ଗୋଦାବରୀ ଦେବୀ, ଶଶିକଳା କାନୁନ୍‌ଗୋ, ଶକୁନ୍ତଳା ଦାସ, କିରଣବାଳା ମହାନ୍ତି, ସୁନ୍ଦରମଣି ଦେବୀ, ଜମ୍ବୁବତୀ ଦେବୀ ପ୍ରମୁଖ ନାରୀ ସତାଗ୍ରହୀମାନେ ନିଜ ସ୍ୱାମୀଙ୍କ ସହ ମିଶି ଇଂରେଜ ସରକାରଙ୍କ ବିରୋଧରେ ଲଢେଇ କରିଛନ୍ତି ଏବଂ କାରାବରଣ କରିଛନ୍ତି ଗାନ୍ଧିଜୀଙ୍କ ଆହ୍ୱାନକ୍ରମେ।

ଭାରତରେ ବ୍ୟବସ୍ଥାପକ ସଭାଗୁଡ଼ିକରେ ମହିଳାମାନଙ୍କ ଆନୁପାତିକ ପ୍ରତିନିଧିତ୍ୱ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥିଲେ ଗାନ୍ଧିଜୀ। ୧୯୩୧ ମସିହାରେ ତାଙ୍କୁ ଲଣ୍ଡନରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଯେଉଁ ବ୍ୟବସ୍ଥାପକ ସଭାରେ ମହିଳାମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ରହିବନି, ସେଭଳି ସଭାକୁ ବୟକଟ କରିବା ଉଚିତ ଏବଂ ସେ ଏହି ନୀତିକୁ ଅବଲମ୍ବନ କରିବେ ଭାରତ ବର୍ଷରେ। ଅଥଚ ସ୍ୱାଧୀନତାର ୭୩ବର୍ଷ ପରେ ବି ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଭାରତର ବ୍ୟବସ୍ଥାପକ ସଭାଗୁଡ଼ିକରେ ମହିଳାମାନଙ୍କୁ ମିଳିପାରିନି ଉପଯୁକ୍ତ ପ୍ରତିନିଧିତ୍ୱ।

ଅଧ୍ୟକ୍ଷ, ଫୁଲମତି ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ- ୯୪୩୮୮୫୫୦୮୮

# ଶାସନ ଯଦି ସହୃଦୟୀ ହୁଏ



ରଞ୍ଜନ କୁମାର ଦାସ

କୁହାଯାଏ ସ୍ୱର୍ଗରେ ଇନ୍ଦ୍ର ବଦଳନ୍ତି ସିନା, ଶଚୀ ସେମିତି ଥାଆନ୍ତି। ମର୍ତ୍ତ୍ୟରେ ସେମିତି ସରକାର ବଦଳନ୍ତି ସିନା, ପ୍ରଶାସକମାନେ ଥାଆନ୍ତି। ଶାସନ ବ୍ୟବସ୍ଥାରେ ସ୍ଥିରତା, ନିରନ୍ତରତା ଓ ଗତିଶୀଳତା ଆଣିବା ପାଇଁ ଏହା ଉଦ୍ଦିଷ୍ଟ। ତେଣୁ ଦେଶ ବା ରାଜ୍ୟରେ ସରକାର ଥାଆନ୍ତୁ ବା ନ ଥାଆନ୍ତୁ, ଶାସନ ଚାଲିବାରେ କିଛି ଅସୁବିଧା ନ ଥାଏ। ଲୋକମାନଙ୍କ ମନ ଭିତରେ ପ୍ରଶାସକମାନେ ଏକ ସ୍ଥାନ ଅଧିକାର କରିଥାନ୍ତି। ପୁଣି ଆମ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାରରେ କୌଣସି ନା କୌଣସି ଦଳର ଲୋକମାନେ ସ୍ଥାନିତ ହୁଅନ୍ତି। ସେମାନେ ତାଙ୍କ ଦଳର ସମର୍ଥକମାନଙ୍କୁ ପ୍ରାଧାନ୍ୟ ଦେବା ଆଶ୍ଚର୍ଯ୍ୟଜନକ ନୁହେଁ। ତେଣୁ ଅନ୍ୟମାନେ କେମିତି ତାଙ୍କ ନାଗରିକ ଅଧିକାର ପାଇବେ? ସେମାନେ ପ୍ରଶାସକମାନଙ୍କ ଉପରେ ଭରସା କରନ୍ତି, ଯେଉଁମାନେ କୌଣସି ଦଳର ନୁହନ୍ତି।

ନିଜର ସର୍ବନିମ୍ନ ଦାବି ଓ ଆବଶ୍ୟକତା ପୂରଣ ପାଇଁ ଲୋକେ ନିତି ବ୍ଲକ୍, ତହସିଲ, ଥାନା ଆସନ୍ତି। ଏଠି ତାଙ୍କର ଆବଶ୍ୟକତା ପୂରଣ ନ ହେଲେ ସେମାନେ ଜିଲାପାଳ ବା ଏସ୍.ପି.ଙ୍କ କବାଟ ଠକ୍‌ଠକ୍ କରନ୍ତି। ବ୍ରିଟିଶ ଅମଳରୁ ଏ ଦୁଇଟି ପଦବୀର ଗୁରୁତ୍ୱ ରହିଆସିଛି। ଲୋକେ ଭାବନ୍ତି ଜଣେ ଜିଲାପାଳ ଚାହିଁଲେ ଯାହା ଇଚ୍ଛା ତା' କରିପାରିବେ। ଭଗବାନ ଭକ୍ତର ପ୍ରାର୍ଥନା ଶୁଣି ବରଦେଲା ଭଳି, ଜିଲାପାଳ ଚାହିଁଲେ ଗୃହହୀନଙ୍କୁ ଘର ଦେଇପାରିବେ, ଭୂମିହୀନଙ୍କୁ ଜମି ଦେଇପାରିବେ, ବାପାମା' ନ ଥିବା ପିଲାଙ୍କୁ ଆଶ୍ରା ଦେଇପାରିବେ, ଚିକିତ୍ସା ଅଭାବରୁ ମରଣ ସହ ଲଢୁଥିବା ଲୋକଙ୍କୁ ଚିକିତ୍ସା ସହାୟତା ଦେଇପାରିବେ। ଅବଶ୍ୟ ଏବେ ପରିସ୍ଥିତି ବଦଳିଥିବା ସତ୍ତ୍ୱେ ଲୋକଙ୍କର ଏ ଧାରଣା ବଦଳିନାହିଁ। ଅନିଲ କପୁରଙ୍କ ହିନ୍ଦୀ ଚଳଚ୍ଚିତ୍ର ନାୟକ ଦେଖିଥିବା ଲୋକେ ଏକଥା ନିଶ୍ଚୟ କହିବେ ଯେ ଗୋଟିଏ ଦିନର ଜିଲାପାଳ ଯଦି ଏତେ କଥା କରିପାରେ, ସ୍ଥାୟୀ ଜିଲାପାଳ ଜଣେ କ'ଣ ନ କରିପାରିବ। ସାଧାରଣ ଲୋକେ ଭାବନ୍ତି ଜିଲାପାଳମାନେ ଆଲ୍ଲାଦିନର କୁହୁକ ଦୀପ ଭଳି କିଛି ଅଲୌକିକ ଶକ୍ତିର ଅଧିକାରୀ। ଯାହା ଜଣେ କଲେକ୍ଟର ହାତରେ ହୋଇପାରିବନି ବୋଧହୁଏ ଆଉ କୋଉଠି ହୋଇପାରିବନି।

ନିକଟରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ଆବଶ୍ୟକ ପ୍ରଶିକ୍ଷଣ ନେବାପାଇଁ ଚଣ୍ଡୀଗଡ଼ ଆସିଥିବା ଅବସରରେ ଟ୍ରେନିଂ ଦେବାପାଇଁ ଆସୁଥିବା ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପ୍ରାକ୍ତନ ଆଇଏଏସ୍ ଅଧିକାରୀମାନଙ୍କ ମୁହଁରେ ଏଇ କଥା ହିଁ ଶୁଣିବାକୁ ମିଳିଥିଲା। ଏବେ ମଧ୍ୟ ମୁଁ ଅନୁଭବ କରିଚି ଲୋକେ ତାଙ୍କ ଘରେ ବାପପୁଅ ଭିତରେ ଥିବା କଳି, ସ୍ୱାମୀ-ସ୍ତ୍ରୀ ଭିତରେ ଥିବା ମନୋମାଳିନ୍ୟ ତୁଟେଇବାକୁ ମଧ୍ୟ ଜିଲାପାଳଙ୍କ ପାଖକୁ ଆସନ୍ତି। ପାଠ ପଢ଼ିବାକୁ ପାଖରେ ପଇସା ନ ଥିବା ପିଲା ମଧ୍ୟ କାନ୍ଦ କାନ୍ଦ ମୁହଁରେ ସାହାଯ୍ୟ ପାଇଁ ଆସନ୍ତି। ଦାୟିତ୍ୱହୀନ ମଦୁଆ ସ୍ୱାମୀଙ୍କ ଅବହେଳା ବାବଦରେ ଗୁହାରି କରିବାକୁ ସ୍ତ୍ରୀମାନେ ଆସନ୍ତି। ବାପଛେଉଣ୍ଡ ଛୁଆଏ ସାହାରା ପାଇଁ ଆସନ୍ତି। ଡାକ୍ତରଖାନାରେ ମରଣ ସହ ଯୁଝୁଥିବା ସ୍ୱାମୀର ଜୀବନ ମାଗିବାକୁ ଅସହାୟ ସ୍ତ୍ରୀମାନେ ଆସନ୍ତି। ବେଳ ହେଇଗଲେ ପହଡ଼ ପାଇଁ ମନ୍ଦିର ଦୁଆର ବନ୍ଦ ହେଇଯାଇପାରେ। ମାତ୍ର ଏଭଳି ଲୋକମାନଙ୍କ ଅଶ୍ରୁଳ ନିବେଦନକୁ ଏଡେଇ ଚଉକିରୁ ଉଠିଯିବା କୋଉ ଜିଲାପାଳ ପକ୍ଷରେ ସମ୍ଭବ ନୁହେଁ। ଗୋଟିଏ ଛୋଟ ଘଟଣା ମୋର ଏବେ ବି ମନେଅଛି। ମୁଁ ଯାଜପୁରରେ ନୂଆକରି ଯୋଗଦେଇଥାଏ। ଜଣେ ବୃଦ୍ଧା ଥରେ ଅଫିସ୍‌ରେ ବିକଳ ହେଇ ମତେ ଖୋଜୁଥାନ୍ତି। କିନ୍ତୁ ପ୍ରଶାସନିକ ବଳୟ ଡେଇଁ ମୋ ପାଖକୁ ଆସିପାରୁ ନ ଥାନ୍ତି। ମୁଁ ଖାଇବାକୁ ଉଠିଲା ବେଳକୁ ତାଙ୍କ ଉପରେ ଦୃଷ୍ଟି ପଡ଼ିଲା। ମୁଁ ତାଙ୍କୁ ଡାକି କଥା କ'ଣ ବୋଲି ପଚାରିଲି। ତାଙ୍କ ପୁଅ କର୍କଟପୀଡ଼ିତ ହେଇ କଟକରେ ଚିକିତ୍ସିତ ହେଉଥାନ୍ତି। ବୃଦ୍ଧା ଜଣକ କହୁ କହୁ କାନ୍ଦି ପକେଇଲେ। ମୁଁ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ କୋଡ଼ିଏ ହଜାର ଟଙ୍କା ଅନୁଦାନ ଦେବା ସହ କର୍କଟ କେନ୍ଦ୍ରର ନିର୍ଦ୍ଦେଶକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଚିଠି ଲେଖିଲି। ପ୍ରାୟ ତିନି ଚାରିମାସ ପରେ ସେ ବୃଦ୍ଧା ଥରେ ମୋ ଅଭିଯୋଗ ପ୍ରକୋଷ୍ଠରେ ଆସି ମତେ ଖୋଜୁଥାନ୍ତି। ମୋ ଦୃଷ୍ଟି ପଡିବାରୁ ତାଙ୍କୁ ପାଖକୁ ଡାକିଲି। ସେ ମତେ ଧରିପକେଇ ଆଉଁଶି ପକେଇଲେ ଓ କହିଲେ ପୁଅ ତୁ ମୋ ପୁଅକୁ ବଞ୍ଚେଇଦେଲୁ। ଆଜିଠୁ ତୁ ମୋ ପୁଅ ଭଳି। ତତେ ମା' ବିରଜା, ଜଗନ୍ନାଥ ମହାପ୍ରଭୁ କୋଟି ପରମାୟୁ ଦିଅନ୍ତୁ। ଶଙ୍ଖରେ ପୂରେଇ ଚକ୍ରରେ ଘୋଡ଼େଇ ରଖିଥାନ୍ତୁ। ଅବଶ୍ୟ ରିଲିଫ ପାଣ୍ଠିର କୋଡ଼ିଏ ହଜାର ଟଙ୍କା ଯେ ତାଙ୍କ ପୁଅର ଜୀବନ ବଞ୍ଚେଇଦେଲା ଏକଥା କହିବା ବାହୁଲ୍ୟ ହେବ। ତାଙ୍କର ଆୟୁଷ ଥିଲା, ତେଣୁ ଭଗବାନ ବଞ୍ଚେଇଦେଲେ। ମାତ୍ର ସେ ଭାବିଲେ ଯେ ଏଇ ସମୟୋଚିତ ସାହାଯ୍ୟ ହିଁ ତାଙ୍କୁ ବଞ୍ଚେଇଦେଲା।

ଜଣେ ପ୍ରଶାସକ ଯେଉଁଦିନ ଲୋକଙ୍କ ହସକାନ୍ଦରେ ସାମିଲ ହେଇଯିବ ସେଦିନ ସେ ତାଙ୍କରି ଭିତରେ ଜଣେ ହେଇ ରହିଯିବ। ଭାରତୀୟ ପ୍ରଶାସନିକ ସେବାର ପ୍ରଶିକ୍ଷଣ ବେଳେ ଏଇ ଛୋଟ କଥାଟିକୁ ବାରମ୍ବାର ଆମକୁ କୁହାଯାଇଥାଏ ଯେ ଲୋକଙ୍କ ନିକଟତର ହୁଅ। ଯୋଉଦିନ ସେମାନେ ଅନୁଭବ କରିବେ ଯେ, ଆମର ଦାୟିତ୍ୱ ନେଇଥିବା ଲୋକଟି ଆମକଥା ଠିକ୍‌ଭାବରେ ବୁଝୁଚି ସେଦିନ ସେମାନେ ତାଙ୍କ ଛୋଟ ମୋଟ ଦୁଃଖ, ଛୋଟମୋଟ ଦାବି ଆପତ୍ତି ମଧ୍ୟ ଭୁଲିଯିବେ। ସେମାନେ ଅଡି ବସିବେ ନାହିଁ ଯେ ମୋ କଥା କେହି ବୁଝିଲେ ନାହିଁ। ସେମାନେ କହିବୁଲିବେ ନାହିଁ ଯେ ପ୍ରଶାସନରେ ଥିବା ଲୋକଗୁଡ଼ା ହୃଦୟହୀନ। ସେମାନେ ନିଜକଥା ଛଡ଼ା ଆଉ କାହାକଥା ବୁଝନ୍ତି ନାହିଁ! ଲୋକ ମନରେ ଖୁସି ଥିବାର ବା ସନ୍ତୁଷ୍ଟ ହେଇପାରିଥିବାର ଏଇ କ୍ଷୁଦ୍ରତର ଅଥଚ ଆଭାସୀ ଅନୁଭବ ଟିକକ ହିଁ ଆମ ଶାସନ ବ୍ୟବସ୍ଥାକୁ ଆହୁରି ମହତ୍ତର କରିବ। ଅବଶ୍ୟ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଚିରକାଳ ଦ୍ୱେଷଦର୍ଶୀ, କୋଉଥିରେ ସନ୍ତୁଷ୍ଟ ହେବାକୁ ଚାହାନ୍ତି ନାହିଁ। ଅଭିଯୋଗ କରିବା ତାଙ୍କର ଧର୍ମ ଓ କର୍ମ। ସେମିତି କତିପୟ ଲୋକଙ୍କୁ ଛାଡ଼ିଦେଲେ ବାକିତକ ଲୋକ, ଯେଉଁମାନେ ନିରୀହ, ନିପୀଡ଼ିତ, ସେଇମାନଙ୍କ କଥା ଟିକେ ହୃଦୟ ଦେଇ ବୁଝିଲେ ଲୋକଙ୍କ ଭାବନାରେ କେତେ ନା କେତେ ପରିବର୍ତ୍ତନ ଆସିଯିବ! ଶାସକ ଓ ଜନତାଙ୍କ ଭିତରେ ଦୂରତ୍ୱ କମିଯିବ!

ମୋ- ୯୪୩୭୨୮୬୫୧୨

## ଏଇ ଭାରତରେ

ଆଶ୍ରମ ଶବ୍ଦ ଶୁଣିବା କ୍ଷଣି ଏକ ଆଧ୍ୟାତ୍ମିକ ସ୍ଥାନ କଥା ମନେପଡ଼ିଯାଏ, ଯେଉଁଠି ଦିବ୍ୟ ପରିବେଶ,ଜଣେ ଗୁରୁ ,ତାଙ୍କ ଅନୁଗାମୀଙ୍କ ଛବି ସାମ୍ନାକୁ ଆସିଥାଏ। କିନ୍ତୁ ମହୀଶୂରରେ ଏମିତି ଏକ ଆଶ୍ରମ ରହିଛି ଯେଉଁଠି ଆଧ୍ୟାତ୍ମିକ ଶିକ୍ଷା ନୁହେଁ, ବରଂ ପିଲାମାନଙ୍କୁ ବିନା ଦେୟରେ ବିଜ୍ଞାନ ଶିକ୍ଷା ଦିଆଯାଉଛି। ଏହି ଆଶ୍ରମର ନାମ 'ବିଜ୍ଞାନ ଆଶ୍ରମ'। ଧ୍ରୁବ ଭି. ରାଓ ଓ ରୋହନ ଅଭିଜିତ ନାମକ ଦୁଇଜଣ ଯୁବକ ଚାକିରି ଛାଡି ଆଶ୍ରମରେ ପିଲାମାନଙ୍କୁ ୬ ମାସିଆ ଶିକ୍ଷା ଦେଉଛନ୍ତି। ଏହି ସମୟ ମଧ୍ୟରେ ପିଲାମାନେ ୨୦ରୁ ୨୫ଟି ସେସନରେ ଘଣ୍ଟାଏ ଲେଖାଏ ପ୍ରଶିକ୍ଷଣ ପାଇବାର ସୁଯୋଗ ପାଉଛନ୍ତି। ୪ର୍ଥ କିମ୍ବା ତଦୂର୍ଦ୍ଧ୍ୱ ଶ୍ରେଣୀର ପିଲାମାନେ ଏହି ଆଶ୍ରମର ଛାତ୍ର। ୨୦୧୩ରେ ସେମାନେ ଇଞ୍ଜିନିୟରିଂ ଶିକ୍ଷା ଶେଷ କରିବା ପରେ କର୍ପୋରେଟ କ୍ଷେତ୍ରରେ ଚାକିରି କରିଥିଲେ। ପରେ ଚାକିରି ଛାଡି ୨୦୧୪ରେ ଧ୍ରୁବ ଓ ରୋହନ ବିଜ୍ଞାନ ଆଶ୍ରମ ପ୍ରତିଷ୍ଠା କରିଥିଲେ। ପିଲାମାନେ ଆଶ୍ରମର ଷ୍ଟୋର୍‌ରୁ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ଆଣି ବିଜ୍ଞାନଭିତ୍ତିକ ପ୍ରୋଜେକ୍ଟକୁ ପୂର୍ଣ୍ଣାଙ୍ଗ କରୁଛନ୍ତି। ଏଠାରୁ ଶିକ୍ଷା ଲାଭ କରି ସେମାନେ ବିଭିନ୍ନ ଉତ୍ପାଦ ତିଆରି କରିବାରେ ସକ୍ଷମ ହେଉଛନ୍ତି। ବିଭିନ୍ନ କମ୍ପାନୀ ପକ୍ଷରୁ ଆର୍ଥିକ ସହଯୋଗ ପାଇ ଧ୍ରୁବ ଓ ରୋହନ ଏବେ ଏହି ଆଶ୍ରମର ଶାଖା ବେଙ୍ଗାଲୁରୁ, ମାଙ୍ଗାଲୋର, କୁର୍ଗ, ପୁଣେ, ମୁମ୍ବାଇ ଓ ହାଇଦ୍ରାବାଦରେ ଖୋଲି ଅଧିକ ପ୍ରଶିକ୍ଷକଙ୍କ ସହଯୋଗରେ ପାଖାପାଖି ୫ ହଜାର ପିଲାଙ୍କୁ ଶିକ୍ଷା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମାର୍ଚ୍ଚ ୧୯୯୫

- ଜାନକୀ ବଲ୍ଲଭ ପଟ୍ଟନାୟକ ତୃତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।
- ୧୯୯୫-୯୬ ଆର୍ଥିକବର୍ଷ ବଜେଟରେ ଆୟକର ଛାଡ ସୀମା ୪୦ ହଜାର ଟଙ୍କାକୁ ବୃଦ୍ଧି।

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍‌କଣ ଅଳକା ରଖିଛି ସାଇତି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କଳାପୀ କଳାପେ
କଜ୍ଜଳ ରେଖା ଦିଗ୍‌ବଳୟେ ତ ଲିଭିନାହିଁ ଏତେକ୍ଷଣ
ବିବାହର ତିଥି ବାକି ନାହିଁ ମୋର ସରିନାହିଁ ଯଉବନ।
(ମଧୁ-ବିବାହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

୮- ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହଂସରାଜ ଭରଦ୍ୱାଜ(୮୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି।

୧୧- ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଦଳରୁ ଇସ୍ତଫା ଦେଇ ଭାଜପାରେ ମିଶିବାର ୩ ଘଣ୍ଟା ନ ପୂରୁଣୁ ତାଙ୍କୁ ମିଳିଛି ରାଜ୍ୟ ସଭା ଟିକେଟ। ତାଙ୍କ ଗୋଷ୍ଠୀର ୨୨ ବିଦ୍ରୋହୀ ବିଧାୟକ ମଧ୍ୟ କଂଗ୍ରେସ ଛାଡ଼ିଛନ୍ତି।

୧୨- ମଧ୍ୟପ୍ରଦେଶର ଇସ୍ତଫା ଦେଇଥିବା ୨୨ ଜଣ କଂଗ୍ରେସ ବିଧାୟକଙ୍କୁ ବାଚସ୍ପତି ଏନ୍.ପି. ପ୍ରଜାପତି ନୋଟିସ ଜାରି କରିଛନ୍ତି। ସେମାନେ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ଦେଇଛନ୍ତି ନା ଚାପର ବଶବର୍ତ୍ତୀ ହୋଇ ଏଭଳି କରିଛନ୍ତି ତାହା ସ୍ପଷ୍ଟ କରିବା ଲାଗି ବାଚସ୍ପତି ସେମାନଙ୍କୁ ଡାକିଛନ୍ତି।

୧୩- ବିଶ୍ୱବ୍ୟାପୀ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ୫,୦୪୩ରେ ପହଞ୍ଚିଛି।

## ଆମ ସମସ୍ୟା

### ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

ମହାଶୟ,

କନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଆସୁ ନ ଥିବାରୁ ଫାର୍ମାସିଷ୍ଟଙ୍କ ଦ୍ୱାରା ରୋଗୀସେବା ହେଉଛି। ଘଣ୍ଟା ଘଣ୍ଟା ଧରି ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ସମୟସୀମା ଏଗାରଟା ଗଡ଼ିଗଲା ପରେ ବନ୍ଦ ହେଉଛି। ବିଶେଷତଃ ଆୟତପୁର, ଦଣ୍ଡୁଆସିପଡା, ସିଦ୍ଧେଶ୍ୱର, କେଶପୁର, କମାପୁର, କୋରପଦା, ବମ୍ବରୀ, ଦୀଘି, ଅଥଙ୍ଗା, ପାରାବିଲ, ଫକୀରପଡ଼ା ଏବଂ ତଅଁରଫା ଇତ୍ୟାଦି ଗ୍ରାମବାସୀ ଏହା ଉପରେ ନିର୍ଭର କରିଥାନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଜରି ଓ ଝୋଟ ବସ୍ତାରେ ଧାନ ଦେବାକୁ ଅନୁମତି ଦିଆଯାଉ

ସରକାର ସମବାୟ ସମିତି ତରଫରୁ କେବଳ ଝୋଟ ଅଖାରେ ଧାନ ଦେବାକୁ ନିୟମ ରଖିଥିବା ବେଳେ ପର୍ଯ୍ୟାପ୍ତ ପରିମାଣରେ ଏପ୍ରକାର ବସ୍ତା ନା ମିଳର ଯୋଗାଉଛି ନା ଖୋଲା ବଜାରରେ ମିଳୁଛି। ଏହାର ଦାମ୍ ଜରିବସ୍ତା ତୁଳନାରେ ମଧ୍ୟ ଅଧିକ। ଚାଷୀ ବାଧହୋଇ ଜରିବସ୍ତାରେ ଧାନ ଦେଉଛି। ଜରିବସ୍ତା ଓ ଅଖାବସ୍ତା ପାଇଁ ପୃଥକ୍ ପୃଥକ୍ ଧାନ କଟ୍‌ନୀ ପରିମାଣ ରଖାଗଲେ ଏଥିପାଇଁ ଆଉ ଅଧିକ ବିବାଦ ଉପୁଜିବ ନାହିଁ। ଏହି ବିବାଦକୁ ନେଇ ଧାନ ମଣ୍ଡିରେ ଦୀର୍ଘଦିନ ଧରି ଧାନ ପଡିରହୁଛି। ଏହାର କିଛି ତୁରନ୍ତ ବ୍ୟବସ୍ଥା ନ ହେଲେ ଚାଷୀ ବାଧହୋଇ ଅଭାବୀ ବିକ୍ରିର ଶିକାର ହେବ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୬ ମାର୍ଚ୍ଚ, ୨୦୨୦



“ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### କରୋନାକୁ ନେଇ ଗଞ୍ଜାମରେ ୧୪୪ ଧାରା

**ଛତ୍ରପୁର,୧୫।୩(ଡି.ଏନ.ଏ.):** କରୋନା ଭୟାବହତାକୁ ନେଇ ଗଞ୍ଜାମ ଜିଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ରବିବାର ସନ୍ଧ୍ୟାରେ ସମଗ୍ର ଗଞ୍ଜାମ ଜିଲାରେ ୧୪୪ ଧାରା ଜାରି କରାଯାଇଛି ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ୨ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଗୋଟିଏ ସ୍ଥାନରେ ଏକାଠି ହୋଇପାରିବେ ନାହିଁ । ଏପରିକି କୌଣସି ସଭାସମିତି, ସାମାଜିକ କାର୍ଯ୍ୟକ୍ରମ ହେବ ନାହିଁ । ଜିଲାରେ ଜାରି ହୋଇଥିବା ୧୪୪ ଧାରା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହାର ଉଲ୍ଲଂଘନ କଲେ ଆଇନାନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଜରୁରିକାଳୀନ ସେବା ଓ କାର୍ଯ୍ୟକୁ ଏଥିରୁ ବାଦ୍ ଦିଆଯାଇଛି । ଆହୁରି ମଧ ଜଣାଇ ଦିଆଯାଇଛି ଯେ, କରୋନା ପାଇଁ ଜିଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ଜିଲାପାଳ ବାତିଲ କରିଛନ୍ତି । ଜିଲାପାଳଙ୍କ ବିନାନୁମତିରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ହେଡକ୍ୱାର୍ଟର ଛାଡିପାରିବେ ନାହିଁ।

### କୁକୁଡ଼ା ମାଂସ, ଅଣ୍ଡା ଖାଇବା ନିରାପଦ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ):** କୁକୁଡ଼ା ମାଂସ ଓ ଅଣ୍ଡା ଦ୍ୱାରା ମନୁଷ୍ୟଙ୍କୁ କରୋନା ଭାଇରସ୍ (କୋଭିଡ୍-୧୯) ବ୍ୟାପୁଥିବା ନେଇ ଅନେକ ଗୁଜବ ଓ ମିଛ ଖବର ପ୍ରଚାରିତ ହେଉଛି। ଏହାକୁ ବିଶ୍ୱାସ ନ କରିବାକୁ ରବିବାର ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରତ୍ନାକାର ରାଉତ କହିଛନ୍ତି। ସେ କହିଛନ୍ତି, କରୋନା ସଂକ୍ରମିତ ବ୍ୟକ୍ତିର ସଂସ୍ପର୍ଶରେ ଆସିବା ହିଁ କରୋନା ଭୂତାଣୁ ବ୍ୟାପିବାର ପ୍ରଧାନ କାରଣ। ଯଦିଓ ପ୍ରାଣୀମାନେ କରୋନା ଭୂତାଣୁର ଉତ୍ସ ଭାବେ କାର୍ଯ୍ୟ କରୁଥାଇପାରନ୍ତି, କିନ୍ତୁ ଏହା ମନୁଷ୍ୟରୁ ମନୁଷ୍ୟ ଶରୀରକୁ ବ୍ୟାପିଥାଏ ବୋଲି ବିଶ୍ୱ ପ୍ରାଣୀସ୍ୱାସ୍ଥ୍ୟ ସଙ୍ଗଠନ ପ୍ରକାଶ କରିଛନ୍ତି। କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟ କୁକ୍କୁଟଜାତୀୟ ପଦାର୍ଥ ଖାଦ୍ୟରେ ଗ୍ରହଣ କରିବା ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ହେବାର ଏଯାବତ୍ କୌଣସି ବୈଜ୍ଞାନିକ ପ୍ରମାଣ ମିଳିନାହିଁ। ସାରା ବିଶ୍ୱରେ ମଧ ଏହାର କୌଣସି ନଜିର ନାହିଁ। ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ନିରାପଦ ବୋଲି କୁହାଯାଇପାରିବ। କିନ୍ତୁ କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିବା ସମୟରେ ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କରିବା ନିହାତି ଆବଶ୍ୟକ। ନିୟମିତ ବ୍ୟବଧାନରେ ସାବୁନ୍‌ରେ ହାତ ଧୋଇବା, ଆଲ୍‌କୋହଲଯୁକ୍ତ ଦ୍ରବଣ ହାତରେ ଘଷିବା, କୁକୁଡ଼ା ମାଂସ ଓ ଅଣ୍ଡା ରହିବା ସ୍ଥାନକୁ ସଫାସୁତୁରା ରଖିବା, କଞ୍ଚା କୁକୁଡ଼ା ମାଂସକୁ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟଠାରୁ ଅଲଗା ରଖିବା ଏବଂ କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲଭାବେ ସିଝାଇ ଖାଇବା ଉଚିତ ବୋଲି ରାଉତ ପରାମର୍ଶ ଦେଇଛନ୍ତି।

### ସୋସିଆଲ ମିଡିଆରେ ଗୀତ ଗାଇ ସଚେତନ କରୋନା ପାଇଁ ଶିକ୍ଷକଙ୍କ ଅଭିନବ ପ୍ରୟାସ

**ପାପଡାହାଣ୍ଡି, ୧୫।୩ (ଡି.ଏନ.ଏ):** କରୋନାକୁ ନେଇ ସାରା ବିଶ୍ୱ ଏବେ ଭୟଭୀତ। ଗାଁରୁ ସହର ସବୁଆଡ଼େ କରୋନାକୁ ନେଇ ଚର୍ଚ୍ଚା । ଦେଶ ବିଦେଶର ଲୋକଙ୍କ ନିଦ ହଜାଇ ଦେଇଛି । କରୋନା ଭୂତାଣୁ ସଂକ୍ରମଣରୁ କିଭଳି ରକ୍ଷା ମିଳିବ, ସେଥିପାଇଁ ଲୋକଙ୍କୁ ସତର୍କତା ସମ୍ପର୍କରେ ସଚେତନ କରାଯାଉଛି। ଏପରି ସ୍ଥଳେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ଜଣେ ଶିକ୍ଷକ ଅଭିନବ ପ୍ରୟାସ କରିଛନ୍ତି। ସୋସିଆଲ ମିଡିଆରେ ଗୀତ ଗାଇ ଲୋକଙ୍କୁ କରୋନା ସଚେତନ କରାଇ ସାଉଣ୍ଟିଛନ୍ତି ଶ୍ରେୟ । ସେ ହେଉଛନ୍ତି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡା ପଞ୍ଚାୟତ ପୁଞ୍ଜିଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲୀପ ସ୍ୱାଇଁ । ଗତ ୨ ଦିନରେ କରୋନାକୁ ନେଇ ସେ ୨ ଟି ଗୀତ ରଚନା କରିଛନ୍ତି । ‘ସାରା ବିଶ୍ୱ ଏବେ ଥରୁଛି, କରୋନା କରୁଛି ନାଟ ବଉଳ ଲୋ’ ଏବଂ ‘କୋଭିଡ ୧୯ କରୋନା, କରୋନାକୁ କେହି ଡରନା’ ନାଁ ରେ ଗୀତ ଦୁଇଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦିଲୀପଙ୍କ ଗୀତ ବି ଅଞ୍ଚଳରେ ବହୁତ ପସନ୍ଦ ହେବାରେ ଲାଗିଛି। ତାଙ୍କ ଗୀତ ଶୁଣି ଲୋକଙ୍କ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଦିଲୀପ ଶିକ୍ଷକତା ସହ ଜଣେ ସାହିତ୍ୟିକ । ଯେହେତୁ କରୋନାକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି, ସେଥିପାଇଁ ସଚେତନତା ଲକ୍ଷ୍ୟ ନେଇ ସୋସିଆଲ ମିଡିଆରେ ଗୀତ ଗାଉଛି ବୋଲି ଦିଲୀପ କହିଛନ୍ତି।

# ଗୁମୁରି କାନ୍ଦୁଛନ୍ତି ଅର୍ଜୁନ ପୁରସ୍କାର ବିଜେତା ମାଇକେଲ

ବସନ୍ତ ଧଳ
ରାଉରକେଲା ଅଫିସ,୧୫।୩



ପରିବାର ସଦସ୍ୟଙ୍କ ସହ ମାଇକେଲ କିଣ୍ଡୋ।



■ ଦିନେ ହକି ପ୍ରେମୀଙ୍କ ପାଇଁ ଥିଲେ ଆଦର୍ଶ
■ ବିଶ୍ୱ କପ୍ ହକିରେ ତାଙ୍କ ପ୍ରଦର୍ଶନ ଭାରତ ପାଇଁ ବିଜୟ ଆଣିଥିଲା

୧୯୭୫ ମାର୍ଚ୍ଚ ୧୫ । ସେଦିନ ମାଲେସିଆର କ୍ୱାଲାଲମ୍ପୁରଠାରେ ଆୟୋଜିତ ବିଶ୍ୱ କପ୍ ହକିରେ ପାକିସ୍ଥାନକୁ ଭାରତ ୨-୧ ଗୋଲରେ ପରାସ୍ତ କରି ନୂଆ ଇତିହାସ ସୃଷ୍ଟି କରିଥିଲା । ଏଥିରେ ରାଉରକେଲାର ମାଇକେଲ କିଣ୍ଡୋ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରି ହକିପ୍ରେମୀଙ୍କ ପାଇଁ ଆଦର୍ଶ ସାଜିଥିଲେ । ହେଲେ ଆଜିର ଦିନରେ ସେହି ଖେଳାଳି ଜଣକ ଯେମିତି ସମସ୍ତଙ୍କ ପାଇଁ ଅଲୋଡା ପାଲଟିଛନ୍ତି। ୧୯୭୧ ବିଶ୍ୱ କପ୍ ହକିରେ ବ୍ରୋଞ୍ଜ, ୧୯୭୩ ବିଶ୍ୱ କପ୍ ହକିରେ ରୌପ୍ୟ ଓ ୧୯୭୫ ବିଶ୍ୱ କପ୍ ହକିରେ ନିଜର ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପ୍ରଦକ ଜିଣି ଦେଶକୁ ଗୌରବାନ୍ୱିତ କରିଥିବା ମାଇକେଲ ଆଜି ଅବହେଳିତ । ସେଦିନର ଅଭୁଲା ମୁହୂର୍ତ୍ତକୁ ମନେପକାଇ ସେ ଆଜି ଗୁମୁରି କାନ୍ଦୁଛନ୍ତି। ଆଉ କେହି ଦେଶ ପାଇଁ ଏଭଳି ସୁନାମ ଆଣିବାକୁ ଯୋଗ୍ୟ ହେଲେ ନାହିଁ, ଏହା ହିଁ ତାଙ୍କୁ ଦୁଃଖ ଦେଇଛି ବୋଲି ସେ କୁହନ୍ତି ।

୨୦୦୪ରୁ ରାଉରକେଲା ଇସ୍ପାତ କାରଖାନା ଖେଳ ବିଭାଗରୁ ଅବସର ନେଇଛନ୍ତି ମାଇକେଲ। ଏବେ ତାଙ୍କ ବୟସ ୭୫ । ଆଖିକୁ ଭଲ ଦିଶୁନି। କାନକୁ ଶୁଭୁନି। ତଥାପି ଖେଳ ପ୍ରସଙ୍ଗ ନେଇ ଆଲୋଚନା ହେଲେ ଶିହରି ଉଠନ୍ତି ସେ। ରାଉରକେଲାର ସେକ୍ଟର ୬ସ୍ଥିତ ନିଜ କ୍ୱାଟର୍ସରେ ଅବସର ଜୀବନ କାଟୁଥିବା ମାଇକେଲ କୁହନ୍ତି, ୧୯୭୫ ମାର୍ଚ୍ଚ ୧୫ରେ ଯେତେବେଳେ ପାକିସ୍ତାନକୁ ହରାଇ ଆମେ ବିଶ୍ୱକପ ଜିଣିଥିଲୁ ସେଦିନର ଆନନ୍ଦ କହିଲେ ନ ସରେ । ହେଲେ ଦୀର୍ଘ ୪୫ ବର୍ଷ ମଧ୍ୟରେ ଆଉ କେହି ଏଭଳି ସଫଳତା ନ ଆଣିବା ମୋତେ ମର୍ମାହତ କରିଛି। ଯୁବପିଢି ଏନେଇ ଯତ୍ନବାନ ହେବା ଆବଶ୍ୟକ । ସେତେବେଳେ ଆମକୁ ହକି ଖେଳ ପାଇଁ ଗୋଟିଏ ଟଙ୍କା ମିଳୁ ନ ଥିଲା । ଆମେ ଉତ୍ସର୍ଗୀକୃତ ମନୋଭାବ ନେଇ ଖେଳୁଥିଲୁ। ବଦଳରେ କିଛି ପାଇବାର ଆଶା ନ ଥିଲା । ଆଜି ଭଳିଦିନରେ ମୋତେ କେହି ମନେରଖି ନାହାନ୍ତି । ମୁଁ କିନ୍ତୁ ମୋ ଦେଶକୁ ମନେରଖିଛି। ସ୍ମୃତିକୁ ନେଇ ବଞ୍ଚିଛି। ଯୁବ ପିଢି ନିଜ ସହ ଦେଶ ପାଇଁ ସୁନାମ ଆଣନ୍ତୁ ଏତିକି ମୋ ବାର୍ତ୍ତା। ଅର୍ଜୁନ ପୁରସ୍କାର ସହ ଅନେକ କିଛି ପାଇଛି। ହେଲେ ରାଜ୍ୟ ସରକାର ମୋତେ ଭୁଲି ଗଲେ। ଏତିକି ମୋ ମନରେ କୋହ ଆଣିଛି। ପରିଣତ ବୟସରେ ମୋର କିଛି ମନେରହୁନି। ତଥାପି ପିଲାଙ୍କୁ ଏତିକି କହିବି, କିଛି ମିଳୁ କି ନ ମିଳୁ ନିଜକୁ ପଛରେ ରଖି ଏ ଦେଶ ଜାତି ପାଇଁ ଗୌରବ ଆଣିବା ଜଣେ ଖେଳାଳିର ପରମ କର୍ତ୍ତବ୍ୟ।

କିଣ୍ଡୋଙ୍କ ସ୍ତ୍ରୀ ଶୀଲା କୁହନ୍ତି, ମୋ ସ୍ୱାମୀ କେବଳ ଜଣେ ଅନ୍ତର୍ଜାତୀୟ ଖେଳାଳି ନୁହନ୍ତି, ସେ ଜଣେ ଦେଶଭକ୍ତ। ଆମ ସମସ୍ତଙ୍କ ପାଇଁ ଗର୍ବ ଗୌରବ। ଖେଳ ବଦଳରେ କିଛି ଫେରି ପାଇବାର ଆଶା ରଖି ନାହାଁନ୍ତି ସେ। ଏହା ହିଁ ଆମକୁ ଆତ୍ମସନ୍ତୋଷ ପ୍ରଦାନ କରିଛି। ପୁଅ ତଥା ଜାତୀୟ ଟେନିସ ଖେଳାଳି ଆଲବର୍ଟ ଚାର୍ଲସ କିଣ୍ଡୋଙ୍କ ମତରେ ମୋ ବାପାଙ୍କ ତ୍ୟାଗ ପାଇଁ ଆମେ ଗର୍ବିତ। ଆଜିକାଲି ଯୋଗ୍ୟତା ନ ଥାଇ ବହୁ ଖେଳାଳିଙ୍କୁ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ପ୍ରଦାନ କରାଯାଉଛି। ମୋ ବାପାଙ୍କୁ ଏଥିରେ ସାମିଲ କରା ନ ଯିବା ଆମକୁ ମ୍ରିୟମାଣ କରିଛି। ତଥାପି ଆମେ ବାପାଙ୍କ ଲାଗି ଗର୍ବିତ ବୋଲି କହିଛନ୍ତି ପୁଅ ଆଲବର୍ଟ। ଏ ନେଇ କ୍ରୀଡା ସଙ୍ଗଠକ ସୁଶାନ୍ତ ବେହେରା କୁହନ୍ତି, ମାଇକେଲ କିଣ୍ଡୋଙ୍କ ପରି ଜଣେ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆଜି ଦିନରେ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ମନେ ନ ପକାଇବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏମିତି ହେଲେ କ୍ରୀଡା କ୍ଷେତ୍ରରେ ରାଜ୍ୟ କେମିତି ଅଗ୍ରଗତି କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟତମ ସଙ୍ଗଠକ ସତ୍ୟନାରାୟଣ ପଣ୍ଡା କୁହନ୍ତି, ମାଇକେଲଙ୍କ ପରି ଜଣେ ଅର୍ଜୁନ ପୁରସ୍କାର ବିଜେତା ଯେ କି ଦେଶ ପାଇଁ ୧୯୭୫ରେ ଗୌରବ ଆଣିଥିଲେ ତାଙ୍କୁ ଭୁଲିଯିବା ଠିକ୍ ହୋଇ ନାହିଁ।

# ଅଗ୍ନିଶମ ସେବା ରେଞ୍ଜ୍ କାର୍ଯ୍ୟାଳୟ ପାଇଁ ଅର୍ଥ ଦାବି

■ ଗୃହ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ
■ ମାନବ ସମ୍ବଳ ବୃଦ୍ଧି, ଆଧୁନିକୀକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୧୫।୩(ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱର ସମେତ ଅନୁଗୋଳ, ବାଲେଶ୍ୱର, କୋରାପୁଟ ଏବଂ ଶିଳ୍ପନଗରୀ ରାଉରକେଲାରେ ନୂତନ ଅଗ୍ନିଶମ ସେବା ରେଞ୍ଜ୍ କାର୍ଯ୍ୟାଳୟ ଖୋଲାଯିବ। ଏଥିପାଇଁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗ ବଜେଟରୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯାଉ ବୋଲି ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିସ କରାଯାଇଛି। ଦୈନନ୍ଦିନ ଜୀବନରେ ତୃଣମୂଳରେ ସେବା ଯୋଗାଉଥିବା ହୋମ୍‌ଗାର୍ଡ(ଗୃହରକ୍ଷୀ)ଙ୍କ ଦୈନିକ ପାରିଶ୍ରମିକ ୩୦୦ରୁ ୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ମଧ ସୁପାରିସ କରାଯାଇଛି। ନିକଟରେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ସମାନ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଜାନୁୟାରୀ ପହିଲାରୁ ଏହା ଲାଗୁ କରିବାକୁ ନ୍ୟାୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ଏବଂ ଷ୍ଟାଣ୍ଡିଂ କମିଟିର ସୁପାରିସ କାର୍ଯ୍ୟକାରୀ ହେଲେ ରାଜ୍ୟରେ କର୍ତ୍ତବ୍ୟରତ ୧୭,୭୫୭ ହୋମ୍‌ଗାର୍ଡ ଉପକୃତ ହେବେ।

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ଅଧକ୍ଷତାରେ ଗଠିତ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଖାଲିଥିବା ହୋମ୍‌ଗାର୍ଡ ପଦବୀ ପୂରଣ ନେଇ ଗୁରୁତ୍ୱ ଦିଆଯାଇଛି। ସେହିଭଳି ରାଜ୍ୟର ପ୍ରମୁଖ ଜେଲଗୁଡ଼ିକରେ ଆମ୍ବୁଲାନ୍ସ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ କୁହାଯାଇଛି। ଜେଲରେ ଖାଲିଥିବା ଡାକ୍ତର ପଦବୀ ପୂରଣ ସହ ‘ଅଦର କଣ୍ଟିଜେନ୍ସି’ ଅଧୀନରେ ୫୮୭ ଥାନା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ଲାଗି କମିଟି ମତ ରଖିଛି। ଜାତୀୟ ସର୍ତ୍ତାବଳୀ ଅନୁଯାୟୀ, ରାଜ୍ୟର ପ୍ରତ୍ୟେକ ଥାନାର ମାନବ ସମ୍ବଳ ବୃଦ୍ଧି କରାଯାଉ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ଗୋଟିଏ ଲେଖାଏ ଶବ ବ୍ୟବଚ୍ଛେଦ ୟୁନିଟ୍ ଖୋଲାଯାଉ। ଫରେନ୍‌ସିକ୍ ଲାବରେଟୋରିଗୁଡ଼ିକରେ ସାଇଣ୍ଟିଫିକ୍ ଆସିଷ୍ଟାଣ୍ଟ ପଦବୀ ଦ୍ୱିଗୁଣ କରିବା ପାଇଁ ପଦକ୍ଷେପ ନିଆଯିବା ସହ ପୋଲିସ ସେବାରେ ହେଉଥିବା ବିଭିନ୍ନ ନିଯୁକ୍ତିକୁ ୩ ପର୍ଯ୍ୟାୟ ମଧରେ ସାରିବା ପାଇଁ କମିଟି ପକ୍ଷରୁ ସୁପାରିସ କରାଯାଇଛି। ରାଜ୍ୟରେ ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସୁପାରିସ ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗ ଦାୟିତ୍ୱରେ ଥିବା ଅଗ୍ନିଶମ ଅଧିକାରୀମାନଙ୍କ ଆବାସିକ କୋଠାର ରକ୍ଷଣାବେକ୍ଷଣ ପାଇଁ ଆଗାମୀ ଆର୍ଥିକ ବର୍ଷରେ ଅତିରିକ୍ତ ୧୦ କୋଟି ଟଙ୍କା ପ୍ରଦାନ ଲାଗି ମଧ କୁହାଯାଇଛି। ବିଶେଷକରି ସବୁ ବର୍ଗର ପୋଲିସ ଅଧିକାରୀ ରହିବା ପାଇଁ ନିର୍ମିତ କୋଠାବାଡ଼ିର ଗୁଣାତ୍ମକମାନ ସୁଦୃଢ଼ କରିବା ନିମନ୍ତେ କମିଟି ପ୍ରସ୍ତାବ ଦେଇଛି। ସେହିଭଳି ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଅଗ୍ନିଶମ ସେବାକେନ୍ଦ୍ର ପାଇଁ ସରକାର ଅନୁମୋଦନ କରିଛନ୍ତି। ଅପରପକ୍ଷରେ କେନ୍ଦ୍ର ଖୋଲିବା ପାଇଁ ଦୂରତାକୁ ମଧ ବୈଶିଷ୍ଟ୍ୟ ରୂପେ ନେବା ଲାଗି ପ୍ରସ୍ତାବ ଦିଆଯାଇଛି। ଭିଆଇପି କାରକେଡ୍‌କୁ ଅଗ୍ନିସୁରକ୍ଷା ଲାଗି ଏସ୍‌ୟୁଭି ଗାଡି ପାଇଁ ଅର୍ଥ ପ୍ରଦାନ ସହ ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରିବାକୁ ସୁପାରିସ କରାଯାଇଛି। ମେରାଇନ୍ ଥାନାକୁ ଅତ୍ୟାଧୁନିକ କରିବା ସହ ଆବଶ୍ୟକ ଆଧୁନିକ ସାମଗ୍ରୀ ଯୋଗାଇବା ଲାଗି କମିଟି ପ୍ରସ୍ତାବ ରଖିଛି।

# ‘ସବୁ କୋର୍ଟ ବନ୍ଦ କରାଯାଉ’

**କଟକ ଅଫିସ,୧୫।୩:** କରୋନା ଭୂତାଣୁକୁ ନେଇ ସାରା ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଦ୍ରୁତଗତିରେ ଏହା ବ୍ୟାପୁଥିବା ଯୋଗୁ ସରକାରଙ୍କ ପକ୍ଷରୁ ନାଗରିକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଶିକ୍ଷାନୁଷ୍ଠାନ, କ୍ଲବ, ଜିମ୍, ସିନେମା ହଲ୍ ଏବଂ ଜନଗହଳିପୂର୍ଣ୍ଣ ପ୍ରତିଷ୍ଠାନଗୁଡିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। କୋର୍ଟଗୁଡିକରେ ମଧ ସବୁ ସମୟରେ ଜନଗହଳି ଲାଗି ରହୁଛି। ତେଣୁ କୋର୍ଟଗୁଡିକ ବନ୍ଦ ରଖିବାକୁ ହାଇକୋର୍ଟକୁ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଭୂତାଣୁ ପ୍ରଭାବ କମିବା ପର୍ଯ୍ୟନ୍ତ କୋର୍ଟ ବନ୍ଦ ରଖିବାକୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମାର୍ଚ୍ଚ ୫ରେ ଜାରି ହୋଇଥିବା ବିଜ୍ଞପ୍ତିରେ ଜନଗହଳି ସୃଷ୍ଟି କରୁଥିବା ସମସ୍ତ କାର୍ଯ୍ୟର ଆୟୋଜନକୁ ବାରଣ କରାଯାଇଥିଲା। ସେହିପରି ମାର୍ଚ୍ଚ ୧୩ରେ ସୁପ୍ରିମ୍‌କୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୋର୍ଟ କାର୍ଯ୍ୟକୁ ସୀମିତ ରଖାଯିବ ବୋଲି କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାର୍ କାଉନ୍‌ସିଲ୍ ବୈଠକରେ ହାଇକୋର୍ଟ ଏବଂ ଏହାର ଅଧୀନ କୋର୍ଟଗୁଡିକର କର୍ମଚାରୀ, ଆଇନଜୀବୀ, ମକଦ୍ଦମାକାରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା ହୋଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ବିଚାର କରିବାକୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ହେବା ପର୍ଯ୍ୟନ୍ତ କୋର୍ଟଗୁଡିକ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟକୁ ଅନୁରୋଧ କରାଯାଇଛି।

# ଆଦିବାସୀ ଅଞ୍ଚଳରୁ ଇଣ୍ଟରନ୍ୟାଶନାଲ ଫ୍ୟାଶନ ଶୋ’



‘ହୋ’ ସମ୍ପ୍ରଦାୟର ବିଉଟି କୁଇନ୍ ରେହା ରେଶମ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବିଭିନ୍ନ ବ୍ୟୁଟି ପାଜେଣ୍ଟରେ ଓଡ଼ିଶାର ପ୍ରତିଯୋଗୀମାନେ ବାଜି ମାରିଛନ୍ତି। ମିସ୍‌ରୁ ମିସେସ୍ ପର୍ଯ୍ୟନ୍ତ, ସବୁକ୍ଷେତ୍ରରେ ଓଡ଼ିଆ ପ୍ରତିଭାଙ୍କ ଲମ୍ବା ତାଲିକା ରହିଛି। ଏବେ ଜଣେ ଓଡ଼ିଶା ଜନ୍ମିତ ଆଦିବାସୀ ଝିଅ ରେହା ରେଶମ ବରୀ ଫ୍ୟାଶନ କ୍ଷେତ୍ରରେ ପାଲଟିଛନ୍ତି ପରିଚିତ ଚେହେରା। ‘ହୋ’ ଜନଜାତି ସମ୍ପ୍ରଦାୟର ରେହା ଏକ ବିଶ୍ୱସ୍ତରୀୟ ଫ୍ୟାଶନ ଶୋ’ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଛନ୍ତି।

ରେହା ୨୦୧୬ରେ ‘ୱାର୍ଲଡ୍ ସୁପର ମଡେଲ୍ ଇଣ୍ଡିଆ’ ପ୍ରତିଯୋଗିତାରେ ରନର୍ସଅପ୍ ହୋଇ କୃତିତ୍ୱ ଅର୍ଜନ କରିଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରି ସେ ଏଥିରେ ‘ଫେସ୍ ଅଫ୍ ଦି ପାଜେଣ୍ଟ’ ଟାଇଟଲ୍ ଜିତିଥିଲେ। କେବଳ ଏତିକି ନୁହେଁ, ଏମ୍ ଟିଭିରେ ପ୍ରସାରିତ ଲୋକପ୍ରିୟ ରିୟାଲିଟି ଶୋ’ ‘ଇଣ୍ଡିଆସ୍ ନେକ୍ସଟ ଟପ୍ ମଡେଲ’ରେ ଅଂଶଗ୍ରହଣ କରି ସେ ଦେଶର ଜଣେ ଖ୍ୟାତିସମ୍ପନ୍ନ ମଡେଲ୍‌ଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ। ସେହିପରି ୨୦୧୭ରେ ରେହା ମିସ୍ ମହାରାଷ୍ଟ୍ର କୁଇନ୍ କ୍ରାଉନ୍ ଜିତିବା ସହ ୨୦୧୬ରେ ଚେନ୍ନାଇର ମେଗା ମଡେଲ୍ ହଣ୍ଟ ପ୍ରତିଯୋଗିତାର ବିଜେତା ହୋଇଥିଲେ।

୨୦୧୬ରେ ୱାର୍ଲଡ୍ ସୁପର ମଡେଲ୍ ପାଜେଣ୍ଟର ସଫଳତା ପରେ ମଡେଲିଂ ଏବଂ ଫ୍ୟାଶନ ଜଗତରେ ସେ ଆଉ ପଛକୁ ଫେରି ନ ଥିଲେ। ଗୋଟିଏ ପରେ ଗୋଟିଏ ଟାଇଟଲ୍ ଓ କ୍ରାଉନ୍ ସହ ସେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରୀୟ ବହୁ ଫ୍ୟାଶନ ଶୋ’ ଯୋଗଦେଇ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଲାକ୍‌ମୀ ଫ୍ୟାଶନ ୱିକ୍, ଟେକ୍ ଫ୍ୟାଶନ ଟୁର୍, ଇଣ୍ଡିଆ ବିଚ୍ ଫ୍ୟାଶନ ୱିକ୍, ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ଭଳି ଏକାଧିକ ଶୋ’ରେ ତାଙ୍କୁ ଦେଖିବାକୁ ମିଳିଛି। ଏଥିସହିତ ଦେଶର ବହୁ ଖ୍ୟାତନାମା ଡିଜାଇନରଙ୍କ ପାଇଁ ସେ କାମ କରିଛନ୍ତି। ଅନୀତା ଡଙ୍ଗ୍ରୀ, ମନୀଷ ଅରୋରା, ରକି ଷ୍ଟାର୍, ବିକ୍ରମ ଫଡ୍‌ନିସ୍, ନିଧି ମୁନିମ୍, ଅର୍ଚ୍ଚନା କୋଚର୍, ଲଳିତ ଡାଲ୍‌ମିଆ, ନିଖିଲ ଥାମ୍ପି, ଅନୁପମା ଦୟାଲଙ୍କ ଭଳି ବହୁ ଡିଜାଇନରଙ୍କ ଆଗଧାଡ଼ିର ମଡେଲ ରହିଛନ୍ତି ରେହା। ଭାରତୀୟ ଫ୍ୟାଶନ ଜଗତର ଏହି ପରିଚିତ ଚେହେରା ଗଲଙ୍ଗ ଗବାନ୍, ଅର୍ଚ୍ଚନା କୋଚର ଏବଂ ନିକିତା ମହେସଲ୍‌କରଙ୍କ ଭଳି ଡିଜାଇନରଙ୍କ ପାଇଁ କାଟାଲଗ୍ ଶୁଟ୍ ମଧ କରିଛନ୍ତି।

କଠିନ ପରିଶ୍ରମରେ ବିଶ୍ୱାସ ରଖୁଥିବା ରେହା ଅଭିନୟ ଓ ମଡେଲିଂ ନିଶାରେ ଅଧାରୁ ପାଠପଢା ଛାଡ଼ି ୧୭ବର୍ଷ ବୟସରେ ଫ୍ୟାଶନ ଶୋ’ରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଅନୁପମ ଖେର୍‌ଙ୍କ ‘ଦି ସ୍କୁଲ୍ ଅଫ୍ ଆକ୍ଟର୍ସ’ରୁ ଆକ୍ଟିଂରେ ଡିଗ୍ରୀ ହାସଲ କରିଥିବା ରେହା ଆଗକୁ ଯାଇ ଜଣେ ସୁପର ମଡେଲ୍ ସହ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅନୁଗୋଳର କେରାଜେଙ୍ଗା ଗ୍ରାମର ରେହା ଏବେ ମୁମ୍ବାଇରେ ରହୁଥିବା ବେଳେ ଗାଇବା ଓ ନୃତ୍ୟରେ ଆଗ୍ରହ ରଖିଛନ୍ତି। ସୁଯୋଗ ଥାଇ ମଧ ଅନେକେ ସଫଳତା ପାଉନାହାନ୍ତି। କିନ୍ତୁ ରେହା କଠିନ ପରିଶ୍ରମ ବଳରେ ଗ୍ଲାମର ଭଳି ଦୁନିଆରେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଆଗକୁ ସେ ଭିକ୍ଟୋରିଆ ସିକ୍ରେଟ୍ ଏଞ୍ଜେଲ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି।

ଇପିକଲ୍ ଏମ୍‌ଡି ତଥା ପ୍ରଶାସନିକ ଅଧିକାରୀ ନିତିନ ଜାୱଲେ ରେହାଙ୍କ ଏହି ସଫଳତାରେ ଅଭିନନ୍ଦନ ଜଣାଇବା ସହ ସୌନ୍ଦର୍ଯ୍ୟ କ୍ଷେତ୍ରରେ ଥିବା ପୁରାତନ ଚିନ୍ତାଧାରାକୁ ପଛରେ ପକାଇ ରେହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା କହିଛନ୍ତି।



Scan this QR Code for Exiting Prizes*!
ଛୁଟିର୍ ମଜା
OS-CIT ସହିତ
ଅନ୍ତରାଷ୍ଟ୍ରୀୟ ମାନର ପରିପୂର୍ଣ୍ଣ କମ୍ପ୍ୟୁଟର୍ ପାଠ୍ୟକ୍ରମ
Certification by Odisha State Open University (OSOU), Govt. of Odisha
*conditions apply
ODISHA KNOWLEDGE CORPORATION LIMITED
(under the administration of E & IT Department, Govt. of Odisha)
www.okcl.org
Call : 0674 - 6676767, 7106767

# ଚାଲାଣ ପୂର୍ବରୁ ୨୫ ଶ୍ରମିକ ଉଦ୍ଧାର

**ଭଦ୍ରକ ଅଫିସ,୧୫।୩:** ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଚାଲାଣ ପୂର୍ବରୁ ୨୫ ଜଣ ଶ୍ରମିକଙ୍କୁ ଶନିବାର ବିଳମ୍ବିତ ରାତିରେ ଏକ ଘରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଉଦ୍ଧାର କରିଛି। ଏଥିସହ ଦୁଇ ମହିଳା ଦଲାଲଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଉଦ୍ଧାର ଶ୍ରମିକମାନଙ୍କ ମଧ୍ୟରୁ ୧୨ଜଣ ନାବାଳିକା ଓ ୭ ଜଣ ନାବାଳକ। ସେମାନଙ୍କୁ ରବିବାର ଚାଇଲ୍ଡ ଲାଇନ ମାଧ୍ୟମରେ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ ମୁକ୍ତାଶ୍ରୟରେ ରଖାଯାଇଛି। ଅନ୍ୟ ୬ ମହିଳା ଶ୍ରମିକଙ୍କୁ ସୁଧାର ଗୃହରେ ରଖାଯାଇଥିବା ପୋଲିସ ସୂଚନା ଦେଇଛି। ଜିଲା ଶ୍ରମ ବିଭାଗର ଅଧିକାରୀଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯାଉଛି। ସୂଚନା ଅନୁସାରେ, ଏହି ଥାନା ଅଧୀନ ଜିତାନଗା ଗାଁ ନିକଟସ୍ଥ ଏକ ଘରେ ବହୁ ଶ୍ରମିକଙ୍କୁ ଏକାଠି କରି ରାଜ୍ୟ ବାହାରକୁ ନେବା ପାଇଁ ଯୋଜନା କରାଯାଇଥିଲା । ଏ ସମ୍ପର୍କରେ ଖବର ପାଇ ପୋଲିସ ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରି ଦଲାଲଙ୍କୁ ଧରିବା ସହ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲା। ଉକ୍ତ ଘର ମାଲିକ ସମସ୍ତଙ୍କୁ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରକୁ ନେଇ ଏକ ଘରୋଇ କମ୍ପାନୀରେ କାମ କରାଇଥାନ୍ତେ। ଉଦ୍ଧାର ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ନାବାଳିକା ଓ ବାଲେଶ୍ୱର ଜିଲା ସୋର ଅଞ୍ଚଳର। ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

Odisha Coal and Power Limited
OCPL

## ODISHA COAL AND POWER LTD.

(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur Bhubaneswar – 751023, Odisha
Ph No: 0674-2300654 /2300664

### NOTICE INVITING TENDER

NIT No: OCPL/SITE/SER-11/2020 Date: 16.03.2020

Sealed bids in prescribed format are invited from reputedtravel Agencies / tour Operators or private individualsfor following job:

| Sl. No. | Name of the work | Cost of Tender Paper | BID Security | Contract Period | Last date of Sale of Tender Document | Date of Submission / Opening |
|---|---|---|---|---|---|---|
| 1 | Hiring of Vehicles for Odisha Coal and Power Limited (OCPL) at Hemgir, Sundargarh, Odisha | Rs. 1,180/- (Rupees One Thousand One Hundred and Eighty Only) inclusive of GST @ 18% | Rs.10,000/- (Rupees Ten Thousand Only) | 01 Year and 04 Months | 31.03.2020 | 03:00 PM on 08.04.2020 03.30 PM on 08.04.2020 |

Interested agencies maydownload the RFP document from our website, i.e. www.ocpl.org.in. Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.

Sd./- Sr. Manager (Commercial & Contracts.), OCPL
Tel -7608008703 (M)



ନାମରେ ଭକ୍ତି, ଜୀବରେ ଦୟା,
ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।
- ଗୁରୁ ନାନକ

**ସଂକ୍ଷେପରେ...**

## ପୋଖରୀରେ ବୁଡି ଯୁବକ ମୃତ

ବ୍ରଜରାଜନଗର, ୧୫।୩ (ଡି.ଏନ.ଏ) ମଣ୍ଡଳିଆ ପୋଖରୀରେ ଜଣେ ଯୁବକ ବୁଡିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଆଦିବାସୀ କଲୋନୀର ସଞ୍ଜୟ ମୁଣ୍ଡା (୨୩)। ତାଙ୍କ ନିଜ ଘରେ ରାଣ୍ଡି। ତେବେ ସେ ଗାଧୋଇବା ପାଇଁ ଯାଇଥିଲେ। ହେଲେ ଘରକୁ ଫେରିବା ଡେରି ହେବାରୁ ସାଙ୍ଗମାନେ ପୋଖରୀ କୂଳରେ ପହଞ୍ଚି ପହଞ୍ଚିଥିଲେ। ଶେଷରେ ପୋଖରିରୁ ମୃତଦେହ ମିଳିଥିଲା। ଓରିଏଣ୍ଟ ଥାନା ପୋଲିସ ମୃତଦେହ ଜବତ କରି ମଣ୍ଡଳିଆ ଡାକ୍ତରଖାନାରେ ରଖିଛି।

## ଝାରସୁଗୁଡାରେ କରୋନା ସତର୍କତା

ଝାରସୁଗୁଡ଼ା ୧୫।୩ (ଡି.ଏନ.ଏ) ଝାରସୁଗୁଡ଼ା ଜିଲାରେ କରୋନା ଭାଇରସ୍ ସତର୍କତା ପାଇଁ ରବିବାର ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଷ୍ପତ୍ତି ମୁତାବକ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ସମସ୍ତ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ୍ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ କାର୍ଯ୍ୟକ୍ରମ, ବିବାହ ଆଦି ନିରାଡ଼ମ୍ବର କରିବା ସହ ଜିଲା ପ୍ରଶାସନର ଅନୁମତି ନେବାକୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଉପଜିଲାପାଳଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ନ ଶୁଣିଲେ ସରକାର ଦାୟୀ ରହିବେ

**ଲଖନପୁର ବ୍ଲକ୍ ବିଭାଜନ, ସବ୍‌ଡିଭିଜନ ମାନ୍ୟତା ପ୍ରସଙ୍ଗ**

ଲଖନପୁର, ୧୫।୩(ଡି.ଏନ୍.ଏ.)

ରାଜ୍ୟରେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୨ୟ ତମ ବୃହତମ ବ୍ଲକ୍। ଏହି ବ୍ଲକ୍ ସମୁଦାୟ ୩୩ ପଞ୍ଚାୟତକୁ ନେଇ ଗଠିତ। ଏହାର ପରିସୀମା ଓ ଜନସଂଖ୍ୟା ଆଦିକୁ ଦେଖିଲେ ଅନେକ ସମୟରେ ସ୍ଥାନୀୟ ବାସିନ୍ଦା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଥିମଧ୍ୟରେ ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜାରୁ ଜିଲା ସଦର ମହକୁମା ଦୂରତ୍ୱ ଶହେରୁ ଊର୍ଦ୍ଧ୍ୱ କିଲୋମିଟର ହେଉଛି। ଏତେଦୂର ଯାତାୟତ କରି ଜିଲା ସଦର ମହକୁମାରେ କାମ କରିବା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବହୁକଷ୍ଟ ହେଉଛି । ଏସବୁକୁ ଦୃଷ୍ଟିରେ ରଖି ନାଗରିକ ପରିଷଦ ତରଫରୁ ଦୀର୍ଘ ବର୍ଷ ହେଲା ବୃହତ ଲଖନପୁର ବ୍ଲକ୍‌କୁ ୩ଟି ବ୍ଲକ୍‌ରେ ବିଭକ୍ତ କରିବା ଲଖନପୁରକୁ ସବ୍‌ଡିଭିଜନ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ଏ ନେଇ ଅନେକଥର ଜିଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ନାଗରିକ ପରିଷଦର ଦାବି ପୂରଣ ହୋଇପାରିନାହିଁ। ଏହାଫଳରେ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ନାଗରିକ ପରିଷଦ ପୁଣି ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ନାଗରିକ ପରିଷଦ ତରଫରୁ ରବିବାର ବନ୍ଧବାହାଲ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଞ୍ଚଳର ବହୁ ଜନପ୍ରତିନିଧି, ସାମାଜିକ କର୍ମୀ ଓ ପରିଷଦର କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରତି ମାସରେ ଲଖନପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଧାରଣା ଦିଆଯିବ। ଆବଶ୍ୟକତା ପଡିଲେ ଅର୍ଥନୈତିକ ଅବରୋଧ କରାଯିବ। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ସରକାର ଦାୟୀ ରହିବେ ବୋଲି ପରିଷଦ ସ୍ପଷ୍ଟ କରିଛି। ବରିଷ୍ଠ ସଦସ୍ୟ ଭାଗବତ ସା ଏଥିରେ ଅଧ୍ୟକ୍ଷତା କରିଥିଲାବେଳେ ପରିଷଦର ସଂଯୋଜକ ରଘୁନନ୍ଦନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ବିରଞ୍ଚି ସାହୁ, ଗୋପିନାଥ ମାଝି, ପିତାମ୍ବର ମିଶ୍ର, ବାସୁଦେବ ଭୋଇ, ମହମ୍ମଦ ରଉଫ୍, ଗୌତମ ପ୍ରଧାନ, ରମେଶ ତ୍ରିପାଠୀ, ସାଲେଗ୍ରାମ ନାୟକ, ସୁବ୍ରତ ପ୍ରଧାନ, ଭୋନାଥ ବଢେଇ, ଦେବରାଜ ପ୍ରଧାନ, ଈଶ୍ୱର କଉଡି, ଲିଙ୍ଗରାଜ ବଢେଇ, କେଶବ ସା, ସଞ୍ଜୟ ସେନାପତି, ଶିଶୁପାଳ ଦୁବେ, ସୁରେନ୍ଦ୍ର ପଣ୍ଡା, ସଞ୍ଜୟ ସିଂହ, ଶଶୀଭୂଷଣ ପାତ୍ର, ମୁରଲି ନାୟକ, ଅଭିନ୍ନ ରାଉତ, ଚୂଳଦେବ ସା, ବିରଞ୍ଚି ମାଝି, ଠଣ ସୁନ୍ଦର ସାହୁ, ସନ୍ତୋଷ ବିଶ୍ୱାଳ, ଉମାକାନ୍ତ ପଣ୍ଡା, ଘନଶ୍ୟାମ ସିଂହ, କୃଷ୍ଣଚନ୍ଦ୍ର ରଥ, ତୁଷାରାମ ପ୍ରଧାନ, ପୁରୁଷୋତମ ଜୟଶ୍ୱାଲ, ବିଜୟ ସେଠ୍, ବସନ୍ତ ପାଢୀ, ପ୍ରେମାନନ୍ଦ ସାହୁ, ହେମନ୍ତ ପ୍ରଧାନ, ତପନ ପାଟ୍ଟଯୋଶୀ, ସଚ୍ଚିଦାନନ୍ଦ ନାୟକ, ବିରଞ୍ଚି ପ୍ରଧାନ, ବନବାସୀ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।



ବନ୍ଧବାହାଲ ଜଗନ୍ନାଥ ମନ୍ଦିରରେ ବୈଠକ ବସିଛି।

## କିର୍ମିରାରେ ୫୫୦ ଜାତି କିସାନ ସମାଜର ମହାଗୁଡି ସ୍ଥାପନ

ଲଇକେରା/କିର୍ମିରା, ୧୫।୩ (ଡି.ଏନ.ଏ.)

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଫୁଟବଲ ପଡିଆଠାରେ ଜୟପୁର ଇଷ୍ଟେଟ ୫୫୦ ଜାତି କିସାନ ସମାଜର ମହାଗୁଡି ସ୍ଥାପନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉମାଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଚିଣ୍ଡା କିସାନ ସମାଜ ମହାଗୁଡିର ସଭାପତି ଖଡୁନାଥ ପିଙ୍ଗ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ସମାଜର ରାଜ୍ୟ କମିଟି ସମ୍ପାଦକ ପାନୁ ମାଝୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ସନ୍ତୋଷ କିଶାନ ଉପସ୍ଥିତ ଥିଲେ। କିର୍ମିରା ମହାଗୁଡିର ନୂତନ ସଭାପତି ଭାବରେ ଦୀପକ କିସାନ, ଉପସଭାପତି ଅର୍ଜୁନ କିସାନ, ସମ୍ପାଦକ ଦୁଃଖବନ୍ଧୁ ସେଉଲଙ୍କୁ ଚୟନ କରାଯାଇଥିଲା। ସମାଜର କିର୍ମିରା ବ୍ଲକ ସଭାପତି ବିଜେରାମ ଛତ୍ରିଆ, ସମ୍ପାଦକ ଦଶରଥ ମାଝୀ, ସନ୍ତୋଷ ମାଝୀ, ବିଶି ମାଝୀ, ମନଧର ଛତ୍ରିଆ, ରାମେଶ୍ୱର ସେହୁଲ, ରାଜେଶ ବୁଦୁଲା, ଦୟାସାଗର ଚାରଦିଆ, ପବିତ୍ର କିସାନ, ନିର କିସାନଙ୍କ ସମେତ ସମସ୍ତ ଜାତିଭାଇ ଯୋଗ ଦେଇଥିଲେ।

# ତୃତୀୟ ଦିନରେ ଭାଜପାର ଗଣଧାରଣା ଜାରି

**ପୁରୁଣା ହସ୍ପିଟାଲକୁ ଅର୍ବାନ ସିଏଚ୍‌ସି ଘୋଷଣା ପ୍ରସଙ୍ଗ**

**ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲେ ସିଡିଏମ୍‌ଓ**

ଝାରସୁଗୁଡା ଅଫିସ, ୧୫।୩

ଝାରସୁଗୁଡା ସହର ମଙ୍ଗଳ ବଜାରସ୍ଥିତ ପୁରୁଣା ହସ୍ପିଟାଲକୁ ଅର୍ବାନ ସିଏଚ୍‌ସି ଘୋଷଣା କରାଯାଉ। ଏହି ଦାବି ନେଇ ଜିଲା ଭାଜପା ପକ୍ଷରୁ ଗତ ଶୁକ୍ରବାରଠାରୁ ଏହି ହସ୍ପିଟାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଗଣଧାରଣାର ତୃତୀୟ ଦିନ ରବିବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମଓ) ଡା. ଜଗଦୀଶ ଚନ୍ଦ୍ର ବାରିକ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଛନ୍ତି। ସେମାନଙ୍କ ଦାବି ତୁରନ୍ତ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି କରୋନା ଭାଇରସ ସଂକ୍ରମଣ ଯୋଗୁ ଜନ ଗହଳି କରିବାକୁ ମନା କରାଯାଇଛି। ଏଣୁ ଧାରଣାରେ ଗହଳି ନ କରିବାକୁ ସେ ପରାମର୍ଶ ମଧ୍ୟ ଦେଇଥିଲେ। ତେବେ ସୋମବାରଠାରୁ ଧାରଣା ସ୍ଥଳରେ ଭିଡ କରାଯିବନି। ଦାବି ପୂରଣ ନ ହେବା ଯାଏଁ କେବଳ ଦୁଇ ଜଣ ଲେଖାଏଁ ପ୍ରତିଦିନ ଧାରଣାରେ ବସିବେ ବୋଲି ଭାଜପା ନେତା ବିମଳେନ୍ଦୁ ଭୋଳ ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଉପରୋକ୍ତ ଦାବି ସହିତ ଏହି ହସ୍ପିଟାଲରେ ଆଉ ୫୦ ବେଡ୍ ବ୍ୟବସ୍ଥା କରିବା, ଅତିରିକ୍ତ ରୋଗୀ ସେବାର ବ୍ୟବସ୍ଥା ଏବଂ ରୋଗୀଙ୍କ ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସର ବ୍ୟବସ୍ଥା କରିବାକୁ ଦାବି କରି ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଶନିବାର ଦ୍ୱିତୀୟ ଦିନରେ ରେଙ୍ଗାଲି ବିଧାୟକ ନାଉରି ନାୟକ ଧାରଣାରେ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ କରଥିଲେ।

# ଗଏଯୋର ଗୋପବନ୍ଧୁ କ୍ଲବ୍ ବିଜୟୀ

**ଠାକୁରପଡାରେ ବାସୁଦେବ-ତ୍ରିମଣୀ ବିଶ୍ୱାଳ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

କିର୍ମିରା, ୧୫।୩ (ଡି.ଏନ.ଏ.)

କିର୍ମିରା ବ୍ଲକ ଠାକୁରପଡା ଗ୍ରାମରେ ଅଷ୍ଟମ ବାସୁଦେବ ବିଶ୍ୱାଳ ଏବଂ ତ୍ରିମଣୀ ବିଶ୍ୱାଳ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଫାଇନାଲ ଖେଳ ବେଲପାହାଡ ଆଦର୍ଶ କ୍ଲବ ଓ ଗଏଯୋର ଗୋପବନ୍ଧୁ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଏଯୋର ଦଳ ବିଜୟୀ ହୋଇଛି। ଏହି ଅବସରରେ ଜିଲା ଶାରୀରିକ କ୍ରୀଡା ଅଧିକାରୀ ଡମ୍ବରୁଧର ପୂଜାରୀ, ଜଗନ୍ନାଥ ଜେନା, ଅମିତ ବିଶ୍ୱାଳ, ସବିତା ପ୍ରଧାନ, ଉର୍ମିଳା ବିଶ୍ୱାଳ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ବିଭିନ୍ନ ଅଞ୍ଚଳରୁ ୮ଟି ଟିମ୍ ଯୋଗ ଦେଇଥିଲେ। ଶୋଭନ ବିଶ୍ୱାଳ, ଘନଶ୍ୟାମ ଚୌଧୁରୀ, ଅଜିତ ବିଶ୍ୱାଳ, ଦିନେଶ ବିଶ୍ୱାଳ, ସୁଶୀଲ ପ୍ରଧାନ, ପ୍ରଦୀପ ବିଶ୍ୱାଳ, ମେଘନାଦ ଭୋଇ, ଚୁଡାମଣୀ ଚୌଧୁରୀ, ଅଶ୍ୱିନୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ବୈକୁଣ୍ଠ ପ୍ରଧାନ, ହୁତାଶନ ବାଗ, ଅରୁଣ ଅଡ଼ା, ସୁରନ ପ୍ରଧାନ, ରାଜେଶ ଛତ୍ରିଆ ଖେଳ ପରିଚାଳନା କରିଥିଲେ ।



ବାସୁଦେବ-ତ୍ରିମଣୀ ବିଶ୍ୱାଳ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ରାଉରକେଲାରେ କରୋନା ଭୟ: ବଜାର ଫାଙ୍କା

ରାଉରକେଲା ଅଫିସ, ୧୫। ୩

କରୋନା ଭାଇରସ ନେଇ ବିଭିନ୍ନ କ୍ଷେତ୍ରରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଅନୁଭୂତ ହୋଇଛି। ଏପରିକି ସାଧାରଣ ଲୋକେ ପରସ୍ପର ମଧ୍ୟରେ ଅନ୍ତରଙ୍ଗ କଥା ହେବା, ହାତ ମିଶାଇବାକୁ ଭୟ କରୁଛନ୍ତି। ପୂର୍ବାପେକ୍ଷା ବଜାରରେ ଟିକେ ଭିଡ କମିଛି। ଅଧିକ ଭିଡ ସ୍ଥାନକୁ ଲୋକେ ଜାଣିଶୁଣି ଯିବାକୁ ପସନ୍ଦ କରୁ ନାହାଁନ୍ତି। ସହରର ଡେଲି ମାର୍କେଟ, ପାନପୋଷ ବଜାର, ଟ୍ରାଫିକ ମାର୍କେଟ ଆମ୍ବାଗାନ ଭଳି କେତେକ ସ୍ଥାନରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗତ ଦୁଇ ଦିନ ହେବ ବର୍ଷା ସତ୍ତ୍ୱେ ସାଧାରଣ ଗ୍ରାହକ ବଜାରକୁ ଆସୁଥିଲେ ବି ଭିଡକୁ ଅଣଦେଖା କରୁଛନ୍ତି। ଅଧିକ ଭିଡ ସ୍ଥାନକୁ ଆସିବାକୁ ପସନ୍ଦ କରୁ ନାହାଁନ୍ତି। ବଜାରରେ ସାଧାରଣ ଭାବେ ଗହଳ ଲାଗି ରହୁଛି। ଅନେକ ଏଥିରୁ ନିଜକୁ ଦୁରେଇ ରଖିବାକୁ ଚେଷ୍ଟା କରୁଥିବା ଦେଖାଯାଉଛି। ପରିବା ଗଣ୍ଡାକ ଧରି କେମିତି ଖସି ପଳାଇବା ସେନେଇ ଗ୍ରାହକଙ୍କ ମଧ୍ୟରେ ତତ୍ପରତା ଦେଖାଯାଇଛି। ଆଗାମୀ ଦିନରେ ଯଦି ଏହି ଅବସ୍ଥା ଲାଗି ରହେ ତେବେ ବଜାର ସହ କାରବାର ଫାଙ୍କା ପଡିବା ସମ୍ଭାବନା ସୃଷ୍ଟି ହୋଇଛି।



କରୋନା ଭାଇରସ ଭୟ ନେଇ ବଜାରରେ ଗହଳି ନାହିଁ।

# ବାଗଡିହିରେ ଶ୍ୟାମ ଫାଲ୍‌ଗୁନ ମହୋତ୍ସବ

କିର୍ମିରା, ୧୫।୩ (ଡି.ଏନ.ଏ.)

କିର୍ମିରା ବ୍ଲକ ବାଗଡିହି ଗ୍ରାମରେ ଶ୍ୟାମ ଫାଲଗୁନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଗଡିହି ଶ୍ରୀ ଶ୍ୟାମ ପ୍ରେମ ମଣ୍ଡଳ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରର ପ୍ରସିଦ୍ଧ ଭଜନ ଗାୟକ ସୋନୁ ସିଂଘାନିଆଁ ଭଜନ ପରିବେଷଣ କରିଥିଲେ । ଶ୍ରୀ ରାଧାକୃଷ୍ଣ ମନ୍ଦିରରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ମାତାଦିନ ଶର୍ମା, ଅଙ୍କିତ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ସୁରଜ ଶର୍ମା, ଗୋବର୍ଦ୍ଧନ ସାହୁ, ଅଜୟ ଶର୍ମା, ଆନନ୍ଦ ଅଗ୍ରୱାଲ, ସୁଭାଷ ବାଧାନ, ହରିଶଙ୍କର ଅଗ୍ରୱାଲ, ସୁରେଶ ଶ୍ରୀବାସଙ୍କ ସମେତ ବହୁ କୃଷ୍ଣ ପ୍ରେମୀ ଉପସ୍ଥିତ ଥିଲେ । ବାଗଡିହି ଏବଂ ଝାରସୁଗୁଡା ଶ୍ୟାମଦରବାର ମଣ୍ଡଳୀ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ବୁଢ଼ାଦେଓ ଲୋକ ମହୋତ୍ସବ ଉଦ୍‌ଯାପିତ

ଝାରସୁଗୁଡା ଅଫିସ, ୧୫।୩

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଝାରସୁଗୁଡା ଜିଲା ଆୟୋଜନ ସମିତି ପକ୍ଷରୁ ବୁଢ଼ାଦେଓ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଧାୟିକା କୁସୁମ ଟେଟେ ଯୋଗ ଦେଇ ଜିଲାର ଆଦିବାସୀମାନଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ କୌଣସି ପରିସ୍ଥିତିରେ ଥିଲେ ସୁଦ୍ଧା ସହଯୋଗ କରିବେ ବୋଲି କହିଥିଲେ। ସେହିପରି ଝାରସୁଗୁଡା ଜିଲାର ଲଇକେରା ଓ କିର୍ମିରା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏହି ବ୍ଲକ ଦ୍ୱୟକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ବିକାଶ କରିବା ଆବଶ୍ୟକ ହୋଇ ପଡିଛି। ଏ ନେଇ ରାଜ୍ୟପାଳ, କେନ୍ଦ୍ର ସରକାର ଓ ବିଧାନସଭାର ଦୃଷ୍ଟି ଆକର୍ଷଣ କରିବେ ବୋଲି ମଧ୍ୟ କହିଥିଲେ। ତେବେ କରୋନା ଭାଇରସ ପାଇଁ ଜନ ଗହଳି କରିବା ନେଇ ନିଷେଧ ଥିବାରୁ ବହୁ ନିରାଡମ୍ବର ଭାବେ ଉତ୍ସବ ପାଳନ କରାଯାଇଥିଲା। ମହୋତ୍ସବରେ ରାଜ୍ୟର ମୟୂରଭଞ୍ଜ, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ଦେବଗଡ, ସୁନ୍ଦରଗଡ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡା, ବରଗଡ, ସୋନପୁର, ବୌଦ୍ଧ, ନୟାଗଡ, କଟକ, ଖୋର୍ଦ୍ଧ, ସମ୍ବଲପୁର, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାର କର୍ମକର୍ତ୍ତା ଯୋଗ ଦେଇଥିଲେ। ମହୋତ୍ସବରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କେନ୍ଦୁଝରରେ ହେବାକୁଥିବା ମହାସଭା ଅଧିବେଶନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଝାରସୁଗୁଡା ଜିଲା ସଭାପତି ଡମ୍ବରୁଧର ନାଏକ, ମହାସଚିବ ଶ୍ୟାମଲାଲ ନାଏକ, ରାଜ୍ୟ ମହାସଚିବ ପ୍ୟାରିମୋହନ ନାଏକ, ମିନକେତନ ମାଝୀ, ସଦାଶିବ ନାୟକ, ଚୁଡାମଣି ଧ୍ରୁରୁଆ, କେନ୍ଦୁଝର ଜିଲା ସଭାପତି ଜନାର୍ଦ୍ଦନ ନାୟକ, ଦେବଗଡ ଜିଲା ସଭାପତି ଦିବାକର ପାତ୍ର, ସମ୍ବଲପୁର ଜିଲା ସଭାପତି ଚୈତନ୍ୟ ଧ୍ରୁରୁଆ, ବରଗଡ ଜିଲା ସଭାପତି ସୌଦାଗର କୁଅଁର, ବୁନ୍ଦେ ଧ୍ରୁରୁଆ, ବୀର ଅମରେନ୍ଦ୍ର ପ୍ରତାପ ସିଂ, ଫକୀର ନାଏକ, ଲଳିତ ମୋହନ ନାଏକ, ଦମୟନ୍ତୀ ମହାପାତ୍ର, ଠାକୁର ପ୍ରଧାନ, ତେଜରାମ ନାଏକ, ବସନ୍ତ ଭୋଇ, ରୋହିତ ଧ୍ରୁରୁଆ, ଅଭିନ୍ନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




ବୁଢ଼ାଦେଓ ଲୋକ ମହୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# ବାଦିମାଲକୁ ହରାଇ ରେମଣ୍ଡା ଚାମ୍ପିୟନ

**ଦ୍ୱିଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

ଲଖନପୁର, ୧୫।୩(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀ ଖେଳପଡିଆରେ ସ୍ଥାନୀୟ ଫିଡମ୍ କ୍ଲବ୍ ତରଫରୁ ଦ୍ୱି ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ରେମଣ୍ଡା ଓ ବାଦିମାଲ ଦଳ ମଧ୍ୟରେ ଫାଇନାଲ୍ ଖେଳ ହୋଇଥିଲା। ବାଦିମାଲ ଦଳ ଟସ୍ ଜିତି ରେମଣ୍ଡା ଦଳକୁ ବ୍ୟାଟିଂ କରିବାପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମେ ରେମଣ୍ଡା ଦଳ ବ୍ୟାଟିଂ କରି ୯ ଉଇକେଟ୍ ହରାଇ ୯୭ରନ୍ କରିଥିଲା । ଏହାର ଜବାବରେ ପ୍ରତିପକ୍ଷ ବାଦିମାଲ ଦଳ ସମସ୍ତ ଉଇକେଟ୍ ହରାଇ ୬୬ରନ୍ କରିବା ପାଇଁ ସକ୍ଷମ ହୋଇଥିଲା । ଏଥିମଧ୍ୟରେ ବାଦିମାଲ ଦଳକୁ ହରାଇ ରେମଣ୍ଡା ଦଳ ଚାମ୍ପିୟନ ହୋଇଛି। ଅଭିଳାଷ ବେହେରା ଓ ଟଙ୍କ ପ୍ରଧାନ ପ୍ରମୁଖ ଆମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ଦୁବେ ଭାଷ୍ୟକାର ଥିଲେ। ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ବିଶ୍ୱଜିତ୍ ଷଡଙ୍ଗୀ, ନିଳେନ୍ଦ୍ର କୁମାର ଗଜେନ୍ଦ୍ର, ଫିଡମ୍ କ୍ଲବ୍ ସମ୍ପାଦକ ସିଦ୍ଧାର୍ଥ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ରେମଣ୍ଡା ଦଳକୁ ଚାମ୍ପିୟନ୍ ଟ୍ରଫି ସହ ୫ହଜାର ଟଙ୍କା ଓ ଉପବିଜେତା ବାଦିମାଲ ଦଳକୁ ରନ୍‌ର୍ସ ଟ୍ରଫି ସହ ୩ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ବାଦିମାଲ ଦଳର ଖେଳାଳି ଲୋଚନା ସାହୁ ସର୍ବାଧିକ ୩୨ ରନ୍ କରିଥିବାବେଳେ ରେମଣ୍ଡା ଦଳର ଖେଳାଳି ଟିକେଶ୍ୱର ଭୋଇ ସର୍ବାଧିକ ୨୪ରନ୍ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ବାଦିମାଲ ଦଳର ଖେଳାଳି ମାନସ ରଞ୍ଜନ ବେହେରା ଗୋଟିଏ ଓଭରରେ ୩ ଉଇକେଟ୍ ନେଇ ହାଟ୍ରିକ୍ ଅର୍ଜନ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ରେମଣ୍ଡା ଦଳର ଖେଳାଳି ବିରେନ୍ଦ୍ର ଖିଲେଇ ସର୍ବାଧିକ ୪ ଉଇକେଟ୍ ଅକ୍ତିଆର୍ କରିଥିଲେ। ରେମଣ୍ଡା ଦଳର ଖେଳାଳି ସୁନିଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମ୍ୟାନ୍ ଅଫ୍ ଦି ସିରିଜ୍ ବାଦିମାଲ ଦଳର ଖେଳାଳି ଡିଲେଶ୍ୱର ମିରିଗଣ୍ଡୁ ମିଳିଛି। ବେଷ୍ଟ କିପର ଭାବେ ରେମଣ୍ଡା ଦଳର ଖେଳାଳି ବ୍ୟୋମକେଶ ପାଣ୍ଡେ, ବେଷ୍ଟ ବୋଲର୍ ଭାବେ ରେମଣ୍ଡା ଦଳର ଖେଳାଳି ବିରେନ୍ଦ୍ର ଖିଲେଇ ପ୍ରମୁଖ ମନୋନିତ ହୋଇଥିଲେ। ଅଭିଷେକ କରାଳୀ, ନରେନ୍ଦ୍ର କର, ସଦାନନ୍ଦ ତନ୍ତୀ, ରୋହିତ କରାଳୀ, ଆଶିଷ ସାହୁ, ଅଶୋକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳି।



“ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଜିଏମ୍‌ୟୁ ଏମ୍‌ବିଏ ଛାତ୍ରଙ୍କ ମୃତ୍ୟୁ

**ସମ୍ବଲପୁର, ୧୫।୩ (ବ୍ୟୁରୋ):** ବୁର୍ଲା ଥାନା ଅଠରହଜାର ନିକଟସ୍ଥ ରେଳ ଫାଟକରେ ରବିବାର ଟ୍ରେନ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ କ୍ଷେତରାଜପୁର ଥାନା ତିୱାରୀ ଗଳିର ତବଜ୍ୟୋତ ସିଂ ତିୱାନି (୨୩) । ସେ ଜିଏମ୍‌ୟୁ ଏମ୍‌ବିଏ ଛାତ୍ର ବୋଲି ଜଣାପଡିଛି। ଜିଆରପି ପୋଲିସ ମୃତଦେହ ଜବତ କରି ବୁର୍ଲା ଭିମ୍‌ସାରରେ ବ୍ୟବଚ୍ଛେଦ ପାଇଁ ରଖିଛି । ସୂଚନାଯୋଗ୍ୟ ଯେ, ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ତବଜ୍ୟୋତ ତାଙ୍କ ସାଙ୍ଗମାନଙ୍କ ସହିତ ଅଠରହଜାରକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ରେଳ ଫାଟକ ପଡିଥିଲା। ଫାଟକ ଡେଇଁ ସେ ଆରପାରିକି ଯିବାକୁ ଚେଷ୍ଟା କରିଥିଲେ। ହେଲେ ହଠାତ ଏକ ମାଲ ଗାଡି ଆସି ତାଙ୍କୁ ଧକ୍କା ଦେବାରୁ ସେ ଛିଟିକି ପଡିଯାଇଥିଲେ। ବୁର୍ଲା ଭିମ୍‌ସାରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପାନୀୟ ଜଳଯୋଗାଣ ଶୁଭାରମ୍ଭ

**ରେଙ୍ଗାଲି, ୧୫।୩ (ଡି.ଏନ.ଏ.):** ପଧାନପାଲିସ୍ଥିତ ମେଗା ୱାଟର ପ୍ରୋଜେକ୍ଟରୁ ପାନୀୟ ଜଳ ଯୋଗାଣର ଶୁଭାରମ୍ଭ ହୋଇଛି। ରବିବାର ସାଲଡସ୍ଥିତ ପାଣି ଟାଙ୍କିଠାରେ ପୂଜାର୍ଚ୍ଚନା କରାଯାଇ ଏହି ଜଳଯୋଗାଣ ଶୁଭାରମ୍ଭ କରାଯାଇଥିଲା। ଏଥିରେ ସମ୍ବଲପୁର ନିର୍ବାହୀ ଯନ୍ତ୍ରୀ ବିଭୂ ରାଉତରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ଳବ କୁମାର କିଷାନ, ରେଙ୍ଗାଲି ସହକାରୀ ଯନ୍ତ୍ରୀ ମକରଧ୍ୱଜ ନାୟକ, ବିଶ୍ୱକେଶନ ବିଶ୍ୱାଳ, ଅନ୍ତଯର୍ୟାମୀ ପାଣି, ପ୍ରଶାନ୍ତ ପଣ୍ଡା, ସୁରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରାଚାଲାଣ ବେଳେ କାଠ ସହ ଗାଡ଼ି ଜବତ

**ରେଢ଼ାଖୋଲ,୧୫।୩ (ଡି.ଏନ.ଏ):** ସମ୍ବଲପୁର ଜିଲା ରେଢାଖୋଲ ବନ ବିଭାଗ ଚୋରା ଚାଲାଣ ବେଳେ ଏକ କାଠଗାଡିକୁ ଜବତ କରିଛି। କୁକୁଡାବାହାଲି ପଞ୍ଚାୟତର ବଡନୂଆପଡା ଛକ ନିକଟରୁ ଶନିବାର ରାତିରେ ଏହି ପିକ୍‌ଅପ୍ ଭ୍ୟାନ୍ (ଓଡି୧୫ଏନ ୪୩୦୫)କୁ ଜବତ କରିଥିଲା। ଏଥରୁ ୨୪ଖଣ୍ଡ ଚଉକାଠ ଜବତ କରିଛି। ହେଲେ ଚୋରାଚାଲାଣକାରୀ ଫେରାର ହୋଇଯାଇଛନ୍ତି।

### ନୂତନ କର୍ମକର୍ତ୍ତା ଚୟନ

**ରେଙ୍ଗାଲି, ୧୫।୩ (ଡି.ଏନ.ଏ.):** ତରୋପଣି ହାଇସ୍କୁଲରେ ରବିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଆଞ୍ଚଳିକ ସଂଘର ନୂଆ କର୍ମକର୍ତ୍ତା ଚୟନ ହୋଇଛନ୍ତି। ପ୍ରମୋଦ ପଧାନ, ସଞ୍ଜୟ କିଷାନ, ଟିକେଶ୍ୱର ବେହେରା, ପ୍ରଫୁଲ୍ଲ ପାତ୍ର, ଅନ୍ତର୍ଯ୍ୟାମୀ ଛୁରିଆ, ଆଲୋକ ପଧାନ, ଦିବ୍ୟରଞ୍ଜନ ନାୟକ, ଅତିଶ ସାହୁ, ରିତେଶ ବେହେରା, ଦୟାସାଗର ବେହେରା, ଚିନ୍ତା ବାଗ, ସନ୍ତୋଷ ତ୍ରିପାଠୀ, ନବୀନ ପ୍ରଧାନ, ଭୀଷ୍ମଜିତ ଭୋଇ, ଡିଲେଶ୍ୱରୀ ଭୋଇ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା କମିଟିରେ କିରଣ ବେହେରା, ମୁକୁନ୍ଦ ବେହେରା, ହରିଶଙ୍କର ବେହେରା, ସୁବାସ ବିଶ୍ୱାଳ, ନରୋତ୍ତମ ବେହେରା ପ୍ରମୁଖ ରହିଛନ୍ତି।

# ଚଢ଼ାଦରରେ ମାସ୍କ ବିକିଲେ ଆକ୍ସନ

**ସମ୍ବଲପୁର,୧୫।୩ (ବ୍ୟୁରୋ)**

ଭୟଙ୍କର କରୋନା ଭୂତାଣୁକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ହୋଇପଡିଛି। ଲୋକେ କିଭଳି ସଚେତନ ହେବେ ଓ ସବୁ ସ୍ତରରେ କିଭଳି ଏହାର ମୁକାବିଲା କରିହେବ ସେ ରାଜ୍ୟ ସରକାର ଆଡଭାଇଜାରି ଜାରି କରିଛନ୍ତି। ଶିକ୍ଷାନୁଷ୍ଠାନ ଛୁଟି ଘେଷଣା କରାଯାଇଛି। ମଲ, ପର୍ଯ୍ୟଟନ ସ୍ଥଳ, ଫିଲ୍ମ ହଲ୍ ଭଳି ସ୍ଥାନରେ ଭିଡ ନ ଜମିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲା ପ୍ରଶାସନ ମଧ୍ୟ ସଜାଗ ରହିଛି। ପ୍ରତିଦିନ ତୁହାକୁ ତୁହା ବୈଠକ ବସୁଛି। ବିଭିନ୍ନ ଅନୁଷ୍ଠାନ, ବିଭାଗ, ସଂଗଠନ ସହ ଆଲୋଚନା କରାଯାଉଛି। ରବିବାର ମଧ୍ୟ ଡିପିସିଙ୍କ ସଭା କକ୍ଷରେ ଜିଲାପାଳ ଶୁଭମ୍ ସକସେନାଙ୍କ ଅଧକ୍ଷତାରେ ବୈଠକ ବସିଥିଲା। ଜିଲାର ସମସ୍ତ ଔଷଧ ଡିଲର ଓ ବ୍ୟବସାୟୀ, ନର୍ସିଂହୋମ୍ ମାଲିକମାନଙ୍କୁ ନେଇ ଏହି ବୈଠକ ବସିଥିଲା। ସମସ୍ତ ଡିଲରଙ୍କ ପାଖରେ ଆବଶ୍ୟକ ମାସ୍କ ଓ ଔଷଧ ଗଚ୍ଛିତ ରଖିବାକୁ କୁହାଯାଇଛି। ବର୍ତ୍ତମାନ ସମୟରେ ବଜାରରୁ ମାସ୍କ ଉଭାନ ହୋଇଯାଉଛି। କେତେକ କ୍ଷେତ୍ରରେ ଦୋକାନରେ ଏହା ମହଜୁଦ ଥିଲେ ମଧ୍ୟ ଗ୍ରାହକଙ୍କୁ ଦିଆଯାଉ ନାହିଁ। ଅଧିକ ଲାଭ ପାଇବାକୁ ଦୋକାନୀମାନେ ଆଶା ବାନ୍ଧି ରହୁଛନ୍ତି। ଏଭଳି କି ୫୦୦ ଟଙ୍କାରେ ମଧରେ ଗୋଟିଏ ମାସ୍କକୁ ବିକ୍ରି କରିବାର ଖବର ଆସୁଛି। ଏଣୁ ଜାଣିଶୁଣି ଏହାକୁ କଳାବଜାର ନ କରିବା ପାଇଁ ଜିଲାପାଳ ସାକ୍‌ସେନା ତାଗିଦ କରିଛନ୍ତି।

ଚଢା ଦରରେ ମାସ୍କ ବିକ୍ରି କରିବା ନେଇ କୌଣସି ଗ୍ରାହକଙ୍କଠାରୁ ଯଦି ଅଭିଯୋଗ ଆସେ ବା ଖବର ମିଳେ ତେବେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସିଧାସଳଖ ଶୁଣାଇ ଦେଇଛନ୍ତି । ସେହିପରି ନର୍ସିଂହୋମ୍ ମାଲିକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଆଇସୋଲେସନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବ୍ୟକ୍ତିଙ୍କ ପ୍ରତି ସନ୍ଦେହ କଲେ ସିଧା ସଳଖ ପ୍ରଶାସନ ଓ ସିଡିଏମ୍‌ଓଙ୍କୁ ଜଣାଇବାକୁ କୁହାଯାଇଛି । ଏଭଳି ବିପଦଜନକ ସମୟରେ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ମହାନଗର ନିଗମ କମିଶନର ଯୁଗଳେଶ୍ୱରୀ ଦାସ, ସିଡିଏମଓ ଶଶିଭୂଷଣ ପଟେଲଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କରୋନା ମୁକାବିଲା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ପରିସରରେ କରୋନା ମୁକାବିଲାକୁ ନେଇ ବୈଠକ ବସିଛି।

**କରୋନା ମୁକାବିଲା ଚିନ୍ତା**

- ଔଷଧ ଡିଲର, ବ୍ୟବସାୟୀ, ନର୍ସିଂହୋମ୍ ମାଲିକଙ୍କୁ ନେଇ ବୈଠକ
- ମାସ୍କ, ଔଷଧ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ
- ସ୍ୱତନ୍ତ୍ର ଆଇସୋଲେସନ ବ୍ୟବସ୍ଥା କରିବାକୁ ନର୍ସିଂହୋମ୍ ମାଲିକଙ୍କୁ ନିର୍ଦ୍ଦେଶ
- ସନ୍ଦେହ ହେଲେ ପ୍ରଶାସନ, ସିଡିଏମ୍‌ଓଙ୍କୁ ଜଣାଇବାକୁ ପରାମର୍ଶ

**ପର୍ଯ୍ୟଟକଙ୍କୁ ଯାଞ୍ଚ କରି ସଚେତନ କର**

ଅନ୍ୟ ଏକ ବୈଠକରେ ଜିଲାର ହୋଟେଲ ବ୍ୟବସାୟୀମାନେ ମଧ୍ୟ ଯୋଗ ଦେଇଥିଲେ। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନ କରିବା ସହ ଯାଞ୍ଚ କରିବା ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କୌଣସି ପର୍ଯ୍ୟଟକ ବାହାରୁ ଆସିଲେ ପ୍ରଶାସନକୁ ତାଲିକା ଦେବାକୁ କହିଛନ୍ତି। ଏଥିରେ ଅବହେଳା ନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ହୋଟେଲରେ ସଭା, ସମିତି, ଉତ୍ସବ ଆୟୋଜନ କରି ଭିଡ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ମହାନଗର ନିଗମ ପକ୍ଷରୁ ଆଡଭାଇଜାରି ଜାରି ହେଲା**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ କରୋନା ମୁକାବିଲା ପାଇଁ ରବିବାର ସଚେତନତା ଆଡଭାଇଜାରି ଜାରି କରାଯାଇଛି । କରୋନା ଭୂତାଣୁ ନାକ, ଆଖି, ମୁହଁ ଦେଇ ଶରୀରକୁ ପ୍ରବେଶ କରିଥାଏ। ମାକ୍ସ ବ୍ୟବହାର କରିବା, ହାତକୁ ହ୍ୟାଣ୍ଡ ୱାସ ଓ ସାବୁନରେ ନିୟମିତ ଭାବେ ସଫା କରିବାକୁ କୁହାଯାଇଛି। ସିନେମା ହଲ, ହୀରାକୁଦ ରୋପୱେ, ସୁଇମଂ ପୁଲ୍, ଘରୋଇ ଓ ସରକାରୀ ଶିକ୍ଷା ଅନୁଷ୍ଠାନ ବନ୍ଦ କରିବାକୁ ପଦକ୍ଷେପ ନେବା ଲାଗି କୁହାଯାଇଛି। ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟ ଓ ସଭାସମିତି କରି ଭିଡ ନ କରିବାକୁ ଅନୁରୋଧ କରାଯାଇଛି।

# ବିପଦସଂକୁଳ ଅବସ୍ଥାରେ ବିଦ୍ୟାଳୟ ପାଚେରି



ବିପଦସଂକୁଳ ଅବସ୍ଥାରେ ସମ୍ବଲପୁର ମ୍ୟୁନିସିପାଲିଟି ଗର୍ଲ୍ସ ହାଇସ୍କୁଲ ପାଚେରି ।

**ସମ୍ବଲପୁର, ୧୫।୩ (ବ୍ୟୁରୋ)**

ପୁରୁଣା ସରକାରୀ ମ୍ୟୁନିସିପାଲ ଗାର୍ଲ୍ସ ହାଇସ୍କୁଲ ପାଚେରୀ ବିପଦ ସଂକୁଳ ଅବସ୍ଥାରେ ରହିଛି । ମୁଦିପଡା–କୁଞ୍ଜେଲପଡା ରାସ୍ତାରେ ଏହି ସ୍କୁଲ ରହିଛି। ତେଣୁ ଏହି ରାସ୍ତାରେ ଜନସାଧାରଣ ନିୟମିତ ଭାବେ ଯାତାୟତ କରୁଛନ୍ତି । ଏପରିକି ଏହି ରାସ୍ତା ଦେଇ ସମ୍ବଲପୁର ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ଛାତ୍ରୀମାନେ ଯାଇଥାନ୍ତି । ଏହାଦ୍ୱାରା ପାଚେରୀ ଭାଙ୍ଗି ପଡିବା ଆଶଙ୍କା ରହିଛି । ଏ ନେଇ ପଟ୍ଟନାୟକପଡା, କୁଞ୍ଜେଲପଡା, ଲମ୍ବୁଲିଆ ଛକ, ତଅଁଳାପଡା ବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ପଦକ୍ଷେପ ନିଆଯାଉନି। ସୂଚନାଯୋଗ୍ୟ ଯେ, ଏହି ସରକାରୀ ଗାର୍ଲ୍ସ ହାଇସ୍କୁଲ ସଂପୂର୍ଣ୍ଣ ଭାବେ ୧ବର୍ଷ ହେବ ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ସହ ମିଶ୍ରଣ ହୋଇଛି । ଫଳରେ ଏଠାରେ ପାଠ ପଢ଼ା ହେଉନାହିଁ। ତେଣୁ ଏହା ଜରାଜିର୍ଣ୍ଣ ହୋଇ ପଡି ରହିଛି। ଏହି ସ୍କୁଲ ପରିସରକୁ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ନଚେତ୍ ସହର ମଝିରେ ଥିବା ସ୍କୁଲ ପରିସରଟି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳି ପାଲଟିବ ଏଥିରେ କୌଣସି ସନ୍ଦେହ ନାହିଁ।

### ସମୁଦ୍ରରେ ବୁଡ଼ି ଯିବାବେଳେ ୪ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ, ୧୫।୩**

ପୁରୀ ସମୁଦ୍ରରେ ସ୍ନାନ କରୁଥିବାବେଳେ ୪ଜଣ ପର୍ଯ୍ୟଟକ ବୁଡ଼ି ଯାଉଥିଲେ। ତେବେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ନିୟୋଜିତ ଲାଇଫ୍‌ଗାର୍ଡ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୫ଟାରେ ସେକ୍ଟର–୫ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସମୁଦ୍ରରେ ବିହାର ନଓ୍ୱଦା ଜିଲାର ରବି ସୌରଭ (୨୨), ଝାଡ଼ଖଣ୍ଡ ବହିଦା ଜିଲାର ପ୍ରତୀକ କୁମାର (୨୪), ନେହୁଲ କୁମାର (୨୪) ଏବଂ ରତନ କୁମାର (୨୪) ଗାଧୋଉଥିଲେ। ହଠାତ୍ ସେମାନେ କରେଣ୍ଟରେ ପଡ଼ି ସମୁଦ୍ର ଭିତରକୁ ଟାଣି ହୋଇଯାଉଥିଲେ। ସେମାନେ ବୁଡ଼ିଯାଉଥିବା ଦେଖି ବେଳାଭୂମିରେ ଥିବା ଲାଇଫ୍‌ଗାର୍ଡ ଜି. କୁମାର, ଏମ୍. ରାମଣା, ପି. ଲକ୍ଷ୍ମୀଧର ଏବଂ ଏ. କ୍ରିଷ୍ଣା ସମସ୍ତଙ୍କୁ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ଲାଇଫ୍‌ଗାର୍ଡ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି।

# ହ୍ୟାଣ୍ଡଶେକ୍ ନୁହେଁ, କେବଳ ହସଟିଏ

**ପୁରୀ ଅଫିସ,୧୫।୩**

- ମର୍ନିଂୱାକ୍‌ରେ କରୋନା ସଚେତନତା
- ହାତ ଫେରାଇ ନେଉଛନ୍ତି ବନ୍ଧୁ

କରୋନା ଭାଇରସର ଭୟାବହତା ସାରା ବିଶ୍ୱକୁ ଘୋଟିଛି। ଲକ୍ଷାଧିକ ଲୋକେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବାବେଳେ ୫,୯୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ଭାରତରେ ମଧ୍ୟ ଧୀରେ ଧୀରେ କାୟା ମେଲାଉଛି କରୋନା। ଓଡ଼ିଶା ସରକାର ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଯଦିଓ ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି ତଥାପି ପ୍ରତିଦିନ ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷା ପାଇଁ ଯିବା ଖବର ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଉଛି। ଏହି ମହାବିପତ୍ତିରୁ କିପରି ରକ୍ଷା ପାଇହେବ ସେଥିଲାଗି ସରକାର ବିଭିନ୍ନ ପ୍ରକାର ପରାମର୍ଶ ଜାରି କରୁଛନ୍ତି। ସଚେତନତା ଏବଂ ସତର୍କତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଭଳିସ୍ଥିତିରେ ଲୋକଙ୍କ ଚାଲିଚଳଣିରେ ଭିନ୍ନତା ପରିଲକ୍ଷିତ ହୋଇଛି, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ପୁରୀରେ ମର୍ନିଂୱାକ୍ ସମୟରେ। ପୂର୍ବରୁ ଲୋକେ ବାଟରେ ଭେଟୁଥିବା ବନ୍ଧୁଙ୍କୁ ହାତ ମିଳାଉଥିଲେ। ଏବେ ତାହା ବନ୍ଦ ହୋଇଯାଇଛି। ପ୍ରାତଃଭ୍ରମଣ ସମୟରେ ବନ୍ଧୁଙ୍କୁ ଦେଖିଲେ ଆଉ ହ୍ୟାଣ୍ଡଶେକ୍ ନୁହେଁ କହି, ଉଭୟେ ହସିଦେଇ ଯିଏ ଯାହାର ବାଟରେ ଯାଉଛନ୍ତି।

ପ୍ରାତଃ ଭ୍ରମଣ ହେଉ ଅବା ସାନ୍ଧ୍ୟ ଭ୍ରମଣ, ପୁରୀ ସହରବାସୀ ଗାନ୍ଧୀ ପାର୍କକୁ ପସନ୍ଦ କରିଥାନ୍ତି। ବେଳାଭୂମି କଡ଼ରେ ଥିବା ଏହି ପାର୍କ ବେଶ୍ ସୁନ୍ଦର ଆଉ ସବୁଜିମାମୟ। ତେଣୁ ଏଠାରେ ସହରବାସୀଙ୍କ ଉପସ୍ଥିତି ଦେଖିବାକୁ ମିଳେ। ପାର୍କର ପଛ ଗେଟ୍ ଦେଇ କେହି କେହି ବେଳାଭୂମି କଡ଼େ କଡ଼େ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଚାଲି ଚାଲି ଯାଇଥାନ୍ତି। ଶନିବାର ପ୍ରାତଃ ଭ୍ରମଣ ସମୟରେ ଲୋକେ ଆଉ ପୂର୍ବ ପରି ସେମାନଙ୍କ ଚିହ୍ନାମୁହଁ ସହ ହାତ ନ ମିଳାଇ ପରସ୍ପରକୁ ସତର୍କ ରହିବାକୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଥିଲା। ମର୍ନିଂ ୱାକ୍ କରୁଥିବା ସଞ୍ଜୟ ମହାପାତ୍ର କହିଛନ୍ତି ଯେ, ଯଥାସମ୍ଭବ କାହା ସଂସ୍ପର୍ଶରେ ନ ଆସିବା ଉଚିତ। ହାତକୁ ଭଲ ଭାବେ ଧୋଇବା ଲାଗି ମଧ୍ୟ ପରାମର୍ଶ ଦିଆଯାଇଛି। ତେଣୁ କାହା ସହ ହାତ ମିଳାଇବାକୁ ଏବେ ଚେଷ୍ଟା କରୁନି। ଏବେ ଯଦି କେହି ବାଟରେ ଦେଖା ହେଉଛନ୍ତି, କେବଳ ହସିକି ପଦିଏ କଥା କହି ତାଙ୍କଠାରୁ ବିଦାୟ ନେଉଛି ବୋଲି ସେ କହିଛନ୍ତି।



# ଦୁର୍ଘଟଣା ପାଇଁ ଧରା ପଡ଼ିଗଲେ

**ଜମନକିରା,୧୫।୩ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ କଲୁଣ୍ଡି ରାସ୍ତାରେ ଶନିବାର ରାତି ସାଢ଼େ ୧ଟାରେ ୨ଟି ଟ୍ରକ୍‌ରୁ ଲୁଟ୍ ହୋଇଛି। ଏହି ଘଟଣାରେ ରବିବାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ସମସ୍ତେ ବରଗଡ଼ର ବୋଲି ପୋଲିସ କହିଛି। ତିନି ଅଭିଯୁକ୍ତ ହେଲେ କାଳିମନ୍ଦିର ଅଞ୍ଚଳର ଆକାଶ ଓରଫ୍ ମନିଶ କୁମାର ପଧାନ (୨୦), ପଧାନପାଲିର କିଶୋର ମେହେର (୨୦) ଓ ବାଞ୍ଜିପଡ଼ାର ରାଜ ଛତ୍ରିଆ (୨୦)। ଏମାନଙ୍କଠାରୁ ଏକ କାର (ଓଡ଼ି ୧୭ କେ ୫୯୮୪), ୧୦ ହଜାର ୫ ଶହ ଟଙ୍କା, ୨ଟି ଛୁରୀ, ଗୋଟିଏ ଲୁହା ରଡ଼, ୯ଟି ମୋବାଇଲ ଫୋନ୍, ଗୋଟିଏ ମାକ୍ସ (ମୁଖା) ଜବତ କରାଯାଇଛି। ପୋଲିସ ଏମାନଙ୍କୁ ଥାନା ହାଜତରେ ରଖି ପଚରା ଉଚୁରା କରୁଛି। ସୋମବାର କୋର୍ଟ ଚାଲାଣ କରାଯିବ। ଏ ନେଇ ଜମନକିରା ଥାନାରେ ଏକ ମାମଲା (ନଂ.୨୫/୨୦) ରୁଜୁ ହୋଇଛି।

ପୋଲିସର ସୂଚନା ଅନୁସାରେ, କୁଲୁଣ୍ଡି–କୁଣ୍ଡେଇସରା ରାସ୍ତାରେ ଥିବା ଏକ ଢାବାରେ ୩ ଅଭିଯୁକ୍ତ ଖାଇଥିଲେ। ଏହାପରେ ନିକଟସ୍ଥ ବଡ଼ରମା ବନଦୁର୍ଗା ମନ୍ଦିରକୁ ବୁଲି ଯାଇଥିଲେ। ସେଠାରୁ ଫେରି କୁଣ୍ଡେଇସରା ନିକଟରେ ଏକ ଟ୍ରକ୍ (ଡବ୍ଲୁବି ୨୩ ବି ୩୩୮୭)କୁ ଅଟକାଇଥିଲେ। ଚାଳକ ପଶ୍ଚିମବଙ୍ଗ ହୁଗୁଳି ଜିଲା ଡାଙ୍କୁନୀ ଗାଁର ମିଥିଲେଶ ଚୌଧରୀ (୫୦)ଙ୍କୁ ଧମକ୍ ଚମକ୍ ଦେଇଥିଲେ। ତାଙ୍କୁ ମାରଣାସ୍ତ୍ର ଦେଖାଇ ୭ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ପୁଣି ସେହି ରାସ୍ତାରେ ଅନ୍ୟ ଏକ ଟ୍ରକ୍ (ଓଆର୍ ୧୫ ଆର୍ ୦୦୫୨)କୁ ଅଟକାଇ ଥିଲେ। ଗାଡି ଚାଳକ ସମ୍ବଲପୁର ଜିଲାର ଅଙ୍ଗଦ କୁମାର (୩୫)ଙ୍କୁ ଅଟକାଇ ମାରପିଟ କରିଥିଲେ। ତାଙ୍କଠାରୁ ୩ ହଜାର ୫ ଶହ ଟଙ୍କା, ୨ଟି ମୋବାଇଲ ଫୋନ୍ ଲୁଟି ଫେରାର୍ ମାରିଥିଲେ। ହେଲେ ଅଚାନକ ସାମନାରୁ ଆସୁଥିବା ଏକ ଟ୍ରେଲରରେ ପିଟି ହେଇଯାଇଥିଲେ। ଫଳରେ କାରର ସମ୍ମୁଖ ଭାଗ ଭାଙ୍ଗି ଚୁରମାର ହୋଇ ଯାଇଥିଲା। ଗାଡ଼ିଟି ଅଚଳ ମଧ୍ୟ ହୋଇ ପଡ଼ିଥିଲା। ଏଣୁ ଅଭିଯୁକ୍ତମାନେ ଗାଡ଼ି ଛାଡ଼ି ସେଠାରୁ ଫେରାର୍ ମାରିଥିଲେ। ପୋଲିସ ପହଞ୍ଚି କାର ଖାନତଲାସ କରିବାରୁ ଅନ୍ୟ ଏକ ନମ୍ବର ପ୍ଲେଟ ( ଓଡ଼ି ୨୩ ଇ ୦୧୦୭) ସହ ଏକ ଲୁହା ରଡ଼, ୨ଟି ଛୁରୀ ଦେଖି ସନ୍ଦେହ କରିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଙ୍ଗଲ ଭିତରେ ଖୋଜାଖୋଜି କରି ଜଣେ ଅଭିଯୁକ୍ତକୁ କାବୁ କରିଥିଲା। ଜମନକିରା ଥାନାକୁ ଖବର ଦେବା ପରେ ପୋଲିସ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଅଭିଯୁକ୍ତ କିଶୋରଙ୍କ ନାଁରେ ବରଗଡ଼ ଜିଲାର ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ଅନ୍ୟ ଅଭିଯୁକ୍ତମାନେ ମଧ୍ୟ କେତେକ ମାମଲାରେ ଜଡ଼ିତ ଥିବା ଥାନା ଅଧିକାରୀ ବାଳକୃଷ୍ଣ କହଁର ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଚଢ଼ାଉରେ ଗୌଡ଼ପାଲି ଫାଣ୍ଡି ଅଧିକାରୀ ସୁଧୀର କୁମାର ମହାକୁଡ଼ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

**ଟ୍ରକ୍‌ରୁ ଲୁଟ୍ ଅଭିଯୋଗରେ ୩ ଗିରଫ**




ଜବତ ଟଙ୍କା, ଫୋନ୍, ମାରଣାସ୍ତ୍ର ଓ କାର୍।

### ଆଜିଠାରୁ ଟ୍ୱିନ୍‌ସିଟିରେ ମଲ୍ ବନ୍ଦ

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ)**

ସମ୍ଭାବ୍ୟ କରୋନା ସଂକ୍ରମଣ ରୋକିବା ଦିଗରେ କମିଶନରେଟ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରବିବାର କଟକ ଓ ଭୁବନେଶ୍ୱର ଟ୍ୱିନ୍‌ସିଟିରେ ଥିବା ମଲ୍‌ଗୁଡିକୁ ବନ୍ଦ ଘୋଷଣା କରାଯାଇଛି। ସିନେମା ହଲ୍, କ୍ଲବ୍ ଆଦି ବନ୍ଦ ହେବା ପରେ ଭୁବନେଶ୍ୱର ଓ କଟକରେ ଥିବା ବଡ଼ ବଡ଼ ମଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳୁଥିଲା। ଏହାକୁ ନେଇ ନାନା ଆଶଙ୍କା ପ୍ରକାଶ ପାଇବା ପରେ ଏବେ କମିଶନରେଟ ପୋଲିସ ପକ୍ଷରୁ କଟକଣା ଲଗାଯାଇଛି। ଅର୍ବାନ ପୋଲିସ ଆକ୍ଟ–୩୫ ଅନୁଯାୟୀ, ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ମଲ୍‌ଗୁଡିକୁ ସୋମବାରଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ବନ୍ଦ ଘୋଷଣା କରିଛନ୍ତି ।

# ବାହାର ଲୋକଙ୍କ ପୁରୀ ପ୍ରବେଶରେ କଟକଣା

**ପୁରୀ ଅଫିସ,୧୫।୩**

**ଆଜିଠୁ ପିପିଲିରେ ଯାଞ୍ଚ**

ପୁରୀକୁ ପ୍ରତ୍ୟହ ଦେଶ, ବିଦେଶର ବହୁ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ବର୍ତ୍ତମାନ କରୋନା ଯେଉଁଭଳି ମାଡ଼ି ଚାଲିଛି ସେଥିପାଇଁ ସତର୍କ ହୋଇଛି ଜିଲା ପ୍ରଶାସନ। ଶନିବାର ଜିଲାପାଳ ବଲୱନ୍ତ ସିଂ ଆବଶ୍ୟକ ନ ଥିଲେ ପୁରୀ ନ ଆସିବା ଲାଗି ବାହାର ଲୋକଙ୍କୁ ନିବେଦନ କରିଥିଲେ। ରବିବାର ଜିଲାବାସୀଙ୍କୁ ବାଦ୍ ଦେଇ ବାହାରୁ ଆସୁଥିବା ଯାତ୍ରୀ, ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ପୁରୀ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଅର୍ଥାତ୍ ସୋମବାରଠାରୁ ଜିଲା ପ୍ରବେଶ ପଥ ପିପିଲିଠାରେ ଯାଞ୍ଚ ହେବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ସିଂଙ୍କ ସୂଚନା ଅନୁଯାୟୀ, ସୋମବାରଠାରୁ ପିପିଲି ନିକଟରେ ବାହାର ଗାଡ଼ି ଏବଂ ଲୋକଙ୍କୁ ଯାଞ୍ଚ କରାଯିବ। ଏହି ସମୟରେ ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ସମସ୍ତେ ଉପସ୍ଥିତ ରହିବେ। ସେମାନେ ପୁରୀକୁ କାହିଁକି ଆସୁଛନ୍ତି, ତାଙ୍କ ଆସିବା ଜରୁରୀ କି ନାହିଁ ସେ ସବୁର ତର୍ଜମା କରାଯାଇ ତାଙ୍କୁ ପ୍ରବେଶ ଅନୁମତି ଦିଆଯିବ। ମାତ୍ର ଯଦି କାହାର ଥଣ୍ଡା, କାଶ, ଜ୍ୱର ହେଉଥିବ ସେମାନଙ୍କୁ ଫେରାଇ ଦିଆଯିବ । ସେହିପରି ଜିଲାବାସୀଙ୍କ ମଧ୍ୟରୁ ଯଦି କାହାର କିଛି ଅତ୍ୟାବଶ୍ୟକ କାମ ପଡୁଛି ସେମାନେ ବାହାରକୁ ଯାଆନ୍ତୁ। ଯଦି କେହି କରୋନା ଆକ୍ରାନ୍ତ ଦେଶରୁ ଆସିଛନ୍ତି ବା ବିଦେଶୀ ଆସୁଛନ୍ତି ତାଙ୍କ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇବା ଲାଗି ଜିଲାପାଳ ସିଂ ଜିଲାବାସୀଙ୍କୁ ନିବେଦନ କରିଛନ୍ତି।



ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କରୋନା ଭାଇରସକୁ ନେଇ ବେଶ୍ ସଚେତନ ଥିବା ଦେଖାଯାଇଛି। ସେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି। ଉକ୍ତ ଫଟୋରେ ପ୍ରିୟଙ୍କା ତାଙ୍କ ପୋଷା କୁକୁର ସହ ଖେଳୁଥିବା ଦେଖାଯାଇଛି। ଏଥିରେ ପ୍ରିୟଙ୍କା ଲେଖିଛନ୍ତି, ଏବେ ସେ ଘରେ ରହିବାକୁ ସୁରକ୍ଷିତ ମଣିଛନ୍ତି। କରୋନା ଭାଇରସ ବିଶ୍ୱରେ କାୟା ବିସ୍ତାର କରିଥିବାବେଳେ ଆବଶ୍ୟକ ନ ଥିଲେ ବାହାରକୁ ନ ବାହାରିବାକୁ କୁହାଯାଉଛି। କାରଣ ଅଧିକ ଲୋକଙ୍କ ସଂସ୍ପର୍ଶରେ ଆସିଲେ ସଂକ୍ରମିତ ହେବା ଆଶଙ୍କା ଅଧିକ ଥିବାରୁ ଏହାକୁ ବାରଣ କରାଯାଇଛି।

# ଦୁଇ ରାଜ୍ୟର ଗୋଟିଏ ଷ୍ଟେଶନ୍






**ମୁମ୍ବାଇ:** ଆପଣ ଟିକେଟ୍ କାଟିବେ ମହାରାଷ୍ଟ୍ର ଷ୍ଟେଶନ ପାଇଁ, କିନ୍ତୁ ଓହ୍ଲାଇବେ ଗୁଜରାଟରେ । ହଁ ,ଏମିତି ଅଜବ ରେଳଷ୍ଟେଶନ ରହିଛି ଆମ ଦେଶରେ । ଏଇ ଷ୍ଟେଶନଟିର ନାଁ ହେଉଛି ନବାପୁର ରେଲୱେ ଷ୍ଟେଶନ୍ । ଏହା ଉଭୟ ମହାରାଷ୍ଟ୍ର ଏବଂ ଗୁଜରାଟ ଦୁଇ ରାଜ୍ୟର ସୀମା ମଧ୍ୟରେ ରହିଛି । ସେଥିପାଇଁ ଏଠାର ବହୁ ଅଜବ ଜିନିଷ ବି ଦେଖିବାକୁ ମିଳେ। ନବାପୁର ଷ୍ଟେଶନରେ ଏଭଳି ଏକ ବେଞ୍ଚ ରହିଛି ଯାହାର ଅଧା ଭାଗ ମହାରାଷ୍ଟ୍ର ସୀମାରେ ରହିଛି ତ' ଅନ୍ୟ ଅଧା ଭାଗ ରହିଛି ଗୁଜରାଟରେ । ସେହିପରି ଟିକେଟ କାଉଣ୍ଟର ମହାରାଷ୍ଟ୍ରରେ ପଡୁଥିବାବେଳେ ଷ୍ଟେଶନ ମାଷ୍ଟରଙ୍କ ବସିବା ସ୍ଥାନଟି ରହିଛି ଗୁଜରାଟରେ । ଆଉ ରେଲୱେ ପୋଲିସ୍ ଷ୍ଟେଶନ୍ ଓ କ୍ୟାଟରିଂ ମହାରାଷ୍ଟ୍ରର ସୀମାରେ ରହିଥିବାବେଳେ ପ୍ରତୀକ୍ଷା ଗୃହ, ପାଣିଟାଙ୍କି ଓ ଶୌଚାଳୟ ରହିଛି ଗୁଜରାଟ ସୀମାରେ । ଷ୍ଟେଶନରେ ଇଂଲିଶ, ହିନ୍ଦୀ ବ୍ୟତୀତ ମରାଠୀ ଓ ଗୁଜରାଟୀ ଭାଷାରେ ସୂଚନା ଘୋଷଣା କରାଯାଇଥାଏ । ସେହିପରି ସମସ୍ତ ସୂଚନା ବି ଚାରୋଟିଯାକ ଭାଷାରେ ଲେଖା ଯାଇଥାଏ । ଦୁଇ ରାଜ୍ୟରେ ବାଣ୍ଟି ହୋଇଥିବାରୁ ନବାପୁର ଷ୍ଟେଶନରେ ଉଭୟ ରାଜ୍ୟର ଆଇନ ପ୍ରଚଳନ କରାଯାଇଥାଏ । ଗୁଜରାଟରେ ମଦ ବିକ୍ରି ନିଷେଧ କରାଯାଇଥିବାବେଳେ ମହାରାଷ୍ଟ୍ରରେ ପାନ ମସଲା ଓ ଗୁଟଖା ବିକ୍ରି ନିଷେଧ କରାଯାଇଛି । ତେଣୁ ଭୁଲ୍‌ରେ ବି କେହି ମହାରାଷ୍ଟ୍ର ସୀମା ପଟ ଷ୍ଟେଶନରେ ଗୁଟଖା ବିକୁଥିଲେ ସେ ଅପରାଧୀ ପାଲଟିଥାଏ । ଷ୍ଟେଶନରଲମ୍ବମୋଟ୍‌ରେ୮୦୦ମିଟରହୋଇଥିବାବେଳେ୩୦୦ମିଟରମହାରାଷ୍ଟ୍ରରେ ଓ ୫୦୦ ମିଟର ଗୁଜରାଟରେ ରହିଛି । ମଜାର କଥା ହେଉଛି ଏଇ ଷ୍ଟେଶନରେ ଟ୍ରେନ୍ ମହାରାଷ୍ଟ୍ର ଆସୁଥିଲେ ତା'ର ଇଞ୍ଜିନ ରହିଥାଏ ଗୁଜରାଟ ପଟରେ । ସେହିପରି ଟ୍ରେନ୍ ଗୁଜରାଟ ଆସୁଥିଲେ ତା'ର ଇଞ୍ଜିନ ରହିଥାଏ ମହାରାଷ୍ଟ୍ରରେ । ନବାପୁର ରେଳ ଷ୍ଟେଶନ ଭଳି ମଧ୍ୟପ୍ରଦେଶ ଓ ରାଜସ୍ଥାନ ମଝିରେ ଭବାନୀ ମଣ୍ଡି ଷ୍ଟେଶନ ବି ରହିଛି ।

# ପୁଣିଥରେ ରିଲିଜ୍ ହେବ 'ଅଂଗ୍ରେଜୀ ମିଡିୟମ'



**ମୁମ୍ବାଇ:** କରୋନା ଭାଇରସର ପ୍ରଭାବ ଏବେ ପ୍ରାୟ ସବୁ କ୍ଷେତ୍ରରେ ଦେଖିବାକୁ ମିଳିଲାଣି। ଏହି ମାରାତ୍ମକ ଭୂତାଣୁଠାରୁ ଦୂରେଇ ରହିବାକୁ ଏବେ ଜରୁରୀ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହା ଦ୍ରୁତ ଗତିରେ କାୟା ବିସ୍ତାର କରୁଥିବାରୁ ଏହାକୁ ରୋକିବାକୁ ଯାଇ ଦିଲ୍ଲୀ, ମୁମ୍ବାଇ, ଜମ୍ମୁ-କଶ୍ମୀର, କେରଳ, ଓଡ଼ିଶା ସମେତ ଆଉ କେତେକ ରାଜ୍ୟରେ ଶିକ୍ଷାନୁଷ୍ଠାନ, ସିନେମା ହଲ, ସୁଇମିଂ ପୁଲ ଆଦିକୁ ଏପ୍ରିଲ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଥିଏଟର ବନ୍ଦ ହେବା ଫଳରେ ଏହାର ପ୍ରଭାବ ମନୋରଞ୍ଜନ ଜଗତ ଉପରେ ପଡ଼ିଛି। ଯେଉଁଦିନ ଦିଲ୍ଲୀ ସରକାର ଥିଏଟର ବନ୍ଦ କରିବାକୁ ଘୋଷଣା କଲେ ଠିକ୍ ସେହିଦିନ ବଲିଉଡ୍ ମୁଭି 'ଅଂଗ୍ରେଜୀ ମିଡିୟମ' ରିଲିଜ୍ କରାଯାଇଥିବାରୁ ଏହାର ବ୍ୟବସାୟ ଆଦୌ ହୋଇନି କହିଲେ ଚଳେ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏବେ 'ଅଂଗ୍ରେଜୀ ମିଡିୟମ'କୁ ପୁଣିଥରେ ରିଲିଜ୍ କରାଯିବାକୁ ଯୋଜନା କରାଯାଇଥିବା ଜଣାପଡ଼ିଛି। ଥିଏଟର ଖୋଲିବା ପରେ ସୁବିଧା ଦେଖି ଫିଲ୍ମକୁ ପୁଣିଥରେ ରିଲିଜ୍ କରାଯିବ ବୋଲି ମେକର୍ସ କହିଛନ୍ତି। ତେବେ ରିଲିଜ୍‌ର ପ୍ରଥମ ଦିନରେ ଏହା ପାଖାପାଖି ୪ କୋଟି ବ୍ୟବସାୟ କରିଥିବାରୁ ପୁଣିଥରେ ରିଲିଜ୍ କରାଗଲେ ଏହା ଭଲ ବ୍ୟବସାୟ କରିବ ବୋଲି ମେକର୍ସ ଆଶା ରଖିଛନ୍ତି। କରୋନା ଭାଇରସରୁ ମୁକୁଳିବା ଆମପାଇଁ ପ୍ରଥମ କାମ ହୋଇଥିବାରୁ ଏହାକୁ ପ୍ରାଧାନ୍ୟ ଦେବା ଉଚିତ ବୋଲି କୁହାଯାଉଛି।

# ଗୋମୂତ୍ର ପାର୍ଟି



**ନୂଆଦିଲ୍ଲୀ:** କରୋନା ଭାଇରସ୍‌ରୁ ବର୍ତ୍ତିବା ନିମନ୍ତେ ଲୋକେ ବିଭିନ୍ନ ପ୍ରକାରର ସଚେତନତା ଆରମ୍ଭ କରିଛନ୍ତି । ତେବେ ଏଇ ଭାଇରସରୁ ରକ୍ଷା ପାଇବାକୁ ହେଲେ ଗୋମୂତ୍ର ପିଇବାକୁ ହେବ । ସେଥିପାଇଁ ତ ଦିଲ୍ଲୀରେ ଆୟୋଜନ କରାଯାଇଥିଲା। ଗୋମୂତ୍ର ପାର୍ଟି।ଭାରତୀୟ ହିନ୍ଦୁ ମହାସଭା ପକ୍ଷରୁ କରୋନା ଦୂର କରିବା ନିମନ୍ତେ ଏଭଳି ଏକ ପାର୍ଟି ଆୟୋଜନ କରାଯାଇଥିଲା। ପାର୍ଟିରେ ପ୍ରାୟ ୨୦୦ ଲୋକ ଗୋମୂତ୍ର ପିଇଥିଲେ । ହିନ୍ଦୁ ମହାସଭାର ସଦସ୍ୟଙ୍କ କହିବା ଅନୁସାରେ ଗୋମୂତ୍ରରେ ଔଷଧୀୟ ଗୁଣ ରହିଛି ଯାହା କରୋନା ଭାଇରସକୁ ଦୂର କରିପାରିବ । କିନ୍ତୁ ମହାସଭାର ଏଇ ଦାବିକୁ ଡାକ୍ତରମାନେ ଅସ୍ୱୀକାର କରିଛନ୍ତି । ମାତ୍ର ହିନ୍ଦୁ ମହାସଭା ଏଭଳି ଗୋମୂତ୍ର ପାର୍ଟିକୁ ଦେଶର ଅନ୍ୟ ସମସ୍ତ ଭାଗରେ ବି କରିବା ପାଇଁ ସ୍ଥିର କରିଛି । ଗୋମୂତ୍ର ପିଇଲେ କ୍ୟାନ୍‌ସର ଦୂରହେବ ବୋଲି ପୂର୍ବରୁ କିଛି ଗୋଷ୍ଠୀ ଦାବି କରିଥିଲେ ବି ବୈଜ୍ଞାନିକମାନେ ଏହାକୁ ମଧ୍ୟ ଅସ୍ୱୀକାର କରିଥିଲେ ।

# ଘର ଖୋଜିବାକୁ କଇଁଛର ୩୭ ହଜାର କି.ମି. ଯାତ୍ରା

**ନୂଆଦିଲ୍ଲୀ:** କୁହାଯାଏ ଯେତେ ସୁନ୍ଦର ସ୍ଥାନ ବୁଲାବୁଲି କଲେ କିମ୍ବା ଦିନ ସାରା ପ୍ରବଳ ପରିଶ୍ରମ କରିବା ପରେ ଘରକୁ ଫେରିଲେ ହିଁ ମଣିଷ ଶାନ୍ତି ପାଏ। ଖାଲି ମଣିଷ ନୁହନ୍ତି , ଜୀବଜନ୍ତୁ ବି ଏପରି ଅନୁଭବ କରିଥାନ୍ତି। ସେଥିପାଇଁ ତ କଇଁଛଟିଏ ନିଜ ଘର ଖୋଜିବା ପାଇଁ ୩୭୦୦୦ କିଲୋମିଟର ବାଟ ଅତିକ୍ରମ କରିଛି। ଏଇ କଇଁଛଟିର ନାଁ ହେଉଛି ଯୋଶୀ ଏବଂ ଏହା ଆଫ୍ରିକାରେ ପ୍ରାୟ ୨୦ ବର୍ଷ ହେଲାଣି ବନ୍ଦୀ ହୋଇ ରହୁଥିଲା। କିନ୍ତୁ କଇଁଛଟିକୁ ମୁକ୍ତକରିବା ମାତ୍ରେ ସେ ଆଫ୍ରିକାରୁ ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ୩୭୦୦୦ କିଲୋମିଟର ବାଟ ଅତିକ୍ରମ କରି ନିଜ ଘରେ ପହଞ୍ଚିଥିଲା । ବନ୍ଦୀ ହେବା ସମୟରେ କଇଁଛଟି ଛୋଟ ଥିଲା କିନ୍ତୁ ୨୦ ବର୍ଷ ପରେ ବି ସେ ତା' ଘର ରାସ୍ତା ଖୋଜି ବାହାର କରି ପାରିଥିଲା । କଇଁଛକୁ ଛାଡ଼ିବାବେଳେ ତା' ଦେହରେ ଜିପିଏସ୍ ଟ୍ୟାଗ ଲଗାଇ ଛଡ଼ା ଯାଇଥିବାରୁ ଏଇ ତଥ୍ୟ ସାମ୍ନାକୁ ଆସିଛି । କଇଁଛ ସମ୍ପର୍କରେ ଏଇ ତଥ୍ୟକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି ଜଣେ ଆଇଏଫ୍‌ଏସ୍ ଅଧିକାରୀ ପ୍ରବୀଣ କାସବାନ୍ । ଭାବପ୍ରବଣ କରିବା ଭଳି ଏଇ ଖବରଟି ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।



# କରୋନା ଯୋଗୁ ବଢ଼ୁଛି ଛାଡ଼ପତ୍ର ମାମଲା



**ବେଜିଂ:** ଚାଇନାରେ କରୋନା ସଂକ୍ରମଣ ଯୋଗୁ ବହୁ ଲୋକ ଘରେ ବନ୍ଦୀଭଳି ଜୀବନ ବିତାଉଛନ୍ତି। ଏହାଦ୍ୱାରା ସ୍ତ୍ରୀ-ସ୍ୱାମୀ ଅଧିକ ସମୟ ଧରି ଏକାଠି ରହୁଥିବାରୁ ପରସ୍ପର ମଧ୍ୟରେ ମତଭେଦ ଏବଂ ବିବାଦ ସୃଷ୍ଟି ହେଉଛି। ଫଳରେ ଦମ୍ପତି ଛାଡ଼ପତ୍ର ପାଇଁ କୋର୍ଟର ଦ୍ୱାରସ୍ଥ ହେବାରେ ଲାଗିଛନ୍ତି। ଗୋଟିଏ ପଟେ କରୋନା ଯୋଗୁ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ପାରିବାରିକ ଜୀବନରେ କଳହ ଯୋଗୁ କେତେକ ଦମ୍ପତି ଛାଡ଼ପତ୍ର ଦେବାକୁ ଶ୍ରେୟ ମଣୁଥିବା ସ୍ଥାନୀୟ ମିଡ଼ିଆ ରିପୋର୍ଟରେ ଦର୍ଶାଯାଇଛି। ୨୪ ଫେବୃୟାରୀ ସୁଦ୍ଧା ୩୦୦ରୁ ଅଧିକ ଦମ୍ପତି ଛାଡ଼ପତ୍ର ଲାଗି କୋର୍ଟରେ ଆବେଦନ କରିଛନ୍ତି। ବ୍ୟସ୍ତ ବହୁଳ ଜୀବନରେ କରୋନା ଯୋଗୁ ବାଧହୋଇ ଦମ୍ପତି ଅଧିକ ସମୟ ଧରି ଏକାଠି ରହିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି।

# 'ଗଜନି' ଲୁକ୍‌ରେ ପୁଣି ଫେରିବେ ଆମିର

**ମୁମ୍ବାଇ:** ବଲିଉଡ୍ ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାଁଙ୍କ ଜନ୍ମଦିନ ପୂର୍ବରୁ ଏକ ଖୁସି ଖବର ଆସିଛି। ଆମିର ପୁଣିଥରେ 'ଗଜନି' ଲୁକ୍‌ରେ ନଜର ଆସିବେ ବୋଲି ଶୁଣିବାକୁ ମିଳିଛି। ୨୦୦୮ରେ ଆସିଥିବା ଏହି ଫିଲ୍ମ ସେତେବେଳେ ହିଟ୍ ହୋଇଥିବା ବେଳେ ଏହାର ରିମେକ୍ କଥା ଶୁଣି ପୁଣି କିଛି ଦର୍ଶକେ ଉତ୍ସାହିତ ହୋଇଥିବା ଦେଖାଯାଇଛି। ଅସଲକଥା ହେଲା ନିକଟରେ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟେ ପ୍ରଡକସନ୍ ହାଉସ୍ ଦ୍ୱାରା ଆମିରଙ୍କ 'ଗଜନି' ଫିଲ୍ମ ରିଲେଟେଡ ଏକ ପୋଷ୍ଟର ଶେୟାର କରାଯାଇଛି। ଏହାସହ ଲେଖାଯାଇଛି କି , ଆମେ ଗଜନି ସମ୍ପର୍କରେ କିଛି କହିବାକୁ ଚାହୁଁଥିଲୁ। ହେଲେ ଆମେ ଭୁଲି ଯାଇଛୁ ଯେ, ଆମେ କ'ଣ କହିବାକୁ ଚାହୁଁଥିଲୁ। ଏହାସହ ଆମିରଙ୍କୁ ଟ୍ୟାଗ କରାଯାଇ କୁହାଯାଇଛି, ଏଥିପାଇଁ ଗଜନିକୁ ଦୋଷ ଦିଆଯାଉ। ଏହାପରେ ଦର୍ଶକେ ଅନୁମାନ କରୁଛନ୍ତି କି, 'ଗଜନି'ର ସିକ୍ୟୁଏଲ ଅର୍ଥାତ୍ 'ଗଜନି-୨' ବୋଧେ ନିର୍ମାଣ କରାଯିବ। ପୂର୍ବଥର ଗଜନି ପାଇଁ ଆମିର ଖୁବ୍ ପରିଶ୍ରମ କରିଥିବା ବେଳେ ଯଦି ଏହାର ସିକ୍ୟୁଏଲ ନିର୍ମାଣ କରାଯିବ ତେବେ ଏଥିରେ ଲିଡ୍ ରୋଲରେ କେଉଁ ଅଭିନେତାଙ୍କୁ ଦେଖିବାକୁ ମିଳିବ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।



# ସୁଖନିଦ୍ରାରେ ସିଙ୍ଗାପୁର ଲୋକେ



**ସିଙ୍ଗାପୁର:** ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦାନ କରିବା ନେଇ ସିଙ୍ଗାପୁରବାସୀଙ୍କ ପ୍ରୟାସ ପ୍ରଶଂସନୀୟ । କିନ୍ତୁ ସୁଖନିଦ୍ରା ନେବା କ୍ଷେତ୍ରରେ ସେମାନେ ବହୁତ୍ ପଛୁଆ ରହିଥାନ୍ତି । କିନ୍ତୁ ଗତ ବର୍ଷ ତୁଳନାରେ ଏଥର ଏ ଦିଗରେ ସିଙ୍ଗାପୁର ଲୋକେ ଉନ୍ନତ ପ୍ରଦର୍ଶନ କରିଛନ୍ତି । ହେଲ୍‌ଥ ଟେକ୍ନୋଲୋଜି କମ୍ପାନୀ ରୟାଲ୍ ଫିଲିପ୍ସ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାଯାଇଛି କି ସିଙ୍ଗାପୁର ଲୋକେ ହାରାହାରି ୬.୯ ଘଣ୍ଟା ନିଦରେ ଶୋଇଥାନ୍ତି । ଗତବର୍ଷ ସେଠାରେ ଲୋକେ ହାରାହାରି ୬.୪ ଘଣ୍ଟା ନିଦରେ ଶୋଉଥିଲେ । ତେଣୁ ନିଦ କ୍ଷେତ୍ରରେ ଲେକେ ଏବେ ଅଧିକ ସମୟ ଶୋଉଥିବା ଲକ୍ଷ୍ୟ କରାଯାଉଛି । ୧୦୦୦ ଲୋକଙ୍କୁ ନେଇ ଏଇ ସର୍ଭେ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୪୯ ପ୍ରତିଶତ ସ୍ୱୀକାର କରିଥିଲେ କି ସେମାନେ ଯେତିକି ଶୋଉଛନ୍ତି ତାହା ଯଥେଷ୍ଟ ନୁହେଁ । କିନ୍ତୁ ୩୪ ପ୍ରତିଶତ କହିଥିଲେ କି ଅଧିକ ଶୋଇବା ସେମାନଙ୍କ ଅଧିନରେ ନଥାଏ ।

# ମହାକାଶରେ ତିଆରି ହେଲା ବିସ୍କୁଟ

**ନୂଆଦିଲ୍ଲୀ:** ମହାକାଶରେ ବି ରୋଷେଇ କରିହେବ । ପ୍ରଥମ ଥର ପାଇଁ ମହାକାଶରେ ଏକ ବିସ୍କୁଟ ତିଆରି କରି ଏହାକୁ ପ୍ରମାଣ କରିଛନ୍ତି ବୈଜ୍ଞାନିକମାନେ । ଇଣ୍ଟର ନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)ରେ ଏହି ବିସ୍କୁଟ ତିଆରି କରାଯାଇଛି । ମହାକାଶରେ ତିଆରି ହୋଇଥିବା ଏହି ବିସ୍କୁଟ ଦେଖିବାକୁ ସାଧାରଣ ବିସ୍କୁଟ ଭଳି କିନ୍ତୁ ଏହା ତିଆରି ହେବା ପାଇଁ ପାଖାପାଖି ଦୁଇଘଣ୍ଟା ସମୟ ଲାଗିଥିଲା । ତେବେ ବିସ୍କୁଟର ସ୍ୱାଦ କିପରି ସେ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଜଣାପଡ଼ି ନାହିଁ । ମହାକାଶରେ ତିଆରି ହୋଇଥିବା ଏହି ବିସ୍କୁଟ୍‌ଟି ଏବେ ହ୍ୟୁଷ୍ଟନରେ ଏକ ଫ୍ରୋଜନ ଲ୍ୟାବରେ ସ୍ପେସ୍ ଏକ୍ସ କ୍ୟାପସୁଲ୍ ନାଁରେ ରଖାଯାଇଛି । ଅନ୍ତରୀକ୍ଷରେ ଏଇ ବିସ୍କୁଟ ତିଆରି କରିବା ପାଇଁ ଏକ ସ୍ୱତନ୍ତ୍ର ଓଭାନ୍ ତିଆରି କରାଯାଇଥିଲା । ସାଧାରଣ ଓଭାନଠାରୁ ଏହାକୁ ଟିକିଏ ଛୋଟ କରି ତିଆରି କରାଯାଇଥିଲା । ଓଭାନଟିକୁ ତିଆରି କରିଥିଲା ନାସାର ଜନସନ୍ ସ୍ପେସ୍ ସେଣ୍ଟର ପାଖରେ ଥିବା ନେନୋରେକ୍ସ । ଇଟାଲିର ମହାକାଶ ଯାତ୍ରୀ ଲୁସା ପର୍ମିଟାନୋ ମହାକାଶରେ ଏହି ବିସ୍କୁଟ ତିଆରି କରିଛନ୍ତି ।



# ୨୫୦୦୦ ସାବୁନରେ ଚିତ୍ର ଆଙ୍କିଲେ ଛାତ୍ରୀ

**ଚେନ୍ନାଇ:** ସମଗ୍ର ବିଶ୍ୱରେ କରୋନା ଭାଇରସ୍ କାୟା ବିସ୍ତାର କରିଚାଲିଛି। ଏଥିରୁ ବାଦ୍ ପଡ଼ିନି ଭାରତ। ଆମ ଦେଶରେ କରୋନା ଭାଇରସ୍ ସଂକ୍ରମିତ ରୋଗୀଙ୍କ ସଂଖ୍ୟା ଶନିବାର ୮୪କୁ ବୃଦ୍ଧିପାଇଛି। ଏଭଳି ପରିସ୍ଥିତିରେ ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନସ୍ତରରେ ସଚେତନତା ସୃଷ୍ଟି ସହ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ତାମିଲନାଡୁର କୋଲାଥୁରସ୍ଥିତ ଏଭରଗ୍ୱିନ୍ ସ୍କୁଲର ଷଷ୍ଠରୁ ୯ଶ୍ରେଣୀ ପର୍ଯ୍ୟନ୍ତ ୧୦୦୦ ଛାତ୍ରୀ କରୋନା ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ପାଇଁ ୨୫୦୦୦ ସାବୁନ ବ୍ୟବହାର କରି ଚିତ୍ର ଆଙ୍କିଛନ୍ତି। ଶନିବାର ଶେୟାର ହୋଇଥିବା ଏହି ଚିତ୍ର ସହିତ ପିଲାମାନେ କିପରି ହାତ ଧୋଇବେ ତାହା ମଧ୍ୟ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଚିତ୍ରଟି ଶେୟାର ହେବା ପରେ ଏହାକୁ ଅନେକ ୟୁଜର୍ସ ବେଶ୍ ପ୍ରଶଂସା କରିଛନ୍ତି। ଆଉ କିଛି ୟୁଜର ଲେଖିଛନ୍ତି, ସାବୁନରେ ହାତ ଧୋଇବା କରୋନା ଭାଇରସର ଏକ ପ୍ରଭାବଶାଳୀ ପ୍ରତିରକ୍ଷା ହୋଇପାରେ। କିନ୍ତୁ ଏହାକୁ ପୂର୍ଣ୍ଣ ଭାବରେ ଏପରି ରୋକାଯାଇପାରିବ ନାହିଁ। ଏହି ଚିତ୍ରଟି ୧୦ ହଜାର ଲମ୍ବର ବର୍ଗଫୁଟର ହୋଇଥିବାବେଳେ ଏଥିରେ ହାତଧୁଆ ଚିତ୍ର ଅଙ୍କା ଯାଇଛି। ସ୍କୁଲର ସିନିୟର ପ୍ରିନ୍ସପାଲ ବି.ପୁରୁଷୋତ୍ତମ, ସିଇଓ ମିସ୍ ମାଗେଶ୍ୱରୀ, ପ୍ରିନ୍ସପାଲ ଏମ୍ କାଲିୟାରଶି କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବା ହେଉଛି ମୂଳ ଉଦ୍ଦେଶ୍ୟ।



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଟୁନା



ସୁଦୀପ୍ତ



ସୁଜିତ୍

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ମ୍ୟାଜିକ୍ ବଦଳାଇଛି ଜୀବନ ମୋଡ଼

ଅମିତ କୁମାର ସାମଲ
ଅନୁଗୋଳ ଅଫିସ୍, ୧୫।୩

- ପ୍ରଶିକ୍ଷଣ ବେଳେ ପ୍ରଶିକ୍ଷାର୍ଥୀଙ୍କ ବଢ଼ାଇପାରିଥିଲେ ଏକାଗ୍ରତା
- ମ୍ୟାଜିକ୍ ଟ୍ରେନ୍‌ର ଭାବେ ପୋଲିସ ବିଭାଗରେ ଜଣାଶୁଣା
- ପ୍ରତିଭାର ପରିଚୟ ଦେବାକୁ ପଞ୍ଚାନନଙ୍କୁ ଲାଗିଥିଲା ୯ ବର୍ଷ



ମ୍ୟାଜିକ ଟ୍ରେନର ପଞ୍ଚାନନ ଦାସ।

ପୋଲିସ ବିଭାଗରେ ଚାକିରି କରି ବି ମନରେ ସନ୍ତୋଷ ନ ଥିଲା। ଚାକିରି ସହ ଅନ୍ୟ କିଛି କରି ଲୋକଙ୍କ ହୃଦୟ ଜିଣିବାକୁ ସେ ଚାହୁଁଥିଲେ। ତେଣୁ ତବଲା, ବେହେଲାଠାରୁ ସଙ୍ଗୀତ ଶିକ୍ଷା ଯାଏ ବିଭିନ୍ନ କ୍ଷେତ୍ରକୁ ଛୁଇଁବାକୁ ସେ ଉଦ୍ୟମ କରିଥିଲେ। ହେଲେ ସେସବୁରେ ବିଫଳତା ହିଁ ତାଙ୍କୁ ମ୍ୟାଜିକ୍ ଦିଗରେ ଅଗ୍ରସର ହେବାକୁ ବାଟ କଢ଼ାଇଥିଲା। ଆଉ ଏହାପରେ ଫୁଟ୍‌ପାଥ୍‌ରୁ ଆରମ୍ଭ ହୋଇଥିବା ମ୍ୟାଜିକ୍ ଶିକ୍ଷା ବା ଯାଦୁବିଦ୍ୟା କେରଳର ଥିରୁଭାନନ୍ଥପୁରମ୍ ଏକାଡେମୀରେ ପୂର୍ଣ୍ଣାଙ୍ଗ ହେବା ସହ ପଞ୍ଚାନନ ଦାସଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା।

ଅନୁଗୋଳ ସହର ଉପକଣ୍ଠ ରାଣୀଗୁଡ଼ା ଶିବମନ୍ଦିର ସମ୍ମୁଖରେ ରହୁଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଅଞ୍ଚଳର ପଞ୍ଚାନନ ଦାସଙ୍କ ଚାକିରି ଜୀବନ ଆରମ୍ଭ ହୋଇଥିଲା କୋରାପୁଟରୁ। ଓଡ଼ିଶା ପୋଲିସର ଡ୍ରିଲ୍ ପ୍ରଶିକ୍ଷକ ଭାବେ ସେ କୋରାପୁଟରେ ପ୍ରଥମ ପୋଷ୍ଟିଂ ପାଇଥିଲେ। ପେସା ପୋଲିସ ହୋଇଥିଲେ ବି ତାଙ୍କ ନିଶା ଥିଲା ଭିନ୍ନ କିଛି। ସ୍ତ୍ରୀ ଦୀପ୍ତିମୟୀ ଓ ଦୁଇ ପୁଅଙ୍କ ପାଖରୁ ଏ ନେଇ ପ୍ରେରଣା ପାଇ ସେ ଫୁଟ୍‌ପାଥ୍‌ରେ ମ୍ୟାଜିକ୍ ଦେଖାଉଥିବା ମ୍ୟାଜିସିଆନଙ୍କଠାରୁ ତାଲିମ ନେବା ଆରମ୍ଭ କଲେ। ସେଥିରେ କିଛିଟା ଦକ୍ଷତା ହାସଲ କରିବା ପରେ ୨୦୦୧ ମସିହାରେ ତାହାକୁ ନିଜ କର୍ମକ୍ଷେତ୍ରରେ ଉପଯୋଗ କଲେ। ଦୈନିକ ସକାଳ ଓ ସନ୍ଧ୍ୟାରେ ଡ୍ରିଲ୍ ବେଳେ ଏକାଗ୍ରତା ହରାଉଥିବା ନବାଗତ ପୋଲିସ ପ୍ରଶିକ୍ଷାର୍ଥୀମାନଙ୍କୁ ମ୍ୟାଜିକ୍ ଦେଖାଇ ସେମାନଙ୍କୁ ଠିକଣା ପ୍ରଶିକ୍ଷଣ ଦେବାରେ ସେ ସଫଳତା ପାଇପାରିଲେ। ତେବେ ଅନୁଗୋଳ ପୋଲିସ ଟ୍ରେନିଂ କଲେଜ(ପିଟିସି) ଓ ପରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ)କୁ ବଦଳି ତାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଥିଲା। ସେଠାରେ ପୋଲିସ ପ୍ରଶିକ୍ଷକରୁ ସେ ପାଲଟି ଯାଇଥିଲେ ମ୍ୟାଜିକ୍‌ମ୍ୟାନ୍ ଟ୍ରେନ୍‌ର। ବିପିଏସ୍‌ପିଏରେ ପ୍ରଶିକ୍ଷଣ ଦେଉଥିବା ବେଳେ ଜଣେ ଓଡ଼ିଆ ଆଇପିଏସ୍ ଅଧିକାରୀ ତାଙ୍କ ମ୍ୟାଜିକ୍ ପ୍ରତିଭାରେ ଚକିତ ହୋଇଯାଇଥିଲେ। ଏଥିସହ ତାଙ୍କୁ ଅଧିକ ତାଲିମ ନେବାକୁ କେରଳର ଥିରୁଭାନନ୍ଥପୁରମ୍‌ସ୍ଥିତ ମ୍ୟାଜିକ୍ ଏକାଡେମୀକୁ ପଠାଇଥିଲେ। ୬ ମାସର ତାଲିମ ଶେଷ କରି ସେ ୨୦୧୦ରେ ଓଡ଼ିଶା ଫେରି ବିଭିନ୍ନ ସ୍ଥାନରେ ମ୍ୟାଜିକ୍ ଦେଖାଇ ପ୍ରଶଂସା ପାଇବା ସହ ଆତ୍ମସନ୍ତୋଷ ପାଇଥିଲେ। ତେବେ ଭୁବନେଶ୍ୱରରେ ଥିବା ପ୍ଲେଇଙ୍ଗ କାର୍ଡ ମାଷ୍ଟର ସୁକେଶ ପଟ୍ଟନାୟକ ଓ ସନ୍ତୋଷ ଚୌଧୁରୀଙ୍କ ପାଖରୁ ତାଲିମ ନେବାପରେ ତାଙ୍କ ଜୀବନର ମୋଡ଼ ବଦଳି ଗଲା। ତାଙ୍କ ଯାଦୁ ବିଦ୍ୟାରେ ଯେପରି ପର ଲାଗିଗଲା। ପିଟିସିରୁ ପ୍ରଶିକ୍ଷକ ଇନ୍ସପେକ୍ଟର ଭାବେ ୨୦୧୯ ମେ ରୁ ଅବସର ଗ୍ରହଣ କରିଥିଲେ ବି ମ୍ୟାଜିକରୁ ସେ ଅବସର ନେଇନାହାନ୍ତି। ଇତିମଧ୍ୟରେ ୨ ହଜାରରୁ ଅଧିକ ସ୍ଥାନରେ ସେ ମ୍ୟାଜିକ୍ ଦେଖାଇସାରିଲେଣି। ରାଜସ୍ଥାନ, କେରଳ, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ତାଙ୍କ ଯାଦୁବିଦ୍ୟାକୁ ବହୁ ପ୍ରଶଂସା ମିଳିଛି। ଭୁବନେଶ୍ୱରରେ ହୋଇଥିବା ବିଶ୍ୱସ୍ତରୀୟ ମ୍ୟାଜିକ୍ ଶୋ' ସେ ଜିତିପାରି ନ ଥିଲେ ବି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ନିଜକୁ ଧନ୍ୟ ମନେ କରୁଥିବା ପଞ୍ଚାନନ କହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ପୋଲିସ ସମ୍ମିଳନୀ, ଆଇଏଏସ୍ ସମ୍ମିଳନୀରେ ସେ ନିଜ ଯାଦୁ ବିଦ୍ୟାର ଅନେକ ଛାପ ଛାଡ଼ିଛନ୍ତି। ତାଙ୍କ ନିକଟରୁ ମ୍ୟାଜିକ ଶିଖିଥିବା ୭୦ରୁ ଊର୍ଦ୍ଧ୍ୱ ପିଲାଙ୍କ ମଧ୍ୟରୁ ୭ ଜଣ ଏହାକୁ ବୃତ୍ତି କରିଥିବାବେଳେ ଢେଙ୍କାନାଳ ଜିଲାର ବିଷ୍ଣୁ ପ୍ରସାଦ ବେହେରା ଜାତୀୟସ୍ତରୀୟ ଏକ ଘରୋଇ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ରିଅଲଟି ଶୋ' ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟର ବିଚାରକମାନଙ୍କୁ ଆକୃଷ୍ଟ କରିପାରିବା ପଞ୍ଚାନନଙ୍କ ପାଇଁ ଆଣିଦେଇଛି ଗର୍ବ। ମ୍ୟାଜିକ୍‌ରୁ ମିଳୁଥିବା ଅର୍ଥକୁ ସେ ବିଭିନ୍ନ ସାମାଜିକ ମଙ୍ଗଳ କାର୍ଯ୍ୟ ପାଇଁ ଦାନ କରୁଛନ୍ତି। ତେବେ ମ୍ୟାଜିକ୍ ବିଦ୍ୟା ସଂକ୍ରାନ୍ତ ପାଠ୍ୟକ୍ରମ ଏକ କୋର୍ସ ସ୍କୁଲ୍‌ଶିକ୍ଷାରେ ଲାଗୁ କରାଗଲେ ଏଥିପ୍ରତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକାଗ୍ରତା ବଢ଼ିପାରନ୍ତା ବୋଲି ପଞ୍ଚାନନ ପ୍ରକାଶ କରିଛନ୍ତି।

# 'ଗୁଜବ ପ୍ରଚାରକାରୀଙ୍କ ବିରୋଧରେ ପଦକ୍ଷେପ ନିଅ'

## କରୋନା ପାଇଁ ଆଡ୍‌ଭାଇଜରି ଜାରି କଲେ ଡିଜିପି

କଟକ ଅଫିସ, ୧୫।୩

- ସୋସିଆଲ ମିଡିଆ ଗୁଜବକୁ ଜଗ
- ସ୍ୱଚ୍ଛତା ଉପରେ ଗୁରୁତ୍ୱ

କରୋନା ଭୂତାଣୁ ନେଇ ଏବେ ସୋସିଆଲ୍ ମିଡିଆରେ ଅନେକ ଗୁଜବ ପ୍ରଚାର କରାଯାଉଛି। ପ୍ରଚାରକାରୀଙ୍କୁ ଗିରଫ କରୁଛି ପୋଲିସ। ଏଣୁ ସର୍ବଦା ସୋସିଆଲ୍ ମିଡିଆ ଉପରେ ତୀକ୍ଷ୍ଣ ନଜର ରଖିବା ଓ ଗୁଜବ ପ୍ରଚାରକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନେବା ପାଇଁ ଡିଜିପି ଅଭୟ ବିଭିନ୍ନ ପୋଲିସ ଜିଲାର ଏସ୍‌ପି ଓ କମିଶନରେଟ୍ ପୋଲିସର ଡିସିପିଙ୍କୁ ଆଡଭାଇଜରି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ଓଡ଼ିଶା ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ଏଣୁ ବ୍ୟକ୍ତିଗତ ସ୍ତରରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଅନ୍ତୁ। ହାତକୁ ନିୟମିତ ସଫା କରିବା, ଅସୁସ୍ଥ ଅନୁଭବ କଲେ ଡାକ୍ତରଙ୍କ ପରାମର୍ଶ ନେବା, ସର୍ବସାଧାରଣରେ କାସିବାବେଳେ ମୁହଁକୁ ଢାଙ୍କିବା, ଭିଡଠାରୁ ଦୂରରେ ରହିବା, ଆଖି ନାକ ଓ ମୁହଁକୁ ନ ଛୁଇଁବା ଏବଂ ପୋଲିସ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ ନ କରିବାକୁ ଉକ୍ତ ଆଡ୍‌ଭାଇଜରିରେ ଡିଜିପି ଉଲ୍ଲେଖ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୧୩ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ପାଳନ କରିବା, ଜନଗହଳି ଏବଂ ଭିଡ ଜାଗାରେ ସତର୍କ ରହିବାକୁ କୁହାଯାଇଛି। ବଡ଼ କାର୍ଯ୍ୟକ୍ରମ ଏବଂ ଅଧିକ ଭିଡ ସୃଷ୍ଟି ହେବାକୁ ଥିବା କାର୍ଯ୍ୟକ୍ରମଗୁଡିକର ଆୟୋଜନକୁ ଅନୁମତି ଦିଆଯିବ ନାହିଁ। ଓଡ଼ିଶା କୋଭିଡ-୧୯ ନିୟମାବଳୀ-୨୦୨୦ର ଅନୁପାଳନ ପାଇଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ନିୟମିତ ଯୋଗାଯୋଗ କରାଯାଉ, ମହାମାରୀ ଆଇନ-୧୮୯୭ ଏବଂ କୋଡ୍ ଅଫ୍ କ୍ରିମିନାଲ୍ ପ୍ରସିଜ୍ୟୁଅର୍-୧୯୭୩ରେ ମିଳିଥିବା କ୍ଷମତା ଅନୁଯାୟୀ ଭିଡ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବାକୁ ଡିଜିପି ପରାମର୍ଶ ଦେଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ ଦୁଆର ଦୁଆର ବୁଲେ,**
**ପୁଅ ଚବିଶି ଏକାଦଶୀ କରେ।**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ମା' ପଛେ ଦୁଆର ଦୁଆର ବୁଲୁଥାଉ ପୁଅର କିନ୍ତୁ ଫୁଟାଣି କାହିଁରେ କେତେ! ଅଭାବ ଅନଟନରେ ପଡ଼ି ଯାହିତାଇ ଜୀବନ ବିତାଉଥିବା ବ୍ୟକ୍ତିର ପୁଅ ବାହାରେ ବୁଲି ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମଲୁ ଖୋଜୁଥିଲା କାକର ପାଣି**
**ବଇଦ ବୋଇଲା ଦେ' ତୋରାଣି।**

ମନ ଜାଣି ଫଳପ୍ରାପ୍ତି। ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରି ରହିଥାଏ ବା ଆଶା କରିଥାଏ ବେଳେ ବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା' ପାଖରେ ପହଞ୍ଚାଇ ଦେଇଥାଏ। ଆଶାନୁରୂପ ଦ୍ରବ୍ୟ ସହଜରେ ପାଇଯିବା ବା ବିନା ପ୍ରଚେଷ୍ଟାରେ ଇଚ୍ଛା ମୁତାବକ ଜିନିଷ ମିଳିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାସ୍କ, ହ୍ୟାଣ୍ଡ ସାନିଟାଇଜର ଅତ୍ୟାବଶ୍ୟକ ସାମଗ୍ରୀ ଘୋଷିତ

## ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜରର ଜରୁରୀ ଆବଶ୍ୟକତା ରହିଛି। ଏପରିସ୍ଥଳେ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜରକୁ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ଘୋଷଣା କରାଯାଇଛି। ଭାରତ ସରକାରଙ୍କ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ୧୯୫୫ ଅନୁଯାୟୀ ମାସ୍କ (୨ପ୍ଲାଇ ଏବଂ ୩ପ୍ଲାଇ), ସର୍ଜିକାଲ ମାସ୍କ, ଏନ୍-୯୫ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜରକୁ ଅତ୍ୟାବଶ୍ୟକ ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିବାର ସମସ୍ତ ଜିଲାପାଳଙ୍କୁ ଅବଗତ କରାଯିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେପରି ଆବଶ୍ୟକ ପରିମାଣର ଉପଲବ୍ଧ ରହିବ ସେଥିପାଇଁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏଥିସହ କଳାବଜାର ରୋକିବାକୁ ଚଢ଼ାଉ ପାଇଁ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇ ମାସ୍କ ଓ ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧତା ଓ ବିତରଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିଭଳି ବେଆଇନ ଭାବେ ମହଜୁଦ୍ ଓ କଳାବଜାର ଏଡାଇବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

## ଆଜି କ'ଣ କେଉଁଠି

**ଭେଡେନ**
- ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ, ଭେଡେନ ବସ୍‌ଷ୍ଟାଣ୍ଡ, ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ବାଲ୍ୟଲୀଳା ଉଦ୍‌ଯାପନୀ, ବିଲେଇବର୍ଣ୍ଣା, ଅର୍ଜୁଣ୍ଡା, ଅପରାହ୍ନ ୪ଟା।

**ଖପ୍ରାଖୋଲ**
- କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ, ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଓସିଏ ଆନ୍ତଃ କ୍ଲବ୍ ସିନିୟର କ୍ରିକେଟ ଲିଗ୍ ଫାଇନାଲ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା।
- ବିଭିନ୍ନ ମନ୍ଦିର ସମ୍ମୁଖରେ କରୋନା ସଚେତନତା ଶିବିର, ସକାଳ ୮ଟା।
- ସ୍ୱାଗତ ସମ୍ବର୍ଦ୍ଧନା, ସମ୍ବଲପୁର ପ୍ରେସ୍ ଭବନ, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୪ ଝିଅଙ୍କ ଲୁହରେ ଭିଜୁଛି ମା'ର ପଣତ

ବରଗଡ଼ ଅଫିସ, ୧୫।୩

- ସ୍ୱାମୀଙ୍କ ମୃତ୍ୟୁ ପରେ ନିରାଶର ଛାଇ
- ସରକାରୀ ସହାୟତା ଅପେକ୍ଷାରେ ଅସହାୟ ପରିବାର



୪ ଝିଅଙ୍କ ସହ ଗଙ୍ଗା।

ବରଗଡ଼ ୱାର୍ଡ଼ ନଂ-୧୭ ଅମ୍ବାପାଲିର ଲକ୍ଷ୍ମଣ କୁଅଁର। ବୟସ ୩୭। ତାଙ୍କ ପରିବାର କହିଲେ ସ୍ତ୍ରୀ ଓ ୪ ଝିଅ। ଜିରା ନଦୀ ନିକଟ ଏକ ଭଡ଼ାଘରେ ଚାଲିଥିଲା ତାଙ୍କ ତେଲଲୁଣର ସଂସାର। ହେଲେ ଗତ ୨ ତାରିଖରେ ହଠାତ୍ ସବୁ ଯେମିତି ଓଲଟ ପାଲଟ ହୋଇଗଲା। ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହେଲେ ଲକ୍ଷ୍ମଣ। ଆଉ ଚିକିତ୍ସାଧୀନ ଅବସ୍ଥାରେ ଗତ ୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଲା। ଦିନ କେଇଟା ମଧ୍ୟରେ ଲକ୍ଷ୍ମଣଙ୍କ କାହାଣୀ ଯେମିତି ବଦଳି ଗଲା। ଓଲଟପାଲଟ ହୋଇଗଲା ସବୁ କିଛି ...।

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ମଲ୍ଲୀମୁଣ୍ଡା ଗ୍ରାମର ମୂଳ ବାସିନ୍ଦା ଲକ୍ଷ୍ମଣ। ମା, ବାପାଙ୍କୁ ହରାଇବା ପରେ ପିଲାଟି ଦିନୁ ଚାଲି ଆସିଥିଲେ ବରଗଡ଼। ପ୍ରଥମେ କିଛିବର୍ଷ ଏକ ହୋଟେଲରେ କାମ କଲେ। ପରେ ଟ୍ରାକ୍ଟର ଡ୍ରାଇଭିଂ ଶିଖି ଏକ ରାଇସ୍ ମିଲରେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ସ୍ତ୍ରୀ ଗଙ୍ଗା(୩୫), ୪ ଝିଅ ମନୀଷା ଓରଫ ଦ୍ରୁପତୀ(୧୫), ମୀନା(୧୦), ରାଶି ଓରଫ ରେଶ୍ମା(୬) ଏବଂ ପ୍ରିୟା(୩)ଙ୍କୁ ନେଇ ତାଙ୍କ ପରିବାର। ବଡ଼ଝିଅ ମନୀଷା ଏଥର ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ମୀନା ପଞ୍ଚମ ଶ୍ରେଣୀରେ ପଢୁଛନ୍ତି। ରାଶି ପ୍ରଥମ ଶ୍ରେଣୀରେ ପଢୁଥିବାବେଳେ ମା' କୋଳ ଛାଡ଼ିନାହିଁ ସାନଝିଅ ପ୍ରିୟା। ବିଧିର ବିଧାନ ବିଚିତ୍ର। ୮ତାରିଖରେ ଲକ୍ଷ୍ମଣଙ୍କ ମୃତଦେହ ଘରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡିଥିଲା ସେହି ଅଞ୍ଚଳ। ଅସହାୟ ପରିବାରକୁ ଦେଖି ସ୍ଥାନୀୟ ମହିଳା ସ୍ୱେଚ୍ଛାସେବୀମାନେ ଲକ୍ଷ୍ମଣଙ୍କୁ ଚାରିକାନ୍ଧ ଦେଇଥିଲେ। ବଡ଼ଝିଅ ମନୀଷା ବାପାଙ୍କୁ ମୁଖାଗ୍ନି ଦେଇ ଆନ୍ତର୍ଜାତିକ ମହିଳା ଦିବସରେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଥିଲେ।

ସ୍ୱାମୀଙ୍କ ମୃତ୍ୟୁ ପରେ ୪ଝିଅଙ୍କ ଭବିଷ୍ୟତ ନେଇ ଚିନ୍ତାରେ ପଡ଼ିଛନ୍ତି ଗଙ୍ଗା। ପିଲାଙ୍କୁ ଲୁଚାଇ ଆଖିରୁ ଲୁହ ଗଡ଼ାଉଛନ୍ତି। ଅଧିକାଂଶ ସମୟ ୪ ଝିଅଙ୍କ ଲୁହରେ ଭିଜୁଛି ତାଙ୍କ ପଣତ। ହେଲେ କିଛି କରିବାର ଉପାୟ ନାହିଁ। ମୁଣ୍ଡ ଗୁଞ୍ଜିବାକୁ ନିଜର ଘର ଖଣ୍ଡେ ନାହିଁ। ଘର ପାଇଁ ମାସିକ ୧୨ଶହ ଟଙ୍କା ଭଡ଼ା ଦେବାକୁ ପଡୁଛି। ଏଣେ ସାନଝିଅ ପ୍ରିୟା ରକ୍ତହୀନତା ରୋଗରେ ଆକ୍ରାନ୍ତ। ୨/୩ ମାସରେ ଥରେ ଲେଖାଏଁ ତାଙ୍କୁ ରକ୍ତ ଦିଆଯାଉଛି। ଉଚ୍ଚତର ଚିକିତ୍ସା ହେଲେ ପ୍ରିୟା ସମ୍ପୂର୍ଣ୍ଣ ଆରୋଗ୍ୟଲାଭ କରିବେ ବୋଲି ସେ ଆଶା ରଖିଛନ୍ତି। ମାତ୍ର ସେଥିରେ ଅର୍ଥ ବାଧକ ସାଜିଛି। ଏପରି ସ୍ଥିତିରେ ଖାଦ୍ୟ ସୁରକ୍ଷା ଆଇନରେ ତାଙ୍କ ପରିବାରକୁ ମିଳୁଛି ମାସିକ ୨୫ କି.ଗ୍ରା ଲେଖାଏଁ ଚାଉଳ। ବଡ଼ଝିଅ ମନୀଷା ଷ୍ଟାଇପେଣ୍ଡ ବାବଦକୁ ୨୫୦ ଟଙ୍କା ପାଉଛନ୍ତି। ଲକ୍ଷ୍ମଣଙ୍କ ଦେହାନ୍ତ ପରେ ଜିଲା ରେଡ଼କ୍ରସ ପାଣ୍ଠିରୁ ଗଙ୍ଗାଙ୍କ ପରିବାରକୁ ୧୦ହଜାର ଟଙ୍କା ମିଳିଛି। ମାତ୍ର ଏପର୍ଯ୍ୟନ୍ତ ହରିଶ୍ଚନ୍ଦ୍ର ଯୋଜନା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ମିଳିନି। ସରକାରୀ ସହାୟତା ମିଳିଲେ ସେ ୪ଝିଅଙ୍କୁ ପାଠ ପଢ଼ାଇବା ସହିତ ସେମାନଙ୍କ ଭବିଷ୍ୟତ ଗଢ଼ି ପାରିବେ ବୋଲି ଗଙ୍ଗା କହିଛନ୍ତି।

-ପ୍ରେମାନନ୍ଦ ଖମାରୀ।

### ସରକାରୀ ସହାୟତା ମିଳୁ

"ଗଙ୍ଗାଙ୍କ ପରିବାରକୁ ସରକାରୀସ୍ତରରେ ଯେତେ ସମ୍ଭବ ସହାୟତା ମିଳୁ। ଏହାସହିତ ତାଙ୍କ ସାନଝିଅର ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତୁ ବୋଲି ସାମାଜିକ କର୍ମୀ ଏମଡ଼ି ନିଜାମ୍ ଦାବି କରିଛନ୍ତି।

### ୪ ଝିଅଙ୍କ ଭବିଷ୍ୟତ ଚିନ୍ତା

"ଲକ୍ଷ୍ମଣଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଆଉ କେହି ସାହାଭରସା ନାହାନ୍ତି। ସରକାର ଏହି ପରିବାରକୁ ସହାୟତା କଲେ ୪ ଝିଅଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇ ପାରିବ ବୋଲି କହିଛନ୍ତି ପଡ଼ୋଶୀ ଶାନ୍ତି ମେହେର।

# ଆଣ୍ଠୁଗଣ୍ଠି ଯନ୍ତ୍ରଣା କମାଇବ ହର୍‌ମୋନ



ଆଜିକାଲି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। କେବଳ ବୟସ୍କ ବ୍ୟକ୍ତି ନୁହନ୍ତି, ଯୁବାବସ୍ଥାରେ ଅନେକେ ଏହାର ସମ୍ମୁଖୀନ ହେଉଛନ୍ତି। ତେବେ ଏପରି ଯନ୍ତ୍ରଣାରୁ କିପରି ଉପଶମ ମିଳିବ, ସେ ନେଇ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ପଡ଼ିଥାଏ। ଏହାର ନୂଆ ଚିକିତ୍ସା ପ୍ରଣାଳୀ ଉପରେ ଗବେଷଣା କରିବା ସମୟରେ ୱାଶିଂଟନ୍ ୟୁନିଭର୍ସିଟିର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ଏକ ହର୍‌ମୋନ ଠାବ କରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ମତାନୁସାରେ, ଯଦି ଆମ ଶରୀରରେ ଏହି ହର୍‌ମୋନ ସନ୍ତୁଳିତ ରହେ ତେବେ ଆଣ୍ଠୁଗଣ୍ଠି ଫୁଲିବା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏପରି କି ଆଣ୍ଠୁଗଣ୍ଠି ପ୍ରଦାହ (ଆର୍ଥ୍ରାଇଟିସ୍ ଇନ୍‌ଫ୍ଲାମେଶନ) ଆଦିର ଆଶଙ୍କା ଅନେକାଂଶରେ କମ୍ ଥାଏ। ଉକ୍ତ ହର୍‌ମୋନଟି ହେଲା 'ପ୍ରୋଲାକ୍ଟିନ୍'। ଖାସ୍ କଥା ହେଲା, ଉକ୍ତ ହର୍‌ମୋନ ଆମ ଶରୀରରେ ପ୍ରାକୃତିକ ଉପାୟରେ କ୍ଷରଣ ହୋଇଥାଏ।

# ରୋଗ ପ୍ରତିରୋଧକ ଶକ୍ତି ଓ ଇବୋଲା ଭାଇରସ୍

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିଲେ ଆମେ କେତେକ ରୋଗଠାରୁ ନିଜକୁ ଦୂରେଇ ରଖିପାରୁ। ତେଣୁ ଏଥିପ୍ରତି ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ହେଲେ ଏକ ପ୍ରକାର ଭାଇରସ୍ ଯଦି ଆମ ଶରୀରରେ ନିଜର କାୟା ବିସ୍ତାର କରେ, ତେବେ ତାହାର ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ସେପରି ଏକ ଭାଇରସ୍‌କୁ ନିକଟରେ ଠାବ କରାଯାଇଛି। ଏ କ୍ଷେତ୍ରରେ ଇସାନ୍ ସ୍କୁଲ ଅଫ୍ ମେଡିସିନ୍‌ର ବିଶେଷଜ୍ଞମାନେ ସଫଳତା ହାସଲ କରିଛନ୍ତି। ଉକ୍ତ ଭାଇରସ୍‌ଟି ହେଲା 'ଇବୋଲା'। ଏ ସମ୍ପର୍କରେ ସୂଚନା ଦେଇ ଏହି ଗବେଷଣାର ମୁଖ୍ୟ ତଥା ଉକ୍ତ ସ୍କୁଲ ଅଫ୍ ମେଡିସିନ୍‌ର ମାଇକ୍ରୋବାୟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଖ୍ରୀଷ୍ଟୋଫର ବାସଲିର କହନ୍ତି, ଏହି ଭାଇରସ୍ ନିଜର ବଂଶବିସ୍ତାର କରିବାକୁ 'ଭିପି-୩୫' ନାମକ ପ୍ରୋଟିନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଇବୋଲା ଭାଇରସ୍ ଯୋଗୁ ଆମେ କେତେକ ରୋଗର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ କିପରି ନିୟନ୍ତ୍ରଣ କରାଯିବ, ସେ ନେଇ ଚେଷ୍ଟା ଚାଲୁ ରହିଛି।



# ସୂର୍ଯ୍ୟ ପର୍ଯ୍ୟବେକ୍ଷଣ ମହାକାଶ ଯାନ



ସୂର୍ଯ୍ୟ ହେଉଛି ସୌର ଜଗତର ମୁଖ୍ୟ। ଏହାକୁ କେନ୍ଦ୍ରକରି ୮ ଗ୍ରହ, ୫ ବାମନ ଗ୍ରହ, ଅନେକ ଗ୍ରହାଣୁ ଓ ଧୂମକେତୁ ପରିକ୍ରମଣ କରୁଛନ୍ତି। ପୃଥିବୀରେ ଜୀବଜଗତ ଗଢ଼ି ଉଠିବା ମୂଳରେ ରହିଛି ସୂର୍ଯ୍ୟ। ପୁନଶ୍ଚ ପୃଥିବୀ ପାଇଁ ସୂର୍ଯ୍ୟ ହେଉଛି ସକଳ ଶକ୍ତିର ଆଧାର। ଜ୍ୟୋତିର୍ବିଜ୍ଞାନ ଦୃଷ୍ଟିକୋଣରୁ ଦେଖିଲେ ବିଶ୍ୱର କୋଟି କୋଟି ନକ୍ଷତ୍ର ମଧ୍ୟରୁ ସୂର୍ଯ୍ୟ ହେଉଛି ଗୋଟିଏ। ଏହା ହେଉଛି ଆମର ନିକଟତମ ନକ୍ଷତ୍ର। ଦୂର ନକ୍ଷତ୍ର ପାଖକୁ ମହାକାଶ ଯାନ ପଠାଇବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ଏଣୁ ସୂର୍ଯ୍ୟ ପାଖକୁ ମହାକାଶ ଯାନ ପଠାଇ ନକ୍ଷତ୍ର ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରାଯାଉଛି।



ଇଂ. ମାୟାଧର ସ୍ୱାଇଁ

୧୯୫୦ ଦଶକର ଶେଷ ଭାଗରୁ ୧୯୭୦ ଦଶକ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାର ପାୟୋନିୟର ପର୍ଯ୍ୟାୟର କେତୋଟି କୃତ୍ରିମ ଉପଗ୍ରହ ସୂର୍ଯ୍ୟ ଓ ଅନ୍ତଃଗ୍ରହଗୁଡ଼ିକ ଉପରେ ଅଧ୍ୟୟନ କରିଥିଲେ। ୧୯୬୨ରୁ ୧୯୭୮ ମସିହା ମଧ୍ୟରେ ଆମେରିକା ଦ୍ୱାରା ପ୍ରେରିତ ପୃଥିବୀ ପ୍ରଦକ୍ଷିଣକାରୀ କେତେକ ଉପଗ୍ରହ ସୂର୍ଯ୍ୟର ପୂରା ସୌରଚକ୍ର ସମୟରେ ଏହାର ଅତିବାଇଗଣୀ, ଏକ୍ସ-ରଶ୍ମି ଓ ଗାମା ରଶ୍ମି ବିକିରଣ ଉପରେ ଅଧ୍ୟୟନ କରିଥିଲା। ଏହି ଉପଗ୍ରହର ନାମ ଥିଲା 'ପ୍ରଦକ୍ଷିଣକାରୀ ସୌର ପର୍ଯ୍ୟବେକ୍ଷଣାଗାର'। ଆମେରିକା ଓ ପଶ୍ଚିମ ଜର୍ମାନୀ ମିଳିତ ଭାବରେ ହେଲିଅସ୍-୨ ଯାନକୁ ୧୯୭୬ ମସିହାରେ ସୂର୍ଯ୍ୟ ଅଭିମୁଖେ ପଠାଇଥିଲେ ଏବଂ ଏହା ସୂର୍ଯ୍ୟଠାରୁ ୪୩ ନିୟୁତ କି.ମି. ଦୂର ପର୍ଯ୍ୟନ୍ତ ଯାଇପାରିଥିଲା।

"ସୂର୍ଯ୍ୟ ଅଭିଯାନରେ ଅନେକ ମହାକାଶ ଯାନ ଯିବା ସତ୍ତ୍ୱେ ସୂର୍ଯ୍ୟଙ୍କୁ ନେଇ କେତେକ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ସୌର ପରିମଣ୍ଡଳର ସର୍ବଶେଷ ସ୍ତରକୁ କୋରୋନା କୁହାଯାଏ। ଏହା କେବଳ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ସମୟରେ ଖାଲି ଆଖିକୁ ଦେଖାଯାଏ। ଏହାର ତାପମାତ୍ରା ହେଉଛି ପ୍ରାୟ ୧ଲକ୍ଷ ଡିଗ୍ରୀ ସେଲ୍‌ସିୟସ୍। ସୂର୍ଯ୍ୟପୃଷ୍ଠରେ ଥିବା ସ୍ତରକୁ ଆଲୋକ ମଣ୍ଡଳ ବା ଫଟୋସ୍ଫିଅର୍ କୁହାଯାଏ। ଏହାର ତାପମାତ୍ରା ହେଉଛି ୬ ହଜାର ଡିଗ୍ରୀ ସେଲ୍‌ସିୟସ୍।"

ଆମେରିକାର ସୋଲାର ମାକ୍ସିମମ୍ ମିଶନ ମହାକାଶ ଯାନ ସୂର୍ଯ୍ୟରେ ଅଧିକ ସୌରକଳଙ୍କ ଥିବା ସମୟରେ ସୌର ଶିଖା ଓ ଅନ୍ୟ ସୌର କ୍ରିୟାକଳାପକୁ ଅଧ୍ୟୟନ କରିବା ପାଇଁ ମହାକାଶକୁ ପଠାଯାଇଥିଲା। ଜାପାନ, ଆମେରିକା ଓ ଇଂଲଣ୍ଡର ମିଳିତ ଚେଷ୍ଟାରେ ସୌରଶିଖାର ଉଚ୍ଚଶକ୍ତି ବିଶିଷ୍ଟ ବିକିରଣକୁ ଅଧ୍ୟୟନ କରିବା ପାଇଁ ୧୯୯୧ ମସିହାରେ ୟୋକୋହୋ ମହାକାଶ ଯାନ ପଠାଯାଇଥିଲା।

ୟୁରୋପୀୟ ମହାକାଶ ସଂସ୍ଥା ଓ ଯୁକ୍ତରାଷ୍ଟ୍ର ଆମେରିକାର ମିଳିତ ଉଦ୍ୟମରେ ୧୯୯୫ ମସିହାରେ ସୂର୍ଯ୍ୟକୁ ଅଧ୍ୟୟନ କରିବା ପାଇଁ ସୋହୋ ଯାନକୁ ଉତ୍କ୍ଷେପଣ କରାଯାଇଥିଲା। ଏହା ମୂଳରୁ ଦୁଇବର୍ଷ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୫ ବର୍ଷରୁ ଅଧିକ ସମୟ ଧରି ନିରନ୍ତର କାର୍ଯ୍ୟ କରୁଛି। ଏହାର କାର୍ଯ୍ୟକାରିତାକୁ ୨୦୨୦ ମସିହା ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ସୂର୍ଯ୍ୟର ଆଭ୍ୟନ୍ତରୀଣ ଗଠନ, କୋରୋନା, ସୌରବାୟୁ, ସୌରକଳଙ୍କ ଏବଂ ସୂର୍ଯ୍ୟରୁ ନିର୍ଗତ ଉପପରମାଣିକ କଣିକା ସ୍ରୋତକୁ ଅଧ୍ୟୟନ କରୁଛି। ଏହା ସୂର୍ଯ୍ୟ ଅଧ୍ୟୟନ ସହ ୩ ହଜାରରୁ ଅଧିକ ଧୂମକେତୁକୁ ଆବିଷ୍କାର କରିଛି।

ସୂର୍ଯ୍ୟ ଅଭିଯାନରେ ଅନେକ ମହାକାଶ ଯାନ ଯିବା ସତ୍ତ୍ୱେ ସୂର୍ଯ୍ୟଙ୍କୁ ନେଇ କେତେକ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ସୌର ପରିମଣ୍ଡଳର ସର୍ବଶେଷ ସ୍ତରକୁ କୋରୋନା କୁହାଯାଏ। ଏହା କେବଳ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ସମୟରେ ଖାଲି ଆଖିକୁ ଦେଖାଯାଏ। ଏହାର ତାପମାତ୍ରା ହେଉଛି ପ୍ରାୟ ୧ ଲକ୍ଷ ଡିଗ୍ରୀ ସେଲ୍‌ସିୟସ୍। ସୂର୍ଯ୍ୟପୃଷ୍ଠରେ ଥିବା ସ୍ତରକୁ 'ଆଲୋକ ମଣ୍ଡଳ' ବା ଫଟୋସ୍ଫିଅର୍ କୁହାଯାଏ। ଏହାର ତାପମାତ୍ରା ହେଉଛି ୬ ହଜାର ଡିଗ୍ରୀ ସେଲ୍‌ସିୟସ୍। ଏଣୁ ଏକ କମ୍ ଉତ୍ତପ୍ତ ଅଞ୍ଚଳରୁ ଅଧିକ ଉତ୍ତପ୍ତ ଅଞ୍ଚଳକୁ ଉତ୍ତାପ ପରିବାହିତ ହେବା ହେଉଛି ପଦାର୍ଥ ବିଜ୍ଞାନ ନିୟମର ବହିର୍ଭୂତ।

ସୂର୍ଯ୍ୟର ଅନ୍ୟ ଏକ ଅଜଣା ତଥ୍ୟ ହେଉଛି ସୌରବାୟୁର ଉତ୍ପତ୍ତି ଓ ଏହାର ତ୍ୱରଣ। ବିଦ୍ୟୁତ୍ ଚାର୍ଜଯୁକ୍ତ (ପ୍ରୋଟୋନ୍, ଇଲେକ୍‌ଟ୍ରନ୍ ଓ ଅନ୍ୟ କଣିକା) ସୌରବାୟୁ କୋରୋନା ଅଞ୍ଚଳରୁ ତୀବ୍ର ବେଗରେ ସମଗ୍ର ସୌରଜଗତକୁ ପ୍ରସାରିତ ହୋଇଥାଏ। ଏହି ତ୍ୱରଣ ପାଇଁ କିଏ ଦାୟୀ? ଏହା ଏ ପର୍ଯ୍ୟନ୍ତ ଅଜଣା ରହିଛି।

ଏହିସବୁ ତଥ୍ୟ ପାଇବା ପାଇଁ ମହାକାଶ ଯାନ ସୂର୍ଯ୍ୟର ଯେତେ ନିକଟତର ହେବ, ତାହା ସେତେ ଅଧିକ ଫଳପ୍ରଦ ହେବ। କିନ୍ତୁ ସୂର୍ଯ୍ୟର ତାପମାତ୍ରା ଏବଂ ସେଥିରୁ ନିର୍ଗତ ସୌରବାୟୁକୁ ସହ୍ୟ କରିପାରିବା ଭଳି ଯାନ ଡିଜାଇନ୍ ହେବା ଆବଶ୍ୟକ। ଯୁକ୍ତରାଷ୍ଟ୍ର ଆମେରିକା ୨୦୧୮ ଅଗଷ୍ଟ ୧୨ ତାରିଖରେ ସୂର୍ଯ୍ୟ ଅଭିମୁଖେ 'ପାର୍କର ସୋଲାର ପ୍ରୋବ୍' ଯାନ ଉତ୍କ୍ଷେପଣ କରିଛି ଏବଂ ଏହା ବର୍ତ୍ତମାନ ସୂର୍ଯ୍ୟକୁ ପରିକ୍ରମଣ କରି ଚିତ୍ର ଓ ତଥ୍ୟ ପଠାଉଛି। ଏହା ସୂର୍ଯ୍ୟକୁ ୨୪ ଥର ପରିକ୍ରମଣ କରିବ ଏବଂ ପ୍ରତ୍ୟେକ ପରିକ୍ରମଣରେ ଏହା ପୂର୍ବ ପରିକ୍ରମଣ ଅପେକ୍ଷା ସୂର୍ଯ୍ୟର ଅଧିକ ନିକଟତର ହେବ। ୨୦୨୫ ମସିହାରେ ଏହି ଅଭିଯାନର ଶେଷ ବେଳକୁ ଏହାର ୨୪ତମ ପରିକ୍ରମଣରେ ଏହା ସୂର୍ଯ୍ୟଠାରୁ ୬ ନିୟୁତ କି.ମି. ଦୂରତା ମଧ୍ୟରେ ରହିଥିବ। ସେତେବେଳକୁ ଏହାର ବେଗ ଘଣ୍ଟା ପ୍ରତି ୬,୯୦,୦୦୦ କି.ମି. (ଆଲୋକ ବେଗର ୦.୦୬୪ ପ୍ରତିଶତ) ହୋଇଥିବ। ୫୫୫ କି.ଗ୍ରା. ଓଜନର ଏହି ଯାନ ଓ ଅଭିଯାନ ପାଇଁ ମୋଟ ୧.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ଏହା ହେଉଛି ଆମେରିକାର ପ୍ରଥମ ମହାକାଶ ଯାନ, ଯାହା ଜୀବିତ ଥିବା ଜଣେ ବ୍ୟକ୍ତିଙ୍କ ସମ୍ମାନାର୍ଥେ ନାମିତ ହୋଇଛି। ଶିକାଗୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ୯୨ ବର୍ଷର ଜ୍ୟୋତି ପଦାର୍ଥ ବିଜ୍ଞାନୀ ଇୟୁଜିନ୍ ନିଉମାନ୍ ପାର୍କରଙ୍କ ନାମରେ ଏହା ନାମିତ ହୋଇଛି। ସେ ୧୯୫୦ ଦଶକର ମଧ୍ୟଭାଗରେ ସୌରବାୟୁ ତତ୍ତ୍ୱର ବିକାଶ କରିଥିଲେ ଏବଂ ସୌର ଚୁମ୍ବକୀୟ କ୍ଷେତ୍ରର କୁଣ୍ଡଳାକାର ଆକୃତିର ପୂର୍ବାନୁମାନ କରିଥିଲେ।




ପାର୍କ ସୋଲାର ପ୍ରୋବ୍ ୨୦୨୦ ଜାନୁୟାରୀରେ ସୂର୍ଯ୍ୟଠାରୁ ୧୮.୭ ନିୟୁତ କି.ମି. ଦୂରରେ ପରିକ୍ରମଣ କରିଥିଲା। କୌଣସି ଯାନ ସୂର୍ଯ୍ୟର ନିକଟତର ହେବାରେ ଏହା ହେଉଛି ପ୍ରଥମ ଯାନ। ଏହା କୋରୋନା, ସୌରବାୟୁ ଓ ଏହାର ତ୍ୱରଣର ଉତ୍ସ ଏବଂ ଚୁମ୍ବକୀୟ କ୍ଷେତ୍ରକୁ ଅଧ୍ୟୟନ କରୁଛି। ଏଥିପାଇଁ ଏହା ପାଞ୍ଚଟି ପ୍ରମୁଖ ପରୀକ୍ଷା କରିବ। ଏହା ଦେହରେ ୬ଟି ଶକ୍ତିଶାଳୀ ଯନ୍ତ୍ର ଖଞ୍ଜାଯାଇଛି। ପ୍ରଥମ ଦୁଇଥର ପରିକ୍ରମଣ ପରେ ଏହା ପଠାଇଥିବା ତଥ୍ୟକୁ ଭିତ୍ତିକରି ୨୦୧୯ ଡିସେମ୍ବର ୪ ତାରିଖରେ ଚାରିଟି ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ଏଥିରେ ସୂର୍ଯ୍ୟର ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ସାମର୍ଥ୍ୟକୁ ଦର୍ଶାଯାଇଛି। ଏହି ପ୍ରୋବ୍ ସୌରବାୟୁ ମଣ୍ଡଳରେ ପ୍ରାୟ ୧ ହଜାର ଚୁମ୍ବକୀୟ ତରଙ୍ଗକୁ ପର୍ଯ୍ୟବେକ୍ଷଣ କରି ଏହି ତଥ୍ୟ ପଠାଇଛି। ଏଥିରୁ ଜଣାପଡ଼ିଛି ଯେ, ସୌରବାୟୁର ତ୍ୱରଣ ପାଇଁ ଏହି ଚୁମ୍ବକୀୟ ତରଙ୍ଗ ହେଉଛି ଦାୟୀ। ଏହା ସୌରବାୟୁର ବେଗକୁ ଘଣ୍ଟା ପ୍ରତି ୪,୮୦,୦୦୦ କି.ମି. ପର୍ଯ୍ୟନ୍ତ ବୃଦ୍ଧି କରିଥାଏ ଏବଂ କେତେକ କ୍ଷେତ୍ରରେ ଏହା ସ୍ଥାନୀୟ ଚୁମ୍ବକୀୟ କ୍ଷେତ୍ରର ଦିଗକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥାଏ। ପ୍ରୋବ୍‌ର କାର୍ଯ୍ୟକାଳ ଶେଷ ବେଳକୁ ଆମେ ସୂର୍ଯ୍ୟ ସମ୍ବନ୍ଧରେ ଥିବା ଦ୍ୱନ୍ଦ୍ୱାତ୍ମକ ତଥ୍ୟକୁ ସ୍ପଷ୍ଟ କରିପାରିବା ବୋଲି ଆଶା।

ଭାରତ ଏହି ବର୍ଷ ସୂର୍ଯ୍ୟ ପର୍ଯ୍ୟବେକ୍ଷଣ ପାଇଁ ଆଦିତ୍ୟ ଏଲ୍-୧ ମହାକାଶ ଯାନ ପଠାଇବା ନିମନ୍ତେ ଯୋଜନା କରିଛି। ୪୦୦ କି.ଗ୍ରା. ଓଜନର ଏହି ଯାନ ଭୂପୃଷ୍ଠରୁ ୮୦୦ କି.ମି. ଉଚ୍ଚରେ ପୃଥିବୀ କକ୍ଷରେ ଅବସ୍ଥାପିତ ହୋଇ ସୂର୍ଯ୍ୟର କୋରୋନାକୁ ପର୍ଯ୍ୟବେକ୍ଷଣ କରିବ।

*- ୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪*

# ଉପକାରୀ ଆମ୍ରପତ୍ର





ପୀତାମ୍ବର କର

ଆମ୍ବ ଏକ ସୁସ୍ୱାଦୁ ଫଳ ଏହା ସମସ୍ତଙ୍କୁ ଜଣା, କିନ୍ତୁ ଆମ୍ବପତ୍ରର ଗୁଣ ବିଷୟରେ ପ୍ରାୟ ଧାରଣା କମ୍। ଆସନ୍ତୁ ଜାଣିବା, ଆମ୍ବପତ୍ରର ଔଷଧୀୟ ଗୁଣ ବିଷୟରେ। ଆମ୍ବପତ୍ର ବିଭିନ୍ନ ପ୍ରକାର ନ୍ୟୁଟ୍ରିଏନଟ୍‌ରେ ଭରପୂର। ଏଥିରେ ଜୀବସାର ଏ, ବି, ସି ନିଆସିନ୍, ବେଟା କାରୋଟେନ୍, ଥିଆମିନ୍ ରିବୋଫ୍ଲାଭିନ୍ ପ୍ରଚୁର ପରିମାଣରେ ଅଛି, ଯାହାକି ଆମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଆମ୍ବପତ୍ରର ନିମ୍ନୋକ୍ତ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।

- ତଟକା ଆମ୍ବପତ୍ରକୁ ପାଣିରେ ଫୁଟାଇ ଥଣ୍ଡାକରି ରାତିରେ ଏକ ପାତ୍ରରେ ରଖନ୍ତୁ, ସକାଳୁ ମଧୁମେହ ରୋଗୀ ନିୟମିତ ଏହି ପାଣିକୁ ପିଅନ୍ତୁ। ଫଳରେ ଶରୀରରେ ଇନ୍‌ସୁଲିନ୍ ସ୍ତର ଠିକ୍ ରହିଥାଏ ଏବଂ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହେ। ଆମ୍ବପତ୍ରର ଏସ୍‌ଟ୍ରାଟ୍ ନିୟମିତ ଦିନକୁ ୩/୪ଥର ୩/୪ ମାସ ପାନ କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ।
- ଆମ୍ବପତ୍ରର ଏସ୍‌ଟ୍ରାଟ୍ ନିୟମିତ ସେବନ କଲେ ଏହା ରକ୍ତ ଧମନୀକୁ ଶକ୍ତ କରିବା ସହ ହୃଦ୍‌ଘାତ ସଙ୍କଟକୁ ହ୍ରାସ କରିଥାଏ। ଶୁଖିଲା ଆମ୍ବପତ୍ର ଗୁଣ୍ଡକୁ ରାତିରେ ଏକ ଗ୍ଲାସ୍ ପାଣିରେ ଭିଜାଇ ସକାଳେ ନିୟମିତ ପାନ କଲେ କିଡ୍‌ନୀ ଓ ଗଲ୍‌ବ୍ଲାଡର ପଥରୀ ବା ଷ୍ଟୋନ୍ ମିଳାଇ ଯାଇଥାଏ।
- ଆମ୍ବପତ୍ର ଗୁଣ୍ଡକୁ ରାତିରେ ଏକ ଗ୍ଲାସ୍ ପାଣିରେ ଭିଜାଇ ସକାଳେ ସେହି ପାଣିକୁ ପିଇଲେ ଡିସେଣ୍ଟ୍ରି ଓ ଡାଇରିଆ ଆଦି ସମସ୍ୟାରୁ ରକ୍ଷା ମିଳିଥାଏ। ଆମ୍ବପତ୍ରର ଏସ୍‌ଟ୍ରାଟ୍ ସହ ମହୁ ମିଶାଇ ନିୟମିତ ଦିନକୁ ୩/୪ ଥର ପାନକଲେ କଫ, ସାଧାରଣ ଥଣ୍ଡା, ଆଜ୍‌ମା, ହୁପିଙ୍ଗ୍ କଫ ପରି ସମସ୍ୟାରୁ ରକ୍ଷା ମିଳିଥାଏ।
- ଆମ୍ବପତ୍ରର ଏସ୍‌ଟ୍ରାଟ୍ ଦିନକୁ ୨/୩ଥର ନିୟମିତ ପିଇଲେ ଗଳା ବସି ଯାଇଥିବା ସମସ୍ୟା ଦୂର ହୋଇଥାଏ। କାନ ବିନ୍ଧୁଥିଲେ ଆମ୍ବପତ୍ରର ଏସ୍‌ଟ୍ରାଟ୍‌କୁ ଅଳ୍ପ ଉଷୁମ କରି କାନରେ ଡ୍ରପର ସାହାଯ୍ୟରେ ପକାଇଲେ ଏବଂ କାନମୂଳରେ ଲେପ ଦେଲେ ଆରାମ ମିଳିଥାଏ।
- ଆମ୍ବପତ୍ରକୁ ପୋଡ଼ି ତା' ଧୂଆଁକୁ ଇନ୍‌ହେଲ କଲେ ହୁପିଙ୍ଗ୍ କଫ ସମସ୍ୟା ଦୂରହେବା ସହ ଗଳା ସଂକ୍ରମଣଜନିତ ସମସ୍ୟା ଦୂର ହୋଇଥାଏ। ଶୁଖିଲା ଆମ୍ବପତ୍ରର ମଣ୍ଡକୁ ଭାତୁଡ଼ି ଉପରେ ନିୟମିତ ଲେପଦେଲେ ଏବଂ ଖଣ୍ଡିଆ ସ୍ଥାନରେ ଲେପଦେଲେ ଏହା ଶୀଘ୍ର ଶୁଖିଯାଇଥାଏ ଏବଂ ଭାତୁଡ଼ି ସମସ୍ୟା ଦୂର ହୋଇଥାଏ।
- ଆମ୍ବପତ୍ରକୁ ପୋଡ଼ି ସେହି ପାଉଁଶକୁ ପୋଡ଼ା ଘାଆରେ ଲଗାଇଲେ ଏହା ଶୀଘ୍ର ଶୁଖିଥାଏ । ଆମ୍ବପତ୍ରରେ ଅନେକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଏବଂ ଜୀବସାର-ସି ଥିବାରୁ ଏହା ଶରୀରକୁ ଫ୍ରିରେଡିକାଲ ଜନିତ କ୍ଷୟକ୍ଷତି ସମସ୍ୟାରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ସବଳ କରିଥାଏ ।
- ଦାନ୍ତରେ ଯନ୍ତ୍ରଣା ହେଉଥିଲେ ଆମ୍ବପତ୍ରକୁ ପୋଡ଼ି ତା' ପାଉଁଶରେ ଦାନ୍ତ ଘଷିଲେ ଏବଂ ଆମ୍ବପତ୍ରର ଏସ୍‌ଟ୍ରାଟ୍‌ରେ କୁଳି କଲେ ଦାନ୍ତର ସମସ୍ୟା ଦୂର ହୋଇଥାଏ। ଜ୍ୱର ହୋଇଥିଲେ ଆମ୍ବପତ୍ରର ଏସ୍‌ଟ୍ରାଟ୍‌କୁ ପିଇଲେ ଶରୀରର ତାପମାତ୍ର କମ୍ ହୋଇଥାଏ।
- ୟୁରିକ୍ ଏସିଡ୍ ସମସ୍ୟା ଥିଲେ, କଅଁଳିଆ ଆମ୍ବପତ୍ରକୁ ରାତିରେ ପାଣିରେ ଫୁଟାଇ ରଖନ୍ତୁ। ସକାଳେ ପତ୍ରକୁ ଛାଣି ସେହି ପାଣିରେ ମହୁ ମିଶାଇ ଦିନକୁ ଦୁଇଥର ପିଅନ୍ତୁ। କିଛି ଆମ୍ବପତ୍ରକୁ ୩/୪ ଲିଟର ପାଣିରେ ଫୁଟାନ୍ତୁ। ତାହା ଅଧା ହୋଇଗଲେ ଥଣ୍ଡାକରି ଗାଧୁଆପାଣିରେ ମିଶାଇ ଗାଧାନ୍ତୁ, ଏଥିରେ ଥକାପଣ ଦୂରହେବା ସହ ଶରୀରକୁ ଆରାମ ଲାଗିଥାଏ।

*-ମୁକୁନ୍ଦ ମିଶ୍ର ନଗର, ଗୋପୀନାଥପୁର, ପୁରୀ, ମୋ : ୯୪୩୭୨୦୪୦୯୯*



## ଜଳବାୟୁ ପରିବର୍ତ୍ତନ ଓ ମାନସିକତା

ବର୍ତ୍ତମାନ ଜଳବାୟୁର ପରିବର୍ତ୍ତନ ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ସିଧାସଳଖ ପ୍ରଭାବ କେବଳ ମାନବ ସମାଜ ନୁହେଁ, ପଶୁପକ୍ଷୀ, ବୃକ୍ଷଲତା ଉପରେ ପଡ଼ିଥାଏ। ଯଦି ଜଳବାୟୁ ସ୍ୱାସ୍ଥ୍ୟୋପଯୋଗୀ ନ ରହିଲା, ତେବେ ସେଥିଯୋଗୁ ଆମର ମାନସିକତା ପ୍ରଭାବିତ ହେବା ଯଥେଷ୍ଟ ଆଶଙ୍କା ରହିଛି ବୋଲି ଲଣ୍ଡନ ୟୁନିଭର୍ସିଟିର ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। ଏକ ସଦ୍ୟତମ ସର୍ଭେରୁ ସେମାନେ ଏପରି କଥା ଜାଣିପାରିଛନ୍ତି। ଜଳବାୟୁ ପ୍ରଦୂଷିତ ହେବା ଦ୍ୱାରା ଏପରି ଅଞ୍ଚଳରେ ବସବାସ କରୁଥିବା କେତେଜଣ ବ୍ୟକ୍ତିଙ୍କର ମାନସିକତା କିପରି ରହୁଛି, ତାହାକୁ ତନ୍ନତନ୍ନ କରି ସେମାନେ ନିରୀକ୍ଷଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ସ୍ୱଭାବ ଚିଡ଼ିଚିଡ଼ା ଥିବାର ଲକ୍ଷ୍ୟ କରାଯାଇଥିଲା।

## ସ୍ୱାସ୍ଥ୍ୟ ସୂଚନା



- ରାତ୍ରିଭୋଜନ ଶେଷ କରିବା ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ।
- ସବୁବେଳେ ରାତିରେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଏହି ଖାଦ୍ୟ ଯେତେ ହାଲୁକା ହେବ, ସେତେ ଭଲ।
- ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ। କାରଣ ଏଗୁଡ଼ିକରେ ପ୍ରଚୁର ଭିଟାମିନ୍ ଭରି ରହିଥାଏ।
- ବୟସ ବଢ଼ିବା ସହ ଗରିଷ୍ଠ ଖାଦ୍ୟ ପ୍ରତି ସତର୍କ ରହିବାକୁ ଚେଷ୍ଟା କରନ୍ତୁ।
- ଯଦି ଆପଣ ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ନିୟମିତ ସମୟ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ ଏବଂ ବ୍ଲଡ୍‌ପ୍ରେସର ଚେକ୍ କରାଇ ନିଅନ୍ତୁ।
- ସୁସ୍ଥ ରହିବା ପଛରେ ସନ୍ତୁଳିତ ଓଜନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଓଜନ ବଢ଼ାଇବାରେ ସହାୟକ ହେବ।

> ଦେଶର ନିୟମ କାନୁନ ଆଧାରରେ ଅଡିଟ୍ ପ୍ରାକ୍ଟିସ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସ୍ୱାର୍ଥ ନିହୀତ ଦ୍ୱନ୍ଦ୍ୱକୁ ଦୂରକରାଯିବାର ସମ୍ଭାବନା ରହିଛି।
> – ଇଞ୍ଜେଟି ଶ୍ରୀନିବାସ, କେନ୍ଦ୍ର କର୍ପୋରେଟ ବ୍ୟାପାର ସଚିବ



> ବୟନ, ଜୋତା, ସାର ଏବଂ ମୋବାଇଲ ହ୍ୟାଣ୍ଡସେଟ ଭଳି ସାମଗ୍ରୀ ଉପରେ ଜିଏସ୍‌ଟି ବଢାଯିବା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡିବ।
> – ଅମିତ ମିତ୍ର, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ୟେସ୍ ବ୍ୟାଙ୍କର ଡିସେମ୍ବର ତ୍ରୈମାସ କ୍ଷତି ୧୮,୫୬୪ କୋଟି




**ମୁମ୍ବାଇ,୧୫-୩:** ଡିସେମ୍ବର ତ୍ରୈମାସରେ ୟେସ୍ ବ୍ୟାଙ୍କ ୧୮,୫୬୪ କୋଟି ଟଙ୍କା କ୍ଷତି ସହିଛି। ଗତ ବର୍ଷ ସମାନ ସମୟରେ ଏହି ବ୍ୟାଙ୍କ ୧୦୦୦ କୋଟି ଟଙ୍କାର ଲାଭ ହାସଲ କରିଥିଲା। ବ୍ୟାଙ୍କର ମୋଟ ଅନାଦାୟ ଋଣ ପରିମାଣ ୪୦,୭୦୯ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ୨୦୧୯ ସେପ୍ଟେମ୍ବର ତ୍ରୈମାସରେ ବ୍ୟାଙ୍କ ୬୨୯ କୋଟି ଟଙ୍କାର ଘାଟା ସହିଥିଲା। ଡିସେମ୍ବର ତ୍ରୈମାସରେ ବ୍ୟାଙ୍କର ଏନ୍‌ପିଏ ୧୮.୮୭%କୁ ବୃଦ୍ଧି ଘଟିଛି। ଏହା ସେପ୍ଟେମ୍ବର ତ୍ରୈମାସରେ ୭.୩୯% ରହିଥିଲା। ଏହି ସମୟରେ ବ୍ୟାଙ୍କର ଜମା କ୍ଷେତ୍ରରେ ପ୍ରାୟ ୪୦ ହଜାର କୋଟି ଟଙ୍କା କ୍ଷତି ହୋଇଛି। ଅକ୍ଟୋବର ଡିସେମ୍ବର ତ୍ରୈମାସରେ ଏହା ୪୦,୦୦୦ କୋଟି କମି ୧.୬୫ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ଜାନୁୟାରୀ ମାର୍ଚ୍ଚ ଅବଧିରେ ପ୍ରାୟ ୩୦ ହଜାର କୋଟି ଟଙ୍କା ହ୍ରାସ ହେବାର ଅନୁମାନ କରାଯାଉଛି।

### ସାଇବର ରିସ୍କ ପ୍ରତି ସଚେତନତା ଜରୁରୀ

**ମୁମ୍ବାଇ,୧୫-୩:** ବର୍ତ୍ତମାନ ଇଣ୍ଟରନେଟର ହାଇପର କନେକ୍ଟିଭିଟି ଯୋଗୁ ବିଭିନ୍ନ କାମ ଅନ୍‌ଲାଇନରେ ସହଜ ଏବଂ ଦ୍ରୁତ ଭାବେ ହୋଇପାରିଛି। ଅନ୍‌ଲାଇନର ଏକ ଭଲ ଦିଗ ହୋଇଥିବା ବେଳେ ବଢୁଥିବା ସାଇବର ବିପଦ ପ୍ରତି ସଚେତନତା ଜରୁରୀ ରହିଛି। ଏହାର ଅଭାବରେ ଲୋକଙ୍କୁ ବିଭିନ୍ନ ସମସ୍ୟା ସାମ୍ନା କରିବାକୁ ପଡୁଛି। ଅନ୍‌ଲାଇନରେ ଷ୍ଟୋର ହୋଇ ରହିଥିବା ବ୍ୟାଙ୍କିଙ୍ଗ ଡାଟା ଚୋରିର ଭୟ ଲୋକଙ୍କ ମନରେ ରହୁଥିବାବେଳେ ହ୍ୟାକିଂ, ଅନଲାଇନ ଠକେଇ ଭଳି ଘଟଣା ସାମ୍ନାକୁ ଆସୁଛି। ଅନଲାଇନରେ ଗ୍ରାହକଙ୍କୁ ସ୍ପୁଫ ଏସ୍‌ଏମ୍‌ଏସ୍, ଫିସିଂ ଲିଙ୍କ, ମିଥ୍ୟା ଆଇଡି, ମିଥ୍ୟା ଅନଲାଇନ ପ୍ରୋଫାଇଲ ଦ୍ୱାରା ଲୋକଙ୍କୁ ଠକେଇ କରାଯାଉଛି। ସାଇବର କ୍ଷେତ୍ରରେ ଭାରତୀୟ ବଜାରକୁ ଅଧିକ ବିପଦ ରହିଛି ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ୱାନାକ୍ରାଇ, ପେଟ୍‌ୟା ଭଳି ସାଇବର ଆଟାକ ମାମଲା ଏଠାରେ ଦେଖାଯାଇଛି। ସେହିଭଳି ମାଲ୍‌ୱେର,ସ୍ପାମ୍, ରାନଶନୱେର ବିଶ୍ୱଲାଗି ବିପଦ ସୃଷ୍ଟି କରିଛି। ୱାନାକ୍ରାଇଯୋଗୁ ଦେଶର ୪୮ ହଜାର ସିଷ୍ଟମ ପ୍ରଭାବିତ ହୋଇଥିଲା। ସାଇବର ନିରାପତ୍ତା ବଜାୟ ରଖିବା ଲାଗି ଦୃଢ ଫାୟାର ୱାଲ ଏବଂ ଏନ୍‌କ୍ରିପଶନ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ଦୃଢ ଆଣ୍ଟିଭାଇରସ ବ୍ୟବହାରକୁ ଧ୍ୟାନ ଦେବାକୁ ପଡିବ। ବ୍ରାଉଜିଂ ବେଳେ ସତର୍କତା ଅବଲମ୍ବନ ଏବଂ ଦୃଢ଼ ପାସୱାର୍ଡ ବ୍ୟବସ୍ଥା କରିବାକୁ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ବଢୁଥିବା ସାଇବର ନିରାପତ୍ତାକୁ ଧ୍ୟାନରେ ରଖି ସତର୍କତା ଅବଲମ୍ବନ କରିବା ଉପରେ ବଜାଜ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସର ମୁଖ୍ୟ ଟେକ୍ନିକାଲ ଅଧିକାରୀ ଶଶି କୁମାର ଆଦିଦମୁ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଏଥିଲାଗି ଲୋକମାନେ ବୀମା ସୁବିଧା ମଧ୍ୟ ନେଇ ପାରିବେ। ଆର୍ଥିକ କ୍ଷତି କ୍ଷେତ୍ରରେ ଲୋକମାନଙ୍କୁ ବୀମା କଭର ମିଳିପାରିବ।

## କରୋନା ମୁକାବିଲା



## ଭାରତ କେତେ ସକ୍ଷମ

- ପ୍ରମୁଖ ଦେଶ ମଧ୍ୟରେ ଭାରତ ପଛରେ
- ବେଡ୍ ସଂଖ୍ୟା ସ୍ୱଳ୍ପ, ପ୍ରତି ହଜାର ଲୋକ ତୁଳନାରେ କମ୍ ଡାକ୍ତର
- ୫୦.୭% ଗ୍ରାମାଞ୍ଚଳ ଲୋକଙ୍କ ପାଖେ ନାହିଁ ସାଧାରଣ ହାତଧୋଇବା ସୁବିଧା
- ସହରାଞ୍ଚଳରେ ୨୦.୨%, ସାମଗ୍ରିକ ହାର ୪୦.୫%
- ଅନ୍ୟ ଦେଶ ତୁଳନାରେ ସ୍ୱାସ୍ଥ୍ୟ ସେବାରେ ଭାରତର ଖର୍ଚ୍ଚ କମ୍
- ସାରା ଦେଶରେ ଲାଗୁ ହୋଇ ପାରିନି ଆୟୁଷ୍ମାନ ଭାରତ
- ମାସ୍କ ଅନ୍ୟ ସାମଗ୍ରୀ ସମସ୍ତଙ୍କ ପାଖରେ ପହଞ୍ଚିବା କଷ୍ଟକର

# ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ବଡ଼ ଚ୍ୟାଲେଞ୍ଜ

**ମୁମ୍ବାଇ,୧୫–୩**



କରୋନା ସଂକ୍ରମଣକୁ ରୋକିବା ଲାଗି ସରକାର ମଲ୍ ଏବଂ ଅନ୍ୟ ସାର୍ବଜନୀନ ସ୍ଥାନଗୁଡିକୁ ନ ଯିବା ଲାଗି ଲୋକଙ୍କୁ ବାରଣ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଏହି ସ୍ଥାନଗୁଡିକୁ ନିର୍ଦ୍ଦିଷ୍ଟ ସମୟ ଲାଗି ବନ୍ଦ କରି ଦିଆଯାଇଛି।

ଏଭଳି ସ୍ଥିତିରେ କରୋନା ପ୍ରଭାବିତ ୧୦ ଶୀର୍ଷ ଦେଶର ମେଡିକାଲ ଭିତ୍ତିଭୂମି ଏବଂ ଅନ୍ୟ ଡାଟା ଉପରେ ତର୍ଜମା କରିବା ପରେ ଏକ ଜଟିଳ ପ୍ରସଙ୍ଗ ସାମ୍ନାକୁ ଆସିଛି। ଏହି ମହାମାରୀ ସହ ଲଢେଇ ଲାଗି ଆବଶ୍ୟକୀୟ ଭିତ୍ତିଭୂମି ତଥା ଅନ୍ୟ ସମ୍ବଳ କ୍ଷେତ୍ରରେ ଶୀର୍ଷ ପ୍ରଭାବିତ ଦେଶଗୁଡିକ ତୁଳନାରେ ଭାରତ ପଛରେ ରହିଛି ବୋଲି ତର୍ଜମାରୁ ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଡାଟା ମୁତାବକ ବର୍ତ୍ତମାନ ସୁଦ୍ଧା ୧୨୩ ଦେଶର ୧.୩୨ ଲକ୍ଷ ଲୋକ ଏହି ରୋଗର ଶିକାର ହୋଇଛନ୍ତି। ଚାଇନା, ଇଟାଲି, ଇରାନ, ଦକ୍ଷିଣ କୋରିଆ, ସ୍ପେନ, ଫ୍ରାନ୍ସ, ଜର୍ମାନୀ, ୟୁଏସ୍‌ଏ, ସୁଇଜରଲାଣ୍ଡ, ଜାପାନ ଅଧିକ ପ୍ରଭାବିତ ୧୦ ଦେଶ ମଧ୍ୟରେ ରହିଛନ୍ତି।

ଭାରତରେ ହସ୍ପିଟାଲ ବେଡ୍ ସଂଖ୍ୟା କମ୍ ରହିଥିବାବେଳେ ପ୍ରତି ୧୦୦୦ ଜନସଂଖ୍ୟାରେ ଡାକ୍ତର ମଧ୍ୟ କମ୍ ରହିଛନ୍ତି। ଏକ ବୃହତ୍ ସଂଖ୍ୟକ ଜନସଂଖ୍ୟା ହାତ ଧୋଇବା ଲାଗି ପର୍ଯ୍ୟାପ୍ତ ସୁଯୋଗ ଉପଲବ୍ଧ ନାହିଁ। ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ଏବେ ବଢିଥିବାରୁ ରୋଗ ବ୍ୟାପିଲେ ଏହା ଲୋକଙ୍କ ମଧ୍ୟରେ ଅସମାନତା ସୃଷ୍ଟି ଏବଂ ସମ୍ପତ୍ତି ହାନି କରିବ ବୋଲି ରିପୋର୍ଟରେ କୁହାଯାଇଛି। ଡାଟା ମୁତାବକ ଭାରତରେ ୦.୭% ହସ୍ପିଟାଲ ବେଡ୍ ରହିଥିବାବେଳେ ୧୦୦୦ ଲୋକଙ୍କ ତୁଳନାରେ ଫିଜିସିଆନଙ୍କ ସଂଖ୍ୟା ମଧ୍ୟ କମ୍ (୨୦୧୧ ଡାଟା)। ଚାଇନାରେ ଏହା ୩.୮ ରହିଥିବା ବେଳେ ଇଟାଲିରେ ୩.୫ ରହିଛି। ଚାଇନାରେ ଫିଜିସିଆନ ୧.୮ ରହିଥିବାବେଳେ ଇଟାଲିରେ ଏହା ୪.୧।

କରୋନାକୁ ପ୍ରତିରୋଧ କରିବା ଲାଗି ହାତ ଧୋଇବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଏଭଳି ସ୍ଥିତିରେ ଭାରତର ୫୦.୭% ଗ୍ରାମୀଣ ଜନସଂଖ୍ୟାଙ୍କ ନିକଟରେ ସାଧାରଣ ହାତଧୋଇବା ସୁବିଧା ନାହିଁ। ଏହା ମଧ୍ୟରେ ସାବୁନ ଏବଂ ଜଳ ମଧ୍ୟ ସାମିଲ ରହିଛି। ସହରାଞ୍ଚଳରେ ୨୦.୨% ଲୋକଙ୍କ ନିକଟରେ ଏଭଳି ସୁବିଧା ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ୪୦.୫% ଜନସଂଖ୍ୟା ଏଭଳି ସୁବିଧା ଲାଭ ଠାରୁ ପଛୁଆ ଅଛନ୍ତି।

କିଛି ବଡ଼ ରୋଗ ହେଲେ ଭାରତୀୟଙ୍କୁ ଅଧିକ ପରିମାଣର ଖର୍ଚ୍ଚ କରିବାକୁ ପଡେ। ଏହାକୁ ଆର୍ଥିକ ସ୍ଥିତି ଖରାପ ହେବାର ଅନ୍ୟ ଏକ କାରଣ ବୋଲି ମଧ୍ୟ ବିଚାର କରାଯାଏ। ସ୍ୱାସ୍ଥ୍ୟ ଖରାପ ସମୟରେ ହେଉଥିବା ଖର୍ଚ୍ଚକୁ ଭରଣା କରିବା ଲାଗି ଲୋକଙ୍କୁ ହଇରାଣ ହରକତ ହେବାକୁ ପଡିଥାଏ। ଭାରତ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି)ର କିଞ୍ଚିତ ଭାଗ ସ୍ୱାସ୍ଥ୍ୟ ସେବାରେ ଖର୍ଚ୍ଚ କରିଥାଏ। ବିଶ୍ୱ ବ୍ୟାଙ୍କ ଦେଇଥିବା ତଥ୍ୟ ମୁତାବକ ଭାରତ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଖର୍ଚ୍ଚ ବାବଦ ୩.୧୪% ଖର୍ଚ୍ଚ କରୁଛି। ଏହା ଚାଇନାରେ ୯.୫%, ଇଟାଲିରେ ୧୩.୪୭% ଏବଂ ଇରାନରେ ୨୨.୬% ରହିଛି। ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଣ ଲକ୍ଷ୍ୟରେ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନା ଘୋଷଣା କରିଛନ୍ତି। ଏହାକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଇବା ଲାଗି ସରକାର ଏବେଯାଏ ସକ୍ଷମ ହୋଇ ପାରିନାହାନ୍ତି। ଏହି ଯୋଜନାରେ କିଛି ହସ୍ପିଟାଲ ରୋଗୀଙ୍କୁ ସେବା ଯୋଗାଣ ନେଇ ଅଗ୍ରାହ୍ୟ କରି ଦେଉଛନ୍ତି।

ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ ନ ଥିଲେ, ରୋଗକୁ ପ୍ରତିରୋଧ କରିବା ଚ୍ୟାଲେଞ୍ଜ ହୋଇପଡେ। କରୋନାକୁ ରୋକିବା ଦିଗରେ ସରକାର ବିହୀତ ପଦକ୍ଷେପ ଗ୍ରହଣ କରିବେ ବୋଲି ମଣିପାଲ ଏଜୁକେଶନ ଆଣ୍ଡ ହେଲ୍‌ଥ ଗ୍ରୁପ ଚେୟାରମ୍ୟାନ ରଞ୍ଜନ ପାଇ କହିଛନ୍ତି। କରୋନା ସଂକ୍ରମଣକୁ ରୋକିବା ଲାଗି ଆବଶ୍ୟକ ହେଉଥିବା ମାସ୍କ, ରେସ୍ପିରେଟୋରି ଇକ୍ୱିପମେଣ୍ଟ ଯୋଗାଣ ମଧ୍ୟ ପ୍ରମୁଖ ଆବଶ୍ୟକତା ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି। ବିଭିନ୍ନ ଡିଭାଇସ ଲାଗି ଭାରତ ଅନ୍ୟ ଦେଶ ଉପରେ ନିର୍ଭର କରୁଥିବାରୁ ଏହା ଦେଶର ପ୍ରକୃତ କ୍ଷମତାକୁ ଏବେ ପଦାରେ ପକାଇଛି। ଚାଇନାରୁ ଆସୁଥିବା ବିଭିନ୍ନ ମେଡିକାଲ ଯନ୍ତ୍ରାଂଶ କରୋନା ପ୍ରତିବନ୍ଧକ ଯୋଗୁ ଆଣିବାକୁ କଟକଣା ଲାଗିଛି। ଏବେ ଦେଶ ମଧ୍ୟରେ ମାସ୍କ, ଗ୍ଲୋବ୍‌ସ ଏବଂ ଅନ୍ୟ ସାମଗ୍ରୀ ଯୋଗାଇବା ଲାଗି ଉତ୍ପାଦନ ଅହରହ ଜାରି ରହିଛି ବୋଲି ଆସୋସିଏଶନ ଅଫ୍ ଇଣ୍ଡିଆନ ମେଡିକାଲ ଡିଜାଇସ୍ ଇଣ୍ଡଷ୍ଟ୍ରି ପକ୍ଷରୁ ରାଜୀବ ନାଥ କହିଛନ୍ତି। ବିଶ୍ୱସ୍ତରରେ କୋଭିଡ–୧୯ ସଲିଡାରିଟି ଫଣ୍ଡ ଗଠନ ଦ୍ୱାରା ଏହି ରୋଗ ସକ୍ରମଣକୁ ରୋକିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ୪୭ ଦେଶକୁ ପ୍ରୋ–ଆକ୍ଟିଭ ଇକ୍ୱିପମେଣ୍ଟ ପଠାଯାଇଥିବା ବେଳେ ତଥାପି ଏହାର ଅଭାବ ରହୁଛି। ଏଣୁ ଉତ୍ପାଦନ ପ୍ରାୟ ୪୦% ବଢାଯାଇଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ସୂଚନା ରହିଛି।

# ପୁଞ୍ଜି ବଜାରରୁ ଉଠାଇ ନେଲେ ୩୭,୯୭୬ କୋଟି

**ମୁମ୍ବାଇ,୧୫–୩**

କରୋନା ଯୋଗୁ ବିଶ୍ୱ ସ୍ତରରେ ମାନ୍ଦାବସ୍ଥା ସ୍ଥିତି ଉପୁଜିବା ଆଶଙ୍କାରେ ବିଦେଶୀ ନିବେଶକ ଛାନିଆ ହୋଇ ପଡିଛନ୍ତି। ମାର୍ଚ୍ଚ ମାସ ବର୍ତ୍ତମାନ ପର୍ଯ୍ୟନ୍ତ ଫରେନ ପୋର୍ଟଫୋଲିଓ ନିବେଶକମାନେ ଦେଶର ପୁଞ୍ଜି ବଜାରରୁ ୩୭,୯୭୬ କୋଟି ଟଙ୍କା ନେଟ୍ ଭିତ୍ତିରେ ଉଠାଇ ନେଇଥିବା ଜଣାପଡିଛି। ବିଦେଶୀ ନିବେଶକମାନେ ଇକ୍ୱିଟିରୁ ୨୪,୭୭୬.୩୬ କୋଟି ଏବଂ ଡେଟ୍ ସେଗ୍‌ମେଣ୍ଟରୁ ୧୩,୧୯୯.୫୪ କୋଟି ଟଙ୍କା ଉଠାଇ ନେଇଥିବା ଡିପୋଜିଟୋରି ଡାଟାରୁ ସାମ୍ନାକୁ ଆସିଛି। ଏଭଳି ଭାବେ ବିଚାର ମୋଟ ୩୭,୯୭୫.୯୦ କୋଟି ଟଙ୍କାର ନେଟ୍ ଅର୍ଥ ବାହାରକୁ ଚାଲିଯାଇଛି। ଏହାପୂର୍ବରୁ ୨୦୧୯ ସେପ୍ଟେମ୍ବର ପରଠାରୁ ବିଦେଶୀ ନିବେଶକମାନେ ନିବେଶ କରିଆସୁଥିଲେ।

କରୋନାକୁ ଏବେ ଏକ ମହାମାରୀ ଭାବେ ଘୋଷଣା କରାଯାଇଛି। ଏହା ବିଶ୍ୱର ଅର୍ଥ ବ୍ୟବସ୍ଥା ଉପରେ ଲଗାତାର ପ୍ରଭାବ ପକାଇ ଚାଲିଛି। କେବଳ ଭାରତ ପୁଞ୍ଜି ବଜାର ନୁହେଁ ସାରା ବିଶ୍ୱର ପୁଞ୍ଜି ବଜାର ଏହି ଭାଇରସ ପ୍ରଭାବରେ ନିମ୍ନଗାମୀ ହୋଇଛି ବୋଲି ମର୍ନିଂ ଷ୍ଟାର ଇନଭେଷ୍ଟମେଣ୍ଟ ଆଡଭାଇଜର ଇଣ୍ଡିଆର ସିନିୟର ଆନାଲିଷ୍ଟ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି। ଗତ ସପ୍ତାହରେ ବିଶ୍ୱ ପୁଞ୍ଜି ବଜାର ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ବିଦେଶୀ ନିବେଶକମାନେ ନିବେଶର ଏକ ନିରାପଦ ସ୍ଥାନ ଖୋଜୁଛନ୍ତି।



**ଭୟରେ ବିଦେଶୀ ନିବେଶକ ଛାନିଆ**

କରୋନାର ପ୍ରଭାବ ଲାଗି ରହିଥିବାରୁ ଭାରତ ଭଳି ଅଭିବୃଦ୍ଧିଶୀଳ ବଜାରଗୁଡିକୁ ପୁଞ୍ଜି ଆଗମନ ହେବା ଏବେ ଚ୍ୟାଲେଞ୍ଜ ପାଲଟିଛି ବୋଲି ଶ୍ରୀବାସ୍ତବ କହିଛନ୍ତି। ବିଶ୍ୱ ବଜାରର ସ୍ଥିତି ଏବେ ଅସ୍ଥିର ରହିଛି। ବିଭିନ୍ନ ଦେଶ ସେମାନଙ୍କ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ସୁଧାରିବା ଲାଗି ଆର୍ଥିକ ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏହାବାଦ ଶିଳ୍ପଗୁଡିକୁ ପ୍ରୋତ୍ସାହିତ କରିବା ଲାଗି ଟିକସ ରିହାତି ଦେଇପାରନ୍ତି। ଏଭଳି ପଦକ୍ଷେପ ଘୋଷଣା ହେଲେ ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଆସିପାରେ ବୋଲି 'ଗ୍ରୋ'ର ସହପ୍ରତିଷ୍ଠାତା ତଥା ସିଓଓ ହର୍ଷ ଜୈନ କହିଛନ୍ତି।

# କମିଲା ପେଟ୍ରୋଲ, ଡିଜେଲ ଦର

**ମୁମ୍ବାଇ,୧୫–୩**



**ମେଟ୍ରୋ ସହର ଗ୍ରାହକଙ୍କ ଲାଗି ଲାଭ**

ଦେଶର ମେଟ୍ରୋ ସହରଗୁଡିକରେ ରବିବାର ପେଟ୍ରୋଲ ଏବଂ ଡିଜେଲ ଦରରେ ହ୍ରାସ ପରିଲକ୍ଷିତ ହୋଇଛି। ପେଟ୍ରୋଲ ଦର ଲିଟର ପିଛା ୧୨ ପଇସା କମିଥିବା ବେଳେ ଡିଜେଲ ଦର ଲିଟର ପିଛା ୧୪ ପଇସା ଖସିଛି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ହୋଇଥିବା ବେଳେ ଏହି ସମୟରେ ସରକାର ଉତ୍ପାଦ ଟିକସ ମଧ୍ୟ ବଢାଇଛନ୍ତି। ଏହାର ଗୋଟିଏ ଦିନ ପରେ ଇନ୍ଧନ ଦରରେ ଏଭଳି ହ୍ରାସ ହୋଇଥିବା ନଜରକୁ ଆସିଛି। ରବିବାର ନୂଆଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୬୯.୭୫ ଟଙ୍କା ଥିବା ବେଳେ ଡିଜେଲ ଦର ୬୨. ୪୪ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ଦେଇଥିବା ତଥ୍ୟରୁ ସାମ୍ନାକୁ ଆସିଛି।

ଶନିବାର ଠାରୁ ଇନ୍ଧନ ଉପରେ ଉତ୍ପାଦ ଟିକସ ଭାବେ ଲିଟର ପିଛା ୩ ଟଙ୍କା ଲାଗୁ କରାଯାଇଛି। ପେଟ୍ରୋଲ,ଡିଜେଲର ରିଟେଲ ମୂଲ୍ୟ ବଢିବ ନାହିଁ ବୋଲି ଶିଳ୍ପ ପକ୍ଷରୁ ଜଣେ ଅଧିକାରୀ କହିଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ହୋଇଥିବାରୁ ବର୍ଦ୍ଧିତ ମୂଲ୍ୟକୁ କମ୍ପାନୀଗୁଡିକ ନିଜ ମଧ୍ୟରେ ବ୍ୟବସ୍ଥିତ କରିବା ନେଇ ଯୋଜନା ରହିଥିଲା। ରବିବାର ଇନ୍ଧନ ମୂଲ୍ୟରେ ହ୍ରାସ ଘଟିଥିବାରୁ ଏହା ଦ୍ୱାରା ଗ୍ରାହକଙ୍କୁ ସାମାନ୍ୟ ଲାଭ ମିଳିଛି। ସରକାର ଉତ୍ପାଦ ଟିକସ ବୃଦ୍ଧିରୁ ବାର୍ଷିକ ୩୯,୦୦୦ କୋଟି ଟଙ୍କାର ରାଜସ୍ୱ ଲାଭ କରିବେ। ୨୦୧୪–୧୫ରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ନିମ୍ନରେ ରହିଥିଲେ ମଧ୍ୟ ଏହାର ଲାଭ କମ୍ପାନୀଗୁଡିକ ଲୋକଙ୍କୁ ଏତେଟା ଦେଇ ନ ଥିଲେ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ବିଜ୍ଞପ୍ତି ମୁତାବକ ପେଟ୍ରୋଲ ଉପରେ ସ୍ୱତନ୍ତ୍ର ଉତ୍ପାଦ ଟିକସ ଭାବେ ୨ ଟଙ୍କା ବଢିଥିବା ବେଳେ ଡିଜେଲ ଉପରେ ୨ ଟଙ୍କା ବଢିଛି। ସେହିଭଳି ଉଭୟ ପେଟ୍ରୋଲ ଡିଜେଲ ଉପରେ ୧ ଟଙ୍କା ଲେଖାଏ ଅତିରିକ୍ତ ରୋଡ ସେସ୍ ଲାଗୁ କରାଯାଇଛି।

# ଡେବିଟ୍, କ୍ରେଡିଟ କାର୍ଡ ସୁରକ୍ଷା ପାଇଁ ନୂଆ ନିୟମ

**ନୂଆଦିଲ୍ଲୀ,୧୫–୩**

ଡେବିଟ, କ୍ରେଡିଟ କାର୍ଡ ନେଣଦେଣର ସୁରକ୍ଷା ଏବଂ ଅନ୍‌ଲାଇନ ଠକେଇ ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ନୂଆ ନିୟମ କାର୍ଯ୍ୟକାରି ହେବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ୧୬ ମାର୍ଚ୍ଚ (ସୋମବାର)ଠାରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ଜଣାପଡିଛି। ୨୦୨୦ ଜାନୁୟାରୀରେ ଏଥିଲାଗି ରିଜର୍ଭ ବ୍ୟାଙ୍କ ଅଧିସୂଚନା ଜାରି କରିଥିଲା। ଏହି ନିୟମ ସମସ୍ତ ଡେବିଟ ଓ କ୍ରେଡିଟ କାର୍ଡ (ଫିଜିକାଲ ଏବଂ ଭର୍ଚୁଆଲ) ଉପରେ ଲାଗୁ ହେବ। ଏହା ମଧ୍ୟରେ ପୁନଃ ଜାରି କରାଯାଇଥିବା କାର୍ଡ ସାମିଲ ରହିଛି। ଆର୍‌ବିଆଇ ବ୍ୟାଙ୍କଗୁଡିକୁ କହିଛି ଯେ, ଡେବିଟ, କ୍ରେଡିଟ କାର୍ଡ ଇସ୍ୟୁ, ରିଇସ୍ୟୁ କରିବା ବେଳେ ଭାରତ ଭିତରେ ଏଟିଏମ୍ ଏବଂ ପଏଣ୍ଟ ଅଫ୍ ସେଲ୍‌ରେ ନେଣଦେଣ ଲାଗି ସକ୍ରିୟ କରାଯିବ। ନୂଆ ନିୟମ ପ୍ରିପେଡ ଗିଫ୍ଟ କାର୍ଡ ଏବଂ ମେଟ୍ରୋ କାର୍ଡ ଉପରେ ଲାଗୁ ହେବ ନାହିଁ। ବିଦେଶରେ ଟ୍ରାଞ୍ଜାକଶନ ଲାଗି ଅଲଗା ସୁବିଧା ନେବାକୁ ପଡିବ। ଗ୍ରାହକ ଯେକୌଣସି ସମୟରେ ନିଜ କାର୍ଡକୁ ଅନ୍, ଅଫ୍ ଏବଂ ଟ୍ରାଞ୍ଜାକଶନ ସୀମା ଚୟନ ଓ ପରିବର୍ତ୍ତନ କରିପାରିବେ। ଏହାବାଦ କାର୍ଡ ଅନ୍ ଅଫ୍ ସୁବିଧା ବ୍ୟାଙ୍କ ପ୍ରଦାନ କରିବେ। ଏହାବାଦ୍ ଆହୁରି ଅନେକ ସୁବିଧା ମଧ୍ୟ ରହିଛି।




# ବଜାରରେ ୟୁନିବିକ୍ ନୂଆ କୁକିଜ୍




**ଭୁବନେଶ୍ୱର,୧୫–୩**

ପ୍ରମୁଖ କୁକିଜ୍ ଏବଂ ବିସ୍କୁଟ ବ୍ରାଣ୍ଡ ୟୁନିବିକ୍ ପକ୍ଷରୁ ବଜାରକୁ ୫ଟି ଭିନ୍ନ ପ୍ରକାରର ୱାଫର୍ସର ବଜାର ପ୍ରବେଶ ହୋଇଛି। ଏହା ସହ ୫, ୧୦ ଏବଂ ୨୦ ଟଙ୍କା ମୂଲ୍ୟର ନୂଆ ବଟରଲି କୁକିଜ୍‌କୁ ମଧ୍ୟ ବଜାରକୁ କମ୍ପାନୀ ଛାଡିଛି। ଏହି ଅବସରରେ ଏକ ଡିଲର ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କମ୍ପାନୀର ୬୦ ଜଣ ଡିଲର ଯୋଗଦେଇଥିଲେ। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀହରି କ୍ରିଷ୍ଣା, ସିନିୟର ମ୍ୟାନେଜର ଆଦିତ୍ୟ ମହାପାତ୍ର, ସୋନି ଏଣ୍ଟରପ୍ରାଇଜେସର ପରିଚାଳନା ନିର୍ଦ୍ଦେଶକ ପ୍ରିଲିଭା ମହାନ୍ତି ଏହି ଅବସରରେ ଉପସ୍ଥିତ ଥିଲେ। କମ୍ପାନୀ ବର୍ତ୍ତମାନ ୩୦ ଭେରାଇଟି, ୨୪ ଭିନ୍ନ ଫ୍ଲେଭର ଏବଂ ୬ ସୁଗାର ଫ୍ରି ଭେରାଇଟି ପ୍ରଦାନ କରୁଛି ବୋଲି ସୂଚନା ଦେଇଛି। ରାଜ୍ୟରେ କମ୍ପାନୀର ପ୍ରଡକ୍ଟ ପ୍ରତି ଚାହିଦା ବଢୁଛି। ଏହି ଧାରାକୁ ଆଗକୁ ବଢାଇବା ସହ ବଜାର ଅଂଶ ଦୃଢ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କେଟିଂ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

FINANCE

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

BUSINESS

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟିଂ, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT 90783-45815
gmail-fusionmicrofinance2020@gmail.com

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦଶନ୍ଧି ପରେ ଶରଥଙ୍କୁ ଟାଇଟଲ

ମସ୍କଟ, ୧୫।୩ (ପି.ଟି.): ଭାରତର ଭେଟେରାନ ଟେବୁଲ ଟେନିସ ଖେଳାଳି ଅଚନ୍ତା ଶରଥ କମଲ ଏକ ଦଶନ୍ଧି ପରେ ଏକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଆଇଟିଟିଏଫ୍ ଚ୍ୟାଲେଞ୍ଜର ପ୍ଲସ୍ ଓମାନ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ



ପର୍ତ୍ତୁଗାଲରେ ମାର୍କସ ଫ୍ରିଟାସଙ୍କୁ ୬-୧୧, ୧୧-୮, ୧୨-୧୦, ୧୧-୯, ୩-୧୧, ୧୭-୧୫ରେ ହରାଇ ଦେଇଛନ୍ତି। ଏହା ପୂର୍ବରୁ ସେ ୨୦୧୦ରେ ଇଜିପ୍ଟ ଓପନ ଜିତିଥିଲେ। ୩୭ ବର୍ଷୀୟ ଶରଥ ସେମିଫାଇନାଲରେ ଶରଥ୍ ରୁଷିଆର କିରିଲ ସ୍କାଚକୋଭଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ସିଡ୍ ଶରଥ୍ ଏହି ମ୍ୟାଚ୍ର ପ୍ରଥମ ଦୁଇ ଗେମ୍କୁ ଯଥାକ୍ରମେ ୧୧-୧୩, ୧୧-୧୩ରେ ହାରିଯାଇଥିଲେ। କିନ୍ତୁ ଏହାପରେ ୧୩-୧୧, ୧୧-୯, ୧୩-୧୧, ୮-୧୧, ୧୧-୭ରେ ଜିତି ଫାଇନାଲରେ ସ୍ଥାନ ପକ୍କା କରିନେଇଥିଲେ। ସାତ ସେଟ୍ ବିଶିଷ୍ଟ ଏହି ସେମିଫାଇନାଲ ମ୍ୟାଚ୍ ଏକ ଘଣ୍ଟା ୮ ମିନିଟ୍ ଧରି ଚାଲିଥିଲା।

### ଫାଙ୍କା ଷ୍ଟାଡିୟମ ଗସ୍ତ କଲେ ବେକ୍ହାମ

ମିଆମି,୧୫।୩(ଏଏଫ୍ପି)- ଡେଭିଡ୍ ବେକ୍ହାମଙ୍କ ମେଜର ଲିଗ୍ ସକର କ୍ଲବ୍ ଇଣ୍ଟର ମିଆମି ଶନିବାର ତା'ର ଘରୋଇ ଭେନ୍ୟୁରେ ପଦାର୍ପଣ କରିବାର ଥିଲା। ମାତ୍ର କରୋନା ଭାଇରସ୍ ଯୋଗୁ ମ୍ୟାଚ୍କୁ ୩୦ ଦିନ ପାଇଁ ସ୍ଥଗିତ ରଖାଯାଇଛି। ମାତ୍ର ଏହା ବେକ୍ହାମ ଓ ତାଙ୍କ ପରିବାରକୁ ଇଣ୍ଟର ମିଆମିର ଖାଲି ଷ୍ଟାଡିୟମ ଦେଖିବାକୁ ରୋକିପାରି ନ ଥିଲା। ବେକ୍ହାମଙ୍କ କ୍ଲବ ଇଣ୍ଟର ମିଆମି ଲସ୍ଏଞ୍ଜେଲ୍ସ ଗ୍ୟାଲେକ୍ସି ସହ ଖେଳିବାର ଥିଲା। ଇଣ୍ଟର ମିଆମି ମାଲିକ ତଥା ସଭାପତି ବେକ୍ହାମ ଓ ତାଙ୍କ ପତ୍ନୀ ଭିକ୍ଟୋରିଙ୍କ ସହ ୪ ଛୁଆ ଖାଲି ଷ୍ଟାଡିୟମ ବୁଲି ଦେଖିବା ସହ ଇନ୍ଷ୍ଟାଗ୍ରାମ୍ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାର କ୍ୟାପ୍ଶନରେ ଲେଖିଛନ୍ତି 'ସ୍ୱତନ୍ତ୍ର ଦିନ'। ଆମେ କ'ଣ ନିର୍ମାଣ କରିଛୁ ତାହା ପରିବାରକୁ ଦେଖାଉଛି। ୪୪ ବର୍ଷୀୟ ବେକ୍ହାମ ୨୦୦୭ରେ ରିୟଲ ମାଡ୍ରିଡ୍ ଛାଡ଼ି ଗ୍ୟାଲେକ୍ସି ଦଳରେ ଯୋଗଦେଇଥିଲେ। ଉକ୍ତ ଚୁକ୍ତିରେ ଏକ ଅପ୍ଶନ ଥିଲା, ଏମ୍ଏଲଏସ୍ ଲିଗ୍ରେ କ୍ଲବ ସଂଖ୍ୟା ବୃଦ୍ଧି ପାଇଲେ ସେ ରିହାତି ମୂଲ୍ୟରେ କ୍ଲବ କିଣିପାରିବେ।

> କମେଣ୍ଟ୍ରି ପ୍ୟାନେଲରୁ ମୋତେ ବହିଷ୍କାର କରିବା ଲାଗି ବିସିସିଆଇ ଯେଉଁ ନିଷ୍ପତ୍ତି ନେଇଛି, ଜଣେ ପ୍ରଫେସନାଲ ହିସାବରେ ମୁଁ ତାହାକୁ ସ୍ୱାଗତ କରୁଛି।–**ସଞ୍ଜୟ ମଞ୍ଜରେକର, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ**



> ଟାଇସନ ଫ୍ୟୁରିଙ୍କ ବିରୋଧରେ ଡ୍ରଗ୍ ଟେଷ୍ଟିଂ ସ୍କାମ୍ ଅଭିଯୋଗ ହୋଇଥିଲେ ହେଁ ସେ ବିଶ୍ୱ ଟାଇଟଲ ହରାଇବେ ନାହିଁ।
> **–ମୌରିସିଓ ସୁଲେମାନ, ଡବ୍ଲ୍ୟୁବିସି ସଭାପତି**



# କ୍ରୀଡ଼ା ମନ୍ତ୍ରୀ, ଆଇଓଏ ପ୍ରତିନିଧି ଦଳର ଟୋକିଓ ଗସ୍ତ ସ୍ଥଗିତ

**ନୂଆଦିଲ୍ଲୀ, ୧୫।୩ (ପି.ଟି.)**

କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଏବଂ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର କେତେଜଣ ଉଚ୍ଚ ପଦାଧିକାରୀଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଟୋକିଓ ଗସ୍ତକ୍ରମକୁ ସ୍ଥଗିତ ରଖାଯାଇଛି। ରିଜିଜୁଙ୍କ ବ୍ୟତୀତ ଏହି ପ୍ରତିନିଧି ଦଳର ଅନ୍ୟ ସଦସ୍ୟମାନେ ହେଲେ ଆଇଓଏ ସଭାପତି ନରିନ୍ଦର ବାତ୍ରା, ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା, ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ସଭାପତି ଅଜୟ ସିଂ, କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା ଏବଂ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ। ଅଲିମ୍ପିକ୍ସ ପାଇଁ ଟୋକିଓରେ ଭାରତର ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବା ଲାଗି ମାର୍ଚ୍ଚ ୨୫ରୁ ୨୯ ଟୁର୍ରେ ଯିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର କରୋନା ଭାଇରସ୍ କାରଣ ଯୋଗୁ ଏହି ଗସ୍ତକ୍ରମକୁ ସାମୟିକ ସ୍ଥଗିତ ରଖାଯାଇଥିବା ରିଜିଜୁ ଟୁଇଟ୍ କରିଛନ୍ତି। ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ହେବାକୁଥିବା ଗ୍ରୀଷ୍ମକାଳୀନ ଗେମ୍ସ ପାଇଁ ପ୍ରଥମ ଥର ଲାଗି ଟୋକିଓରେ ଭାରତର ଅଲିମ୍ପିକ ହସ୍ପିଟାଲିଟି ହାଉସ୍ ରହିବ। ଗେମ୍ସ ଭିଲେଜ ନିକଟବର୍ତ୍ତୀ ସ୍ଥାନରେ ଜେଏସ୍ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍ ୨,୨୦୦ ବର୍ଗଫୁଟ ପରିମିତ

**କରୋନା ପ୍ରଭାବ**

ଅଞ୍ଚଳରେ ଏହା ନିର୍ମାଣ କରିବ। ପାଖରେ ଆହୁରି ଅନେକ କ୍ରୀଡ଼ା ଭେନ୍ୟୁ ରହିଛି। ଅଲିମ୍ପିକ୍ସ ଦେଖିବା ଲାଗି ଗସ୍ତ କରିବାକୁ ଥିବା ଭାରତୀୟ ଖେଳପ୍ରେମୀ ଓ ସମର୍ଥକମାନେ ଚାହିଁଲେ ହସ୍ପିଟାଲିଟି ହାଉସ୍ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକଳାପରେ ସାମିଲ ହୋଇ ଭିନ୍ନ ଅଭିଜ୍ଞତା ହାସଲ କରିପାରିବେ। ଇଣ୍ଡିଆ ହାଉସ୍ରେ ଆତିଥେୟ ପ୍ରଦାନର ବ୍ୟବସ୍ଥା ରହିବ। ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା, ଭାରତୀୟ ଆଥ୍ଲେଟମାନଙ୍କୁ ଦେଖାସାକ୍ଷାତ କରିବା ବ୍ୟବସ୍ଥା ମଧ୍ୟ ରହିବ। ପରିଦର୍ଶକମାନେ ବିଭିନ୍ନ ପ୍ରକାର ଭାରତୀୟ ଖାଦ୍ୟର ମଜା ନେଇପାରିବେ। ଏହାଛଡ଼ା ଭାରତୀୟ



ଅଲିମ୍ପିଆନଙ୍କ ଲାଗି ଏକ ଆଥ୍ଲେଟିକ ଲାଉଞ୍ଜ ରହିବ, ଯେଉଁଠାରେ ଖାଦ୍ୟପେୟ ସହ ଡାକ୍ତରୀ ସୁବିଧା ରହିବ। ସେହିପରି ଭାରତୀୟ ଗଣମାଧ୍ୟମ କର୍ମଚାରୀଙ୍କୁ ଆତିଥେୟ ଲାଗି ଏକ ମିଡିଆ ସେଣ୍ଟର ରହିବ। ପୁନଶ୍ଚ ବହୁ ଭାରତୀୟ ଅନ୍ତର୍ଜାତୀୟ ବ୍ରାଣ୍ଡର ଷ୍ଟଲ୍ମାନ ରହିବ। ସେମାନେ ସେମାନଙ୍କ ଉତ୍ପାଦକୁ ଡିସ୍ପ୍ଲେ କରିବା ସହ ବିକ୍ରି ମଧ୍ୟ କରିପାରିବେ। ଟୋକିଓ ଅଲିମ୍ପିକ୍ସ ପାଇଁ ୭୦ରୁ ଊର୍ଦ୍ଧ୍ୱ ଆଥ୍ଲେଟ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଗେମ୍ସ ପୂର୍ବରୁ ଏହି ସଂଖ୍ୟା ୧୨୫ରେ ପହଞ୍ଚିଯିବ ବୋଲି ଆଇଓଏ ଆଶା କରୁଛି। କରୋନା ଭାଇରସ ଯେପରି କାୟା ବିସ୍ତାର କରିଚାଲିଛି ଚଳିତ ବର୍ଷ ଅଲିମ୍ପିକ୍ସ ଆୟୋଜନ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହାସତ୍ତ୍ୱେ ନିର୍ଦ୍ଧାରିତ ସମୟ ଜୁଲାଇ–ଅଗଷ୍ଟରେ ଗେମ୍ସ ଆୟୋଜନ ହେବ ବୋଲି ଆଇଓସି ଦୃଢ଼ତାର ସହି କହିଛି।



ପୂଜା ପବରୀ, ରିନି, ଜୟଦେବ ଉନାଡକଟ୍ ଓ ଚେତେଶ୍ୱର ପୂଜାରା।

## ଜୟଦେବ ଉନାଡକଟ୍ଙ୍କ ନିର୍ବନ୍ଧ

**ସୌରାଷ୍ଟ୍ର, ୧୫।୩**

ନିଜ ଅଧିନାୟକତ୍ୱରେ ଦୁଇଦିନ ତଳେ ସୌରାଷ୍ଟ୍ରକୁ ପ୍ରଥମଥର ଲାଗି ରଣ୍ଜୀ ଟ୍ରଫି ଚାମ୍ପିୟନ କରାଇଥିବା ଜୟଦେବ ଉନାଡକଟ୍ଙ୍କ ନିର୍ବନ୍ଧ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୮ ବର୍ଷୀୟ ଉନାଡକଟ ତାଙ୍କ ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟ ଇନ୍ଷ୍ଟାଗ୍ରାମରେ ଭାବିପତ୍ନୀଙ୍କ ସହ ଏକାଠି ଠିଆ ହୋଇଥିବାର ଏକ ଫଟୋ ଶେୟାର କରିଛନ୍ତି। ଏହି ଫଟୋ ତଳେ ସେ 'ଛ ଘଣ୍ଟା, ୨ ମିଲ୍ସ ଓ ପରେ ଏକ କେକ୍' ବୋଲି କ୍ୟାପଶନ୍ ଲେଖିବା ସହ ଏକ ମୁଦି ଓ ହାର୍ଟଚିତ୍ର ଛାଡ଼ିଛନ୍ତି। ତେବେ ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ଏହି ବାମହାତୀ ସୌରାଷ୍ଟ୍ର ଦ୍ରୁତ ବୋଲର ତାଙ୍କ ଭାବି ପତ୍ନୀଙ୍କ ନାମ ଏଥିରେ ଉଲ୍ଲେଖ କରିନାହାନ୍ତି। କିନ୍ତୁ ନିର୍ବନ୍ଧ ଉତ୍ସବରେ ଯୋଗ ଦେଇଥିବା ସାଥୀ ସୌରାଷ୍ଟ୍ର ଖେଳାଳି ତଥା ଭାରତୀୟ ଟେଷ୍ଟ ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଜୟଦେବଙ୍କ ଭାବିପତ୍ନୀଙ୍କ ନାମ ପ୍ରକାଶ କରିଛନ୍ତି। ପୂଜାରା ତାଙ୍କ ଟୁଇଟର୍ ଆକାଉଣ୍ଟରେ ନିର୍ବନ୍ଧ ଉତ୍ସବର ଏକ ଫଟୋ ଛାଡ଼ିଛନ୍ତି, ଯେଉଁଥିରେ ପତ୍ନୀ ପୂଜା ପବରୀଙ୍କ ସହ ପୂଜାରା ଠିଆ ହୋଇଛନ୍ତି ଏବଂ ପାଖରେ ଉନାଡକଟ୍ ଓ ତାଙ୍କ ଭାବି ପତ୍ନୀ ମଧ୍ୟ ରହିଛନ୍ତି। ଏହି ଫଟୋରେ ପୂଜାରା ଲେଖିଛନ୍ତି 'ପରିବାରରେ ତୁମକୁ ସ୍ୱାଗତ କରୁଛୁ ରିନି। ମୋତେ ବହୁତ ଖୁସି ଲାଗୁଛି କି ମୋ ଭାଇକୁ ତା'ର ଜୀବନ ସାଥୀ ମିଳିଯାଇଛି'। ପ୍ରକାଶଯୋଗ୍ୟ, ନିଜର ପ୍ରଭାବୀ ବୋଲିଂ ବଳରେ ଉନାଡକଟ୍ ସୌରାଷ୍ଟ୍ରକୁ ପ୍ରଥମଥର ରଣ୍ଜୀ ଚାମ୍ପିୟନ କରାଇବାରେ ସଫଳ ହୋଇଛନ୍ତି। ବେଙ୍ଗଲ ବିପକ୍ଷ ଫାଇନାଲ ମ୍ୟାଚ୍ରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ସୌରାଷ୍ଟ୍ର ଚାମ୍ପିୟନ ହୋଇଥିଲା। ଚଳିତ ରଣ୍ଜୀ ସିଜନରେ ସେ ୧୩.୨୩ ଆଭରେଜରେ ମୋଟ୍ ୬୭ ଉଇକେଟ୍ ଅକ୍ତିଆର କରିଥିଲେ। ଏଥିସହ ଗୋଟିଏ ସିଜନରେ ରଣ୍ଜୀ ଟ୍ରଫିରେ ଦ୍ରୁତ ବୋଲର ଭାବେ ସର୍ବାଧିକ ଉଇକେଟ୍ ହାସଲ କରିବାରେ ସେ ୨୧ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ୧୯୯୮–୯୯ ସିଜନରେ କର୍ନାଟକର ଡୋଡ୍ଡା ଗଣେଶ ୬୫ ଉଇକେଟ୍ ନେଇ ଏହି ରେକର୍ଡର ଅଧିକାରୀ ରହିଥିଲେ।

## ଚେନ୍ନାଇ ଛାଡ଼ିଲେ ଧୋନୀ

**ଚେନ୍ନାଇ, ୧୫।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣ ମାର୍ଚ୍ଚ ୨୯ରୁ ଆରମ୍ଭ ହେବାକୁ ଥିଲା। କିନ୍ତୁ ମାରାତ୍ମକ କରୋନା ଭାଇରସ୍ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ଫଳରେ ଚେନ୍ନାଇ ସୁପର୍ କିଙ୍ଗ୍ସର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଘରକୁ ଫେରିଯାଇଛନ୍ତି। ବିଶ୍ୱକପ୍ ପରଠାରୁ କ୍ରିକେଟ୍ରୁ ଦୂରେଇ ରହିଥିବା ଧୋନୀ ଆଇପିଏଲ୍ ପ୍ରସ୍ତୁତି ଲାଗି କିଛିଦିନ ହେବ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଜୋରଦାର୍ ଅଭ୍ୟାସ ଚଳାଇଥିଲେ। ଫ୍ରାଞ୍ଚାଇଜ୍ ଏହାର ଟୁଇଟର୍ ପୃଷ୍ଠାରେ ଏକ ଭିଡିଓ ଶେୟାର କରିଛି। ଯେଉଁଥିରେ ଧୋନୀ ଚେନ୍ନାଇ ଜର୍ସି ପରିଧାନ କରି ଛୋଟ ପିଲାଙ୍କୁ ଅଟୋଗ୍ରାଫ୍ ଦେବା ସହିତ ପ୍ରଶଂସକଙ୍କ ସହ ବାର୍ତ୍ତାଳାପ କରୁଥିବାର ଦେଖିବାକୁ ମିଳିଛି। ପ୍ରଶଂସକମାନେ ମଧ୍ୟ ଏଥିରେ କମେଣ୍ଟ ଲେଖି ଧୋନୀଙ୍କୁ ନିଜର ଭଲପାଇବା ଜଣାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପ୍ରଶଂସକ ଲେଖିଛନ୍ତି, 'ଧୋନୀଙ୍କ ପାଇଁ ଭଲପାଇବା କଦାପି କମିବ ନାହିଁ'। ବିସିସିଆଇ ପକ୍ଷରୁ ନୂଆ ଆଇପିଏଲ୍ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ଧୋନୀ ଚେନ୍ନାଇ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।



## ଭାରତୀୟ ପରମ୍ପରାରେ ନିର୍ବନ୍ଧ କଲେ ମ୍ୟାକ୍ସୱେଲ

**ମେଲବୋର୍ନ,୧୫।୩**

ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଭାରତୀୟ ବଂଶଦ୍ଭବ ମହିଳା ବାନ୍ଧବୀ ବିନି ରମଣଙ୍କ ସହ ଭାରତୀୟ ପରାମ୍ପରାରେ ନିର୍ବନ୍ଧ କରିଛନ୍ତି। ଦୁହିଁଙ୍କ ନିର୍ବନ୍ଧବେଳର କିଛି ଫଟୋ ସୋସିଆଲ ମିଡିଆରେ ଛାଇ ହୋଇଯାଇଛି। ଫଟୋରେ ଦୁହେଁ ଭାରତୀୟ ପାରମ୍ପରିକ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଟ୍ରାଉଜର ସହ ପଞ୍ଜାବୀ ପିନ୍ଧିଥିବବେଳେ ବିନି ଗାଉନ ପିନ୍ଧିଛନ୍ତି। ଗତ ରାତିରେ ଭାରତୀୟ ପାରମ୍ପରିକ ରିତିନୀତିରେ ଆମ ନିର୍ବନ୍ଧ ହୋଇଯାଇଛି। ଏହା ଆମ ବିବାହର ଟ୍ରିଜର ମାତ୍ର। ନିର୍ବନ୍ଧ ଅବସରରେ ଉପସ୍ଥିତ ଥିବା ଦୁହିଁଙ୍କ ପରିବାରବର୍ଗ ଓ ଆମ ବନ୍ଧୁଙ୍କୁ ଧନ୍ୟବାଦ ବୋଲି ବିନି କ୍ୟାପଶନରେ ଲେଖିଛନ୍ତି। ମେଲବୋର୍ନରେ ବାସ କରୁଥିବା ବିନି ଜଣେ ଫାର୍ମାସିଷ୍ଟ। ସେ ଦୀର୍ଘଦିନ ହେଲା ମ୍ୟାକ୍ସୱେଲଙ୍କୁ ଡେଟ କରୁଥିଲେ। ଉଭୟଙ୍କୁ ଗତବର୍ଷ ଅନୁଷ୍ଠିତ ଅଷ୍ଟ୍ରେଲିଆନ କ୍ରିକେଟ ଆୱାର୍ଡ୍ସବେଳେ ଏକାଠି ଦେଖିବାକୁ ମିଳିଥିଲା।

## ଅଧାରୁ ଜିମ୍ବାୱେ ଗସ୍ତ ବାତିଲ କଲା ଓର୍ବିଶାୟାର

**ଲଣ୍ଡନ,୧୫।୩(ଏଏଫ୍ପି)**

ଇଂଲଣ୍ଡ କାଉଣ୍ଟି କ୍ଲବ ଓର୍ବିଶାୟାର ସିଜନ ପୂର୍ବରୁ କରିଥିବା ଜିମ୍ବାୱେ ଗସ୍ତକୁ ଅଧାରୁ ବାତିଲ କରିଦେଇଛି। କରୋନା ଭାଇରସ୍ର ଭୟାବହତା ଯୋଗୁ ଦଳ ସୋମବାର ସ୍ୱଦେଶ ଫେରିଯିବ। କରୋନା ଯୋଗୁ ପୂରା ବିଶ୍ୱ ଚିନ୍ତିତ ଥିବାବେଳେ ପ୍ରାୟ କ୍ରୀଡ଼ା କାର୍ଯ୍ୟସୂଚୀ ବାତିଲ ହୋଇଯାଇଛି। ଦଳରେ କୌଣସି ଖେଳାଳିଙ୍କ ନିକଟରେ କରୋନା ଲକ୍ଷଣ ଦେଖାଯାଉ ନ ଥିଲେ ମଧ୍ୟ ଦଳ ଗସ୍ତ ଶେଷ କରିବାକୁ ନିଷ୍ପତ୍ତି ନେଇଛି।

## ଓସିଏ ଆନ୍ତଃ କ୍ଲବ କ୍ରିକେଟ: ଗୋଟିଏ ଓଭରରେ ଡବଲ ହ୍ୟାଟ୍ରିକ

**କଟକ ଅଫିସ,୧୫।୩**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟରେ ଏକ ବିରଳ ରେକର୍ଡ ଦେଖିବାକୁ ମିଳିଛି। ଗଞ୍ଜାମ ଜିଲାରେ ଖେଳାଯାଇଥିବା ଏକ ମ୍ୟାଚ୍ରେ ଡାହାଣହାତୀ ପେସ୍ ବୋଲର ସଚିନ୍ ସେଠୀ ଗୋଟିଏ ଓଭରରେ ଡବଲ ହ୍ୟାଟ୍ରିକ ତଥା ୬ଟି ଉଇକେଟ ଦଖଲ କରିଛନ୍ତି। ଲିଡ୍ସ ଦଳରୁ ପ୍ରତିନିଧିତ୍ୱ କରୁଥିବା ସଚିନ୍ ଏହି ମ୍ୟାଚ୍ରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲିଡ୍ସ ଦଳ ୨୯୩ ରନରେ ଅଲଆଉଟ ହୋଇଥିଲା। ସଚିନ ୬୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଜବାବରେ ବିପକ୍ଷ ଜଗନ୍ନାଥପ୍ରସାଦ ଦଳ ୬୧ ରନରେ ଅଲଆଉଟ ହୋଇଥିଲା। ସଚିନ ୫ ଓଭର ବୋଲିଂ କରି ୧୫ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ର ୩ୟ ଓଭରରେ ୬ଟି ଯାକ ଉଇକେଟ ଦଖଲ କରି ଏହି ବିରଳ ସଫଳତା ସାଉଁଟିଛନ୍ତି ସଚିନ୍। ହିଞ୍ଜିଳି ଅଞ୍ଚଳରେ ସଚିନଙ୍କ ଘର।



ସଚିନ ସେଠୀ

# ଓଡ଼ିଶା ପୋଷ୍ଟାଲ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ପୋଷ୍ଟାଲ ଦଳ।

**ଅନୁଗୋଳ କପ୍ କ୍ରିକେଟ**
- ସୌଭାଗ୍ୟ ଶ୍ରେଷ୍ଠ ଖେଳାଳି
- ଆଲୋକ ମ୍ୟାନ୍ ଅଫ୍ ଦି ମ୍ୟାଚ

**ଅନୁଗୋଳ ଅଫିସ୍, ୧୫।୩**

ସ୍ଥାନୀୟ କଦମ ପଡ଼ିଆରେ ଅନୁଗୋଳ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ଚିତ୍ତାକର୍ଷକ ଫାଇନାଲ ମ୍ୟାଚରେ ଓଡ଼ିଶା ପୋଷ୍ଟାଲ ଦଳ ୭ ରନରେ କଟକ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ପରାସ୍ତ କରି ଚାମ୍ପିୟନ ହୋଇଛି।

ଓଡ଼ିଶା ପୋଷ୍ଟାଲ ଦଳ ଟସ୍ ଜିତି ପ୍ରଥମେ ୨୦ ଓଭରରେ ୭ ୱିକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଲରାଉଣ୍ଡର ଆଲୋକ ସାହୁ ୫୬ ଓ ଅନୁରାଗ ଷଡ଼ଙ୍ଗୀ ୩୨ ରନ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ବୋଲର ସୂର୍ଯ୍ୟକାନ୍ତ, ସିଦ୍ଧାର୍ଥ, ଅରବିନ୍ଦ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରାହୁଲ ସିଂହ ୫୪ ବଲରୁ ଧୂଆଁଧାର ୯୪ ରନ୍ କରିଥିଲେ ହେଁ ଦଳ ମୋଟ ୧୭୧ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପୋଷ୍ଟାଲ ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ୮୦ ହଜାର ଟଙ୍କା ଓ ରନର୍ସଅପ୍ ଦଳ ରାଇଜିଂ କଟକକୁ ଟ୍ରଫି ସହ ନଗଦ ୬୦ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ରାହୁଲ ସିଂହ, ଶ୍ରେଷ୍ଠ ବୋଲର ଭାବେ ପୋଷ୍ଟାଲ ଦଳର ପ୍ରୀତମଜିତ୍ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଦଳର ସୌଭାଗ୍ୟ ମିଶ୍ରଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଓଡ଼ିଶା ପୋଷ୍ଟାଲ ଦଳର ଆଲୋକ ସାହୁଙ୍କୁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନର ଅମ୍ପାୟାର ଶରତ ସାହୁ ଓ ମହେଶ ମୁନସୀ ମ୍ୟାଚ ପରିଚାଳନା କରିଥିଲେ। ସମସ୍ତ ମ୍ୟାଚରେ ସ୍କୋରର ଭାବେ ସୂର୍ଯ୍ୟ ରାଉତ, ନିକସନ ଦାୟିତ୍ୱ ତୁଲାଇଥିଲେ। ବିଜନ ଓ ମାନସ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ମୁଖ୍ୟକର୍ତ୍ତା ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅନୁଗୋଳ କ୍ରିକେଟ କ୍ଲବର ସଭାପତି ବୀରେନ ସାମଲ, ସମ୍ପାଦକ ସମରେନ୍ଦ୍ର ସ୍ୱାଇଁ, ସଭ୍ୟ ସାଗର ମିଶ୍ର, ଶିନ ରାଉତ, ମାୟା ମିଶ୍ର, ରଞ୍ଜନ ଧିରସାମନ୍ତ, କୋଷାଧ୍ୟକ୍ଷ ପ୍ରଭାତ ସିହ୍ନା, ଉପସଭାପତି ଗଙ୍ଗାଧର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ମିନଜଉଦ୍ଦିନ ବବି, ଲିଟନ ସାମଲ, ଗୁଗୁ ମହାପାତ୍ର, ଦୀପକ ସାହୁ, ନିରଞ୍ଜନ ମହାନ୍ତି, ଚିଲାଣ୍ଟୁ, ଅନିଲ ଗଡ଼ନାୟକ, ସଞ୍ଜୀବ ପାତ୍ର, ପିଚ୍ କ୍ୟୁରେଟର ଅଞ୍ଜନ କର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆୟୋଜକ ମୁଖ୍ୟ ପ୍ରତାପ ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଅନ୍ତର୍ଜାତୀୟ ମହିଳା ଦିବସରେ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ବର୍ଦ୍ଧିତ ହେବା ଅବସରରେ ଡିସିପି ସାଗରିକା ନାଥ ଓ ଅନ୍ୟ ଅତିଥିଙ୍କ ଗହଣରେ କ୍ରୀଡ଼ାବିତ୍ ଗୌରୀ ମହାନ୍ତି (ଡାହାଣରୁ ତୃତୀୟ)।

# ଫୁଟବଲ, କରାଟେ, ବାହୁକୁସ୍ତି ସ୍ଥଗିତ

**ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)**

ମାରାତ୍ମକ କରୋନା ଭାଇରସ୍ ପ୍ରଭାବରେ ବିଶ୍ୱର ଅନେକ କ୍ରୀଡ଼ା ପ୍ରଭାବିତ ହୋଇଛି। ଅନେକ ଗେମ୍‌କୁ ବାତିଲ କରାଯାଇଥିବାବେଳେ କେତେକ ସାମୟିକ ସମୟ ପାଇଁ ସ୍ଥଗିତ ରହିଛି। ଭାରତରେ ଅନେକ କ୍ରୀଡ଼ା ପ୍ରତିଯୋଗିତା ବାତିଲ କିମ୍ବା ବନ୍ଦ ରହିଥିବାରୁ ଅଲିମ୍ପିକ୍ସ ଯୋଗ୍ୟତା ଆଶା ରଖିଥିବା ପ୍ରତିଯୋଗୀ ଆଶଙ୍କାରେ ରହିଛନ୍ତି। ଏଥିରେ ସ୍ୱାଭାବିକଭାବେ ଓଡ଼ିଶା କ୍ରୀଡ଼ା ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। କୌଣସି ଗେମ୍ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବାତିଲ ହୋଇ ନ ଥିଲେ ହେଁ ଅନେକ ଖେଳକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ସ୍ଥିତି ସ୍ୱାଭାବିକ ହେଲେ ପ୍ରତିଯୋଗିତାଗୁଡ଼ିକୁ ପୁଣି ଆରମ୍ଭ କରିବାକୁ ଆୟୋଜକମାନେ ଆଶା ରଖିଛନ୍ତି।



ଓଡ଼ିଶା କ୍ରୀଡ଼ାରେ କରୋନା ପ୍ରଭାବ

## କରାଟେ, ବାହୁକୁସ୍ତି

ଓଡ଼ିଶା ଇନ୍‌ଡୋର କ୍ରୀଡ଼ାର ଅନ୍ୟତମ ପ୍ରାଣକେନ୍ଦ୍ର ଉତ୍କଳ କରାଟେ ସ୍କୁଲରେ ହେଉଥିବା ବିଭିନ୍ନ ପ୍ରତିଯୋଗିତା ଏବଂ ଟ୍ରେନିଂ ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଚଳିତ ମାସ ୨୭, ୨୮ ଓ ୨୯ ତାରିଖରେ ହେବାର ଥିଲା। ସେହିପରି ଏପ୍ରିଲ ୫ରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଆୟୋଜନ ହେବାର ଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଦୁଇ ପ୍ରତିଯୋଗିତାକୁ ଆମେ ଘୁଞ୍ଚାଇବାକୁ ବାଧ୍ୟ ହୋଇଛୁ ବୋଲି ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। କରାଟେ ସ୍କୁଲର ଜିମ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏହା ବ୍ୟତୀତ ପିଲାମାନଙ୍କ ଟ୍ରେନିଂକୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି ବୋଲି ହରିପ୍ରସାଦ କହିଛନ୍ତି।

## ଟେନିସ୍ କ୍ରିକେଟ ଫେଡେରେଶନ କପ୍

ଅନ୍ୟ କ୍ରୀଡ଼ା ଭଳି ଟେନିସ୍ କ୍ରିକେଟ ମଧ୍ୟ କରୋନା ପ୍ରଭାବରେ ପ୍ରଭାବିତ ହୋଇଛି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିସିଏଆଇ)ର ଅନୁମୋଦନକ୍ରମେ ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସିନିୟର ଫେଡେରେଶନ କପ୍ ମାର୍ଚ୍ଚ ୧୮ରୁ ୨୨ ପର୍ଯ୍ୟନ୍ତ ସମ୍ବଲପୁର କୁଚିଣ୍ଡାସ୍ଥିତ ମୁକୁନ୍ଦି ଷ୍ଟାଡିୟମରେ ହେବାର ଥିଲା। ମାତ୍ର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାକୁ ବର୍ତ୍ତମାନ ସ୍ଥଗିତ ରଖାଗଲା ବୋଲି ଟିସିଏଆଇ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଏଥିରେ ୪ ଜୋନ୍(ନର୍ଥ, ସାଉଥ୍, ଇଷ୍ଟ, ୱେଷ୍ଟ)ର ଶ୍ରେଷ୍ଠ ୩ଟି ଲେଖାଏ ଦଳ ଭାଗନେବାର କାର୍ଯ୍ୟକ୍ରମ ଥିଲା। ଚଣ୍ଡିଗଡ଼, ପଞ୍ଜାବ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିଦର୍ଭ, ଝାଡ଼ଖଣ୍ଡ, ଛତିଶଗଡ଼, ତାମିଲନାଡୁ, ଗୋଆ, କେରଳ ଓ ମୁମ୍ବାଇ ଆଦି ସମସ୍ତ ୧୨ଟି ଜୋନ୍ ଦଳ ଅଂଶଗ୍ରହଣ ପାଇଁ ସମ୍ମତି ଜଣାଇଥିଲେ। ଆୟୋଜକ ଓଡ଼ିଶାକୁ ମିଶାଇ ମୋଟ ୧୩ଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥାନ୍ତେ। ପ୍ରତି ଦଳରେ ୧୬ ଖେଳାଳି ଏବଂ ଜଣେ ଲେଖାଏ କୋଚ୍ ଓ ମ୍ୟାନେଜରଙ୍କୁ ମିଶାଇ ୧୮ ଜଣ ଲେଖାଏ ରହିବା ନିୟମ ଥିଲା। ମାତ୍ର ଏତେ ବ୍ୟକ୍ତି ଗୋଟିଏ ସ୍ଥାନରେ ଏକତ୍ରିତ ହେବା ନିୟମ ନ ଥିବାରୁ ପ୍ରତିଯୋଗିତାକୁ ବାତିଲ କରାଯାଇଛି। କେବଳ ସେତିକି ନୁହେଁ, ଚଣ୍ଡିଗଡ଼ଠାରେ ଏପ୍ରିଲ ୮ରୁ ୧୨ ପର୍ଯ୍ୟନ୍ତ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ଟେନିସ କ୍ରିକେଟ ପ୍ରତିଯୋଗିତାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଏହାଛଡ଼ା ଏପ୍ରିଲ ୧୦ରେ ଚଣ୍ଡିଗଡ଼ରେ ହେବାକୁଥିବା ବାର୍ଷିକ ସାଧାରଣ ବୈଠକକୁ ମଧ୍ୟ ସ୍ଥଗିତ ରଖାଯାଇଛି। "ଟେନିସ୍ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ସର୍ବଦା ଖେଳାଳି ଓ ଅଫିସିଆଲଙ୍କ ସ୍ୱାସ୍ଥ୍ୟ, ସୁରକ୍ଷାକୁ ଗୁରୁତ୍ୱ ଦେଇଆସିଛି। କରୋନା ଭାଇରସ୍ ସଂକ୍ରମଣ ବର୍ତ୍ତମାନ ଅନ୍ତର୍ଜାତୀୟସ୍ତରରେ ଗୁରୁତର ପ୍ରଭାବ ପକାଇଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁସାରେ ଆମେ ଫେଡେରେଶନ କପ୍, ଚାମ୍ପିୟନ୍ସ ଟ୍ରଫି ଓ ବାର୍ଷିକ ସାଧାରଣ ବୈଠକକୁ ବର୍ତ୍ତମାନ ଲାଗି ସ୍ଥଗିତ ରଖୁଛୁ" ବୋଲି ଆସୋସିଏଶନ ସାଧାରଣ ସମ୍ପାଦକ କହ୍ନେୟା ଗୁର୍ଜର ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ଦେଖିବାପରେ ଆମେ ପ୍ରତିଯୋଗିତାଗୁଡ଼ିକର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି।

## ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଚଳିତମାସ ୧୯ରୁ ୨୨ ପର୍ଯ୍ୟନ୍ତ ହେବାକୁ ଥିବା ଚତୁର୍ଥ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍-୨୦୨୦କୁ ସ୍ଥଗିତ ରଖାଯାଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା, ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ, କେ.ସି. ମେମୋରିଆ ଟ୍ରଷ୍ଟ ଓ ଉଡ୍ଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀକୁ ନେଇ ଗଠିତ ଲୋକାଲ ଅର୍ଗାନାଇଜିଂ କମିଟି ଏହି ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଓଡ଼ିଶା ସରକାର ଓ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ସହ ଆଲୋଚନା କରିବା ପରେ ପ୍ରତିଯୋଗିତାକୁ ସ୍ଥଗିତ ରଖାଯାଇଛି ବୋଲି କମିଟି ତରଫରୁ କୁହାଯାଇଛି।

## କଳାହାଣ୍ଡି କପ୍ କ୍ରିକେଟ

ଓଡ଼ିଶାର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଚଳିତ ମାସରେ ଆରମ୍ଭ ହେବାର ଥିଲା। ମାତ୍ର ତାହାକୁ ଏବେ ସ୍ଥଗିତ ରଖାଯାଇଛି। ଏପ୍ରିଲ ୧ କିମ୍ବା ୧୫ ତାରିଖରୁ ଏହାକୁ ଆରମ୍ଭ କରାଯିବାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ମ୍ୟାଚ୍ ପରିଚାଳନା କମିଟି ବୈଠକରେ ଆପାତତଃ ନିଷ୍ପତ୍ତି ହୋଇଛି। କମିଟିର ସଦସ୍ୟ ଧୀରେନ ପଲାଇ, ନୃସିଂହ ଚୌଧୁରୀ, ଅମିତ ବେହେରା ଓ ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ-କାତାର ମ୍ୟାଚ୍

ଚଳିତ ମାସ ୨୬ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଭାରତ-କାତାର ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଛି। ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା 'ଫିଫା' ପକ୍ଷରୁ ପ୍ରତିଷେଧମୂଳକ ବ୍ୟବସ୍ଥାସ୍ୱରୂପ ୨୦୨୨ ବିଶ୍ୱକପ୍ ଏବଂ ୨୦୨୩ ଏସିଆନ କପ୍ ପାଇଁ ଆଗକୁ ଖେଳାଯିବାକୁ ଥିବା ସମସ୍ତ କ୍ୱାଲିଫାୟର୍ସ ମ୍ୟାଚ୍‌କୁ ସ୍ଥଗିତ ରଖିବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ତନ୍ମଧ୍ୟରେ କାତାର ବିପକ୍ଷରେ ଭାରତ ଖେଳିବାକୁଥିବା ହୋମ୍ ଗେମ୍ (କଳିଙ୍ଗ ଷ୍ଟାଡିୟମ) ସାମିଲ ଥିଲା। ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଫିଫା ଏବଂ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଏସିଆରେ ଫୁଟ୍‌ବଲ କାର୍ଯ୍ୟକଳାପକୁ ନେଇ ଆଲୋଚନା ହୋଇଥିଲା।

## ଟାଟା ଉତ୍କଳିକା କପ୍

ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରତିବର୍ଷ ସମ୍ମାନଜନକ ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଏହା ୟୁନିଟ୍-୬ ହାଇସ୍କୁଲ ପଡ଼ିଆରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇଥିଲା। ମାତ୍ର କରୋନା ଭାଇରସ୍‌ଜନିତ ସରକାରଙ୍କ ଗାଇଡ୍‌ଲାଇନ୍ ଯୋଗୁ ଏହାକୁ ବର୍ତ୍ତମାନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆମେ ରବିବାର ଏକ ବୈଠକ ଡାକିଥିଲୁ। ଉକ୍ତ ବୈଠକରେ ଟୁର୍ନାମେଣ୍ଟ ସ୍ଥଗିତ ରଖିବାକୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ଆମେ ଟୁର୍ନାମେଣ୍ଟ ବାତିଲ କରିବୁ ନାହିଁ। ପରେ ସ୍ଥିତି ସ୍ୱାଭାବିକ ହେଲେ ଏହାକୁ ଆୟୋଜନ କରିବୁ ବୋଲି ଦିଲୀପ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ସ୍ଥଗିତ ରହିବା ସମ୍ପର୍କରେ ଚିଠି ପ୍ରସ୍ତୁତ ହୋଇଯାଇଛି। ତାହାକୁ ଆମେ ଭାଗ ନେବାକୁଥିବା ସମସ୍ତ କ୍ଲବ ନିକଟକୁ ପଠାଇଦେବୁ ବୋଲି ସେ କହିଛନ୍ତି।



# 'ସୁଯୋଗ ହାତଛଡ଼ା କରି ମୂଲ୍ୟ ଦେଲୁ'

**ମାରଗାଓ, ୧୫।୩(ପି.ଟି.)**

ଆଇଏସ୍ଏଲ୍ ଫାଇନାଲରେ ଏଟିକେଠାରୁ ୧-୩ ଗୋଲରେ ପରାସ୍ତ ହୋଇ ଚେନ୍ନାଇନ୍ ରନର୍ସଅପ୍ ହୋଇଛି। ତେବେ ଏହା ଚେନ୍ନାଇନ୍ ହେଡ୍ କୋଚ୍ ଓୱେନ କୋଏଲ୍‌ଙ୍କର ହଜମ ହୋଇନାହିଁ। କୋଡୋଟି ସୁଯୋଗ ମିଳିଥିଲେ ମଧ୍ୟ ଏହାର ସଦ୍ ଉପଯୋଗ ଆମେ କରିପାରି ନ ଥିଲୁ। ମ୍ୟାଚ୍‌କୁ ଠିକ୍ ଭାବେ ଫିନିସ କରିପାରି ନ ଥିଲୁ। ଏଟିକେ ଅପେକ୍ଷା ଭଲ ଖେଳିଥିଲେ ମଧ୍ୟ ଶେଷରେ ଆମକୁ ମୂଲ୍ୟ ଦେବାକୁ ହେଲା ବୋଲି ସେ କହିଛନ୍ତି। ଗୋଲ ହିଁ ମ୍ୟାଚ୍‌ର ମୋଡ଼ ବଦଳାଇଥାଏ। ମ୍ୟାଚ୍ ଆରମ୍ଭରେ ଆମେ କେତୋଟି ସହଜ ସୁଯୋଗ ପାଇଥିଲୁ। କିନ୍ତୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲୁ। ଏଟିକେ ଅପେକ୍ଷାକୃତ ଭଲ ଦଳ ବୋଲି କେହି କହିପାରିବେ ନାହିଁ। ଚେନ୍ନାଇନ୍ ଭଲ ଖେଳିଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ପୁଣି ସହଜ ଗୋଲ ବରଣ ମଧ୍ୟ କରିଥିଲୁ। କିନ୍ତୁ ଏଟିକେ ଶାଣିତ ପ୍ରଦର୍ଶନ କରିଥିଲା। ଆମେ ଏ ଦୃଷ୍ଟିକୋଣରୁ ପଛରେ ରହଯାଇଥିଲୁ। ଚେନ୍ନାଇନ୍ ଅଧିକ ସମୟ ବଲ୍‌କୁ ନିଜ ପାଖରେ ରଖିଥିଲା। କେବଳ ସେତିକି ନୁହଁ ଆମେ ଅଧିକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲୁ। ୭୦ ପ୍ରତିଶତ ବଲ୍ ପଜେସ୍ କରିଥିଲା ଚେନ୍ନାଇନ୍। କିନ୍ତୁ ସୁଯୋଗ ମିଳିବା ବଡ଼ କଥା ନୁହଁ। ଏହାକୁ ଗୋଲରେ ପରିଣତ କରିବା ସବୁଠାରୁ ବଡ଼ କଥା ବୋଲି ସେ କହିଛନ୍ତି। ଏଟିକେ ଗୋଲକିପର ଅରିନ୍ଦମ ଭଟାଚାର୍ଯ୍ୟଙ୍କୁ କୋଏଲ ପ୍ରଶଂସା କରିଛନ୍ତି। ସେ ଚେନ୍ନାଇନ୍‌ର କେତୋଟି ସୁଯୋଗକୁ ପଣ୍ଡ କରିଥିଲେ।

# ଓସିଏ: ଚୟନକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

**କଟକ ଅଫିସ,୧୫।୩:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଚୟନକର୍ତ୍ତା ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ନିଜ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ ଓସିଏ ପକ୍ଷରୁ କୁହାଯାଇଛି। ତେବେ ଓସିଏ ପକ୍ଷରୁ ବିଭିନ୍ନ ବର୍ଗରେ ଚୟନକର୍ତ୍ତାଙ୍କ ନିମନ୍ତେ ଏକ ମାପଦଣ୍ଡ ଧାର୍ଯ୍ୟ କରାଯାଇଛି। ସିନିୟର ପୁରୁଷ ଚୟନ କମିଟିରେ ସଦସ୍ୟ ହେବା ପାଇଁ ଗୋଟିଏ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍, ୨୫ଟି ରଣଜୀ ମ୍ୟାଚ୍ କିମ୍ବା ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳିଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ଜୁନିୟର ବାଳକ ଚୟନ କମିଟିରେ ସଦସ୍ୟ ହେବା ନିମନ୍ତେ ୨୫ଟି ରଣଜୀ ମ୍ୟାଚ୍ ଖେଳିଥିବା ଆବଶ୍ୟକ। ମହିଳା ଚୟନ କମିଟିରେ ସଦସ୍ୟ ହେବା ଲାଗି ରାଜ୍ୟ ପକ୍ଷରୁ ସିନିୟର ଦଳରେ ପ୍ରତିନିଧିତ୍ୱ କରିଥିବା ଜରୁରୀ ବୋଲି କୁହାଯାଇଛି। ଉପରୋକ୍ତ ୩ଟି ଯାକ କମିଟିରେ ସଦସ୍ୟ ହେବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସର୍ତ୍ତ ରହିଛି। ଇଚ୍ଛୁକ ବ୍ୟକ୍ତିବିଶେଷ ୫ବର୍ଷ ପୂର୍ବରୁ ଖେଳରୁ ଅବସର ନେଇଥିବା ଆବଶ୍ୟକ ବୋଲି ଓସିଏ ପକ୍ଷରୁ ଦିଆଯାଇଥିବା ବିବୃତ୍ତିରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ସିଇଓ ସୁବ୍ରତ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ସୂଚନାଥାଉ କି, ଗତ ସମ୍ବିଧାନ ଓ ଅନୁବନ୍ଧନ କମିଟି ବୈଠକରେ ଚୟନକର୍ତ୍ତା ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। ଜୁନିୟର ବାଳକ, ସିନିୟର ପୁରୁଷ ଓ ମହିଳା ବର୍ଗରେ ୫ଜଣ ଲେଖାଏ ଚୟନକର୍ତ୍ତା ନିଯୁକ୍ତ ହେବେ ବୋଲି କୁହାଯାଇଥିଲା।


राष्ट्रीय परीक्षा एजेंसी
National Testing Agency
Excellence in Assessment

विश्वविद्यालय अनुदान आयोग
University Grants Commission
quality higher education for all

## ୟୁଜିସି ଜାତୀୟ ଯୋଗ୍ୟତା ପରୀକ୍ଷା (ୟୁଜିସି-ଏନ୍‌ଇଟି) ଜୁନ୍-୨୦୨୦

**ସର୍ବସାଧାରଣ ବିଜ୍ଞପ୍ତି**
**(୧୬ ମାର୍ଚ୍ଚ ୨୦୨୦)**

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍ଏଚ୍ଆର୍‌ଡି) ଦ୍ୱାରା **ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)**କୁ ଏକ ସ୍ୱାଧୀନ/ସ୍ୱୟଂଶାସିତ, ଆତ୍ମନିର୍ଭରଶୀଳ ଏବଂ ଆତ୍ମ-ପୋଷିତ ପ୍ରମୁଖ ପରୀକ୍ଷା ସଙ୍ଗଠନ ଭାବେ ପ୍ରତିଷ୍ଠା କରାଯାଇଛି। ୟୁଜିସି ଓ ଏମ୍ଏଚ୍ଆର୍‌ଡି, ଭାରତ ସରକାରଙ୍କ ଦ୍ୱାରା ୟୁଜିସି-ଏନ୍‌ଇଟି ପରୀକ୍ଷା ସଞ୍ଚାଳନ ପାଇଁ ଏନ୍‌ଟିଏ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ଏନ୍‌ଟିଏ **ଜୁନିୟର୍ ରିସର୍ଚ୍ଚ ଫେଲୋଶିପ୍** ତଥା **ଆସିଷ୍ଟାଣ୍ଟ ପ୍ରଫେସର ନିମନ୍ତେ ଯୋଗ୍ୟତା** ନିମିତ୍ତ ପରବର୍ତ୍ତୀ ୟୁଜିସି-ଏନ୍‌ଇଟି **୧୫ ଜୁନ୍ - ୨୦ ଜୁନ୍, ୨୦୨୦** ମଧ୍ୟରେ ସଞ୍ଚାଳନ କରିବ। ପରୀକ୍ଷା ନିମ୍ନପ୍ରଦତ୍ତ ଦୁଇଟି ପ୍ରଶ୍ନପତ୍ର ସମ୍ବଳିତ ହେବ:

| ପ୍ରଶ୍ନପତ୍ର | ମାର୍କ | ପ୍ରଶ୍ନ ସଂଖ୍ୟା (ଏମ୍‌ସିକ୍ୟୁ ଫର୍ମାଟ୍) | ପ୍ରଥମ ଶିଫ୍ଟର ସମୟ | ଦ୍ୱିତୀୟ ଶିଫ୍ଟର ସମୟ | ଅବଧି |
|---|---|---|---|---|---|
| I | ୧୦୦ | ୫୦ | ୯.୩୦ ଘଟିକାରୁ ୧୨.୩୦ ଘଟିକା (ଆଇଏସ୍‌ଟି) | ୨.୩୦ ଘଟିକାରୁ ୫.୩୦ ଘଟିକା (ଆଇଏସ୍‌ଟି) | ୦୩ ଘଣ୍ଟା |
| II | ୨୦୦ | ୧୦୦ | | | |

ପରୀକ୍ଷା କେବଳ **କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି)** ପଦ୍ଧତିରେ ସଞ୍ଚାଳନ କରାଯିବ।

ପରୀକ୍ଷାରେ ଅଂଶଗ୍ରହଣ ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ୟୁଜିସି-ଏନ୍‌ଇଟି ଜୁନ୍ ୨୦୨୦ ପାଇଁ ସୂଚନା ବୁଲେଟିନ୍‌ରେ ବିବରଣୀ ଦେଖିପାରିବେ, ଯାହା ୱେବ୍‌ସାଇଟ୍ **www.nta.ac.in** ଏବଂ **ugcnet.nta.nic.in**ରେ **୧୬ ମାର୍ଚ୍ଚ ୨୦୨୦**ଠାରୁ ଉପଲବ୍ଧ ହେବ।

ଯୋଗ୍ୟ ପ୍ରାର୍ଥୀମାନେ ଅନ୍‌ଲାଇନ୍‌ରେ **୧୬ ମାର୍ଚ୍ଚ ୨୦୨୦ - ୧୬ ଏପ୍ରିଲ ୨୦୨୦ (୧୧.୫୦ ଘଟିକା ପର୍ଯ୍ୟନ୍ତ)** ଆବେଦନ କରିପାରିବେ। ଦରଖାସ୍ତ ଦେୟ **୧୭ ଏପ୍ରିଲ ୨୦୨୦ (୧୧.୫୦ ଘଟିକା ପର୍ଯ୍ୟନ୍ତ)** ପୈଠ କରାଯାଇପାରିବ।

**ବରିଷ୍ଠ ନିର୍ଦ୍ଦେଶକ**
davp 21354/11/0021/1920 **ଏନ୍‌ଟିଏ (ୟୁଜିସି-ଏନ୍‌ଇଟି)**

ଯୋଗାଯୋଗ କାର୍ଯ୍ୟାଳୟ, ବ୍ଲକ୍ ସି-୨୦/ଆଇଏ/୮, ସେକ୍ଟର-୬୨, ଆଇଆଇଟିକେ ଆଉଟରିଚ୍ ସେଣ୍ଟର, ଗୌତମ ବୁଦ୍ଧ ନଗର, ଜିଲ୍ଲା, ନୋଏଡା-୨୦୧୩୦୯, ଉତ୍ତରପ୍ରଦେଶ (ଭାରତ), ଟେଲିଫୋନ୍: ୦୧୨୦-୬୮୯୫୨୦୦, ଇମେଲ: ugcnet@nta.ac.in


# ଯାତ୍ରା ବାତିଲ କଲେ ମାରିଜନେ

**ବେଙ୍ଗାଲୁରୁ,୧୫।୩:** ଭାରତୀୟ ମହିଳା ହକି ମୁଖ୍ୟ କୋଚ୍ ଜୋଏର୍ଡ ମାରିଜନେ କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଘରକୁ ଯିବାର ଯୋଜନାରୁ ଓହରିଯାଇ ଯାତ୍ରା ବାତିଲ କରିଛନ୍ତି। ବିମାନବନ୍ଦରକୁ ଯାଉଥିବା ବେଳେ ସେ ଘରକୁ ଯିବାର ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଥିଲେ। ଏଭଳି ପରସ୍ଥିତିରେ ସେ କୌଣସି ରିସ୍କ ନେବାକୁ ଚାହାନ୍ତି ନାହିଁ ବୋଲି ମାରିଜନେ ଟୁଇଟ୍ କରିଛନ୍ତି। ମୁଁ କେବେ ପରିବାର ଲୋକଙ୍କ ସହ ମିଶିବି ତାହା ଜାଣିନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ମହିଳା ଦଳ ଆନାଲିଟିକାଲ କୋଚ୍ ଜାନେକେ ସ୍କପମ୍ୟାନ ନିଜର ଆମେରିକା ଯାତ୍ରା ବାତିଲ କରିଛନ୍ତି।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁ**
ଗାଡ଼କଣା, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୧୭।୦୮।୧୯୫୯
ତିରୋଧାନ: ୦୯।୦୩।୨୦୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତିହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୭୧୨୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଦୁର୍ଗା ସାମନ୍ତରାୟ**
ସ୍ୱାମୀ: ସ୍ୱର୍ଗତ ରମେଶ ଚନ୍ଦ୍ର ସାମନ୍ତରାୟ
ବଣିଆସାହି, ଜମ୍ବେଶ୍ୱର ପାଟଣା, ଓଲ୍‌ଡ ଟାଉନ, ଭୁବନେଶ୍ୱର
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର: ତପନ, ତୋଫାନ, ତରୁଣ, ତାପସ, ପୁତ୍ରବଧୂ: ବୁଢ଼ିଆ, ଛବି, ରୀନା, ରୁବି, କନ୍ୟା: ବନୀ ଓ ଜ୍ୱାଇଁ: ଟିକି,କିରଣ, ନାତି: ପାପୁନ୍, ସିପୁନ୍, ଚିକୁ, ଗୁଗୁଲ୍, ମିକୁ ଓ ବାବାଲି, ନାତୁଣୀ: ମାମୁନ୍, ଗୁଡ୍ଡୁ, ଖୁସି, ଗୌରାଙ୍ଗୀ
ଧ-୧୭୦୯୦


# ଏଟିକେ ହକ୍‌ଦାର

**ବାଇଚୁଙ୍ଗ୍ ଭୂଟିଆ**

ଏଟିକେ ୨୦୧୯-୨୦ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ) ଚାମ୍ପିୟନ ହୋଇଛି। ଏଥିରେ ଆଶ୍ଚର୍ଯ୍ୟ ହେବାର ନୁହେଁ। ଫାଇନାଲରେ ଚେନ୍ନାଇନ୍ ଏଫ୍‌ସି କଡ଼ା ଟକ୍କର ଦେଇଥିଲା ମାତ୍ର ଏଟିକେର ଖେଳ ତୁଳନାତ୍ମକ ଭାବେ ଉନ୍ନତ ପରିଲକ୍ଷିତ ହୋଇଥିଲା। ଦଳ ଏହାର ପ୍ରଥମ ଲିଗ୍ ମ୍ୟାଚ୍‌ରେ ପରାଜିତ ହୋଇଥିଲେ ମଧ୍ୟ ଟୁର୍ନାମେଣ୍ଟସାରା ସ୍ଥିର ପ୍ରଦର୍ଶନ କରି ନିଜକୁ ଟାଇଟଲ ଦାବିଦାର ସାବ୍ୟସ୍ତ କରିଥିଲା। ଏଥିପାଇଁ ଦଳ ପ୍ରଶଂସାରପାତ୍ର। ମୁଁ ଦଳକୁ ଅଭିନନ୍ଦନ ଦେବାକୁ ଚାହିଁବି। ଆଇଏସ୍ଏଲ୍‌ର ଏହି ସଂସ୍କରଣ ଦୀର୍ଘଦିନ ଧରି ମନରେ ରହିବ। କାରଣ ଅଧିକାଂଶ କ୍ଲବ ଗୁରୁତ୍ୱପୂର୍ଣ୍ଣ ପୋଜିଶନରେ ବିଦେଶୀ ଖେଳାଳିଙ୍କୁ ନିଯୁକ୍ତି ଦେଇଥିବା ସତ୍ତ୍ୱେ ଏଥର ପ୍ରଦର୍ଶନ ଦୃଷ୍ଟିରୁ ଭାରତୀୟ ଖେଳାଳିମାନେ ଚର୍ଚ୍ଚାରେ ରହିଛନ୍ତି। ଫୁଟ୍‌ବଲ ହେଉଛି ଏକ ଟିମ୍ ଗେମ୍। ଏଥର ବିଦେଶୀ ଖେଳାଳିଙ୍କ ସହିତ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ କୌଣସି ଗୁଣରେ କମ୍ ନ ଥିଲା। ଫଳରେ ଦଳଗତ ପ୍ରଦର୍ଶନ କରିଥିବା କ୍ଲବଗୁଡ଼ିକ ଅଧିକ ଶକ୍ତିଶାଳୀ ହୋଇପାରିଥିଲେ। ପ୍ରବୀର ଦାସ, ସୁମିତ ରାଠି, ଅରିନ୍ଦମ ଭଟ୍ଟାଚାର୍ଯ୍ୟ, ବ୍ରାଣ୍ଡନ ଫର୍ନାଣ୍ଡିଜ, ଲେନି ରୋଡ୍ରିଗୁଏଜ୍, ସେରିଟନ ଫର୍ନାଣ୍ଡିଜ, ଅନିରୁଦ୍ଧ ଥାପ୍ପା, ଏଡ୍‌ୱିନ୍ ଭାନ୍ସପଲ୍‌ଙ୍କ ସମେତ କେତେଜଣ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ଏଥର ଅଭିଯାନରେ ଓଡ଼ିଶା ଓ ହାଇଦ୍ରାବାଦ ସାମିଲ ହୋଇଥିଲେ। ଚେନ୍ନାଇନ୍ ଏଫ୍‌ସି ସିଜନ ମଝିରୁ ଯେପରି ପ୍ରତ୍ୟାବର୍ତ୍ତନ କଲା ତାହା ଏକ ପରୀ କାହାଣୀ ଭଳି ମନେହେଲା। ଫାଇନାଲରେ କିନ୍ତୁ ଏଟିକେର ଫୂର୍ତ୍ତି ଆଗରେ ଦଳ ହାର୍ ମାନିଥିଲା। ଏଟିକେର ଏହି ସଫଳତା ପଛରେ କୋଚ୍ ଆଣ୍ଟୋନିଓ ହାବାସ୍‌ଙ୍କର ଯଥେଷ୍ଟ ଭୂମିକା ରହିଛି। ତାଙ୍କ ପାଖରେ ଉପଲବ୍ଧ ଖେଳାଳିଙ୍କ ପ୍ରତିଭାକୁ କିପରି ବିକଶିତ କରିହେବ ତାହାର କୌଶଳ ତାଙ୍କୁ ଭଲରୂପେ ଜଣା। ଟୁର୍ନାମେଣ୍ଟରେ ଏଫ୍‌ସି ଗୋଆର ଖେଳ ମଧ୍ୟ ଆକର୍ଷଣୀୟ ରହିଥିଲା। ଦଳ ମାତ୍ର ଗୋଟିଏ ମ୍ୟାଚ୍ ହାରିବା ପରେ ଏହାର ଖରାପ ପ୍ରଭାବ ପରବର୍ତ୍ତୀ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା। ଦଳଠାରୁ ସଂଘବଦ୍ଧ ଖେଳ ଦେଖିବାକୁ ମିଳି ନ ଥାଏ। ଟୁର୍ନାମେଣ୍ଟରେ ବେଙ୍ଗାଲୁରୁ ଏଫ୍‌ସିଠାରୁ ମଧ୍ୟ ସ୍ଥିର ପ୍ରଦର୍ଶନ ଦେଖିବାକୁ ମଳିଥିଲା। ମାତ୍ର ଦଳର ଷ୍ଟାର ଖେଳାଳି ସୁନୀଲ ଛେତ୍ରୀ ଆଘାତପ୍ରାପ୍ତ ହେବା ଦ୍ୱାରା ସେମିଫାଇନାଲରୁ ଦଳର ଅଭିଯାନ ଶେଷ ହୋଇଥିଲା। **(ଗେମ୍ ପ୍ଲାନ)**


SEAGRAM'S
ROYAL STAG
MEGA MUSIC CDs



राष्ट्रीय परीक्षा एजेंसी
National Testing Agency
Excellence in Assessment

वैज्ञानिक तथा औद्योगिक अनुसंधान परिषद
COUNCIL OF SCIENTIFIC & INDUSTRIAL RESEARCH

## ଯୁଗ୍ମ ସିଏସ୍ଆଇଆର୍-ୟୁଜିସି ଏନ୍‌ଇଟି ଜୁନ୍ - ୨୦୨୦

**ସର୍ବସାଧାରଣ ବିଜ୍ଞପ୍ତି**
**(୧୬ ମାର୍ଚ୍ଚ ୨୦୨୦)**

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍ଏଚ୍ଆର୍‌ଡି) ଦ୍ୱାରା **ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)**କୁ ଏକ ସ୍ୱାଧୀନ/ସ୍ୱୟଂଶାସିତ, ଆତ୍ମନିର୍ଭରଶୀଳ ଏବଂ ଆତ୍ମ-ପୋଷିତ ପ୍ରମୁଖ ପରୀକ୍ଷା ସଙ୍ଗଠନ ଭାବେ ପ୍ରତିଷ୍ଠା କରାଯାଇଛି। ସିଏସ୍ଆଇଆର୍, ଭାରତ ସରକାରଙ୍କ ଦ୍ୱାରା ସିଏସ୍ଆଇଆର୍-ୟୁଜିସି ଏନ୍‌ଇଟି ଯୁଗ୍ମ ପରୀକ୍ଷା ସଞ୍ଚାଳନ ପାଇଁ ଏନ୍‌ଟିଏ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କେବଳ ଭାରତୀୟ ନାଗରିକମାନେ ଏହି ପରୀକ୍ଷା ପାଇଁ ଯୋଗ୍ୟ ହେବେ। ସିଏସ୍ଆଇଆର୍-ୟୁଜିସି ଏନ୍‌ଇଟି ଫେଲୋଶିପ୍ ଭାରତରେ ମାନ୍ୟ ଅଟେ।

ଏନ୍‌ଟିଏ **ଜୁନିୟର୍ ରିସର୍ଚ୍ଚ ଫେଲୋଶିପ୍ ଏବଂ ଲେକ୍ଚରଶିପ୍ (ଏଲ୍ଏସ୍)/ ଆସିଷ୍ଟାଣ୍ଟ ପ୍ରଫେସର** ପାଇଁ ଯୋଗ୍ୟତା ନିମନ୍ତେ ନିମ୍ନଲିଖିତ ବିଷୟ ଲାଗି ପରବର୍ତ୍ତୀ ଯୁଗ୍ମ ସିଏସ୍ଆଇଆର୍-ୟୁଜିସି ଏନ୍‌ଇଟି **୨୧ ଜୁନ୍ ୨୦୨୦** ଦିନ ସଞ୍ଚାଳନ କରିବ:

୧. ଜୀବନ ବିଜ୍ଞାନ
୨. ପଦାର୍ଥ ବିଜ୍ଞାନ
୩. ରସାୟନ ବିଜ୍ଞାନ
୪. ପୃଥିବୀ, ପରିବେଶ, ସାଗର ଓ ଗ୍ରହ ବିଜ୍ଞାନ
୫. ଗାଣିତିକ ବିଜ୍ଞାନ

ପରୀକ୍ଷା ଦୁଇଟି ଭିନ୍ନ ଶିଫ୍ଟରେ ନିମ୍ନ ଅନୁଯାୟୀ ସଞ୍ଚାଳିତ ହେବ:

| ଶିଫ୍ଟ | ସମୟ | ଅବଧି |
|---|---|---|
| *ଶିଫ୍ଟ -୧ (ସକାଳ) | ୯.୩୦ ଘଟିକାରୁ ୧୨.୩୦ ଘଟିକା (ଆଇଏସ୍‌ଟି) | ୦୩ ଘଣ୍ଟା (୧୮୦ ମିନିଟ୍) |
| *ଶିଫ୍ଟ -୨ (ଅପରାହ୍ନ) | ୨.୩୦ ଘଟିକାରୁ ୫.୩୦ ଘଟିକା (ଆଇଏସ୍‌ଟି) | |

*ବିଷୟ(ଗୁଡ଼ିକ) ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଧାରରେ ନିର୍ଣ୍ଣିତ ହେବ।

ପରୀକ୍ଷା କେବଳ **କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି)** ପଦ୍ଧତିରେ ସଞ୍ଚାଳନ କରାଯିବ।

ପରୀକ୍ଷାରେ ଅଂଶଗ୍ରହଣ ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଯୁଗ୍ମ ସିଏସ୍ଆଇଆର୍-ଏନ୍‌ଇଟି ଜୁନ୍-୨୦୨୦ ପାଇଁ ସୂଚନା ବୁଲେଟିନ୍‌ରେ ବିବରଣୀ ଦେଖିପାରିବେ, ଯାହା ୱେବ୍‌ସାଇଟ୍ **www.nta.ac.in** ଏବଂ **csirnet.nta.nic.in**ରେ **୧୬ ମାର୍ଚ୍ଚ ୨୦୨୦**ଠାରୁ ଉପଲବ୍ଧ ହେବ।

ଯୋଗ୍ୟ ପ୍ରାର୍ଥୀମାନେ ଅନ୍‌ଲାଇନ୍‌ରେ **୧୬ ମାର୍ଚ୍ଚ ୨୦୨୦ - ୧୫ ଏପ୍ରିଲ ୨୦୨୦ (୧୧.୫୦ ଘଟିକା ପର୍ଯ୍ୟନ୍ତ)** ଆବେଦନ କରିପାରିବେ। ଦରଖାସ୍ତ ଦେୟ **୧୬ ଏପ୍ରିଲ ୨୦୨୦ (୧୧.୫୦ ଘଟିକା ପର୍ଯ୍ୟନ୍ତ)** ପୈଠ କରାଯାଇପାରିବ।

**ବରିଷ୍ଠ ନିର୍ଦ୍ଦେଶକ**
davp 21354/11/0020/1920 **ଏନ୍‌ଟିଏ (ଯୁଗ୍ମ ସିଏସ୍ଆଇଆର୍-ୟୁଜିସି ଏନ୍‌ଇଟି)**

ଯୋଗାଯୋଗ କାର୍ଯ୍ୟାଳୟ, ବ୍ଲକ୍ ସି-୨୦/ଆଇଏ/୮, ସେକ୍ଟର-୬୨, ଆଇଆଇଟିକେ ଆଉଟରିଚ୍ ସେଣ୍ଟର, ଗୌତମ ବୁଦ୍ଧ ନଗର, ଜିଲ୍ଲା, ନୋଏଡା-୨୦୧୩୦୯, ଉତ୍ତରପ୍ରଦେଶ (ଭାରତ), ଟେଲିଫୋନ୍: ୦୧୨୦-୬୮୯୫୨୦୦, ଇମେଲ: csirnet@nta.ac.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମାର୍ଚ୍ଚ ୧୬/୨୦୨୦ Sambalpur, Monday, March 16 / 2020

# ଗିରଫ ଶିକ୍ଷକ କୋର୍ଟଚାଲାଣ

## ■ କରୋନାରେ ଯୁବକ ଆକ୍ରାନ୍ତ ଗୁଜବ ଘଟଣା

**ଭବାନୀପାଟଣା/ଧର୍ମଗଡ଼, ୧୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନି ଗାଁରେ କରୋନାରେ ଯୁବକ ଆକ୍ରାନ୍ତ ହୋଇଥିବା ନେଇ ସୋସିଆଲ ମିଡିଆରେ ମିଛ ଗୁଜବ ସୃଷ୍ଟି କରିବା ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ପୋଲିସ ଶନିବାର ଗିରଫ କରିଛି। ଗିରଫ ଶିକ୍ଷକ ହେଉଛନ୍ତି ଗୋଲାମୁଣ୍ଡା ବ୍ଲକ ଡୁଡକେଲ ଗ୍ରାମର ବିନ୍ଦୁ ମହାନନ୍ଦ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଧର୍ମଗଡଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଶନିବାର ଖଲିଆକାନି ଗ୍ରାମର ଜଣେ ଯୁବକ ବାଙ୍ଗାଲୋରରୁ ଆସି କରୋନାରେ ଆକ୍ରାନ୍ତ ହୋଇ ନିଜ ଘରେ କବାଟ ବନ୍ଦ କରି ରହିଥିବା ସୋସିଆଲ ମିଡିଆ ତଥା ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପରେ ବିନ୍ଦୁ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ସମଗ୍ର ଗୋଲାମୁଣ୍ଡା ତଥା ଆଖପାଖ ଅଞ୍ଚଳରେ ଏକ ପ୍ରକାର ଆତଙ୍କ ଖେଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଗୋଲାମୁଣ୍ଡା ଥାନା ଅଧିକାରୀ ପହଞ୍ଚି ତଦନ୍ତ କରିବା ପରେ ଏହା କେବଳ ଗୁଜବ ବୋଲି ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଶନିବାର ଗିରଫ କରିଥିଲା। ମୋ ମୋବାଇଲ ନେଇ ଅନ୍ୟ ଜଣେ ଏହି ଭାଇରାଲ କରି ତାଙ୍କୁ ଫସାଇ ଦେଇଥିବା ଶିକ୍ଷକ ମହାନନ୍ଦ କହିଛନ୍ତି।

# ୪୦ହଜାର ଅଲିଭ ରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ

**ରାଜନଗର,୧୫।୩(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି ଦ୍ୱୀପରେ ଅଲିଭରିଡ୍‌ଲେ କଇଁଛମାନେ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଶନିବାର ଓ ରବିବାର ଦୁଇଦିନ ଧରି ପାଗ ଅନୁକୂଳ ଥିବାରୁ ମା'କଇଁଛମାନେ ସମୁଦ୍ରର ନୀଳ ଜଳରାଶି ଅତିକ୍ରମ କରି ସମୂହ ଅଣ୍ଡାଦାନ ଆରମ୍ଭ କରିଛନ୍ତି। ସନ୍ଧ୍ୟା ସୁଦ୍ଧା ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ କଇଁଛ ବାବୁବାଲି ଦ୍ୱୀପର ନରମ ବାଲିରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ଗାତ ଖୋଳିବା ପରେ ଅଣ୍ଡାଦାନ କରିବା ଦେଖିବାକୁ ମିଳିଛି। ଏହି ପ୍ରକ୍ରିୟା ୩ ରୁ ୪ ଦିନ ପର୍ଯ୍ୟନ୍ତ ଚାଲିବ। ଗୋଟିଏ କଇଁଛ ୬୦ରୁ ୮୦ ପର୍ଯ୍ୟନ୍ତ ଅଣ୍ଡାଦାନ କରୁଛନ୍ତି। ଅପରପକ୍ଷରେ ବେଳାଭୂମି ଠାରୁ ୫ କିମି ଦୂରତା ସମୁଦ୍ର ଭିତରେ ଲକ୍ଷ ଲକ୍ଷ ମାଆ କଇଁଛ ଅଣ୍ଡାଦାନ ଅପେକ୍ଷାରେ ରହିଛନ୍ତି। ସମୁଦ୍ର କୂଳଠାରୁ ୧୦ମିଟର ଦୂର ବାଲୁକା ରାଶିରେ କଇଁଛମାନେ ଅଣ୍ଡାଦାନ କରୁଛନ୍ତି। ସୂର୍ଯ୍ୟାସ୍ତ ପର ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନେ ଅଣ୍ଡାଦାନ କରିଥାନ୍ତି।






# ସ୍କାଇ ଡାଇଭରେ ବିଶ୍ୱ ରେକର୍ଡ

**ଖରିଆରରୋଡ,୧୫।୩ (ଡି.ଏନ.ଏ.):** ଶିଖ ଧର୍ମର ପତାକା ନିଶାନ ସାହିବକୁ ସମୁଦ୍ର ପତ୍ତନରୁ ୧୩ ହଜାର ଫୁଟ ଉଚ୍ଚତାରେ ସ୍କାଇ ଡାଇଭରେ ଉଡାଇବାରେ ପ୍ରଥମ ଭାରତୀୟ ଯୁବକ ଭାବେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି ନବଜ୍ୟୋତ ସିଂ ଗୁରୁଦତା। ତାଙ୍କ ଘର ନୂଆପଡା ଜିଲା ଖରିଆରରୋଡ ସହରରେ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଏବଂ ସାଧନା ବଳରେ ସଫଳତାର ଶୀର୍ଷକୁ ଛୁଇଁପାରିଛନ୍ତି। ଗତ ମାସ ୨୯ ତାରିଖରେ ଦୁବାଇସ୍ଥିତ ପାଲଂ ଦ୍ୱୀପ ଜୋନରେ ଏହି ସଫଳତା ହାସଲ କରିଥିବା ଜଣାପଡ଼ିଛି। ସେ ବର୍ତ୍ତମାନ ଖରିଆରରୋଡ ସହରରେ ପହଞ୍ଚିବା ପରେ ଶୁଭେଚ୍ଛାର ସୁଅ ଛୁଟିଛି। ନିଜ ଧର୍ମ ସହ ଜିଲାର ବିଭିନ୍ନ ବର୍ଗରୁ ତାଙ୍କ ନିକଟକୁ ଶୁଭେଚ୍ଛା ଆସିଛି। ସେ ତାଙ୍କର ସଫଳତା ପାଇଁ ନିଜର ପରିବାର ଲୋକଙ୍କୁ ଶ୍ରେୟ ଦେଇଛନ୍ତି । ସେ ଛୋଟବେଳୁ ସବୁବେଳେ ଦୁଃସାହସିକ କ୍ରୀଡ଼ା ପ୍ରତି ରୁଚି ରଖିଥିବା ପରିବାର ଲୋକ ପ୍ରକାଶ କରିଛନ୍ତି। ସେ ନିଶ୍ଚିତ ଭାବେ ଜିଲା ଏବଂ ରାଜ୍ୟ ପାଇଁ ଏକ ଗୌରବ ଆଣି ଯୁବକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।



ସ୍କାଇ ଡାଇଭ ବେଳର ଫାଇଲ ଫଟୋ।

**ଇତିହାସ ରଚିଲେ ନବଜ୍ୟୋତ**








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ନାମରେ ଭକ୍ତି, ଜୀବରେ ଦୟା,
ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ।
- ଗୁରୁ ନାନକ



## ସଂକ୍ଷେପରେ...

### ୨ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୫।୩ ; ଗୁଜୁରାଟଠାରେ ଅନୁଷ୍ଠିତ ମାଷ୍ଟର କ୍ରୀଡ଼ା ପ୍ରତିଯୋଗିତାର ଲମ୍ଫଡ଼ିଆଁରେ ରୌପ୍ୟ ପଦକ ହାସଲ କରିଥିବା ବରଗଡ଼ର ଦୁଇ ପ୍ରତିଭା ଅନୁପମା ଘିବେଲା ଏବଂ ଅରୁଣା ଘିବେଲାଙ୍କୁ ରବିବାର ବରଗଡ଼ ମହିଳା ସମିତି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମିତିର ସଭାନେତ୍ରୀ ପ୍ରୀତି ଗୁରୁଙ୍କ ସଭାପତିତ୍ୱରେ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଏବଂ ସ୍ମାରକ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ସମିତିର ଉପସଭାନେତ୍ରୀ ରାଧାରାଣୀ ମିଶ୍ର, ସମ୍ପାଦିକା ବନଶ୍ରୀ ପାତ୍ର, ମମତା ମିଶ୍ର, ସୁଧା ଦାଶ, ଜୟଗୀତା ପଣ୍ଡା, ବରିଷ୍ଠ ସଦସ୍ୟା ଗୀତା ମିଶ୍ର ଉପସ୍ଥିତ ଥିଲେ ।

### ବରିଷ୍ଠ ନାଗରିକ ସଂଘ ବୈଠକ

ପାଇକମାଲ, ୧୫।୩ (ଡି.ଏନ.ଏ): ପାଇକମାଲର ନୃସିଂହନାଥ ଧର୍ମଶାଳାଠାରେ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ସଭାପତି ନନ୍ଦଲାଲ ତ୍ରିବେଦୀଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ପ୍ରତିନିଧି ବଳରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପାଇକମାଲ ସରକାରୀ ଚିକିତ୍ସାଳୟରେ ଜଣେ ଶିଶୁ ଡାକ୍ତର ଓ ଜଣେ ମହିଳା ଡାକ୍ତର ନିଯୁକ୍ତି କରିବା ଓ ବସ୍ତିରେ ବାସ କରୁଥିବା ଲୋକମାନଙ୍କୁ ଘରଡିହ ପଟ୍ଟା ଦେବାକୁ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଉକ୍ତ ସଭାରେ ଦଶରଥ ଦାସ, ସୁଧିର ଶଗରିଆ, ଥବୀର ଭୋଇ, ବାସୁଦେବ ମେହେର, ଦୁର୍ଯ୍ୟୋଧନ ବେହେରା, ଜୟଦେବ ବଢ଼େଇ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ଭାଗ୍ୟଧର ସାହୁ ଧନ୍ୟବାଦ ଦେଇଥିଲେ ।

# ସତର୍କତା ଅବଲମ୍ବନ ହିଁ ପ୍ରତିଷେଧକ

ମହାମାରୀ କରୋନାକୁ ନେଇ ଏବେ ସାରାବିଶ୍ୱରେ ଆତଙ୍କ ଓ ଆଲୋଡ଼ନ । ଗାଁଠୁ ସହର, ଚା ଖଟିରୁ ବସଷ୍ଟାଣ୍ଡ, ରେଳ ଷ୍ଟେଶନ ସବୁଠି ଏହାକୁ ନେଇ ଚର୍ଚ୍ଚା । ମୃତ, ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ଯୋଗୁ ସଭିଁଙ୍କ ମନରେ ଖେଳି ଯାଇଛି କରୋନା ଭୟ । ରାଜ୍ୟ ସରକାର ଏହାକୁ ରାଜ୍ୟ ବିପତ୍ତି ଘୋଷଣା କରିସାରି ଥିବାବେଳେ ଭାରତ ସରକାର ମଧ୍ୟ କରୋନାକୁ ବିଜ୍ଞପିତ ବିପତ୍ତି ଘୋଷଣା କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ଡବ୍ଲ୍ୟୁଏଚଓ) ଏହାର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଅନୁସନ୍ଧାନରେ ଲାଗି ପଡ଼ିଛି । ହେଲେ ଏପର୍ଯ୍ୟନ୍ତ କୌଣସି ନିର୍ଯ୍ୟାସରେ ପହଞ୍ଚି ପାରିନାହିଁ। ସାମ୍ପ୍ରତିକ ପରିସ୍ଥିତିରେ କେବଳ ସତର୍କତା ଓ ସଚେତନତା ହିଁ କରୋନା ସଂକ୍ରମଣରୁ ରକ୍ଷା ପାଇବାର ଏକମାତ୍ର ପ୍ରତିଷେଧକ ।

**ସବୁଠି କରୋନା ଭୟ**

### କରୋନାକୁ ଡରିବା ଠିକ୍ ନୁହେଁ



ବହୁତ ଜ୍ୱର, ଶୁଖା କାଶ ଏବଂ ଶ୍ୱାସକ୍ରିୟାରେ ବାଧା (ସଁ ସଁ ଲାଗିବା) ସହିତ ଗୋଡ଼, ହାତ ଦରଜ ହେଲେ ତାହା କରୋନା ସଂକ୍ରମଣର ଲକ୍ଷଣ ହୋଇପାରେ। ଯାହାର ରୋଗ ପ୍ରତିଷେଧକ ଶକ୍ତି କମ୍ ଥାଏ କିମ୍ବା ବାର୍ଦ୍ଧକ୍ୟାବସ୍ଥାରେ ଉପନୀତ ସାଙ୍ଗକୁ ଡାଇବେଟିସ୍ ଭଳି ରୋଗରେ ପୀଡ଼ିତ ଥାଆନ୍ତି, ସେମାନଙ୍କୁ ପ୍ରାୟ ସଂକ୍ରମଣ ଆଶଙ୍କା ରହିଥାଏ । ମାତ୍ର ସେଥିରେ କିଛି ଡରିବାର ନାହିଁ । ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । ବାରମ୍ବାର ସାବୁନରେ ହାତ ସଫା କରିବା ଆବଶ୍ୟକ। ସେହିପରି କାଶ କିମ୍ବା ଛିଙ୍କ ଆସିଲେ ରୁମାଲ, ମାସ୍କ ବ୍ୟବହାର କରିବା ସହିତ ଅନ୍ୟ ଲୋକଙ୍କଠାରୁ ପ୍ରାୟ ୧ମିଟର ଦୂରରେ ରହିବା ଉଚିତ । ସେହିପରି ଯାହାଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ଦେଖାଯାଉଛି, ସେ ବାହାରକୁ ଯାଇଥିଲେ କି ନାହିଁ, ତାକୁ ପ୍ରଥମେ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି ।

–ଡା. ରାଜେଶ ପାତ୍ର, ଜିଲା ମୁଖ୍ୟ ଡାକ୍ତରଖାନା, ବରଗଡ଼

### ଯଥାସମ୍ଭବ ଦୂରତା ଅବଲମ୍ବନ କରିବା ବିଧେୟ



କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ନିଜ ପକ୍ଷରେ ଯେତେ ସମ୍ଭବ, ସେଭଳି ସତର୍କ ଓ ସଚେତନ ରହିବା ଉଚିତ। ଜନଗହଳି ସ୍ଥାନରୁ ଯଥାସମ୍ଭବ ଦୂରତ୍ୱ ଅବଲମ୍ବନ କରି ରହିପାରିଲେ ତାହା ସମସ୍ତଙ୍କ ପାଇଁ ଠିକ୍ ହେବ । ସାବୁନ କିମ୍ବା ଆଲକୋହଲିକ୍ ସାନିଟାଇଜରରେ ହାତ ପୋଛାପଛି କରିବା ଉଚିତ। ସେହିପରି ଅଧିକ ଥଣ୍ଡା ସ୍ଥାନରୁ ଦୂରେଇ ରହିଲେ, ତାହା ମଧ୍ୟ ଭଲ ହେବ। ଆମେ ଯଦି ଏଭଳି ସତର୍କତା ଅବଲମ୍ବନ କରିବା କରୋନା ଆମଠାରୁ ଦୂରେଇ ରହିବ।

-ରାଜକିଶୋର ପାଣିଗ୍ରାହୀ, ଲାବୋରାଟୋରୀ ଟେକ୍ନିସିଆନ, ରାଜ ପଲିକ୍ଲିନିକ ଡାଇଗ୍ନୋଷ୍ଟିକ ସେଣ୍ଟର, ବରଗଡ଼

### ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ



କରୋନା ଭାଇରସକୁ ନେଇ ଭୟଭୀତ ହେବା ଠିକ୍ ନୁହେଁ । ଏହା ମଧ୍ୟ ଏକ ଭାଇରାଲ ଫିଭର ଭଳି । ଏହାର ନିରାକରଣ ପାଇଁ ସତର୍କତା, ସଚେତନତା ଅବଲମ୍ବନ ଜରୁରୀ । କାଶ କିମ୍ବା ଛିଙ୍କ ହେଲେ ମୁହଁକୁ ଢ଼ାଙ୍କିବା କଥା । ଜନଗହଳି ସ୍ଥାନରେ ଛେପ କିମ୍ବା କଫ ପକାଇବା ଉଚିତ୍ ନୁହେଁ । ହାତକୁ ସବୁବେଳେ ଭଲ ଭାବେ ସଫା କରି ରଖିବା ଦରକାର । ଥଣ୍ଡା, କାଶ ହୋଇ କରୋନା ଲକ୍ଷଣ ଦେଖାଗଲେ ନିକଟସ୍ଥ ଡାକ୍ତରଖାନାକୁ ଯାଇ ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ନିହାତି ଆବଶ୍ୟକ ।

-ଡା. ଅଜିତ କୁମାର ଦର୍ଜୀ, ଆୟୁର୍ବେଦ ଚିକିତ୍ସାଳୟ, ଗାଇସୀମା

### କୁକୁଡ଼ା ମାଂସ, ଅଣ୍ଡାରୁ ବ୍ୟାପେନି କରୋନା



କୁକୁଡ଼ା ମାଂସ କିମ୍ବା ଅଣ୍ଡା ଖାଇଲେ କରୋନା ବ୍ୟାପୁଛି ବୋଲି ଅପପ୍ରଚାର ଚାଲିଛି। ସେଭଳି କୁକୁଡ଼ା ମାଂସ, ଅଣ୍ଡା ଦ୍ୱାରା ମନୁଷ୍ୟ ଶରୀରକୁ କରୋନା ଭୂତାଣୁ ବ୍ୟାପିବାର କୌଣସି ତଥ୍ୟ ନଜରକୁ ଆସିନାହିଁ । କରୋନା ମନୁଷ୍ୟରୁ ମନୁଷ୍ୟ ଶରୀରକୁ ବ୍ୟାପିଥାଏ । ଫଳରେ ଏହାର ସଂକ୍ରମଣରୁ ରକ୍ଷା ପାଇବାକୁ ହେଲେ ସେଭଳି ସଂକ୍ରମିତ ଲୋକ ଆରୋଗ୍ୟ ନ ହେବା ପର୍ଯ୍ୟନ୍ତ ତାଙ୍କଠାରୁ ଦୂରତା ଅବଲମ୍ବନ ସହିତ ସ୍ୱଚ୍ଛ ବାତାବରଣ ଏବଂ ବିଶୋଧନ ସାମଗ୍ରୀ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର । ନିୟମିତ ବ୍ୟବଧାନରେ ସାବୁନରେ ହାତ ଧୋଇବା, କୁକୁଡ଼ା ମାଂସ ଓ ଅଣ୍ଡା ଥିବା ସ୍ଥାନକୁ ସଫାସୁତୁରା ରଖିବା ସହିତ ଭଲ ଭାବେ ସିଝାଇ ଖାଇବା ଉଚିତ ।

–ଡା. ଦିଲୀପ କୁମାର ପଣ୍ଡା, ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ବରଗଡ଼

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

### ବିଗ୍ରହ ପ୍ରତିଷ୍ଠା ଉତ୍ସବ ସ୍ଥଗିତ

ଭେଡ଼େନ,୧୫।୩ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ପ୍ରସିଦ୍ଧ ଶକ୍ତିପୀଠ ରେମଣ୍ଡା ସମଲେଇ ମନ୍ଦିରଠାରେ ମାଁ ଦୁର୍ଗାଙ୍କ ପିତ୍ତଳ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା । କରୋନା ଭୂତାଣୁ ଜନିତ ସତର୍କତା ପଦକ୍ଷେପ ଗ୍ରହଣ ସ୍ୱରୂପ ରାଜ୍ୟ ସରକାରଙ୍କ ଉପଦେଶାବଳୀ ଅନୁସାରେ ଅନିର୍ଦ୍ଦିଷ୍ଟ କାଳ ସକାଶେ ଏହାକୁ ସ୍ଥଗିତ ରଖାଯାଇଛି। ଏ ନେଇ ରବିବାର ସନ୍ଧ୍ୟାରେ ରେମଣ୍ଡା ହାଟପଦାରେ ସରପଞ୍ଚ ପ୍ରତିନିଧି ସଞ୍ଜୟ ନନ୍ଦଙ୍କ ଆହ୍ୱାନ କ୍ରମେ ଏକ ଜରୁରୀକାଳୀନ ବୈଠକ ହୋଇ ଉକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସଭାରେ ଗୋପାଳ ସେଠ, ଶିବ ପ୍ରସାଦ ଖମାରୀ, ପ୍ରହଲ୍ଲାଦ ମେହେର, ସରୋଜ ଖମାରୀ, ଜୟକୁମାର ବେହେରା, ତାରାଚାନ୍ଦ ସାଥୁଆଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ବାଲ୍ୟଲୀଳା ଉଦ୍‌ଯାପିତ

ଜହ୍ନାପଙ୍କ, ୧୫।୩(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ପଲାମ ଯଜ୍ଞ ପଡିଆରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ମହିମା ବାଲ୍ୟଲୀଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମ ଅବଧୂତ କୁଳଧର ବାବା, ଆନନ୍ଦ ଚନ୍ଦ୍ର ବାବା, ସାଧୁ କୃଷ୍ଣଚନ୍ଦ୍ର ଦାସ, ଶୟାମ ଦାସ, ମାର୍ଗଶୀର ଦାସ, ଝସକେତନ ଦାସଙ୍କ ତତ୍ତ୍ୱାବଧାନରେ ୨୬ ଖଣ୍ଡ ଗ୍ରାମବାସୀ ସହଯୋଗ କରିଥିଲେ ।

# ଭୟଭୀତ ହୁଅନି, ସତର୍କ ରହିବାକୁ ପରାମର୍ଶ

ବୌଦ୍ଧ,୧୫।୩(ସ୍ୱ.ପ୍ର)

**କରୋନା ପ୍ରତିହତ ପାଇଁ ପ୍ରଶାସନିକ ତତ୍ପରତା**

ସାରା ବିଶ୍ୱବାସୀ କରୋନା ଭାଇରସ ନେଇ ଚିନ୍ତିତ ଥିବା ବେଳେ ଭାରତ ଭଳି ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ପାଇଁ ଏହାର କିପରି ମୁକାବିଲା କରାଯାଇପାରିବ ସେ ନେଇ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଭାରତର ଅନେକ ରାଜ୍ୟରେ କରୋନା ଭୟରେ ବିଦ୍ୟାଳୟ, ମହାବିଦ୍ୟାଳୟ, ସିନେମା ହଲ ଭଳି ଜନଗହଳି ଅନୁଷ୍ଠାନଗୁଡିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଓଡ଼ିଶାରେ ମଧ୍ୟ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏସବୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ରବିବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଲାଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଏଥିପାଇଁ ଆଦୌ ଭୟଭୀତ ନ ହେବାକୁ କହିବା ସହ ସର୍ତକତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେବା ସହ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ କହିଛନ୍ତି । ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, କୋଚିଙ୍ଗ ସେଣ୍ଟର ବନ୍ଦ ରଖାଯାଇଥିବାବେଳେ ବିବାହ, ବ୍ରତ ପାଇଁ କଟକଣା ଜାରି କରାଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସରକାରୀ ଅଧିକାରୀ ।

ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବିବାହ ଓ ବ୍ରତ ଉପରେ କଟକଣା ସହ ଏ ନେଇ ସର୍ତକତା ଅବଲମ୍ବନ କରିବା ଏବଂ ଭୋଜିଭାତ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି । ଜିଲାର ସମସ୍ତ ସପ୍ତାହିକ ହାଟ ବନ୍ଦ କରିବାକୁ ମଧ୍ଯ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଯାତ୍ରା, ମହୋତ୍ସବ, ଉତ୍ସବ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଆହୁରି ମଧ୍ୟ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରରେ ଏକ ରେଜିଷ୍ଟର କରାଯିବା ସହ ଏହା ଦ୍ୱାରା ସନ୍ଦିଗ୍ଧ ବ୍ୟକ୍ତିଙ୍କ ବିଷୟରେ ସୂଚନା ଦେବାକୁ କୁହାଯାଇଛି। ଏହାସହ ପଞ୍ଚାୟତସ୍ତରରେ ଅତିକମ୍‌ରେ ଗୋଟିଏ ସ୍କୁଲ ଓ କଲ୍ୟାଣ ମଣ୍ଡପକୁ ଜୀବାଣୁ ମୁକ୍ତ କୋଠରି ବ୍ୟବସ୍ଥା କରାଯାଇଛି, କରୋନା ସନ୍ଦିଗ୍ଧ ସନ୍ଦେହ ହେଲେ ତାଙ୍କୁ ସେଠାରେ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ସ୍ତରରେ ଏକ ଡାକ୍ତରୀ ଟିମ୍ ସଜାଗ ରହିଥିବା ସହ ସମସ୍ତ ପ୍ରକାର ପ୍ରସ୍ତୁତ କରାଯାଇଛି । କରୋନା ନେଇ ଜିଲାର ଗ୍ରାମାଞ୍ଚଳ ଗୁଡିକରେ ଡାକବାଜିଯନ୍ତ୍ର ଓ ପୋଷ୍ଟର ମାଧ୍ୟମରେ ସଚେତନ କରାଯିବ ବୋଲି ମଧ୍ୟ ଜିଲାପାଳ ମିଶ୍ର ସୂଚନା ଦେଇଥିଲେ। ଏହା ସହ ଜିଲାର ବୁଦ୍ଧୀଜୀବୀ, ବ୍ୟବସାୟୀ ଓ ସଚେତନ ନାଗରିକ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଜରୁରୀ କାମ ନ ଥିଲେ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ଏହି ସମ୍ମିଳନୀରେ ଏସ୍‌ପି ଭି. ରଘୁନାଥ ରାଓ, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ମୃତଦେହ ଦାହ କରିଥିବା ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ

ବରଗଡ଼ ଅଫିସ୍,୧୫।୩

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ–୧୨ସ୍ଥିତ ଜୟଶ୍ରୀ କ୍ଲବ ପରିସରରେ ରବିବାର ସନ୍ଧ୍ୟାରେ ଭୀମ ମାନବବାଦ ପରିବାର ମହାସଂଘ, ବରଗଡ଼ ଜିଲା ଶାଖା ଆନୁକୂଲ୍ୟରେ କାଂଶୀରାମ ସାହେବଙ୍କ ୮୬ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ଗତ ୮ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସରେ ଜଣେ ଅସହାୟଙ୍କ ଶବ ସତ୍କାର କରିଥିବା ମହିଳା ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାସହିତ ସ୍ଥାନୀୟ ହାଟପଦାର ଏକତା ପ୍ରତିବେଶୀ ମହିଳା ସମିତିର ସଭାନେତ୍ରୀ ଝରଣା ବାଗ ଏବଂ ତାଙ୍କ କର୍ମୀମାନଙ୍କୁ ମଧ୍ୟ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା। ମହାସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରମେଶ ମହାପାତ୍ର, ଭବାନୀ ସାହୁ, ପବିତ୍ର ଦେହେରୀ, ରମେଶ ପତି, ଅମିତାଭ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କୋଷାଧ୍ୟକ୍ଷ ବାଲମୁକୁନ୍ଦ ଜଗଦଲ୍ଲା, ରାଜେନ୍ଦ୍ର ମହାନନ୍ଦ, ଗୋବର୍ଦ୍ଧନ ସାଗର, କୈବର୍ତ୍ତ କୁମ୍ଭାର, ଆଶୁତୋଷ ଛତର, ଅଚ୍ୟୁତ ସର, ଶିବ ସୁନା ପ୍ରମୁଖ ସହଯୋଗ କରିଥିଲେ । ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ ।

### ପାନିଅାଁ ଗୁରର ଠାନ୍ ନେଇଛେ ଚିନି

ଜାମଟିକ୍ରା, ୧୫।୩ (ଡି.ଏନ୍.ଏ.)

**କୁସେର ଚାଷରୁ ମୁହୁଁ ଫିରଉଛନ୍ ଚାଷୀ**

ଦେଶ ଆର ରାଏଜେ ପଶ୍ଚିମ ଓଡ଼ିଶାର ଗୁଟେ ଅଲଗ୍ ପରିଚେଏ ରହିଛେ। ସେନ୍ତା ପଶ୍ଚିମ ଓଡ଼ିଶାର ବରଗଡ଼ ଓଡ଼ିଶାର ଭାତ ହାଁଡ଼ି ହିସାବେ ନାଁ କମେଇଛେ। ବରଗଡ଼ ଜିଲାରେ ଯେ ଖାଲି ଧାନ ଚାଷ ହେସି ସେ କଥା ନୁହେ। ଜିଲା ପନିପରିବା, କୁସେର, ମୁଗ୍‌ଫଲି, ସୁରଷୋ, ସୂର୍ଯ୍ୟମୁଖୀ ଚାଷ୍ ଲାଗି ବି ନାଁ କରିଛେ। ସେନ୍ତା ଜିଲାର ଅତାବିରା ବ୍ଲକ ଅଂଚଲର ଢେଁକି କୁଟା ଚାଉଲ, ଚୂଡ଼ା, ପାନିଅାଁ ଗୁର ଆଏଜ୍ ବି ଲୁକ୍‌କର ମନୁ ନାଇଁ ଯିବାର।

ଦିନ୍ ଥିଲା ଅତାବିରା ବ୍ଲକର ବୁଗବୁଗା, ଜାମଟିକ୍ରା, ଜହ୍ନାପଡ଼ା, ମନାପଡ଼ା, ଝିଲିମିଣ୍ଡା ଲେଖେଁ ଅନେକ ଗାଁରେ ଚାଷୀମାନେ ଫିବଛର ଏକର ଏକର କୁସେର ଚାଷ୍ କରୁଥିଲେ। କୁସେର ଅମଲ ସମିଆରେ ଖେତେ ଘନା ଗଡ଼ା ଯାଉଥିଲା। ସେନ୍ତା କୁସେର ପନାକେ ଗାଁଧି ଗୁର ତିଆରିବାକେ ଗୁଟେ ଝୁଲି(ବଡ଼ ଚୁଲା) ଆର ଲୁହା କର୍‌ହାର ବେବସ୍ତା କରାଯାଉଥିଲା। ଅଂଚଲର ଅନେକ ଚାଷୀ ବଛରକ ୫୦ରୁ ୧୫୦ ମଠିଆ ଲେଖେଁ ଗୁର କମଉଥିଲେ। ଚାଷୀ ଇ ଗୁର ବିକି ଦୁଇ ପଏସା ରୁଜଗାର କରି କୁଟୁମ ପୁଷୁଥିଲେ। ଗୁର୍ ପୁରନା ହେଲେ ଦାମ ଅଧିକା ହେଉଥିଲା। କାରନ୍ ଜୁନ୍‌ହାଁ ଗୁର ଆୟୁରର୍ବେଦିକ ଉଷୋକଷା ଲାଗି ବେଭାର ହେସି। ସେନ୍ତା ଆଘୋ ଲୋକ୍ ମୁଢ଼ି, ମକା, ବାଦାମ, ରାଶି ଗୁର୍‌ରେ ପାଗି ଲଡୁ ତିଆର କରି ବିକୁଥିଲେ। ଆଘ ଚିନିର ବେଭାର ନାଇଁଥାଇ ଲୋକ୍ ଘରେ ଗୁର୍ ମିଶା ଚାହା ପିଉଥିଲେ, ଚକେଲ, ମୁଢ଼ିରେ ପାନିଅାଁ ଗୁର ଖାଉଥିଲେ। ଯେନ୍‌ଥିରଲାଗି ଲୁକ୍‌କର ଦିହିପା ବି ନିରୁଜ ରହୁଥିଲା। ହେଲେ ଆଏଜ୍‌କାଲି ଦେଶୀ ଗୁରର ଜାଗା ଚିନି ନେଇଛେ। ଯେନ୍‌ଟା ଇ ଆଧୁନିକ ସମାଜରେ ଲୁକ୍‌କର ଦିହିପା ବିଗିଡ଼ବାର ଗୁଟେ ମୁଖିଆ କାରନ୍ ପାଲଟିଛେ। ସେନ୍ତା କୁସେର ପେଡ଼ାବାର ସମିଆରେ ଗାଁଗଁଲିର ପିଲାନୁ ବୁଢ଼ା ତକ୍ ଲେମଉ, ଲକା, ଅଦା, ଧନିଅାଁ ପତର ଧରି ଘନାସାଲେ ହାଜର ହେଇଯାଉଥିଲେ। ସେଠାନେ ସଭେ ମିଶିଗୁଲି ଭାଗବଁଟା କରି କୁସେର ପନା ପିଉଥିଲେ। କୁସେର ପନାଟା ଦିହିପାର ଲାଗି ବି ହିତକର ଆଏ। ଇଥିରେ ଅନେକ ଉଷୋକଷାର ଗୁନ୍ ରହିଛେ। ହେଲେ ଆଏଜ୍‌କାଲି କାଁ ଭାଁ ଗାଁଗଁଲିରେ କୁସେର ପନା ପିଇବାକେ ମିଲୁଛେ। ପୋରଛାହନ୍, ବଜାର ବେବସ୍ତା ଅଭାବୁ ଚାଷୀ ବିଦିନୁଦିନ୍‌କେ କୁସେର ଚାଷ୍‌ରୁ ମୁହୁଁ ଫିରେଇ ନେଉଛନ୍। ସରକାର ଚାଷୀକୁ ପୋରଛାହନ୍ ଯୁଗେଇ ଦେବାର ସଂଗେ ବଜାର ବେବସ୍ତା କଲେ ଆଘର ଲେଖେଁ କୁସେର ଚାଷ୍ ହେଇପାରତା। ଲୋକ୍ ସହଜ ଆର ସୁବିଧାରେ ଗୁର ପାଇପାରତେ। ଗୁର ବେଭାର କରି ଲୋକ ବି ନିରୁଜ ରହିତେ ବଲି ଯୁବ ଚାଷୀ ସୀତାରାମ ବନଛୁର ମତ ଦେଇଛନ୍।



ପିଲାମାନେ ଟାଙ୍ଗିଆରେ ଭାଙ୍ଗି ପଡିଥିବା ଏକ ଗଛକୁ କାଟୁଛନ୍ତି ।

### ସ୍କୁଲରେ ଛାତ୍ର କରୁଛନ୍ତି ବିପଦପୂର୍ଣ୍ଣ କାମ

ମନମୁଣ୍ଡା, ୧୫।୩ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତର ହାତୀପାଲି ୟୁଜିଏମଇ ସ୍କୁଲରେ ଛାତ୍ରମାନେ ଟାଙ୍ଗିଆ ଧରି କାଠ କାଟୁଥିବା ଭିଡିଓ ଭାଇରାଲ ହୋଇଛି। ସ୍କୁଲରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ବ୍ୟତୀତ ସେମାନଙ୍କୁ ଅନ୍ୟ କୌଣସି କାମ କରାଇବା ସରକାରୀ ନିୟମ ନ ଥିବା ବେଳେ ଏହି ସ୍କୁଲରେ ପିଲାମାନଙ୍କୁ କାଠ କାଟିବ ଭଳି ବିପଦପୂର୍ଣ୍ଣ କାମରେ ନିୟୋଜିତ କରାଯାଇଛି। ଏ ନେଇ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ଏବିଇଓ ଫାଲଗୁନି ମାଝୀଙ୍କୁ ପଚାରିବାରୁ ଏ ସମ୍ପର୍କିତ ଖବର ମୁଁ ଆପଣଙ୍କଠାରୁ ପ୍ରଥମେ ଜାଣିଲି। ଏହାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ଟ୍ରାଫିକ ନିୟମ କଡ଼ାକଡ଼ି, ବଢ଼ିଛି ସଚେତନତା

ବରଗଡ଼ ଜିଲା ଭେଡ଼େନ ଅଞ୍ଚଳରେ ମାର୍ଚ୍ଚ ପହିଲାରୁ ନୂତନ ଟ୍ରାଫିକ ନିୟମ ଲାଗୁ ହୋଇଛି। ଏହି ନିୟମ ଲାଗୁ ହେବାର ପନ୍ଦର ଦିନ ବିତି ଯାଇଛି। ତେବେ ଆଗ ଅପେକ୍ଷା ଏବେ ଜନସାଧାରଣଙ୍କ ମଧରେ ଟ୍ରାଫିକ ସଚେତନତା ବଢ଼ିଛି। ନୂତନ ନିୟମକୁ ମାନିବା, ନିୟମିତ ହେଲମେଟ ପିନ୍ଧି ଗାଡି ଚଳାଇବା, ସିଟ୍ ବେଲଟ ବାନ୍ଧିବା ଆଦି ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ବର୍ତ୍ତମାନ ପ୍ରାୟ ସମସ୍ତ ବାଇକ୍ ଆରୋହୀ ହେଲମେଟ ପିନ୍ଧିବାକୁ ଲାଗିଲେଣି। ଏହାସହ ପ୍ରଦୂଷଣ ସାର୍ଟିଫିକେଟ ଓ ଇନସୁରାନ୍ସ ଆଦି ପାଇଁ ମଧ ତତ୍ପରତା ପ୍ରକାଶ ପାଇଛି । ଆରଟିଓ ଅଫିସରେ ପ୍ରବଳ ଭିଡ଼ ଏବଂ ସ୍ଲଟ ବୁକିଂ ପାଇଁ ବିଳମ୍ବ ହେଉଥିବାରୁ ଡ୍ରାଇଭିଂ ଲାଇସେନ୍ସ ମଧ ବିଳମ୍ବିତ ହେଉଛି । ପ୍ରଶାସନ ପକ୍ଷରୁ ଲାଇସେ୍ସ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ଲୋକେ ଆହୁରି ଶୀଘ୍ର ସମସ୍ତ କାଗଜପତ୍ର ପ୍ରସ୍ତୁତ କରିପାରିବେ ।



“ସରକାର ଏହି ନିୟମ ଲାଗୁ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଦୁର୍ଘଟଣା ନିୟନ୍ତ୍ରିତ ହେବ। ବିଶେଷ କରି ନାବାଳକମାନଙ୍କ ଦ୍ୱାରା ଗାଡ଼ି ଚାଳାନାକୁ ନେଇ ଫାଇନର ମାତ୍ରା ଅଧିକ ଥିବାରୁ ସଚେତନ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ଏପରି ଗାଡ଼ି ଦେବାକୁ ନିଶ୍ଚୟ ପଛଘୁଞ୍ଚା ଦେବେ। ଏହା ବ୍ୟତୀତ ବିପଦପୂର୍ଣ୍ଣ ଗାଡ଼ି ଚାଳାନା ଓ ତିନି ଜଣ ଗାଡ଼ିରେ ଯିବାକୁ ମଧ ନିୟନ୍ତ୍ରଣ କରାଯାଇପାରିଛି। ସମସ୍ତେ ସଚେତନ ହୋଇ ନିୟମ ମାନି ଗାଡ଼ି ଚଳାଇବେ ବୋଲି ମୋର ଆଶା।

- **ଅରବିନ୍ଦ ହୋତା**, ପୂର୍ବତନ ସରପଞ୍ଚ, ବକଟି ଗ୍ରାମପଞ୍ଚାୟତ



“ଟ୍ରାଫିକ ସଚେତନତା ସଂସ୍ଥା ଦ୍ୱାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ହାଇସ୍କୁଲ ଓ କଲେଜରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ମାନ କରାଯାଇଛି। ସରକାରଙ୍କ ନୂତନ ମୋଟରଯାନ ଆଇନକୁ ସମସ୍ତେ ସମ୍ମାନ ଦେବା କଥା। ଫାଇନ ପାଇଁ ଭୟଭୀତ ନ ହୋଇ ଯାତାୟାତ ସମୟରେ ନିୟମ ମାନି ଗାଡ଼ି ଚଳାଇବା କଥା। ବିଶେଷ କରି ହେଲମେଟ ଓ ସିଟ୍ ବେଲ୍‌ଟର ବ୍ୟବହାର ଓ ମଦ ନ ପିଇ ଗାଡ଼ି ଚଳାଇଲେ ଆମେ ଦୁର୍ଘଟଣାକୁ ଏଡାଇ ଦେଇପାରିବା।

- ପଦ୍ମଲୋଚନ ଭୋସାଗର, ଟ୍ରାଫିକ ସଚେତନତା ସଂଯୋଜକ



“ପ୍ରତି ବିଦ୍ୟାଳୟରେ ଟ୍ରାଫିକ ସଚେତନତା ପାଠ୍ୟକ୍ରମ ଏବଂ ନିୟମ ପାଠ ପଢ଼ାଇବା ଆବଶ୍ୟକ। ଛାତ୍ରୀଛାତ୍ରମାନଙ୍କ ମଧରେ ସଚେତନତା ସୃଷ୍ଟି ହେଲେ ସେମାନେ ପରିବାର ତଥା ଗ୍ରାମର ଅନ୍ୟମାନଙ୍କୁ ସଚେତନ କରିବାରେ ସାହାଯ୍ୟ କରିବେ।

- ସବିତା ଭୋସାଗର, ନବମ ଶ୍ରେଣୀ ଛାତ୍ରୀ, ବୁର୍ଦ୍ଧା ହାଇସ୍କୁଲ



“ଲୋକଙ୍କୁ ହଇରାଣ କରିବା ବା ଫାଇନ ଆଦାୟ ପାଇଁ ଏହି ନୂତନ ମୋଟରଯାନ ଆଇନ ଲାଗୁ କରାଯାଇନାହିଁ। ଆମେ ଚାହୁଁଛୁ ଜନସାଧାରଣ ବେପରୁଆ ନ ହୋଇ ନିୟମ ମାନି ଗାଡ଼ି ଚଳାନ୍ତୁ। ଏହି ପନ୍ଦର ଦିନ ମଧରେ ମଦ ପିଇ ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ନାବାଳକ ଗାଡ଼ି ଚାଳାନା ବହୁ ମାତ୍ରାରେ କମି ଯାଇଛି। ଆଗକୁ ମଧ ଲୋକେ ନିୟମ ମାନି ଗାଡି ଚଳାଇବାକୁ ଅନୁରୋଧ କରୁଛୁ।

- ହେମନ୍ତ ରାଓ, ଭେଡ଼େନ ଥାନାଧିକାରୀ

(ରିପୋର୍ଟ: ନିର୍ମଳ କୁମାର ମେହେର, ଭେଡେନ)



ଏକ ଅଭାବୀ ଲୋକ ପାଇଁ ସବୁ ଜିନିଷ ଦୁନିଆରେ ପର୍ଯ୍ୟାପ୍ତ ଥାଏ, କିନ୍ତୁ ଜଣେ ଲୋଭୀ ପାଇଁ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ରଥକାଠ ପାଇଁ ଆଜି ବୌଦ୍ଧ ଯିବେ ୩ ଜଣିଆ ଟିମ୍

**ପୁରୀ ଅଫିସ,୧୫।୩ :** ଚଳିତବର୍ଷ ରଥ ନିର୍ମାଣ ଲାଗି ବୌଦ୍ଧ ବନମଣ୍ଡଳରୁ ଆସିବ ରଥକାଠ। ଏଥିପାଇଁ ସୋମବାର ଶ୍ରୀମନ୍ଦିର ପ୍ରଶାସନ ତରଫରୁ ୩ ଜଣିଆ ଟିମ୍ ବୌଦ୍ଧ ଗସ୍ତ କରିବେ। ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏହି ଟିମ୍‌ରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଯିବେ ବୋଲି ଜଣାପଡ଼ିଛି। ଏମାନେ ରଥ ପାଇଁ ଉପଯୁକ୍ତ କାଠ ତଦାରଖ କରିବେ। ବୌଦ୍ଧରୁ ଏଥର ମୋଟ ୩୦୫ ଖଣ୍ଡ କାଠ ଆସିବ। ଏଥିରେ ୧୨ଫୁଟିଆ ଅସନ ୧୦୯ ଖଣ୍ଡ ଓ ଧଉରା ୯୭, ୨୦ ଫୁଟିଆ ଧଉରା ୩ଖଣ୍ଡ, ୪୦ ଫୁଟିଆ ଅସନ ୩୩ଖଣ୍ଡ ଓ ଧଉରା ୪୧ ଖଣ୍ଡ ଏବଂ ୧୪ ଫୁଟିଆ ଫାଶି ୨୨ ଖଣ୍ଡ ରହିଛି ବୋଲି ଶ୍ରୀମନ୍ଦିର ତତ୍ତ୍ୱାବଧାରଣ ମେକାପ ସୂଚନା ଦେଇଛନ୍ତି।

### କରୋନା ସଂକ୍ରମଣ: ଆକ୍ସନ କମିଟିର ଭୋକ-ଉପବାସ ଆନ୍ଦୋଳନ ସ୍ଥଗିତ

**ବଲାଙ୍ଗୀର ଅଫିସ, ୧୫।୩:** ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ୧୬ ତାରିଖଠାରୁ ଭୋକ-ଉପବାସ ଆନ୍ଦୋଳନ ଡାକରା ଦିଆଯାଇଥିଲା। କରୋନା ସଂକ୍ରମଣକୁ ନେଇ ବଲାଙ୍ଗୀର ଜିଲାପାଳ ଏବଂ ସଦର ଏସ୍‌ଡିପିଓଙ୍କ ବିଶେଷ ଅନୁରୋଧ କ୍ରମେ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋକ-ଉପବାସ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ କରାଯାଇଥିବା ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ରବିବାର ସନ୍ଧ୍ୟାରେ କମିଟି କାର୍ଯ୍ୟାଳୟରେ ବିଭିନ୍ନ ସଙ୍ଗଠନ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଜିଲାପାଳ ପଠାଇଥିବା ପତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା ସଂକ୍ରମଣ ନେଇ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଘୋଷଣା କରାଯାଇଥିଲା।

### ଉତ୍କଳ ଦିବସକୁ କଳା ଦିବସ ପାଳନ କରିବ କୋଶଳ ସେନା

**ଲୋଇସିଂହା,୧୫।୩(ଡି.ଏନ.ଏ.):** ଲୋଇସିଂହା ଥାନା ଅଧୀନ ସାଲେଭଟା ଗ୍ରାମରେ କୋଶଳ ସେନା ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଏମ୍‌ପି ବାଳଗୋପଳ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଂଗଠନକୁ ସୁଦୃଢ କରିବା ସହ ଆସନ୍ତା ଏପ୍ରିଲ ୧ତାରିଖ ଉତ୍କଳ ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର ଜିଲାରୁ ପ୍ରତିନିଧି ଯୋଗଦେଇ ମତବ୍ୟକ୍ତ କରିଥିଲେ।

# ୫ ହିତାଧିକାରୀ, ଜିଆର୍‌ଏସ୍‌ଙ୍କ ନାମରେ ମାମଲା

**ସୋନପୁର,୧୫।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଏତଲା କ୍ରମେ ଡୁଙ୍ଗୁରିପାଲି ଥାନାରେ ୫ଟି ପୃଥକ ଫୌଜଦାରି ମାମଲା ରୁଜୁ ହୋଇଛି। ବିଳମ୍ବରେ ହେଉ ପଛେ ପୋଲିସ ୫ଜଣ ଅଯୋଗ୍ୟ ହିତାଧିକାରୀ ଓ ଜଣେ ଗ୍ରାମରୋଜଗାର ସେବକ(ଜିଆରଏସ୍)ଙ୍କ ନାମରେ ମାମଲା ରୁଜୁ କରିଛି । ବିନିକା ବ୍ଲକ ଯୁଲୁଣ୍ଡା ପଞ୍ଚାୟତର ପ୍ରାକ୍ତନ ଜିଆରଏସ୍ ଅନିଲ କୁମାର ସାହୁ, ଜୁଲୁଣ୍ଡା ପଞ୍ଚାୟତ କଲସେପାଲିର ସାବିତ୍ରୀ ପାଣ୍ଡେ ତାଙ୍କ ପୁଅ ଦେବରାଜ ପାଣ୍ଡେ, ବିଲେଇବାହାଲି ଗ୍ରାମର ରତନ ନାଗ, ଦୌଲଥ ବାଗ ଓ ଯୁଲୁଣ୍ଡା ଗ୍ରାମର ଚିତ୍ରା ଦନ୍ତାଙ୍କ ନାମରେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ଜାଲିଆତି କରିବା, ଠକେଇ ଷଡଯନ୍ତ୍ର ଓ ଆପରାଧିକ ମାମଲା ରୁଜୁ ହୋଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ବିନିକା ବ୍ଲକର ଯୁଲୁଣ୍ଡା, ଭଣ୍ଡାର, ବାଉଁଶୁଣି ଓ ସଂଘିଯୁବା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍‌ଏୱାଇଜି)ରେ ବ୍ୟାପକ ଅନିୟମିତତା ହୋଇଛି । ପକ୍କାଘର ଥିବା ଧନୀକ ଶ୍ରେଣୀର ବ୍ୟକ୍ତି, ଗୋଟିଏ ପରିବାରର ଏକାଧିକ ବ୍ୟକ୍ତି ମିଥ୍ୟା କାଗଜପତ୍ର ଦାଖଲ କରି ଏହି ଯୋଜନାରେ ସାମିଲ ହୋଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୫ ଦିନର ମଜୁରି କରାଇ ଦେବା ନାଁରେ ଜିଆର୍‌ଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଲାଞ୍ଚ ନେଇଛନ୍ତି। ସମ୍ପୃକ୍ତ ଟ୍ୟାଗ୍ ଅଫିସରଙ୍କ ସହଯୋଗରେ ଅଯୋଗ୍ୟ ହିତାଧିକାରୀମାନେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଲାଭ ଉଠାଇବାରେ ସକ୍ଷମ ହୋଇଛନ୍ତି। ପିଏମ୍‌ଏୱାଇରେ କାର୍ଯ୍ୟାଦେଶ ସହିତ କଲସେପାଲିର ସାବିତ୍ରୀ ଓ ଦେବରାଜ ୧ ଲକ୍ଷ ଟଙ୍କା ଲେଖାଏ, ବିଲେଇବାହାଲିର ରତନ ଓ ଦୌଲଥ ୫୫ ହଜାର ଟଙ୍କା ଲେଖାଏ ଏବଂ ଜୁଲୁଣ୍ଡାର ଚିତ୍ରା ୨୦ହଜାର କିସ୍ତି ଟଙ୍କା ପାଇଛନ୍ତି । ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଡୁଙ୍ଗୁରିପାଲି ଥାନା ଆଇଆଇସି ନିରଞ୍ଜନ ଦାସ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷେ ଅନିୟମିତତା ହୋଇଥିବା ପଞ୍ଚାୟତଗୁଡିକରେ ସେହି ସମୟରେ ଟ୍ୟାଗ୍ ଅଫିସର ଥିବା ପିଇଓ ରମାକାନ୍ତ ନାଏକ, ଜିଆର୍‌ଏସ୍ ନିରୋଜ ନଳିନୀ ନାଏକ, ସୁନୀଲ ପ୍ରସାଦ ସାହୁ, କନିଷ୍ଠ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶିବ ସୁନ୍ଦର ଗୁଇଆଙ୍କ ନାମରେ ବିନିକା ଥାନାରେ ଅଭିଯାଗ ହୋଇଛି । ସେହିପରି ମିଥ୍ୟା ସତ୍ୟପାଠ କରି ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ହଡପ କରିଥିବା ଅଯୋଗ୍ୟ ହିତାଧିକାରୀ ଭଣ୍ଡାର ପଞ୍ଚାୟତ କଦଲିପାଲିର କାର୍ତ୍ତିକ କୁମ୍ଭାର, ଭଣ୍ଡାରର ଅଜାମିଳ ବାରିକ୍, ବାଉଁଶୁଣିର ପ୍ରଦୀପ୍ତ ମହଲା, ସିଂଘିଯୁବା ପଞ୍ଚାୟତ କମିରାର ଲୋକନାଥ ପଧାନ, ତାଙ୍କ ବାପା ଗୁଲା ପଧାନ, କୁଷନ ପଧାନ ଓ କଣ୍ଟିଆ ପଧାନଙ୍କ ନାମରେ ଫୌଜଦାରି ମକଦ୍ଦମା ରୁଜୁ ପାଇଁ ବିନିକା ବିଡିଓ ମଲ୍ଲିକ ଫେବୃୟାରୀ ୨୦ରେ ଏତଲା ଦେଇଛନ୍ତି । ମାତ୍ର ୫-ଟି ବ୍ୟବସ୍ଥା ପ୍ରଚଳନ ପରେ ବି ୨୫ ଦିନ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ନାମରେ ପୋଲିସ ଫୌଜଦାରି ମାମଲା ରୁଜୁ ହୋଇନାହିଁ। ଏତଲାରେ ଅସମ୍ପୂର୍ଣ୍ଣ ତଥ୍ୟ ଥିବା ଦର୍ଶାଇ ପୋଲିସ ଘଟଣାକୁ ଚାପି ରଖିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସର କୋହଳ ମନୋଭାବ ସରକାରୀ କର୍ମଚାରୀ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବେଶ୍ ସୁହାଉ ଥିବା ଆଲୋଚନା ହେଉଛି ।

ଗତ ଡିସେମ୍ବର ମାସରେ ରାଜ୍ୟ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ଟିମ୍‌ର କ୍ଷେତ୍ରୀୟ ତଦନ୍ତ ପରେ ଏହି ଅନିୟମିତତାର ପର୍ଦ୍ଦାଫାଶ ହୋଇଥିଲା । ପଞ୍ଚାୟତିରାଜ ବିଭାଗର ଉପସଚିବ କୁଳମଣି ମିଶ୍ରଙ୍କ ଚିଠି ନଂ.୧୦୧୭/୧୩।୦୧।୨୦୨୦ରେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିବା ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନାମରେ ଡ୍ରାଫ୍ଟ ଚାର୍ଜ କରିଛନ୍ତି । ବିଡିଓଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି । ଅନ୍ୟପକ୍ଷେ ରାଜ୍ୟ ସରକାର ତଥା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ମଲ୍ଲିକ ଟ୍ୟାଗ୍ ଅଫିସର ଓ ଅଯୋଗ୍ୟ ହିତାଧିକାରୀଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି ।

**ପିଏମ୍‌ଏୱାଇଜିରେ ଅନିୟମିତତା ଘଟଣା**

- ଡୁଙ୍ଗୁରିପାଲି ଥାନାରେ ୫ଟି ମାମଲା ରୁଜୁ
- ଏତଲାର ୨୫ ଦିନ ବିତିଲା, ମାମଲା ରୁଜୁ କରୁନି ବିନିକା ପୋଲିସ

### ସଟ୍ଟା ଆଡ୍ଡାରେ ଚଢାଉ, ଜଣେ ଗିରଫ

**ପାଟଣାଗଡ,୧୫।୩(ଡି.ଏନ.ଏ.)**

ପାଟଣାଗଡ଼ ଅଞ୍ଚଳରେ ଦୀର୍ଘ ଦିନ ହେଲା ବେଆଇନଜୁଆ, ସଟ୍ଟା ଖେଳ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପାଟଣାଗଡ଼ ପୋଲିସ ଶନିବାର ସନ୍ଧ୍ୟାରେ କଲେଜ ଛକରେ ଚାଲିଥିବା ଏକ ସଟ୍ଟାଆଡ୍ଡା ଉପରେ ଚଢାଉ କରିଥିଲା। ଚଢାଉ ବେଳେ ପୋଲିସ ଅଧିକାରୀମାନେ ପାଟଣାଗଡ଼ ବଡପଡ଼ାର ଗୋପାଳ ସା ନାମକ ଜଣେ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲେ। ହେଲେ ଘଟଣାସ୍ଥଳରୁ ଅନ୍ୟ କେତେଜଣ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଗୋପାଳଙ୍କ ନିକଟରୁ ୭ହଜାର ୧୦୦ ଟଙ୍କା, ସଟ୍ଟା ଚାର୍ଟ, ସଟ୍ଟା ନମ୍ବର ଲେଖା ଚିଟ, ୩ଟି ମୋବାଇଲ ଫୋନ ଆଦି ଜବତ କରିଛି। ପାଟଣାଗଡ଼ ପୋଲିସ ବେଆଇନ ଖେଳ ଉପରେ ଜଗର ରଖିଛି। ଆଗକୁ ମଧ୍ୟ ଏହି ଚଢାଉ ଜାରି ରହିବ ବୋଲି ଥାନା ଅଧିକାରୀ କେ.ପ୍ରିୟଙ୍କା ରାଉତରାୟ ସୂଚନା ଦେଇଛନ୍ତି। ଏନେଇ ପାଟଣାଗଡ଼ ଥାନା ପୋଲିସ ଏକ ମାମଲା(ନଂ.୫୨/୨୦୨୦)ରୁଜୁକରି ଗିରଫ ଗୋପାଳଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାମଲାର ତଦନ୍ତ ଅଧିକାରୀ ଲାବନ କୁମାର ନନ୍ଦ ସୂଚନା ଦେଇଛନ୍ତି।

## କରୋନା ସଂକ୍ରମଣ: ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ ସ୍ଥଗିତ



ନବନିର୍ମିତ ଦୁର୍ଗା ମନ୍ଦିର ।



ମନ୍ଦିର ପ୍ରତିଷ୍ଠା ଉତ୍ସବ ବାତିଲ ପାଇଁ କମିଟିର କର୍ମକର୍ତ୍ତାଙ୍କ ବୈଠକ ।

**ଅମରପାଲି,୧୫।୩(ଡି.ଏନ୍.ଏ.)**

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଜାତୀୟ ବିପତ୍ତି ଘୋଷଣା କରିଛନ୍ତି। ଓଡ଼ିଶାରେ ଏହାର ମୁକାବିଲା ପାଇଁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ସ୍କୁଲ, କଲେଜ ବନ୍ଦ କରାଯିବା ସହ ସଭାସମିତି, ଧାର୍ମିକକାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏହାର ପ୍ରଭାବ ବୀରମହାରାଜପୁରରେ ଦେଖିବାକୁ ମିଳିଛି। ବୀରମହାରାଜପୁରସ୍ଥିତ ତ୍ରିବେଣୀ ଛକଠାରେ ନବନିର୍ମିତ ଦୁର୍ଗା ମନ୍ଦିରର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ଶେଷ ହୋଇଥିବା ବେଳେ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଦୁର୍ଗା ମନ୍ଦିର ପରିଚାଳନା କମିଟିର ବୈଠକରେ ଏହି ସୂଚନା ଦିଆଯାଇଛି। ପରବର୍ତ୍ତି ସମୟରେ କମିଟି କର୍ମକର୍ତ୍ତା ବୈଠକ ବସି ପ୍ରତିଷ୍ଠା ଉତ୍ସବ ପାଇଁ ଦିନ ଧାର୍ଯ୍ୟ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଯୋଗ୍ୟ, ମାର୍ଚ୍ଚ ୨୫ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଥିଲା ।

## ଶ୍ରୀକୃଷ୍ଣ ରସାମୃତ ପୁସ୍ତକ ଉନ୍ମୋଚିତ

**ଭେଡ଼େନ,୧୫।୩ (ଡ଼ି.ଏନ.ଏ)**

**ଭେଡ଼େନ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା**

ବରଗଡ଼ ଜିଲା ଭେଡ଼େନ ବସଷ୍ଟାଣ୍ଡ ପରିସରରେ ଚାଲିଥିବା ପୁସ୍ତକମେଳାର ରବିବାର ଥିଲା ପଞ୍ଚମ ସନ୍ଧ୍ୟା। ଏହି କାର୍ଯ୍ୟକ୍ରମକୁ ଭେଡ଼େନ ଥାନା ଆଇଆଇସି ହେମନ୍ତ କୁମାର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହାସହ ଭେଡ଼େନ ରାମଲୀଳାର ରାବଣ ମହାରାଜ ଜଗଦାନନ୍ଦ ମିଶ୍ର, ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନ, କଂସ ଅଭିନେତା ସୁଶୀଲ କୁମାର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜଗଦାନନ୍ଦ ମିଶ୍ରଙ୍କ ଲିଖିତ ପୌରାଣିକ କାବ୍ୟ ଶ୍ରୀକୃଷ୍ଣ ରସାମୃତକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ ଭେଡ଼େନ ରାମଲୀଳା କମିଟିର ସମସ୍ତ ସଦସ୍ୟ ଏବଂ ଅଭିନେତା କଳାକାରମାନେ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ସୂର୍ଯ୍ୟ କୁମାର ଦେହେରୀ ଏବଂ ରମାକାନ୍ତ ହରିପାଲ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହାପରେ ହୋଇଥିବା କବି ସମ୍ମିଳନୀରେ କବି ତେଜରୁ ବାରିକ, ବିନୋଦ ବୈକାର, ଉମେଶ ପଧାନ, ସୁବାଷ ଭୁଏ, ନାରାୟଣ ଭୋଇ, ଗୁଣନିଧି ଭୋଇ, ନମିତା ଦୀପ ଯାଦବ, ତରଣୀ ସେନ ଗୁରୁ ପ୍ରମୁଖ ସ୍ୱରଚିତ ସମ୍ବଲପୁରୀ କୋଶଲି କବିତା ପାଠ କରିଥିଲେ। ସଙ୍ଗୀତ ଆସରରେ କଣ୍ଠଶିଳ୍ପୀ ଅଲେଖ ସାହୁ, ନରସିଂହ ରଥ ସଙ୍ଗୀତ ପରିବେଷଣ କରିଥିବା ବେଳେ ସୁଦାମ ମେହେର ସହଯୋଗ କରିଥିଲେ। ସୋମବାର ଏହି ପୁସ୍ତକମେଳାର ଉଦଯାପନ ଉତ୍ସବ ଅନୁଷ୍ଠିତ ହେବ।



ପୁସ୍ତକମେଳାରେ ଶ୍ରୀକୃଷ୍ଣ ରସାମୃତ ପୁସ୍ତକ ଉନ୍ମୋଚନ କରାଯାଇଛି ।

## ସରୁନି ଜଳପ୍ରକଳ୍ପ କାମ
# ପାନୀୟଜଳ ଯୋଗାଣରେ ଆଶଙ୍କା

**ଡୁଙ୍ଗୁରିପାଲି,୧୫।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଟୁନିଆଁମୁଣ୍ଡା ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ଯୋଜନାରେ ଦୀର୍ଘଦିନ ଧରି ଚାଲିଥିବା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାମ ଶେଷ ହୋଇପାରୁ ନାହିଁ। ଏନେଇ ଗ୍ରାମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ନେଇ ଗ୍ରାମବାସୀ ଆଂଶଙ୍କା ପ୍ରକାଶ କରିଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାବେଳେ ପାନୀୟଜଳ ଯୋଗାଣ ନ ହେଲେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ନେଇ ସରକାର ଓଭରହେଡ ଟାଙ୍କି ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଜନପ୍ରତିନିଧି ତଥା ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଗ୍ରାମବାସୀ ପାନୀୟଜଳ ପାଇପାରୁ ନାହାନ୍ତି। ସହଲା ପଞ୍ଚାୟତର ଟୁନିଆମୁଣ୍ଡା ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନେଇ ଓଭରହେଡ ଟାଙ୍କି ନିର୍ମାଣ କରାଯାଉଛି। ହେଲେ ନିର୍ମାଣ କାମ ଅଧାପନ୍ତରିଆ ହୋଇପଡିରହିଛି। ଅନ୍ୟପକ୍ଷେ ଗ୍ରାମବାସୀ ନଳକୂଅର ପାଣି ବ୍ୟବହାର କରୁଥିଲେ ମଧ୍ୟ ନଳକୂଅରୁ ଆବଶ୍ୟକ ମୁତାବକ ପାଣି ମିଳୁ ନ ଥିବାରୁ ବାଧ୍ୟହୋଇ ପୋଖରୀ ପାଣି ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ ପାନୀୟଜଳ ପ୍ରକଳ୍ପ କାମ କେବେ ସରିବ, କେତେ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଛି ତାହାରି ମଧ୍ୟ ସୂଚନା ଫଳକରେ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ପ୍ରକଳ୍ପ କାମ ଶେଷ କରିବାକୁ ରାଜେନ୍ଦ୍ର ସା, ବୀରେନ୍ଦ୍ର ଯୁଆଡିଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।



ଅଧାପନ୍ତରିଆ ଓଭରୀହେଡ୍ ଟାଙ୍କି।



ଜବତ ଗୋରୁ ବୋଝେଇ ଟ୍ରକ୍ ।

### ୨ଗୋରୁ ବୋଝେଇ ଟ୍ରକ୍ ଜବତ, ୩ ଅଟକ

**ସୋନପୁର/ଉଲୁଣ୍ଡା,୧୫।୩ (ନି.ପ୍ର./ଡି.ଏନ.ଏ.)**

ଉଲୁଣ୍ଡା ଥାନା ଲକ୍ଷ୍ମଣପୁର ଗ୍ରାମବାସୀ ୨ଟି ଗୋରୁ ବୋଝେଇ ଟ୍ରକ୍‌କୁ ରବିବାର ରାତିରେ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଟ୍ରକ୍ (ନଂ.ଓଡି୦୨ଏଏସ-୪୫୦୮ ଓ ଓଡି୦୫ଏଏଚ-୩୨୦୮)କୁ ଜବତ କରି ସେଥିରେ ଥିବା ୪୦ଟି ଗୋରୁଙ୍କୁ ଉଦ୍ଧାର କରିଛି। ଉଲୁଣ୍ଡା ପୋଲିସ ବେଆଇନ ଗୋରୁ ଚାଲଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ସମ୍ପର୍କରେ ବିନିକା ବଜରଙ୍ଗ ଦଳର କର୍ମକର୍ତ୍ତା ଲକ୍ଷ୍ମଣପୁର ଓ ଚଢେଇପଙ୍କ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ । ଟ୍ରକ୍‌ଦ୍ୱୟ ମହାନଦୀ ସେତୁ ଅତିକ୍ରମ କରିବା ପରେ ଗ୍ରାମବାସୀ ରାସ୍ତା ଅବରୋଧ କରି ଜଗି ରହିଥିଲେ। ଗୋରୁ ବୋଝେଇ ଟ୍ରକ୍‌ଗୁଡିକ କେଉଁଠିକୁ ଯାଉଥିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ଏସ୍‌ଡିପିଓ ଧୀରଜ କୁମାର ଚୋପଦାର ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

# ଏସ୍‌ଡିସିଏ ସୋନପୁର ଚାମ୍ପିୟନ

**ଉଲୁଣ୍ଡା,୧୫।୩(ଡି.ଏନ.ଏ.)**



ଟ୍ରଫି ସହ ବିଜୟୀ ସୋନପୁର ଦଳର ଖେଳାଳିମାନେ।

**ଉଷାଦେବୀ ସ୍ମାରକୀ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଦ୍ୱିତୀୟ ଉଷାଦେବୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପତ୍ରା ଗାର୍ଡେନ ପଡ଼ିଆରେ ହୋଇଥିବା ଦ୍ୱିଦିବସୀୟ ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଏସ୍‌ଡିସିଏ ସୋନପୁର ଦଳ ଉଲୁଣ୍ଡା ସ୍ପୋର୍ଟସ କ୍ଲବକୁ ୬୩ ରନ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସୋନପୁର ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। ଦଳର ଆଶିଷ ମଲିକଙ୍କ ୧୦୨ ଏବଂ ଉମାଶଙ୍କର ହୋତାଙ୍କ ୪୪ ରନ୍‌ରେ ୧୮ ଓଭରରେ ୪ ଉଇକେଟ ହରାଇ ଦଳ ୧୭୬ ରନ୍ କରିଥିଲା। ଜବାବରେ ଉଲୁଣ୍ଡା ଦଳର ବିକାଶ ଜଗଦଲାଙ୍କ ଲଢୁଆ ୩୭ ରନ୍ ସତ୍ତ୍ୱେ ୧୬ ଓଭରରେ ୧୧୩ ରନ କରି ଅଲଆଉଟ୍ ହୋଇଯାଇଥିଲା । ଆକାଶ ପାତ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଖେଳା ଯାଇଥିବା ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ସୋନପୁର ଦଳ ସିଣ୍ଢୋଳ ଦଳକୁ ୪ ଉଇକେଟରେ ପରାସ୍ତ କରିଥିଲେ । ପ୍ରଥମେ ବ୍ୟାଟିଂ କରି ସିଣ୍ଢୋଳ ଦଳ ୧୮ ଓଭରରେ ସୁନିଲ ସେବକଙ୍କ ୨୯ ଓ ସୁଶାନ୍ତ ବେହେରାଙ୍କ ୨୭ ରନ୍‌ରେ ୭ ଉଇକେଟରେ ୧୩୮ ରନ୍ କରିଥିଲା। ସୋନପୁର ଦଳ ୧୩୯ ରନ୍‌ର ବିଜୟ ଲକ୍ଷ୍ୟକୁ ୧୬.୩ ଓଭରରେ ହାସଲ କରି ନେଇଥିଲା। ଆଶିଷ ମଲ୍ଲୀକ ସର୍ବାଧିକ ୩୬ ରନ୍ କରିଥିଲେ । ଫାଇନାଲ ଖେଳକୁ ଶ୍ୟାମସୁନ୍ଦର ପଣ୍ଡା, ବୃନ୍ଦାବନ ପୁରୋହିତ, ଶିବରାମ ପୁରୋହିତ ପରିଚାଳନା କରିଥିଲେ। ପାର୍ଥ ସାରଥି ଦାସ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଆଦର୍ଶ ନାୟକ ସ୍କୋରର ଭାବେ ରହିଥିଲେ। ଏହି ଅବସରରେ ସଞ୍ଜୟ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପଞ୍ଚମହଲା ସରପଞ୍ଚ ରେବତୀ ବିଶ୍ୱାଳ, ବ୍ଲକ କ୍ରୀଡ଼ା ସଂଯୋଜକ ଉରୁକ୍ରମ ପାଣ୍ଡିଆ, ବିସିଏ ଉଲୁଣ୍ଡା ସଭାପତି ସୁଜିତ ପଣ୍ଡା ପ୍ରମୁଖ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଆଶିଷ ମଲିକଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ, ମୁନୁ କୁମ୍ଭାରଙ୍କୁ ମ୍ୟାନ ଅଫ୍ ଦି ସିରିଜ, ପ୍ରୀତମ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ବୋଲର ଓ ମାନଗୋବିନ୍ଦ ଆଚାର୍ଯ୍ୟଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା । କୁକିଆ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

## ସଂକ୍ଷେପରେ

### ଧାନକିଣା ଦୁର୍ନୀତିରେ ସାରାବଙ୍ଗ ପ୍ୟାକ୍ସର ୨ କର୍ମଚାରୀ ନିଲମ୍ବିତ

**ନୂଆପଡା ଅଫିସ,୧୫।୩:** ନୂଆପଡା ଜିଲାରେ ଧାନ କିଣାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିବାବେଳେ ଏଥିରେ ଜିଲାସ୍ତରୀୟ ଅଧିକାରୀମାନେ ମିଲର୍ସ, ବେପାରୀଙ୍କଠାରୁ ମୋଟ ଅଙ୍କର ହାତଗୁଞ୍ଜା ନେଇ ବ୍ୟବସ୍ଥାକୁ ଫେଲ କରିଛନ୍ତି । ହେଲେ ମାର ମାର ଭଣ୍ଡାରିଆକୁ ମାର ନୀତିରେ ୨ ଜଣ ପ୍ୟାକ୍ସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ଅଭିଯୋଗରେ ସ୍ଥାନୀୟ ସାରାବଙ୍ଗ ପ୍ୟାକ୍ସ ସମ୍ପାଦକ ଭୀଷ୍ମ କୁମାର ସାହୁ ଏବଂ ଡିଇଓ ପୂର୍ଣ୍ଣେନ୍ଦୁ କୁମାର ଦଣ୍ଡସେନାଙ୍କୁ ନିଲମ୍ବିତ କରାଯାଇଛି । ପ୍ରକାଶ ଯେ, ଜିଲାରେ ମଣ୍ଡି ଆରମ୍ଭ ଦିନଠାରୁ ମିଲର୍ସମାନେ ବେପାରୀଙ୍କ ଜରିଆରେ କମ ଦରରେ ଧାନ କିଣି ଥିଲେ । ପରବର୍ତ୍ତି ସମୟରେ ଅଧିକାରୀଙ୍କୁ ହାତବାରିସି କରି ମଣ୍ଡି ଜରିଆରେ ଫଲସ୍ ଏଣ୍ଟ୍ରି କରିଚାଲିଲେ। ଫଳରେ ଜିଲାର ପ୍ରକୃତ ଚାଷୀମାନେ ଧାନ ବିକ୍ରି କରିପାରିଲେ ନାହିଁ । ଠିକ ସମୟରେ ଧାନକିଣା ବନ୍ଦ କରିଦେବାରୁ ଲକ୍ଷାଧିକ କୁଇଣ୍ଟାଲ ଧାନ ପଡି ରହିଲା। ଏହା ଉପରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଇବା ସହ ଆନ୍ଦୋଳନ ହୋଇଥିଲା । ଏହାକୁ ଏଡାଇବାକୁ କେବଳ ସାରାବଙ୍ଗ ମଣ୍ଡି ତଦନ୍ତ ପରିସରକୁ ନିଆଯାଇଛି। ଏଥିରେ ଉଦାହରଣ ଭାବେ ଜଣେ କମ ଜମି ଥିବା ଚାଷୀଙ୍କ ନାଁରେ ୧୪ଟି ଟୋକନରେ ୪୪ଟି ପ୍ଲଟରେ ୭ ଶହ କୁଇଣ୍ଟାଲ ଧାନ ବିକ୍ରି କରାଯାଇଥିବା ଜଣାପଡିଛି । ଏଥିରେ ସମ୍ପୃକ୍ତ ଦୁଇ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ଏହିଭଳି ଜିଲାର ସମସ୍ତ ମଣ୍ଡିକୁ ତଦନ୍ତ କରି ଜିଲାସ୍ତରୀୟ ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି ।

### କରୋନା ଭୟ : ବଢୁଛି ମାସ୍କ ଚାହିଦା

**ଭବାନୀପାଟଣା,୧୫।୩ (ଡି.ଏନ.ଏ.):** କରୋନା ଭୟ ଏବେ ସମସ୍ତଙ୍କୁ ଘାରିଛି । ସରକାର ମଧ ରୋଗର ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରକାର ପ୍ରତିକାର ବ୍ୟବସ୍ଥା ଓ ସଚେତନ ରହିବାକୁ ପ୍ରଚାର କରୁଛନ୍ତି। ଫଳରେ ଲୋକଙ୍କ ମଧରେ ଏହାକୁ ନେଇ ସଚେତନତା ବଢୁଛି। ଏହି କ୍ରମରେ ଭବାନୀପାଟଣା ସହର ସମେତ କଳାହାଣ୍ଡି ଜିଲାରେ ମାସ୍କ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସ୍କୁଲ ଛାତ୍ରୀଛାତ୍ର ମାସ୍କ ବ୍ୟବହାର କରୁଛନ୍ତି। କରୋନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମହାମାରୀ ବୋଲି ଘୋଷଣା କରିବା ପରେ ଏହାକୁ ନେଇ ଯେତିକି ଭୟ ଦେଖାଦେଉଛି ସେତିକି ସଚେତନତା ମଧ ବଢ଼ିଛି। ଗହଳି ଜାଗାକୁ ନ ଯିବା ସହ ବିଭିନ୍ନ ପ୍ରତିକାର ମୂଳକ ପଦକ୍ଷେପ ପାଇଁ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଲୋକେ ସତର୍କତାମୂଳକ ପଦକ୍ଷେପ ଦୃଷ୍ଟିରୁ ମାସ୍କ ପିନ୍ଧୁଥିବା ଦେଖାଦେଇଛି।

# କାର୍ଯ୍ୟ ଆରମ୍ଭରୁ ଅର୍ଥ ସାଜିଛି ବାଧକ

**କର୍ଲାମୁଣ୍ଡା,୧୫।୩ (ଡି.ଏନ.ଏ.)**

ବାସହିନମାନଙ୍କୁ ଘର ଯୋଗାଇବା ଉଦ୍ଦେଶ୍ୟରେ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ଯୋଗ୍ୟ ହିତାଧିକାରୀଙ୍କ କାର୍ଯ୍ୟାଦେଶ ଦେବା ସହ ନିର୍ଦ୍ଦିଷ୍ଟ ସମୟ ସୀମାରେ ଘର ନିର୍ମାଣ କରିବାକୁ କଡାକଡି ନିର୍ଦ୍ଦେଶ ରହିଛି। ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ସରକାରଙ୍କ ଏହି ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରୁ ନାହିଁ। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲ ଗାଁରେ ଦେଖିବାକୁ ମିଳିଛି। ସୂଚନାମତେ ଏହି ଗାଁର ଗିରିଜା ପଧାନ ଓ ସ୍ୱାମୀ କୀର୍ତ୍ତି ପଧାନଙ୍କୁ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ସଂଖ୍ୟା ୭୬୭/୨୦୧୯-୨୦ ତା-୨୮।୧୦।୨୦୧୯ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।



ଭଙ୍ଗା ଘରେ ରହୁଛନ୍ତି ଗିରିଜାଙ୍କ ପରିବାର।

କାର୍ଯ୍ୟାଦେଶ ପାଇ ଗିରିଜା ପୂର୍ବରୁ ରହୁଥିବା ଘର ଭାଙ୍ଗି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତି ଅନୁଦାନ ରାଶି ପାଇ ନ ଥିବାରୁ ଘର ନିର୍ମାଣ କାର୍ଯ୍ୟ ଆରମ୍ଭରୁ ହିଁ ଅର୍ଥ ପ୍ରତିବନ୍ଧକ ସାଜିଛି। ଫଳରେ ଭଙ୍ଗା ଘରେ ଜୀବନ ବିତୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ପୁରୁଣା ଘର ଭାଙ୍ଗିବା ଏବେ ମୋ ପାଇଁ କାଳ ସାଜିଛି। ଏବେ ଖରା ଦିନରେ କେଉଁଠି ଆମେ ରହିବୁ ବୋଲି କହିଛନ୍ତି ଗିରିଜା ପଧାନଙ୍କ ସ୍ୱାମୀ କିର୍ତ୍ତି ପଧାନ। ସୂଚନାଯୋଗ୍ୟ ଯେ, କାର୍ଯ୍ୟାଦେଶ ସହିତ ଘର ନିର୍ମାଣ ପାଇଁ ପ୍ରଥମ କିସ୍ତି ୨୦ ହଜାର ଟଙ୍କା ଦେବା ନିୟମ ରହିଥିଲେ ହେଁ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
- କାର୍ଯ୍ୟାଦେଶ ପାଇବା ୪ ମାସ ବିତିଲା
- ପ୍ରଥମ କିସ୍ତି ଅନୁଦାନ ରାଶି ମିଳିନି

ଅନ୍ୟପଟେ କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ପାରିଲେ କାର୍ଯ୍ୟାଦେଶ ରଦ୍ଦ କରାଯିବାକୁ କାର୍ଯ୍ୟାଦେଶରେ ଉଲ୍ଲେଖ ରହିଛି। ହିତାଧିକାରୀ ପ୍ରଥମ କିସ୍ତି ନ ପାଇ କି ଭଳି ଘର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ସମାପ୍ତ କରିପାରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗ୍ରାମୀଣ ଆବାସ ଦାୟିତ୍ୱରେ ଥିବା ବ୍ଲକ ସଂଯୋଜକ ରୁଦ୍ର ପ୍ରସାଦ ସାହୁଙ୍କୁ ପଚାରିବାରୁ ରାଜ୍ୟସ୍ତରରେ ଟାରର୍ଗେଟ ବଢି ଯାଇଥିଲା, ଏଣୁ ଏଭଳି ସମସ୍ୟା ହେଇଥିଲା । ସପ୍ତାହେ ମଧ୍ୟରେ ତାଙ୍କର ପ୍ରଥମ କିସ୍ତି ଆକାଉଣ୍ଟରେ ଜମା ହେବ ବୋଲି କହିଥିଲେ। ଅନ୍ୟପଟେ ଗଜବାହାଲ ପଞ୍ଚାୟତ ସରପଞ୍ଚ ପୂଜା ସାହୁଙ୍କୁ ପଚାରିବାରୁ ଏହି ଅଭିଯୋଗ ଉପରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ମୁଁ ଅନେକ ଥର ଜଣାଇ ସାରିଛି ବୋଲି କହିଛନ୍ତି।

# ସୁସ୍ଥ ବାଛୁରୀ ପୋଷଣକୁ ପ୍ରୋତ୍ସାହନ

**ନୂଆପଡା ଅଫିସ,୧୫।୩**

ରାଜ୍ୟର ନୂଆପଡା ଭଳି ଜିଲାରେ ଉନ୍ନତ ମାନର ଦେଶୀ ଗାଈ ରହୁଛନ୍ତି । ତେବେ ଦେଶୀ ବାଛୁରୀ ମଧ୍ୟ ବାହାରୁଛନ୍ତି । ଏମାନଙ୍କୁ ଏକ ସୁସ୍ଥ ବାତାବରଣ ଏବଂ ଲାଳନପାଳନ କଲେ ଗୋପାଳନ ଉନ୍ନତମାନର ହୋଇପାରିବ ବୋଲି ଜିଲା ପ୍ରାଣୀ ପାଳନ ବିଭାଗ ପକ୍ଷରୁ ଏକ ବାଛୁରୀ ରାଲି କରି ପୋଷଣ ସକାଶେ ଚାଷୀଙ୍କୁ ପୁରସ୍କୃତ କରାଯାଇଛି।

ନୂଆପଡ଼ା ଜିଲା କୋମନା ବ୍ଲକ ଡୋଙ୍ଗରୀପାଲି ଗାଁରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଗାଁ ଜଲମକଟା, ଜେଠୁପାଲି, ବୁଦ୍ଧିକୋମନା, ଚିକ୍ରାପଡା ଆଦି ଗାଁରୁ ଶତାଧିକ ଗୋରୁ, ବାଛୁରି ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଆରଟିଡିଏର ସମ୍ପାଦକ ରତ୍ନମଣୀ ଅଗସ୍ତୀ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ଧଳ ମୁଖ୍ୟଅତିଥି,ଏଡିଭିଓ ଚିତ୍ତରଞ୍ଜନ ପୃଷେଠ, ଏସଡିଭିଓ ସୁକୁରାମ ମୁଣ୍ଡା, ଡିଡିଏଲପି ଦୟାସାଗର ଦୁରିଆ, ଏଭିଏସ ବେଣୁଧର ମହାନନ୍ଦ, ସ୍ଥାନୀୟ ଚିକ୍ରାପଡା ସରପଞ୍ଚ କ୍ଷେତ୍ରମୋହନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜନ୍ମଠାରୁ ୧ବର୍ଷ, ପରେ ୧ରୁ ଦୁଇ ବର୍ଷ ମଧ୍ୟରେ ଏବଂ ୨ବର୍ଷରୁ ୩ ବର୍ଷ ମଧ୍ୟରେ ଥିବା ବାଛୁରୀଙ୍କ ପୋଷଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପୁରସ୍କୃତ ଚାଷୀ ଚୂଡାବେଶ ନାଏକ ପରିଚାଳନା କରିଥିଲେ।




ଚାଷୀଙ୍କ ସହ ଅଧିକାରୀମାନେ।

# ୨ ଜିଲାପାଳଙ୍କୁ ଏନ୍‌ଏଚ୍‌ଆରସିଙ୍କ ରିପୋର୍ଟ ତଲବ

**ଭବାନୀପାଟଣା,୧୫।୩ (ଡି.ଏନ.ଏ./ସ୍ୱ.ପ୍ର.)**

ତେଲେଙ୍ଗାନା ରାଜ୍ୟ ପେଦାପାଲ୍ଲି ଜିଲାର ବ୍ରିକ୍ସ ଇଟାଭାଟିରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଧଅଁରପୁର ଗାଁର ରାଜମୋହନ ପରାଭୋଏଙ୍କ ସମେତ ୧୮ ମହିଳା ଓ ଶିଶୁ ଦାଦନ ଶ୍ରମିକ ବନ୍ଧକ ରହିଛନ୍ତି । ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ପେଦାପଲ୍ଲି ଓ କଳାହାଣ୍ଡି ଜିଲାପାଳଙ୍କୁ ନୋଟିସ ଜାରି କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋକସରା ବ୍ଲକ ଅନ୍ତର୍ଗତ ଧଅଁରପୁର ଗାଁରରାଜମୋହନ ପରାଭୋଏଙ୍କ ସ୍ତ୍ରୀ ଭବାନୀ, ଶ୍ୱଶୁର ଜଗତାନନ୍ଦ, ଶାଶୁ ପ୍ରେମଶିଳା ଓ ୪ ଜଣ ଶିଶୁଙ୍କ ସମେତ ୧୮ ଜଣ ଶ୍ରମିକ ନଭେମ୍ବର ୨୦୧୯ଠାରୁ ପେଦାପଲ୍ଲି ଜିଲା କରିମନଗର ଏକ ଇଟାଭାଟିରେ ବନ୍ଧକ ରହି ନିର୍ଯାତନା ଶିକାର ହୋଇ ଆସୁଛନ୍ତି। ଏହି ଶ୍ରମିକମାନେ ନୂଆପଡା ଜିଲା ଦାଦନ ଦଲାଲ ବିଶ୍ୱମ୍ବର ସର୍ଦ୍ଦାର ଜରିଆରେ ପେଦାପଲ୍ଲି ଜିଲାରେ କରିମନଗରଠାରେ ଥିବା ଏକ ଇଟାଭାଟିରେ କାମ କରିବାକୁ ଯାଇ ନିର୍ଯାତନାର ଶିକାର ହୋଇଛନ୍ତି। ରାଜମୋହନ ଜାନୁୟାରୀ ୩୦ରେ କୌଶଳରେ ସେଠାରୁ ଖସିଆସି ଗାଁରେ ଜଣାଇବା ପରେ ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। କମିଶନ ଏହାକୁ କେଶ ନଂ-୨୭୨/୩୬/୨୪/୨୦୨୦-ବି.ଏଲ୍. ଭାବେ ପଞ୍ଜୀକରଣ କରିଛନ୍ତି। ଗତ ମାର୍ଚ୍ଚ ୧୩ ତାରିଖରେ କମିଶନ ଏହି ମାମଲାର ଶୁଣାଣି କରି ପେଦାପଲ୍ଲି ଏବଂ କଳାହାଣ୍ଡି ଜିଲାପାଳଙ୍କୁ ୨ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ବ୍ୟକ୍ତିଗତ ହାଜରା ପାଇଁ କମିଶନ ସମନ ଜାରି କରିବେ ବୋଲି କହିଛନ୍ତି। ଏଥି ସହିତ ଶ୍ରମିକମାନଙ୍କ ଗାଁକୁ ଯାଇ ତଦନ୍ତ କରି ଶ୍ରମିକମାନଙ୍କ ଠିକଣା ଓ ବୟାନ ସଂଗ୍ରହ କରି କମିଶନଙ୍କ ନିକଟରେ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କଳାହାଣ୍ଡି ଜିଲାପାଳଙ୍କୁ ମଧ ନିର୍ଦ୍ଦେଶ ଦେଇଛନ୍ତି ।

**ତେଲେଙ୍ଗାନା ଇଟାଭାଟିରେ ମହିଳା, ଶିଶୁ ଦାଦନ ବନ୍ଧକ ଘଟଣା**

# ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଓଲଟିଲା

**କୋକସରା,୧୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆମପାଣି ଥାନା ୨୬ ନଂ. ଜାତୀୟ ରାଜପଥ ସିଉନି ଶିବ ମନ୍ଦିର ବୁଲାଣି ନିକଟରେ ରବିବାର ଏକ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସୂଚନା ଅନୁସାରେ, ବିଶାଖାପାଟଣାରୁ ଧର୍ମଗଡ ମୋରଘରା ଅଭିମୁଖେ ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ (ନଂ.ଓଡି୦୮ଏମ୍-୧୪୯୦) ଆସୁଥିଲା। ୨୬ ଜାତୀୟ ରାଜପଥ ସିଉନି ଶିବ ମନ୍ଦିର ବୁଲାଣି ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍‌କୁ ରାସ୍ତା ଦେଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱର ଏକ ଗଛ ନିକଟରେ ଓଲଟି ପଡିଥିଲା। ଏଥିରେ ୩ ଶହ ଫୁଲ ଟ୍ୟାଙ୍କ ଗ୍ୟାସ୍ ସିଲିଣ୍ଡର ଥିବା ଜଣାପଡ଼ିଛି। ଖବର ପାଇ ଆମପାଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭର ଚିତରନ ନାଏକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତାଙ୍କର ମୁଣ୍ଡ ଓ ଆଣ୍ଠୁରେ ଆଘାତ ଲାଗିଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ୧୧ ଆକ୍ରାନ୍ତ, ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍

**ଲାଞ୍ଜିଗଡ଼,୧୫।୩ (ଡି.ଏନ.ଏ.)**

**ନିଆଲିରେ ଝାଡ଼ାବାନ୍ତି**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଅଞ୍ଚଳରେ ଝାଡାବାନ୍ତିରେ ଗତକିଛି ଦିନ ତଳେ ଟାଙ୍ଗଣକଣା ଗାଁରେ କେତେକ ଲୋକ ଆକ୍ରାନ୍ତ ହୋଇଥିଲେ । ରବିବାର ପୁଣି ବାତେଲିମା ପଞ୍ଚାୟତ ନିଆଳି ଗାଁର ହରିଜନପଡାରେ ୧୧ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଝାଡ଼ାବାନ୍ତିରେ ନିଆଳି ଗାଁର ମୋନଜ ହରିଜନ, ଅର୍ଜୁନ ହରିଜନ, କୁମାରୀ ଖସଲିଆ, ପୁଷ୍ପାଞ୍ଜଳି ହରିଜନ, ପ୍ରେମ ହରିଜନ, ସୁଶୀଳା ହରିଜନ, କାହ୍ନୁ ହରିଜନ, ପ୍ରକାଶ ଖସଲିଆ ଓ ନିତି ହରିଜନ ପ୍ରମୁଖ ଆକ୍ରାନ୍ତ ଥିବା ଜଣାପଡିଛି। ଖବର ପାଇବା ପରେ ଲାଞ୍ଜିଗଡ ଡାକ୍ତରଖାନା ଏମଏହ୍ୟୁ ଟିମ୍ ଡାକ୍ତର ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗାଁ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ରୋଗୀମାନଙ୍କୁ ସାଲାଇନ ଦେଇ ଓ ଔଷଧ ବଣ୍ଟନ କରି ଚିକିତ୍ସା ଆରମ୍ଭ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ରୋଗୀ ଗୁରୁତର ହୋଇନାହାନ୍ତି ଓ ଝାଡାବାନ୍ତି ବର୍ତ୍ତମାନ ନିୟନ୍ତ୍ରଣ ଅବସ୍ଥାରେ ଅଛି ବୋଲି ଡ.ନରେନ୍ଦ୍ର ଦାସ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଅନେକ ଗାଁରେ ପାନୀୟଜଳର ସମସ୍ୟା ବୃଦ୍ଧି ପାଇଛି, ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ଦୁର୍ଗମ ଅଞ୍ଚଳବାସୀ ନାଳ ପାଣି ପିଇ ଏହି ରୋଗର ଆକ୍ରାନ୍ତ ହେଉଛନ୍ତି । ଏଥିପାଇଁ ପାନୀୟଜଳର ସମସ୍ୟାକୁ ଯଥାଶୀଘ୍ର ଦୂର କରାଯାଉ ଓ ଲୋକଙ୍କୁ ସୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି ।



ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ରୋଗୀଙ୍କୁ ଔଷଧ ପ୍ରଦାନ କରୁଛନ୍ତି ।

# ଶ୍ରମିକଙ୍କୁ ମିଳିନି ମଜୁରି ଟଙ୍କା

**ଖଡିଆଳ,୧୫।୩ (ଡି.ଏନ.ଏ.)**

**ଏମ୍‌ଜିଏନ୍‌ଆରଇଜିଏସ୍ କାମର ୬ ମାସ ବିତିଲା**



କାମ କରି ଟଙ୍କା ପାଇ ନ ଥିବା ଶ୍ରମିକମାନେ ।

ନୂଆପଡା ଜିଲା ଖଡିଆଳ ବ୍ଲକ ବଡଦୁହେଲ ଗ୍ରାମପଞ୍ଚାୟତ ଲଚ୍ଛିପୁର ଗାଁରେ ମାହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୨୦୧୯-୨୦ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟରେ ମହାବନ୍ଧ ମାଟି ଖନନ କାମ କରିଥିବା ଶ୍ରମିକମାନଙ୍କୁ ଦୀର୍ଘ ୬ ମାସ ବିତିଯାଇଥିଲେ ହେଁ ଟଙ୍କା ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ସେହିଭଳି ଗତ ୨୦୧୬-୧୭ ବର୍ଷରେ ମଧ ସେହି ମହାବନ୍ଧରେ ୫ ଲକ୍ଷ ଟଙ୍କାର ମାଟି ଖନନ କାମ କରିଥିବା ଶ୍ରମିକଙ୍କୁ ଏ ଯାଏଁ ମଜୁରି ଟଙ୍କା ମିଳିନାହିଁ। ଯାହାକୁ ନେଇ ଶ୍ରମିକମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଅପରପକ୍ଷେ ଏ ନେଇ ଶ୍ରମିକମାନେ ବଡଦୁହେଲ ଗ୍ରାମପଞ୍ଚାୟତ ସରପଞ୍ଚଠାରୁ ନେଇ ସ୍ଥାନୀୟ ଜିଆରଏସ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ମଜୁରୀ ଟଙ୍କା ପାଇଁ ବାରମ୍ବାର ଲିଖିତ ଭାବେ ଜଣାଇ ଆସୁଛନ୍ତି । ହେଲେ ବ୍ଲକ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ସରକାର ରାଜ୍ୟ ବାହାରକୁ ଦାଦନ ଚାଲାଣ ରୋକିବା ପାଇଁ ମାହାତ୍ମା ଗାନ୍ଧୀ ଜାତୀୟ ଗ୍ରୀମଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନୂଆପଡା ଜିଲାର ଶ୍ରମିକମାନଙ୍କୁ ୧୦୦ ଦିନ କାମ ଯୋଗାଇ ଦେବା ବଦଳରେ ୨୦୦ ଦିନ କାମ ଯୋଗାଇ ଦିଆଯାଇଛି ବୋଲି କହୁଛନ୍ତି। ହେଲେ ଜିଲାର ଖଡିଆଳ ବ୍ଲକ ବଡଦୋହେଲ ଗ୍ରାମପଞ୍ଚାୟତର ଲଚ୍ଛିପୁର ଗ୍ରାମରେ ଏହି ଯୋଜନାରେ ମହାବନ୍ଧରେ ମାଟି ଖନନ କାମ କରି ବର୍ଷ ବର୍ଷ ବିତି ଯାଇଥିଲେ ମଧ ମଜୁରୀ ଟଙ୍କା ମିଳୁ ନ ଥିବା ଅଭିଯୋଗ ହେଉଛି । ପ୍ରତିବର୍ଷ କାମ ଧନ୍ଦା ଅଭାବରୁ ଅଧିକାଂଶ ଗରିବ ଲୋକମାନେ ଏହି ଅଞ୍ଚଳରୁ ପଡୋଶୀ ଛତିଶଗଡ ଓ ଆନ୍ଧ୍ରପ୍ରଦେଶକୁ ଦାଦନ ଶ୍ରମିକ କାମ କରିବାକୁ ଯାଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ତଥା କେନ୍ଦ୍ର ସରକାର ଏମଜିଏନଆରଇଜିଏସ ଯୋଜନାରେ ସାମିଲ କରି ଶ୍ରମିକମାନଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ହେଲେ ଶ୍ରମିକମାନେ ମଜୁରୀ ନ ପାଇ ଅସନ୍ତୋଷ ଦେଖା ଦେଉଥିବା ବେଳେ ଆଗାମୀ ସପ୍ତାହ ମଧ୍ୟରେ ମଜୁରୀ ଟଙ୍କା ନ ମିଳିଲେ ଖଡିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ କୋର୍ଟର ଆଶ୍ରୟ ନେବାକୁ ଶ୍ରମିକ ଭୋଦେବ ତାଣ୍ଡି, ସୀମା ତାଣ୍ଡି, ହିଙ୍ଗୁଳା ତାଣ୍ଡି, ସ୍ଥାନୀୟ ଗାଁ ସାଥି ଧନଞ୍ଜୟ ଖଡିଆ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଖଡିଆଳ ବିଡିଓ ଉତ୍ତମ ବାଗ ଲଚ୍ଛିପୁର ଗାଁରେ ଉକ୍ତ ଯୋଜନାରେ ମହାବନ୍ଧ ମାଟି ଖନନ କାମ କରିଥିବା ଶ୍ରମିକମାନଙ୍କୁ ଖୁବଶୀଘ୍ର ମଜୁରି ଟଙ୍କା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ଚାଷୀଙ୍କ ଘରେ ପଡ଼ିଛି ୬ ଶହ କୁଇଣ୍ଟାଲ କାନ୍ଦୁଲ

## ମାଫେଡ ଏରିଆ ମ୍ୟାନେଜରଙ୍କ ଖାମଖିଆଲି, ଚାଷୀ ହଇରାଣ

**କେସିଙ୍ଗା,୧୫।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ୧୧ଟି ଗ୍ରାମପଞ୍ଚାୟତରେ ରବି ଋତୁରେ କାନ୍ଦୁଲ ଚାଷ କରାଯାଇଛି। କାନ୍ଦୁଲ ଅମଳ ପରେ ଏବେ ଠିକ ଭାବେ ମଣ୍ଡି ଖୋଲୁ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ବ୍ଲକର ବିଭିନ୍ନ ଚାଷୀଙ୍କ ଘରେ ପ୍ରାୟ ୬ ଶହ କୁଇଣ୍ଟାଲ କାନ୍ଦୁଲ ଏବେ ପଡ଼ି ରହିଛି । କାନ୍ଦୁଲ ଅମଳ ପରେ ୧୯୫ ଜଣ ଚାଷୀ ଉକ୍ରେଲା ଓ କେସିଙ୍ଗା ପ୍ୟାକ୍ସରେ ପଞ୍ଜୀକୃତ ହୋଇଛନ୍ତି । ଏଥି ମଧ୍ୟରୁ ଗତ ୧୨ ତାରିଖରେ ୧୦ ଜଣ ଚାଷୀଙ୍କଠାରୁ ୭୨ କୁଇଣ୍ଟାଲ କାନ୍ଦୁଲ ପ୍ୟାକ୍ସ ଦ୍ୱାରା କ୍ରୟ କରାଯାଇ ମାଫେଡକୁ ହସ୍ତାନ୍ତର କରାଯାଇଛି । ମାର୍ଫେଡ ଏରିଆ ମ୍ୟାନେଜର ଠିକ ଭାବେ କେସିଙ୍ଗା ବ୍ଲକକୁ ଆସୁନାହାନ୍ତି । ଚାଷୀମାନଙ୍କୁ ସଚେତନତା ମଧ ମାର୍ଫେଡ ପକ୍ଷରୁ କରାଯାଉ ନାହିଁ । ଚାଷୀମାନେ କେସିଙ୍ଗା ଓ ଉକ୍ରେଲା ମଣ୍ଡିକୁ କାନ୍ଦୁଲ ନେଇ ଦିନ ଦିନ ଜଗି ରହି ନିରାଶରେ ଘରକୁ ଫେରାଇ ନେଇଥାନ୍ତି । ମାର୍ଫେଡ ପକ୍ଷରୁ କିଣିଲେ କୁଇଣ୍ଟାଲ ୫ ହଜାର ୮୦୦ ଟଙ୍କାରେ ଚାଷୀମାନେ ଠିକ ଭାବରେ ମୂଲ୍ୟ ପାଇଥାନ୍ତି । ମାର୍ଫେଡ ଏରିଆ ମ୍ୟାନେଜରଙ୍କ ମନମୁଖି କାର୍ଯ୍ୟ ଯୋଗୁ କାନ୍ଦୁଲ କିଣିବାରେ ବିଳମ୍ବ କରୁଥିବାରୁ ଦଲାଲମାନେ କୁଇଣ୍ଟାଲ ପିଛା ୩୫ରୁ ୪୫ ଶହ ଟଙ୍କା ଦରରେ କିଣି ମାର୍ଫେଡ ଏରିଆର ମ୍ୟାନେଜରଙ୍କ ସଲାସୁତୁରାରେ ବ୍ୟାପକ ଦୁର୍ନୀତି କରି ଚାଲିଛନ୍ତି । ଫଳରେ ଚାଷୀମାନେ କାନ୍ଦୁଲ ଅମଳକରି ହଇରାଣ ହେଉଛନ୍ତି। କେସିଙ୍ଗା ବ୍ଲକରେ ଚଳିତ ରବି ଋତୁରେ ୫ ହଜାର କୁଇଣ୍ଟାଲ କାନ୍ଦୁଲ କିଣିବା ପାଇଁ ଟାର୍ଗେଟ ଥିଲେ ମଧ ବର୍ତ୍ତମାନ ସୁଦ୍ଧା ୭୨ କୁଇଣ୍ଟାଲ କାନ୍ଦୁଲ ମାର୍ଫେଡ କିଣିଥିବା ଜଣାପଡିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୪ ଏପ୍ରିଲ, ୨୦୨୦ ସୁଦ୍ଧା ମଣ୍ଡି ଖୋଲିବା ଧାର୍ଯ୍ୟ ତାରିଖ ରଖାଯାଇଛି । ଏଥିପ୍ରତି ଜିଲାପାଳ ଓ ଜିଲା କୃଷି ଅଧିକାରୀ ଦୃଷ୍ଟି ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମାର୍ଫେଡ ଏରିଆ ମ୍ୟାନେଜର ଗୋକୁଳାନନ୍ଦ ଦାଶଙ୍କୁ ପଚାରିବାରୁ ମୁଁ ଜିଲା ସାରା ଦେଖୁଛି । ମୋତେ ସମୟ ମିଳିଲେ ମଣ୍ଡି ଖୋଲିବି ବୋଲି ପ୍ରକାଶ କରିଥିଲେ।

**କାନ୍ଦୁଲ ମଣ୍ଡି ବନ୍ଦ**




କେସିଙ୍ଗା ବ୍ଲକ ବେଲାମାଲ ଗ୍ରାମର ଜଣେ ଚାଷୀଙ୍କ ଘରେ କାନ୍ଦୁଲ ପଡ଼ିରହିଛି ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। - ଆଇନଷ୍ଟାଇନ



## ସଂକ୍ଷେପରେ

### ସଟ୍ଟା ଆଡ୍ଡାରେ ଚଢ଼ାଉ, ଜଣେ ଗିରଫ

**ପାଟଣାଗଡ,୧୫।୩(ଡି.ଏନ.ଏ.):** ପାଟଣାଗଡ଼ ଅଞ୍ଚଳରେ ଦୀର୍ଘ ଦିନ ହେଲା ବେଆଇନଜୁଆ, ସଟ୍ଟା ଖେଳ ଚାଲିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପାଟଣାଗଡ଼ ପୋଲିସ ଶନିବାର ସନ୍ଧ୍ୟାରେ କଲେଜ ଛକରେ ଚାଲିଥିବା ଏକ ସଟ୍ଟାଆଡ୍ଡା ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଧିକାରୀମାନେ ପାଟଣାଗଡ଼ ବଡପଡ଼ାର ଗୋପାଳ ସା ନାମକ ଜଣେ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲେ। ହେଲେ ଘଟଣାସ୍ଥଳରୁ ଅନ୍ୟ କେତେଜଣ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ଗୋପାଳଙ୍କ ନିକଟରୁ ୭ହଜାର ୧୦୦ ଟଙ୍କା, ସଟ୍ଟା ଚାର୍ଟ, ସଟ୍ଟା ନମ୍ବର ଲେଖା ଚିଟ, ୩ଟି ମୋବାଇଲ ଫୋନ ଆଦି ଜବତ କରିଛି। ପାଟଣାଗଡ଼ ପୋଲିସ ବେଆଇନ ଖେଳ ଉପରେ ଜନର ରଖିଛି। ଆଗକୁ ମଧ ଏହି ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ କେ.ପ୍ରିୟଙ୍କା ରାଉତରାୟ ସୂଚନା ଦେଇଛନ୍ତି। ଏନେଇ ପାଟଣାଗଡ଼ ଥାନା ପୋଲିସ ଏକ ମାମଲା(ନଂ.୫୨/୨୦୨୦)ରୁଜୁକରି ଗିରଫ ଗୋପାଳଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାମଲାର ତଦନ୍ତ ଅଧିକାରୀ ଲାବନ କୁମାର ନନ୍ଦ ସୂଚନା ଦେଇଛନ୍ତି।

### ଉତ୍କଳ ଦିବସକୁ କଳା ଦିବସ ପାଳନ କରିବ କୋଶଲ ସେନା

**ଲୋଇସିଂହା,୧୫।୩(ଡି.ଏନ.ଏ.):** ଲୋଇସିଂହା ଥାନା ଅଧୀନ ସାଲେଭଟା ଗ୍ରାମରେ କୋଶଲ ସେନା ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଏମ୍‌ପି ବାଳଗୋପଳ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଂଗଠନକୁ ସୁଦୃଢ କରିବା ସହ ଆସନ୍ତା ଏପ୍ରିଲ ୧ତାରିଖ ଉତ୍କଳ ଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର ଜିଲାରୁ ପ୍ରତିନିଧି ଯୋଗଦେଇ ମତବ୍ୟକ୍ତ କରିଥିଲେ। ବୈଠକରେ ସମ୍ବଲପୁର ଶ୍ରୀକାନ୍ତ ପଧାନ, ବରଗଡ଼ାର ସୁଶାନ୍ତ କୁଶଲି, ଅଭିନାଶ ବିଶି, ଝାରସୁଗୁଡ଼ାର ଗଣେଶ ମଟାରି, ଲୋଇସିଂହାର କୌସ୍ତୁଭ ସାହୁ, ଦେବ ପଣ୍ଡା, ପ୍ରଶାନ୍ତ ତ୍ରିପାଠୀ, କୁଞ୍ଜ ତ୍ରିପାଠୀଙ୍କ ସହ ୮୦ଜଣ ସଦସ୍ୟ ଉପସ୍ଥିତ ରହିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସମତୁଲ ରାଶି ଗ୍ରହଣ କରିବାକୁ ସଙ୍କେତ

**ବଲାଙ୍ଗୀର ଅଫିସ, ୧୫।୩**

■ ଲୋୟର ସୁକ୍‌ତେଲ ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ
■ ପ୍ରକଳ୍ପ ପ୍ରଭାବିତଙ୍କ ଦାବିପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ଖବରଦାତା ସମ୍ମିଳନୀରେ ଲୋୟର ସୁକ୍‌ତେଲ ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ସୂଚନା ପ୍ରଦାନ କରୁଛନ୍ତି।

ଲୋୟର ସୁକ୍‌ତେଲ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ବିଭିନ୍ନ ଗ୍ରାମର ଉପେନ୍ଦ୍ର ସାହୁ, ରାଜକୁମାର ପଧାନ, ସୁଧୀର ଖୁଆସ, ମହିଳା ମହାସଂଘର ହେମାଙ୍ଗିନୀ ବାରିକ, ପ୍ରେମାନନ୍ଦ ସାହୁ, ବିରାଟ ପ୍ରଧାନ, କିଶୋର ମିଶ୍ର, ସୁକାନ୍ତ ପରିଛା, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍‌ର ବିବେକାନନ୍ଦ ପଟେଲଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ଦାବି କରୁଥିବା ପ୍ରକଳ୍ପ ସପକ୍ଷବାଦୀମାନେ ୨୦୧୩ ଆଇନ୍‌ର ସମତୁଲ ରାଶି ବା ଏକ୍ସଗ୍ରାସିଆ ନେବାକୁ ରାଜି ହୋଇଥିବା ସମ୍ପର୍କରେ ସଭାପତି ନାୟକ ସୂଚନା ଦେଇଛନ୍ତି। ସୁକ୍‌ତେଲ ପ୍ରକଳ୍ପ କାମ ବନ୍ଦ ହେବା ପରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପର୍ଯ୍ୟାୟକ୍ରମେ ଜିଲାପାଳ ଓ ପ୍ରଶାସନ ସହ ଆଲୋଚନା ପରେ ସମତୁଲ ଏକ୍ସଗ୍ରାସିଆ ଗ୍ରହଣ କରିବାକୁ ରାଜି ହୋଇଥିବା ସଭାପତି ନାଏକ କହିଛନ୍ତି। ସୁକ୍‌ତେଲ ପ୍ରକଳ୍ପ ଯୋଗୁ ୨୯ଟି ଗାଁର ଲୋକେ ଦୀର୍ଘ ୨୦ ବର୍ଷ ହେଲା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ସେମାନଙ୍କ ଦୁଃଖ କେହି ବୁଝୁନାହାନ୍ତି। ୨୦ ମାସ ହେଲା ସୁକ୍‌ତେଲ ଡ୍ୟାମ କାମ ବନ୍ଦ ହୋଇଥିବାରୁ କିଛି ନେତା ଓ ସହରୀ ବ୍ୟକ୍ତି ଛଟପଟ ହେବା ଦୁର୍ଭାଗ୍ୟଜନକ ବୋଲି ସମ୍ମିଳନୀରେ ଉପସ୍ଥିତ ଥିବା ସୁଧୀର ଖଆସ କହିଥିଲେ । ଯେଉଁ ନେତା, ବ୍ୟକ୍ତି ଓ ସଙ୍ଗଠନ କର୍ମକର୍ତ୍ତା ବିଗତ ଦିନରେ ବୁଡିଅଞ୍ଚଳବାସୀଙ୍କୁ ପ୍ରତାରଣା କରିଛନ୍ତି ସେମାନଙ୍କୁ ଅଞ୍ଚଳବାସୀ କଦାପି ସମର୍ଥନ କରିବେ ନାହିଁ ବୋଲି ଉପେନ୍ଦ୍ର ସାହୁ କହିଥିଲେ। ଯେଉଁ ବ୍ୟକ୍ତିମାନେ ସୁକ୍‌ତେଲ ଡ୍ୟାମ ହେଉ ବୋଲି କହୁଛନ୍ତି, ସେମାନେ ବିସ୍ଥାପିତ ହେବାକୁ ଥିବା ଲୋକେ ଅଧିକ କିଛି ଟଙ୍କା ପାଆନ୍ତୁ ବୋଲି କାହିଁକି ଦାବି କରୁନାହାନ୍ତି ବୋଲି ରାଜକୁମାର ପ୍ରଧାନ ପ୍ରଶ୍ନ କରିଥିଲେ। ମହିଳା ମହାସଂଘର ସଭାନେତ୍ରୀ ବାରିକ ତାଙ୍କ ସଙ୍ଗଠନ ପୂର୍ବରୁ ପ୍ରତାରିତ କରିଥିବା ନେତା ଓ ସଙ୍ଗଠନକୁ ସମର୍ଥନ କରୁନାହିଁ ଓ ମହିଳା କ୍ରିୟାନୁଷ୍ଠାନକୁ ସମର୍ଥନ କରୁଥିବା ସୂଚନା ଦେଇଥିଲେ। ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ଓ ଆକ୍ସନ କମିଟିର ଭୂମିକାକୁ ନେଇ ପ୍ରକଳ୍ପ ପ୍ରଭାବିତ ନେତାନେତ୍ରୀମାନେ ସମାଲୋଚନା କରିଥିଲେ । କରୋନା ସଂକ୍ରମଣ ସ୍ଥିତି ସୁଧୁରିବା ପରେ ଜିଲାପାଳ ୨୦୧୩ ଆଇନ୍ ସହ ସମତୁଲ ରାଶି ବା ଏକ୍ସଗ୍ରାସିଆର ନେଇ ତୁରନ୍ତ ସବିଶେଷ ସୂଚନା ନ ଦେଲେ ଆଗକୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

### ଦାଦା ସାହେବ କାଂଶୀରାମଙ୍କ ୮୭ତମ ଜୟନ୍ତୀ

**ବଲାଙ୍ଗୀର ଅଫିସ,୧୫।୩**

ବହୁଜନ ସମାଜ ପାର୍ଟି, ଡିଏସ-୪ ଓ ବାମ୍‌ସେଫର ପ୍ରତିଷ୍ଠାତା ତଥା ବହୁଜନ ନାୟକ ଦାଦାସାହେବ କାଂଶୀରାମଙ୍କ ୮୭ ତମ ଜୟନ୍ତୀ ସ୍ଥାନୀୟ ବିଷ୍ଣୁମୁଣ୍ଡା ଆମ୍ବେଦକର ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବହୁଜନ ସମାଜ ପାର୍ଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଦ୍ରୋଣ କୁମ୍ଭାର ସଭାପତିତ୍ୱ କରିଥିଲେ । ଅତିଥି ଭାବେ ବାମସେଫ୍ ଜିଲା ସଂଯୋଜକ ଦଣ୍ଡୁଆ କୁମ୍ଭାର, ଜିଲା ଦଳିତ ସମାଜ ଆବାହାକ ବିଜୟ ଚନ୍ଦ୍ର ବାରିକ, ଗଣ୍ଡାବଜା ସମ୍ପାଦକ ତ୍ରିଲୋଚନ ନନ୍ଦ, ଆଇନଜୀବୀ ଭୁବନ ସୁନା ଯୋଗ ଦେଇଥିଲେ। ବାବାସାହେବ ଆମ୍ବେଦକରଙ୍କ ବିଚାରଧାରାକୁ ସମଗ୍ର ରାଷ୍ଟ୍ରରେ ପ୍ରଚାରିତ କରିବାରେ କାଂଶୀରାମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ କହିଥିଲେ । ବୈଠକରେ ବିଶ୍ୱନାଥ ସୁନା, ଭବାନୀ ମହାନନ୍ଦ, ଚକ୍ର ବାଗ, ଜିତୁ ସୁନା, ସୁରୁ ସୁନା, ପ୍ରେମ ନାଗ, ଘନ କୁମ୍ଭାର, ନେପାଳ ବାଗ ଓ ବୃଷଭ ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କରୋନା ମୁକାବିଲା ନେଇ ପ୍ରସ୍ତୁତି

**ଟିଟିଲାଗଡ଼,୧୫।୩(ଡି.ଏନ.ଏ.)**

■ ପ୍ରତ୍ୟେକ ପଞ୍ଚାୟତରେ ହେବ ସ୍ୱାସ୍ଥ୍ୟ ଶିବିର
■ ଗୁଜବ ଉପରେ ବିଶ୍ୱାସ ନ କରିବାକୁ ପରାମର୍ଶ

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ପୌରପରିଷଦ ସଭା ଗୃହରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ କରୋନା ମୁକାବିଲା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଜିଲାପାଳ ସୁଧାକର ନାୟକଙ୍କ ସମେତ ଉପଖଣ୍ଡର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଖାଉଟି କଲ୍ୟାଣ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ରାଜ୍ୟ ସରକାର କରୋନାକୁ ମହାମାରି ଘୋଷଣା କରିଥିବା ବେଳେ ପଞ୍ଚାୟତସ୍ତରରୁ ଆରମ୍ଭ କରି ସହରାଞ୍ଚଳରେ କରୋନା ଭୂତାଣୁ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ଏପରି କି ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା, ସହିତ ପଞ୍ଚାୟତ ସମିତି ବୈଠକ ଡକାଯାଇ ଅଧକ୍ଷା, ଅଧକ୍ଷ ତଥା ସଭ୍ୟାସଭ୍ୟଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ ବେଠକରେ କୁହାଯାଇଥିଲା। ଏପରି କି ସହରାଞ୍ଚଳରେ ସଫାସୁତୁରା ରଖିବା ପାଇଁ ପୌରପରିଷଦ ଓ ପାନୀୟ ଜଳଯୋଗାଣ ଉପରେ ଜନସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜନସାଧାରଣଙ୍କୁ ଗୁଜବ ଉପରେ ବିଶ୍ୱାସ ନ କରିବାକୁ ବୈଠକରେ ନିବେଦନ କରାଯାଇଥିଲା। କୌଣସି ସଭା ସମିତି, ବିବାହ ତଥା ଜନଗହଳି ସ୍ଥାନକୁ ନ ଯିବାକୁ ଲୋକଙ୍କୁ ବାରଣ କରାଯାଇଛି।



କରୋନା ମୁକାବିଲା ନେଇ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଅନ୍ୟ ଅଧିକାରୀମାନେ।

### କରୋନା ସଂକ୍ରମଣ: ଆକ୍ସନ କମିଟିର ଭୋକ-ଉପବାସ ଆନ୍ଦୋଳନ ସ୍ଥଗିତ

**ବଲାଙ୍ଗୀର ଅଫିସ, ୧୫।୩**

ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ୧୬ ତାରିଖଠାରୁ ଭୋକ-ଉପବାସ ଆନ୍ଦୋଳନ ଡାକରା ଦିଆଯାଇଥିଲା। କରୋନା ସଂକ୍ରମଣକୁ ନେଇ ବଲାଙ୍ଗୀର ଜିଲାପାଳ ଏବଂ ସଦର ଏସ୍‌ଡିପିଓଙ୍କ ବିଶେଷ ଅନୁରୋଧ କ୍ରମେ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋକ-ଉପବାସ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ କରାଯାଇଥିବା ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ରବିବାର ସନ୍ଧ୍ୟାରେ କମିଟି କାର୍ଯ୍ୟାଳୟରେ ବିଭିନ୍ନ ସଙ୍ଗଠନ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଜିଲାପାଳ ପଠାଇଥିବା ପତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା ସଂକ୍ରମଣ ନେଇ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ଘୋଷଣା କରାଯାଇଥିଲା। ଆଲୋଚନାରେ କମିଟି ସଭାପତି ପାଣିଗ୍ରାହୀଙ୍କ ସହ କମିଟି ଉପସଭାପତି ମୁନା ପଟ୍ଟନାୟକ, ଯୁବ ସଂଯୋଜକ ରିଲୁ ରଥ, ଯୁବ ସଭାପତି ବିନୋଦ କାଲସାଏ, ଗିରିଶ ସିଂଦେଓ ଅଂଶଗ୍ରହଣ କରିଥିଲେ।



ବଡତେଲେନପାଲିରେ ଆକ୍ସନ କମିଟି ସଦସ୍ୟଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା।

## ଆକ୍ସନ କମିଟିର ବୈଠକ

**ବଲାଙ୍ଗୀର ଅଫିସ, ୧୫।୩**

ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବତି ବିଭିନ୍ନ ଗାଁର ମହିଳା ଓ ପୁରୁଷଙ୍କ ଉପସ୍ଥିତିରେ ରବିବାର ବଡତେଲେନପାଲି ଗ୍ରାମରେ ଆକ୍ସନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଆକ୍ସନ କମିଟି ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିବା କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ପ୍ରକଳ୍ପ ପ୍ରଭାବିତଙ୍କ ବିଭିନ୍ନ ଦାବି ଓ ଆନ୍ଦୋଳନ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଏକ୍ସଗ୍ରାସିଆ ରାଶି ଗ୍ରହଣ କରି ପ୍ରକଳ୍ପ କାମକୁ ଆରମ୍ଭ କରିବା ପାଇଁ ସହମତ ପ୍ରକାଶ ପାଇଥିବା ଜଣାଇଛନ୍ତି । ଆଗାମୀ ଦିନରେ ଆକ୍ସନ କମିଟି ପକ୍ଷରୁ ଲୋୟର ସୁକତେଲ ପ୍ରକଳ୍ପ ଆନ୍ଦୋଳନରେ ସାମିଲ ହେବା ପାଇଁ ଗ୍ରାମବାସୀ ସମର୍ଥନ ଓ ସହମତି ଜଣାଇଥିଲେ । ବୈଠକରେ ପ୍ରକଳ୍ପ ପ୍ରଭାବିତ ଚମରା ମହାକୁର, କୈଳାସ ରଣା, ମଧୁ ରଣା, ପ୍ରହଲ୍ଲାଦ ରଣା, ଟୁନା ମିଶ୍ର, ସୁମିତ ମିଶ୍ର, ବଳଦେବ ରଣା, ସୁଦାମ ଧରୁଆ, ଘନ ବାରିକ, ଘାସିରାମ ଧରୁଆ ଉପସ୍ଥିତ ଥିଲେ। ଆକ୍ସନ କମିଟିର ଗୋପାଲଜୀ ପାଣିଗ୍ରାହୀ, ସମ୍ପାଦକ ବୁଲୁ ସିଂଦେଓ, ପ୍ରତାପ ରଥ, ଯୁବ ସଭାପତି ବିନୋଦ କାଲସାଏ, ଗୋବିନ୍ଦ ଶତପଥି, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ଏସ୍‌ଇବିସିବର୍ଗ ପ୍ରାର୍ଥୀଙ୍କୁ ଅଣଦେଖା ଅଭିଯୋଗ

**ଲୋଇସିଂହା,୧୫।୩(ଡି.ଏନ.ଏ)**

**ପୋଲିସ ବିଭାଗ ଡ୍ରାଇଭର ପଦବୀ ନେଇ ବିଜ୍ଞପ୍ତି**

ରାଜ୍ୟ ସରକାରଙ୍କ ପୋଲିସ ବିଭାଗ ପକ୍ଷରୁ ମାର୍ଚ୍ଚ ୬ ତାରିଖରେ ୨୩୧ ଡ୍ରାଇଭର ପଦବୀ ନିଯୁକ୍ତି ନେଇ ବିଜ୍ଞାପ୍ତି ଜାରି କରିଛନ୍ତି। ଏହାର ଶେଷ ଆବେଦନ ମାର୍ଚ୍ଚ ୨୮ ତାରିଖ ରଖାଯାଇଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫ବର୍ଷ ବୟସ ସୀମା କୋହଳ ରହିଛି। ହେଲେ ଏସ୍‌ଇବିସି ପ୍ରାର୍ଥୀଙ୍କ ପାଇଁ ସମାନ ନିୟମ ରହିଥିଲେ ସୁଦ୍ଧା ଏହି କ୍ଷେତ୍ରରେ ସେଭଳି ବ୍ୟବସ୍ଥା ରହି ନ ଥିବା ବିଜ୍ଞାପନରେ କୁହାଯାଇଛି। ଏସ୍‌ଇବିସି ବର୍ଗର ପ୍ରାର୍ଥୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏସଇବିସି ପ୍ରାର୍ଥୀଙ୍କୁ ଅଣଦେଖା ପ୍ରତିବାଦରେ ଲୋଇସିଂହାଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲ୍ଲଭ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ଯୋଗଦେଇ ସରକାରଙ୍କ ଏଭଳି ନୀତିକୁ ବିରୋଧ କରିବା ସହ ନିନ୍ଦା କରିଥିଲେ। ରାଜ୍ୟ ସରକାର ଏହାର ପୁନଃ ବିଚାର ନ କଲେ ଏସ୍‌ଇବିସି ବର୍ଗର ଆଶାୟୀ ପ୍ରାର୍ଥୀ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

# କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ଉଚ୍ଛେଦକୁ ବିରୋଧ

## କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

**ଖପ୍ରାଖୋଲ,୧୫।୩(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଥିବା କେନ୍ଦୁପତ୍ର କାର୍ଯ୍ୟାଳୟ ଉଚ୍ଛେଦକୁ ବିରୋଧ କରି ରବିବାର କାର୍ଯ୍ୟରତ ଶତାଧିକ କର୍ମଚାରୀ ଏକାଠି ହୋଇଥିଲେ। କୌଣସି ପରିସ୍ଥିତିରେ କାର୍ଯ୍ୟାଳୟ ଉଠାଇ ଦେବୁ ନାହିଁ ବୋଲି କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ଉପସଭାପତି କିଶୋର କୁମାର ପରିଛା ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ। ବୈଠକରେ ହେଡଚେକର ଲଳିତ ବାଗ, ଧଣ୍ଡାମୁଣ୍ଡାର ହେଡଚେକର ଦ୍ରୋଣ ବନଛୋର, ସର୍କଲ ଚେକର ରାଜାରାମ ଦଣ୍ଡସେନା, ବନ୍ଧେଇ ଚେକର ଧ୍ରୁବ ଚାନ୍ଦ, ପାଟଣାଗଡ଼ ଡିଭିଜନ କର୍ମଚାରୀ ସଂଘର ବରିଷ୍ଠ ସଭ୍ୟ ଶିବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବା ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ରାଜାରାମ ଦଣ୍ଡସେନା, ସମ୍ପାଦକ ରାଜକୁମାର ବେହେରା, ଉପସଭାପତି ବୈକୁଣ୍ଠ ସୁନା, କୋଷାଧ୍ୟକ୍ଷ ଧ୍ରୁବଚରଣ ଚାନ୍ଦ, ସହସମ୍ପାଦକ ଗୋକୁଳ ଧରୁଆଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା। ସୁରେନ୍ଦ୍ର ବରିହା, ମୋହନ ଭୋଇ, ଶେଷରାମ ଦଣ୍ଡସେନା, ସଦାନନ୍ଦ ସା, ବସୁଦେବ ସେଠ, କୈଳାସ ସୁନା, ପ୍ରେମରାଜ ପ୍ରଧାନ, ସୌମ୍ୟ ରଞ୍ଜନ ସିଂ ବରିହାଙ୍କୁ ଉପଦେଷ୍ଟା ସଭ୍ୟ ଭାବେ ଚୟନ କରାଯାଇଛି। ସୂଚନା ଯୋଗ୍ୟ ଖପ୍ରାଖୋଲ ରେଞ୍ଜକୁ ଉଚ୍ଛେଦ ସହ ଧଣ୍ଡାମୁଣ୍ଡା ରେଞ୍ଜରେ ମିଶ୍ରଣ କରାଯିବା ନେଇ କେନ୍ଦୁପତ୍ର ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ବେଳେ ରେଞ୍ଜ ଅଧୀନ ଫୁଲକିମୁଣ୍ଡା ସେକସନକୁ ଉଚ୍ଛେଦ କରି ଖପ୍ରାଖୋଲ ସେକସନରେ ମିଶ୍ରଣ କରାଯାଇଥିବା ଜଣାପଡିଛି। ସେହିପରି ୮ଟି ଫଡି ଘର ମଧ୍ୟ ବନ୍ଦ ନିଷ୍ପତ୍ତି ନିଆଯାଇଥିବା ବେଳେ ପୁନର୍ବିଚାର ପାଇଁ ଆନ୍ଦୋଳନ ଦାନା ବାନ୍ଧୁଛି।



ଖପ୍ରାଖୋଲ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟକୁ ଉଚ୍ଛେଦ ପ୍ରତିବାଦରେ ସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଫଟୋରେ ଖବର

**ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ**







ବଲାଙ୍ଗୀର ତୁଳସୀନଗର ସର୍କିଟହାଉସ ରାସ୍ତା ଉପରେ ଅଳିଆ ଆବର୍ଜନା ପଡିରହିଥିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି (ବାମ)। ବଲାଙ୍ଗୀର ପୌରପରିଷଦ ପକ୍ଷରୁ ଟେଣ୍ଡର ହୋଇ ୧ବର୍ଷ ପରେ ମଧ ତୁଳସୀନଗର ସୁମନ୍ତ କର୍ମି ଗଳିରାସ୍ତା କାମ ହୋଇପାରୁନାହିଁ (ମଝି)। ୧୮ ନମ୍ବର ୱାର୍ଡ ରାଜୀବନଗର ରଞ୍ଜନ ବାରିକ ଗଳି ରାସ୍ତାରେ ଡ୍ରେନ୍ ନ ଥିବାରୁ ରାସ୍ତା ମଝିରେ ପାଣି ବହୁଥିବା ବେଳେ ପୌରପରିଷଦର ଦୃଷ୍ଟି ପଡୁନାହିଁ। (ଫଟୋ - ସୁନୀଲ)



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



# ଚାଷୀ ପିଠିରେ କୋରଡ଼ା ମାଡ଼

**ନୂଆଗାଁ, ୧୫।୩ (ଡି.ଏନ.ଏ)**

ଲ୍ୟାମ୍ପରୁ ୧ଲକ୍ଷ ଟଙ୍କା ଲେଖାଏଁ ଋଣ କରିଛୁ। ମଞ୍ଜି, ବିହନ ଦୋକାନରେ ୩୦ରୁ ୪୦ ହଜାର ଧାର ପଡିଛି। ତେଲଲୁଣର ସଂସାର ଭିତରେ କେମିତି ଚାଷବାସ କରି ଦୁଇ ପଇସା ରୋଜଗାର କରିବା, ଭବିଷ୍ୟତ ପାଇଁ ରଖିବା ଆଶା ନେଇ ଏକର ଏକର ଜମିରେ ଟମାଟୋ, ବାଇଗଣ, ତରଭୁଜ, ଲଙ୍କା ଆଦି ଚାଷ କରିଥିଲୁ। ହେଲେ ବାରମ୍ବାର କୋହଲାପାଗ, ଅଦିନିଆ ବର୍ଷ ସାଙ୍ଗକୁ କୁଆପଥର ମାଡ ସବୁ ଛାରଖାର କରିଦେଇଛି। ଏବେ କଣ କରିବା ମୁଣ୍ଡକୁ ବୁଦ୍ଧି ଦିଶୁନାହିଁ। ଋଣ କଥା ମନେପଡିଲେ ଭୋକଶୋଷ ଉଡିଯାଉଛି। ମାନସିକ ନିର୍ଯାତନା ଭିତରେ ଆମ୍ଭ ସମୟ ବିତୁଛି। ମର୍ମାହତ ହୋଇ ଏଭଳି ଦୁଃଖ ବଖାଣିଛନ୍ତି ନୂଆଗାଁ ବ୍ଲକ ବଡଯୋଜଦା ପଞ୍ଚାୟତ ଅନ୍ତର୍ଗତ ସାନଯୋଜଦା ଗ୍ରାମର ଚାଷୀ ବିର୍ସା ଭେଙ୍ଗରା, ଯୋଗେନ୍ଦ୍ର ସାହୁ, ବାଉନା ମୁଣ୍ଡା ଓ ମୁକେଶ ସାହୁ। ବିର୍ସା ଭେଙ୍ଗରା ନିଜ ଅଢ଼େଇ ଏକର ଜମିରେ ଟମାଟୋ ଚାଷ କରିଥିବା ବେଳେ ହାତୀବାରି ଲ୍ୟାମ୍ପରୁ ୧ ଲକ୍ଷ ଟଙ୍କା କୃଷି ଋଣ ନେଇଛନ୍ତି। ସେହିଭଳି ସାନଯୋଜଦା ଗ୍ରାମର ଯୋଗେନ୍ଦ୍ର ସାହୁ ନିଜ ୩ ଏକର ଜମିରେ ଟମାଟୋ ଚାଷ, ୨ ଏକର ଜମିରେ ବାଇଗଣ ଓ ୧ଏକର ଜମିରେ କଞ୍ଚାଲଙ୍କା ଚାଷ କରିଛନ୍ତି। ସେ ମଧ୍ୟ ଲ୍ୟାମ୍ପରୁ ଲକ୍ଷାଧିକ ଟଙ୍କା ଋଣ ନେଇଥିବା ବେଳେ ବିହନ ଦୋକାନରୁ ୩୦ ରୁ ୪୦ ହଜାର ଟଙ୍କା ଧାର କରି ବିହନ ନେଇଛନ୍ତି।






ନୂଆଗାଁ ବ୍ଲକର ଜଣେ ଚାଷୀ କ୍ଷତିଗ୍ରସ୍ତ ଟମାଟୋ ଫସଲ ଦେଖୁଛନ୍ତି। ଅନ୍ୟ ଜଣେ ଚାଷୀ ବାଇଗଣ ଚାଷ ଦେଖୁଛନ୍ତି।

ସେହିଗ୍ରାମର ଅନ୍ୟ ୨ଜଣ ଚାଷୀ ବାଉନା ମୁଣ୍ଡା ଓ ମୁକେଶ ସାହୁ ମଧ୍ୟ ଉଭୟ ଦୁଇରୁ ଅଢ଼େଇ ଏକର ଲେଖାଏଁ ଜମିରେ ଟମାଟୋ ଚାଷ କରିଥିଲେ। ତେବେ ଶୁକ୍ରବାର ରାତିରେ ପ୍ରବଳ କୁଆପଥର ମାଡରେ ଟମାଟୋ ଚାଷ ସମେତ ତରଭୁଜ, ବାଇଗଣ ଆଦି ଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହା ଚାଷୀଙ୍କ ପିଠିରେ କୋରଡ଼ା ମାଡ଼ ଭଳି ହୋଇଛି। ସାନଯୋଜଦା ଭଳି ଚିତାପେଡି ପଞ୍ଚାୟତର ବାଙ୍କି ଗ୍ରାମର ଗଞ୍ଜୁଆ ଓରାମ, ଜେନା ଓରାମ, ମହାଦେବ ଓରାମ ଆଦି ଚାଷୀମାନଙ୍କ ସୋରିଷ ଚାଷ ସବୁ କୁଆପଥର ମାଡରେ ନଷ୍ଟ ହୋଇଯାଇଛି। କେବଳ ଏତିକି ନୁହେଁ ବାଙ୍କି ଗ୍ରାମର ଅନେକ ଚାଷୀଙ୍କ ବରବଟି, ଟମାଟୋ, ବାଇଗଣ ଚାଷ ଉପରେ କୁଆପଥର ମାଡ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସୋରଡା ପଞ୍ଚାୟତ ଅନ୍ତର୍ଗତ ବାରିବେଡା ଗ୍ରାମର ବଡଚାଷୀ ସୁବୋଧ ବାର୍ଲାଙ୍କ କଲରା, ଟମାଟୋ, ଭେଣ୍ଡି, ପିଆଜ, ବରବଟି ଆଦି ଚାଷ ସମ୍ପୂର୍ଣ୍ଣ କ୍ଷୟକ୍ଷତି ହୋଇଥିବା ସେ ପ୍ରକାଶ କରିଛନ୍ତି। ସେହି ଗ୍ରାମର ସାରୁ ଓରାମ ତଥା ଅନ୍ୟ ଚାଷୀମାନଙ୍କ ଟମାଟୋ କଲରା ଭଳି ଅନେକ ଚାଷ କୁଆପଥର ମାଡରେ ନଷ୍ଟ ହୋଇଯାଇଛି। କେବଳ ଏହି ୩ଟି ପଞ୍ଚାୟତ ବଡଯୋଜଦା, ଚିତାପେଡି କିମ୍ବା ସୋରଡା ପଞ୍ଚାୟତର ନୁହେଁ, ବ୍ଲକର ବାରିଲେପ୍ଟା, ଉର୍ମେଇ, ବାଗଡେଗା, ନୂଆଗାଁ, ଲିମଡା, ଲୁକୁମବେଡା ଆଦି ଗ୍ରାମର ଶହଶହ ଚାଷୀଙ୍କ ଜମି ଉପରେ କୁଆପଥର ଓ ଅଦିନିଆ ବର୍ଷା ହୋଇଛି। ଫଳରେ ଫସଲଗୁଡିକ ଉପରେ ଦାଗ ହେବା ସହ ପଚିବାକୁ ଆରମ୍ଭ ହେଲାଣି। ବ୍ଲକ ତଥା ଜିଲା ପ୍ରଶାସନ ତତ୍‌କ୍ଷଣାତ ଏ ଦିଗରେ ପଦକ୍ଷେପ ନେଇ ନୂଆଗାଁ ବ୍ଲକର ହୋଇଥିବା କ୍ଷୟକ୍ଷତିର ପରିମାଣ ଆକଳନ କରି ସେମାନଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରୁଛନ୍ତି। ଏ ଘଟଣା ସମ୍ପର୍କରେ ନୂଆଗାଁ ବ୍ଲକ ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏସ.ପାଠକ କୁହନ୍ତି, ଆମ୍ଭଙ୍କୁ ଏପର୍ଯ୍ୟନ୍ତ କେହି ଅଭିଯୋଗ କରିନାହାନ୍ତି। କେବଳ କ୍ଷୟକ୍ଷତିର ଫଟୋ ପାଇଛି। ନୂଆଗାଁ ବ୍ଲକରେ ଶତକଡା ୭୫ ଭାଗ ଲୋକେ ଚାଷ ଉପରେ ନିର୍ଭର କରୁଥିବାରୁ ଏଦିଗରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସହାୟତା ଦେବାକୁ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ସମିତି ସଭ୍ୟ ତଥା ବିଜେଡି ନେତା ଗଜେନ୍ଦ୍ର ସାହୁ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଶଙ୍କର ଓରାମ ଦାବି କରିଛନ୍ତି।

- ଅଦିନିଆ ବର୍ଷା, କୁଆପଥର ମାଡରେ ପରିବା ଚାଷୀ କ୍ଷତିଗ୍ରସ୍ତ
- ବାଇଗଣ, ଲଙ୍କା, ତରଭୁଜ, ଟମାଟୋ ଚାଷ ଅଧିକ ପ୍ରଭାବିତ
- ଚାଷୀଙ୍କୁ ଘାରିଲାଣି ଋଣ ଶୁଝିବା ଚିନ୍ତା
- ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଜନପ୍ରତିନିଧିଙ୍କ ଦାବି

## ସଂକ୍ଷେପରେ

### କରୋନା ସତର୍କତା: ପର୍ଯ୍ୟଟକଙ୍କୁ ଖଣ୍ଡାଧାର ମନା

**ବଣାଇ, ୧୫।୩ (ସ୍ୱ.ପ୍ର.):** ସମ୍ପ୍ରତି ସାରା ଦେଶରେ କରୋନା ଭଳି ମହାମାରୀ ସମଗ୍ର ମାନବ ସମାଜ ପାଇଁ ଏକ ବିପଦଜନକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ସାମାଜିକ ଜନସମାଗମରେ ଲୋକଙ୍କଠାରୁ ଦୂରେଇ ରହିବା ଏକ ଫଳପ୍ରଦ ଉପାୟ ହୋଇଥିବାରୁ ବଣାଇ ବନଖଣ୍ଡ ପକ୍ଷରୁ ପର୍ଯ୍ୟଟନ ସ୍ଥଳି ଖଣ୍ଡାଧାରକୁ ଜନସମାଗମ ନିଷେଧ କରାଯାଇଥିବା ଜଣାପଡିଛି। ରବିବାର ବନଖଣ୍ଡ ଅଧିକାରୀ ସନଥ କୁମାର ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ମାଧ୍ୟମରେ ଆସନ୍ତା ୩୧ ପର୍ଯ୍ୟନ୍ତ ଖଣ୍ଡାଧାର ଜଳପ୍ରପାତକୁ ବାହ୍ୟ ପର୍ଯ୍ୟଟକଙ୍କୁ ପ୍ରବେଶ ନିଷେଧ ନେଇ ପ୍ରକାଶ କରିଛନ୍ତି। ଏଥିରେ ଖଣ୍ଡାଧାର ଠାରେ ଥିବା ଇକୋଟୁରିଜିମ କଟେଜ ଯାହା ଅନଲାଇନ ବୁକିଂ ସିଷ୍ଟମ ମଧ୍ୟରେ ଚାଲିଛି ତାକୁ ସ୍ୱୀକୃତି ପ୍ରଦାନ କରି ଇକୋଟୁରିଜିମ କଟେଜର ଚଟାଣ, ଟଏଲେଟ, ରୋଷାଇଘର, କବାଟ ପ୍ରଭୃତି ଦିନକୁ ଦୁଇଥର ସଫା କରାଯିବା ସହ ଚାମଚ ଏବଂ ଥାଳି ପ୍ରତ୍ୟେହ ଦୁଇଥର ବ୍ଲିଚିଂ ପାଉଡରେ ଧୋଇବା ପାଇଁ ବ୍ୟବସ୍ଥା କରାଯାଇଥିବା ଦର୍ଶାଇଛନ୍ତି। ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ତଉଲିଆ ଏବଂ ଅନ୍ୟାନ୍ୟ ସାମଗ୍ରୀ ଭଲଭାବରେ ଧୋଇ ଏକାଧିକ ବାର ଖରାରେ ଶୁଖାଇବା ପରେ ପର୍ଯ୍ୟଟକଙ୍କୁ ଦିଆଯିବ ବୋଲି ଜଣାପଡିଛି। କଟେଜରେ ରହିବାକୁ ଥିବା ବ୍ୟକ୍ତି ବିଶେଷଙ୍କ ତିନିମାସ ପୂର୍ବର ପରିଭ୍ରମଣ ତଥ୍ୟ ସଂଗ୍ରହ କରିବା ପରେ ସେମାନଙ୍କୁ ରହିବାର ବ୍ୟବସ୍ଥା କରାଯିବ ବୋଲି ଦର୍ଶାଯାଇଛି।

## ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ




ଅଘରିଆ ସମାଜର ରାଜ୍ୟସ୍ତରୀୟ ମହାସମ୍ମିଳନୀର ଦ୍ୱିତୀୟ ଦିବସରେ ମଞ୍ଚାସୀନ ଅତିଥି।

**ସୁନ୍ଦରଗଡ଼,୧୫।୩ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ସାଲେପାଲି ଠାରେ ଚାଲିଥିବା ଅଖିଳ ଭାରତୀୟ ଅଘରିଆ ସମାଜର ଷଷ୍ଠ ରାଜ୍ୟସ୍ତରୀୟ ମହାସମ୍ମିଳନୀର ଦ୍ୱିତୀୟ ଦିବସରେ ରବିବାର ଓଡ଼ିଶା ତଥା ପଡୋଶୀ ଛତିଶଗଡ଼ର ଅଘରିଆ ସମାଜର ନେତୃବୃନ୍ଦ ଯୋଗଦେଇଥିଲେ। ସେମାନେ ମହିଳା ସଶକ୍ତିକରଣ ଓ ଯୁବବର୍ଗର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଭାରତୀୟ ପ୍ରଶାସନିକ ସେବା, ଓଡ଼ିଶା ପ୍ରଶାସନିକ ସେବା ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଅଘରିଆ ସମାଜର ବ୍ୟକ୍ତିବିଶେଷ ଓ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳ ଭାରତୀୟ ଅଘରିଆ ସମାଜର ସଭାପତି ନରେଶ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସାଲେପାଲି ଅଭ୍ୟର୍ଥନା କମିଟିର ସଭାପତି ଯୋଗେଶ ଚନ୍ଦ୍ର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ପଟେଲ ଅଘରିଆ ସମାଜର ବିକାଶ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପଶ୍ଚିମବଙ୍ଗ ନେହେର ଯୁବ କେନ୍ଦ୍ର ନିର୍ଦ୍ଦେଶକ ନବୀନ କୁମାର ନାଏକ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଟେଲ, ବଲାଙ୍ଗୀର ଶାଖା ଉପସଭାପତି ଦୀନବନ୍ଧୁ ପଟେଲ, ଡା. ପଙ୍କଜ କୁମାର ପଟେଲ, ଦୁର୍ଗାମାଧବ ପଟେଲ, ସୁବାସ ଚନ୍ଦ୍ର ନାଏକ, ଆଡଭୋକେଟ ସ୍ନେହଲତା ପଟେଲ, ସୁଷମା ପଟେଲ, ଯୁବ ସଭାପତି ଯଶୋବନ୍ତ ନାଏକ, ଝାରସୁଗୁଡା ଜିଲାପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ପଟେଲ, ପୂର୍ବତନ ସାଧାରଣ ସମ୍ପାଦକ ମାଧବ ଚନ୍ଦ୍ର ପାଣ୍ଡେ, ପ୍ରହଲ୍ଲାଦ ନାଏକ, ନୀଳମଣି ପଟେଲ, ଈଶ୍ୱର ଚନ୍ଦ୍ର ନାଏକ, ସୁବୋଧ ପ୍ରମୁଖ ଯୋଗଦେଇଥିଲେ।

## ଯନ୍ତ୍ରୀଙ୍କୁ ଦେଖାଯାଉ ନାହିଁ ନିମ୍ନମାନର କାମ

**ବଡ଼ଗାଁ, ୧୫।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ସରକାରୀ ନିୟମର ଖିଲାପ କରି ନିମ୍ନମାନର କାମ ହେଉଥିଲେ ମଧ୍ୟ କାର୍ଯ୍ୟ ଦାୟୀତ୍ୱରେ ଥିବା ଯନ୍ତ୍ରୀଙ୍କୁ ଦେଖାଯାଉ ନାହିଁ। ଅତ୍ୟଧିକ ପିସି କାରବାର ଯୋଗୁ ନିକୃଷ୍ଟ ମାନର କାମ ହେଉଥିବା ଚର୍ଚ୍ଚ ହେଉଛି। ରୁନଗାଁ ପଞ୍ଚାୟତ ଅନ୍ତର୍ଗତ ସିଆଁମାଲ ଗ୍ରାମର ସାପ୍ତାହିକ ହାଟରେ ୧୪ ସିଏଫସିର ୨ଲକ୍ଷ ଟଙ୍କା ଅନୁଦାନରେ ବଜାର ପିଣ୍ଡି ନିର୍ମାଣ ହେବାର ମାତ୍ର ସପ୍ତାହେ ମଧ୍ୟରେ ଫାଟି ଆଁ କରିଥିଲା ବେଳେ ସିଆଁମାଲ ପ୍ରାଥମିକ ସ୍କୁଲ ଗୃହ ମରାମତିକାମ ଯେଭଳି ହେବା କଥା ତାର ଓଲଟା କରାଯାଉଛି। ସ୍କୁଲ ଗୃହର ଫ୍ଲୋରିଂ କାମରେ ଚିପ୍ସ ସହିତ ସିମେଣ୍ଟ ମିଶାଇ ଢ଼ାଳିଲା ପରେ ତା ଉପରେ ସିମେଣ୍ଟ ପଲସ୍ତର କରିବା କଥା। କିନ୍ତୁ ଚଟାଣରେ ଚିପ୍ସ ପକାଇ ତାଉପରେ ପଲସ୍ତର କରାଯାଇଛି।



ସିଆଁମାଲ ବଜାର ପିଣ୍ଡି ଫାଟିଯାଇଛି ।

ଫଳରେ ଏହା ଶୀଘ୍ର ଖରାପ ହେବ ବୋଲି କେତେକ ଗ୍ରାମବାସୀ ଜଣାଇଛନ୍ତି। ସରକାରୀ ନିୟମାନୁଯାୟୀ, କାର୍ଯ୍ୟସ୍ଥଳରେ ସୂଚନାଫଳକ ଦେବା ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ସୂଚନାଫଳକ ନାହିଁ । ଜେଇଙ୍କ ଦ୍ୱାରା କାମ ହେଉଥିବା ସରକାରୀ କାଗଜ କଲମରେ ଦର୍ଶାଯାଉଥିଲେ ମଧ୍ୟ ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଦେଇ ଯନ୍ତ୍ରୀ ପରୋକ୍ଷରେ ନିମ୍ନମାନର କାମ କରିବାକୁ ସୁଯୋଗ ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସହଦେବ ମୁଣ୍ଡାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଏହା ଉପରେ ପଦକ୍ଷେପ ନେବେ କହିଥିଲାବେଳେ ରୁନଗାଁ ସରପଞ୍ଚ ରାଜିତ ଏକ୍କା କାମ ଖରାପ ହୋଇଥିବା ଜାଣିନାହିଁ କହିଛନ୍ତି। ବିଭାଗୀୟ ଉଚ୍ଚ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଓକିଲ ସଂଘ ନିର୍ବାଚନ ୨୮ରେ

ରାଉରକେଲା ଅଫିସ, ୧୫। ୩–ରାଜ୍ୟ ଆଇନଜୀବୀ ପରିଷଦ ନିୟମାବଳୀ ଅନୁସାରେ ୨୮ରେ ରାଉରକେଲା ଓକିଲ ସଂଘ ନିର୍ବାଚନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସେହି ଅନୁସାରେ ସଭାପତି ପ୍ରାର୍ଥୀ ଭାବେ ରମେଶ ବଳ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ରହିଛନ୍ତି। ତାଙ୍କର କେହି ପ୍ରତିଦ୍ୱନ୍ଦି ନାହାଁନ୍ତି। ସେହିଭଳି ସାଧାରଣ ସମ୍ପାଦକ ଅକ୍ଷୟ ସାହୁଙ୍କ ବିରୁଦ୍ଧରେ ମଧ୍ୟ କେହି ପ୍ରତିଦ୍ୱନ୍ଦି ନ ଥିବା ଜଣାଯାଇଛି। କେବଳ ଏତିକି ନୁହେଁ, ୩୦ବର୍ଷ ଏଜକ୍ୟୁଟିଭ ମେମ୍ବର ବିଜୟ ଦାସ ଓ ଭୀମବାହାଦୁର ପତିଙ୍କ ବିପକ୍ଷରେ କେହି ପ୍ରତିଦ୍ୱନ୍ଦି ନଥିବା ସୂଚନା ମିଳିଛି। ଏହା ବ୍ୟତୀତ ଅନ୍ୟ କିଛି ପଦ ପାଇଁ ପ୍ରତିଦ୍ୱନ୍ଦିତା କ୍ଷୀଣ ବୋଲି ସଂଘ ସୂତ୍ରରୁ ମିଳିଥିବା ସୂଚନାରୁ ଜଣା ଯାଇଛି।

## ଅମଲାତନ୍ତ୍ର ଚାବୁକରେ ଲୋକତନ୍ତ୍ର ଲହୁଲୁହାଣ

**ରାଉରକେଲା ଅଫିସ, ୧୫। ୩**

**୭୬ କଣ୍ଟ୍ରୋଲ ଡିଲର ବହିଷ୍କାର ଘଟଣା**

ରାଜ୍ୟ ସରକାର କେତେବେଳେ କେଉଁ ନିଷ୍ପତି ନେଉଛନ୍ତି ତାହା ସାଧାରଣ ଜନତାଙ୍କ ପାଇଁ ଅବୁଝା ହୋଇ ପଡିଛି। ପ୍ରତ୍ୟକ ଦିନ ନୂଆ ନିୟମ ଅନେକଙ୍କୁ ଅଡୁଆରେ ପକାଉଛି। ଯାହାର କୌଣସି ଭଲ ଉଦ୍ଦେଶ୍ୟ ନାହିଁ। ତଥାପି ଏଭଳି କିଛି ନିୟମକୁ ନେଇ ଅନେକଙ୍କ ମନରେ କ୍ଷୋଭ ସୃଷ୍ଟି ହେବା ଦେଖାଯାଉଛି। ନିକଟରେ ରାଜ୍ୟ ସରକାର ଷ୍ଟିଲ ସିଟିର ୭୬ କଣ୍ଟ୍ରୋଲ ଡିଲରଙ୍କୁ ରାତି ଅଧିଆ ବହିଷ୍କାର କରିବା ଘଟଣା ଅମଲାତନ୍ତ୍ର ଚାବୁକରେ ଲହୁଲୁହାଣ ହେବା ଭଳି ଅବସ୍ଥା ସୃଷ୍ଟି କରିଛି ବୋଲି ଭାରତୀୟ ଜନତା ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ଯାହାକୁ ନେଇ ଅନେକଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଏହା ଏକଚାଟିଆ ଶାସନର ଏ ନଗ୍ନ ଉଦାହରଣ ବୋଲି ଭାଜପା କହିଛି। ଏଥିରେ ୮ଜଣ ବିଧବା ଓ ବରିଷ୍ଠ ନାଗରିକଙ୍କୁ ବାଦ ଦିଆଯିବା ବିଶେଷ ଉଲ୍ଲେଖନୀୟ ଘଟଣା। ଆଗୁଆ ସୂଚନା ନ ଥାଇ ୭୬ ଜଣଙ୍କୁ ତଡି ଦିଆଯିବା ଅଗଣତାନ୍ତ୍ରିକ। ନବୀକରଣ କରିବାକୁ କହି କାଗଜପତ୍ର ମଗାଯିବା ଓ ପରେ ବହିସ୍କାର କରାଯିବା କିଭଳି ପଦକ୍ଷେପ ବୋଲି ଦଳ ପ୍ରଶ୍ନ କରିଛି। ଏମାନଙ୍କ ମଧ୍ୟରୁ ଅନେକଙ୍କ ପରଫରମାନ୍ସ ଭଲ ଥିବା ବେଳେ ବହିସ୍କାର କରାଯିବା ଦୁଃଖଦାୟକ ଘଟଣା। ସରକାର ଯୋଗାଇ ଦେଇଥିବା ତ୍ରୁଟିଯୁକ୍ତ ମେସିନ ଅନେକ ସମୟରେ ଅଚଳ ରହିବା କାରଣରୁ କିଛି ରିଟେଲର ଅଯଥାରେ ବଳି ପଡିଛନ୍ତି। ଏହାକୁ କର୍ତ୍ତୃପକ୍ଷ କେମିତି ହୃଦୟଙ୍ଗମ କରୁ ନାହାଁନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିନା ତଦନ୍ତରେ ତରବରିଆ ନିଷ୍ପତି ଏମାନଙ୍କ ପରିବାରକୁ ଉଜାଡି ଦେଲା ବୋଲି ଭାଜପା ନେତା ଅଭିଯୋଗ କରିଛନ୍ତି। ଏମିତି ଅବସ୍ଥାରେ ତଥାକଥିତ ସରକାରୀ ଦଳର ଲୋକ ପ୍ରତିନିଧି ନିରବ ରହିଛନ୍ତି। ସେମାନଙ୍କ ଅନୁଗତଙ୍କୁ ବାଦ ଦିଆଯାଇଥିବାରୁ ହୁଏତ ଏଭଳି ହୋଇଥାଇ ପାରେ ବୋଲି ଦଳ ପ୍ରଶ୍ନ ଉଠାଇଛି। ଅମଲାତନ୍ତ୍ର ଶାସନରେ ଲୋକତନ୍ତ୍ର ଗୁରୁତ୍ୱ ହରାଇବା ଶୁଭ ଲକ୍ଷଣ ନୁହେଁ। ତୁରନ୍ତ ଏ ଦିଗରେ ପ୍ରତିକାର କରାନଗଲେ ଭାଜପା ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ଲୋଡାଯିବ ବୋଲି ମୁଖପାତ୍ର ଭଗବାନ ରାଉତ ପ୍ରକାଶ କରିଛନ୍ତି ।

## ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ, ଶ୍ରମିକ ଛଟେଇକୁ ବିରୋଧ

**ସୁନ୍ଦରଗଡ଼, ୧୫।୩ (ଡି.ଏନ୍.ଏ)**

ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ, ଭାରତୀୟ ଜୀବନବୀମା ଅଂଶଧନ ବିକ୍ରି, ଶ୍ରମଆଇନ ସଂଶୋଧନ କରିବା ନିଷ୍ପତ୍ତି ବିରୋଧରେ, ଠିକା ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି ଦାବିରେ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ୭ମ ସୁନ୍ଦରଗଡ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଜ୍ଜଳପୁରଠାରେ ପଶୁପତିନାଥ ଚାଟାର୍ଜୀ, ମାତିଲଦା କୁଲୁ, ବିଡି ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ କମଲ ଷଣ୍ଢ ବିବରଣୀ ପାଠ କରିଥିଲେ। ପରେ ପାଚିକା, ଅଙ୍ଗନୱାଡି, ଆଶା, ନିର୍ମାଣ, କୋଇଲା, ଷ୍ଟିଲ ଆଦି ବିଭିନ୍ନ ଘରୋଇ ଶିଳ୍ପ କାରଖାନାର ପ୍ରାୟ ୨୦ଟି ୟୁନିୟନର ପ୍ରତିନିଧି ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ। ପ୍ରାରମ୍ଭରେ ପ୍ରଦୋଷ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲାରେ ବନ୍ଦ ପଡିଥିବା କଳକାରଖାନାର ପୁନଃଉଦ୍ଧାର ସହ ଶ୍ରମିକ ଛଟେଇ ବନ୍ଦ କରିବା, କୋଇଲା, ଷ୍ଟିଲ ଶିଳ୍ପର ଘରୋଇକରଣ ବନ୍ଦ କରି ଖାଲି ପଡିଥିବା ପଦବୀ ତୁରନ୍ତ ପୂରଣ, ଶ୍ରମିକ ବିରୋଧି ଶ୍ରମ ଆଇନ ବାତିଲ ,କେନ୍ଦୁପତ୍ର ନିର୍ମାଣ ସହ ଅନ୍ୟାନ୍ୟ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲକ୍ଷାଧିକ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଓ ସର୍ବନିମ୍ନ ମଜୁରି ପ୍ରଦାନ ଆଦି ୧୨ଟି ପ୍ରସ୍ତାବ ଏହି ସମ୍ମିଳନୀରେ ଗୃହିତ ହୋଇଥିଲା। ଆଗାମୀ ୩ବର୍ଷ ପାଇଁ ସନ୍ତୋଷ ଦାସ–ସଭାପତି, ମାତିଲଦା କୁଲୁ କାର୍ଯ୍ୟକାରୀ ସଭାପତି, ସଦାନନ୍ଦ ସାହୁ ସମ୍ପାଦକ ବିମଳା ଭୋଇ, ବିଡି ରାୟ, କମଳ ଷଣ୍ଢ, ଅକ୍ଷୟ ସାମଲ ଉପସଭାପତି, ରୋହିତ ସିଂ, ଅକ୍ଷୟ ପଣ୍ଡା, ସୁନିଲ ନାଏକ, ସବିତା ପଟେଲ, ସହସମ୍ପାଦକ ଏବଂ ଅଶୋକ ଦାଶ ,ପ୍ରଭାତ ମିଶ୍ର ,ପଶୁପତିନାଥ ଚାଟାର୍ଜୀ, ପ୍ରଦୋଷ ମହାନ୍ତି, ଧନପତି ନାଏକ ମାରିୟାନା ମିଞ୍ଜ, ମିନତି ସାହୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## ଭିତ୍ତିପ୍ରସ୍ତର ପରେ କାର୍ଯ୍ୟ ଶୂନ

**ବେଦବ୍ୟାସ, ୧୫।୩ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା (କ) ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିର୍ମାଣରେ ବିଳମ୍ବ ହେଉଛି। ଭିତ୍ତିପ୍ରସ୍ତର ସ୍ଥାପନ ପରେ କାର୍ଯ୍ୟ ଶୂନ। ଏନେଇ କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ଯୁବ ସରପଞ୍ଚ ରାମ ମାଝି ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ବିଫଳ ଓ ନିରାଶ ହୋଇ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଆଶ୍ରୟ ନେଉଛନ୍ତି। କଲୁଙ୍ଗା (କ) ଗ୍ରାମ ପଞ୍ଚାୟତ ପତ୍ର ସଂଖ୍ୟା ୩, ତାରିଖ ୧୩ ମାର୍ଚ୍ଚ, ୨୦୨୦ ଅନୁଯାୟୀ ସେ ଲେଖିଛନ୍ତି ମୂଳ କଲୁଙ୍ଗା ଗ୍ରାମ ପଞ୍ଚାୟତ ୨୦୧୭ରେ ୩ ଭାଗରେ ବିଭକ୍ତ ହୋଇ ଯଥା କଲୁଙ୍ଗା କ, ଖ ଓ ଲୁଙ୍ଗେଇ ପଞ୍ଚାୟତ ଭାବେ ଗଠନ କରଯାଇଥିଲା। ଇତି ମଧ୍ୟରେ ଲୁଙ୍ଗେଇ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଭାବେ ନିର୍ମାଣ ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଥିବା ବେଳେ କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ସ୍ୱତନ୍ତ୍ର କାର୍ଯ୍ୟାଳୟ ନାହିଁ। ବର୍ତ୍ତମାନ କଲୁଙ୍ଗା ସମାଜ ମଙ୍ଗଳ କେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟାଳୟ ଭାବେ ଚାଲୁଛି। ଏନେଇ ଯୁବ ସରପଞ୍ଚଙ୍କ ଉଦ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କଲାପରେ ଲାଠିକଟା ତହସିଲଦାର କଲୁଙ୍ଗା (କ) ଗ୍ରାମ ପଞ୍ଚାୟତ ନୂତନ କାର୍ଯ୍ୟଳୟ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଜମି କଲୁଙ୍ଗା ପୋଲିସ ଫାଣ୍ଡି ନିକଟରେ ଯୋଗାଇ ଦେଇଛନ୍ତି। ୨୦୧୭ରେ ସରକାରଙ୍କର ଏମ୍‌ଜିଏନ୍‌ଆର୍‌ଜିଏସ ଓ ୧୪ ସିଏଫସି ଫଣ୍ଡରୁ ଆବଶ୍ୟକୀୟ ଅର୍ଥ ମଧ୍ୟ ଅନୁଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ସେହି ବର୍ଷ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭୂମିପୂଜନ ତଥା ଭିତ୍ତିପ୍ରସ୍ତର ଶୁଭାରମ୍ଭ କରାଗଲା । ହେଲେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏଷ୍ଟିମେଣ୍ଟ ଓ ଅନ୍ୟାନ୍ୟ ସହଯୋଗର ବ୍ୟତିକ୍ରମ ତଥା ଇଚ୍ଛାଶକ୍ତିର ଅଭାବ, ଉଦାସୀନତା ଯୋଗୁ ଦୀର୍ଘ ୩ ବର୍ଷ ଅତିକ୍ରମ ହୋଇଯାଇଥିଲେ ମଧ୍ୟ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇ ପାରିନାହିଁ। ପର୍ଯ୍ୟାପ୍ତ ପାଣି ଓ ଭିତ୍ତିଭୂମି ଥାଇ ମଧ୍ୟ ବ୍ଲକ କର୍ତ୍ତୃପକ୍ଷ କାହିଁକି ସହଯୋଗର ହାତ ବଢ଼ାଉ ନାହାନ୍ତି। ତାହା ଏଠାରେ ଚର୍ଚ୍ଚାର ବିଷୟ ଓ ତଦନ୍ତସାପେକ୍ଷ ବୋଲି ଦାବି ହୋଇଛି। ଏନେଇ ସେ ବାରମ୍ବାର ଲାଠିକଟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କୁ ବାରମ୍ବାର ସହଯୋଗ ନିମନ୍ତେ ଅନୁରୋଧ କଲା ପରେ ମଧ୍ୟ ନିରାଶ ବା ବିଫଳ ହୋଇଛନ୍ତି। ଏ ସଂକ୍ରାନ୍ତରେ କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ସରପଞ୍ଚ ରାମ ମାଝିଙ୍କୁ ଯୋଗାଯୋଗ କରିବାରୁ ସେ କ୍ଷୋଭର ସହ ନିଜକୁ ଜଣେ ଜନପ୍ରତିନିଧି ଭାବେ କହିବା ପାଇଁ ଲାଜ ଲାଗୁଛି । ଜନସାଧାରଣଙ୍କ ସମସ୍ୟା ସମାଧାନ ନିମନ୍ତେ ଜନପ୍ରତିନିଧିମାନେ ବିଭାଗୀୟ ପ୍ରଶାସନଙ୍କ ନିକଟରେ ଉପସ୍ଥାପନ କରନ୍ତି, କିନ୍ତୁ ଦୀପ ତଳ ଅନ୍ଧାର ଭଳି ଦୀର୍ଘ ୩ବର୍ଷ କାଳ ଗୋଟିଏ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଯେଉଁ ଭଳି ଅଧିକାରୀମାନଙ୍କଠାରେ ନେହୁରା ହୋଇଛି ତାହା ବର୍ଣ୍ଣନା ନ କରିବା ଭଲ ବୋଲି କହିଛନ୍ତି । ଏ ନେଇ ଲାଠିକଟା ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଖାଲଖୋଙ୍କୁ ଯୋଗାଯୋଗ କରିବାରୁ ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବେ ବୋଲି କହିଲେ ।



ପଞ୍ଚାୟତ କାର୍ଯ୍ୟାଳୟ ଲାଗି ସାମଗ୍ରୀ ପଡ଼ିଛି।

**କଲୁଙ୍ଗା (କ) ଗ୍ରାମପଞ୍ଚାୟତ**

- ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ବିଳମ୍ବିତ
- ସମାଜ ମଙ୍ଗଳ କେନ୍ଦ୍ରରେ ଚାଲୁଛି ପଞ୍ଚାୟତ କାର୍ଯ୍ୟାଳୟ
- ଭିତ୍ତିଭୂମି ଓ ପାଣି ଥାଇ ମଧ୍ୟ କାର୍ଯ୍ୟ ହେଉନାହିଁ
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଶ୍ରୟ ନେଲେ କଲୁଙ୍ଗା ସରପଞ୍ଚ